ପୃଷ୍ଠା–୮+୮

DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Monday, October 3/2022 Page 16 | ପୃଷ୍ଠା-୧



## ହାରିସ୍‌ଙ୍କ ସାକ୍ଷାତ୍‌କାର ନେଲେ ପ୍ରିୟଙ୍କା

ବଲିଉଡ୍ ଦେଶୀଗର୍ଲ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଆମେରିକା ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ହ୍ୱାଇଟ୍‌ହାଉସ୍‌ରେ ଭେଟି ତାଙ୍କ ସାକ୍ଷାତକାର ନେଇଛନ୍ତି।

୦୨

୦୮

## ଚେତନ ସାକାରିଆଙ୍କ ୫ ଉଇକେଟ ସଫଳତା

ଅବଶିଷ୍ଟ ଭାରତ ଏକାଦଶ ବିପକ୍ଷ ଇରାନୀ ଟ୍ରଫି ମ୍ୟାଚ୍‌ରେ ସୌରାଷ୍ଟ୍ରର ଚେତନ ସାକାରିଆ ୫ ଉଇକେଟ ସଫଳତା ହାସଲ କରିଛନ୍ତି।





ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ କାର୍ଗିଲ୍ ରୋଡ୍‌ସ୍ଥିତ ପଡ଼ିଆରୁ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# ୪.୬ କେଜି ସୁନା, ୧୮୫ କେଜି ରୁପା ଜବତ

**କାର୍ ସିକ୍ରେଟ୍ ଚାମ୍ବରରେ ତାମିଲନାଡୁରୁ ଆସୁଥିଲା ବ୍ରହ୍ମପୁର**

- କାର ସହ ୪ ଅଟକ
- ଟିକସ ଫାଙ୍କି ଉଦ୍ଦେଶ୍ୟରେ ଚାଲାଣ ସନ୍ଦେହ



ଜବତ ସୁନା ଓ ରୁପା ଅଳଙ୍କାର।

ବ୍ରହ୍ମପୁର ଅଫିସ/ଗୋପାଳପୁର, ୨।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ବ୍ରହ୍ମପୁରରେ ସୁନା ଓ ରୁପା ଚୋରା ଚାଲାଣ ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ବାହାର ରାଜ୍ୟରୁ ଟିକସ ଫାଙ୍କି ସୁନାଗହଣା ଓ ରୁପା ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଦଶହରା ଯୋଗୁ ରବିବାର ଗୋଳନ୍ଥରା ଥାନା ପୋଲିସ ପକ୍ଷରୁ ସୋରଳ ଛକରେ ଭୋର ସାଢ଼େ ୫ଟାରେ ନାକାବନ୍ଦୀ କରାଯାଇଥିଲା। ଏହି ସମୟରେ ତାମିଲନାଡୁର ସେଲମ୍ ସହରରୁ ଏକ କାର୍ (ନଂ. କେଏ୦୧ଏମ୍ଆର୧୫୪୫)ରେ ୪ ଜଣ ଯୁବକ ବିପୁଳ ପରିମାଣର ସୁନା ଓ ରୁପା ଅଳଙ୍କାର ଧରି ବ୍ରହ୍ମପୁର ଅଭିମୁଖେ ଆସୁଥିଲେ। ସନ୍ଦେହ ହେବାରୁ ଚେକିଂରେ ଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ କର୍ମଚାରୀ ଉକ୍ତ କାରକୁ ଅଟକାଇ ଥିଲେ। କାର୍‌ର ପଛସିଟ୍ ଯାଞ୍ଚ ବେଳେ ସିକ୍ରେଟ୍ ଚାମ୍ବର ଭିତରେ ବିପୁଳ ପରିମାଣର ସୁନା ଅଳଙ୍କାର ଓ ରୁପା ରହିଥିବା ଦେଖିବାକୁ ପାଇଥିଲେ। ଏତେ ପରିମାଣର ସୁନା ରୁପା ନେଉଥିବା ସମ୍ପର୍କରେ କାର୍‌ରେ ଥିବା ବ୍ୟକ୍ତିମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ କାର ଓ ଉକ୍ତ ୪ଜଣ ବ୍ୟକ୍ତିଙ୍କୁ ପୋଲିସ ଗୋଳନ୍ଥରା ଥାନାକୁ ନେଇଥିଲା। ସେଠାରେ ସୁନା ଅଳଙ୍କାର ଓଜନ ବେଳେ ତାହା ୪ କେଜି ୬୬୪ ଗ୍ରାମ୍ ଓ ରୁପା ୧୮୫ କେଜି ୫୦୦ ଗ୍ରାମ ହୋଇଥିଲା। ଏହାର ☞ପୃଷ୍ଠା–୫

# କାର୍‌କୁ ଧକ୍କା ଦେଲା ଟ୍ରେନ୍ ଇଞ୍ଜିନ, ୩ ଆହତ

**ଫାଟକବିହୀନ ଲେଭଲ କ୍ରସିଂରେ ଦୁର୍ଘଟଣା**

ଦାମନଯୋଡି, ୨।୧୦(ଡି.ଏନ.ଏ.)

ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ କିଲାର ଗ୍ରାମ ନିକଟରେ ଥିବା ଏକ ଫାଟକବିହୀନ ଲେଭଲ କ୍ରସିଂଠାରେ ରବିବାର ଏକ ଦୁର୍ଘଟଣା ଘଟିଛି। ଏକ କାର୍ (ଓଡି୧୦ଡି–୭୪୭୩)କୁ ଏକ ରେଳ ଇଞ୍ଜିନ ଧକ୍କା ଦେଇଛି। ଫଳରେ କାରରେ ବସିଥିବା ୩ଜଣ ବ୍ୟକ୍ତି ଆହତ ହୋଇଥିବା ଜଣାପଡିଛି।

ଖବରରୁ ଜଣାପଡିଛି, ରବିବାର ଅପରାହ୍ନ ୨ଟା ବେଳେ ସେମିଲିଗୁଡାର ଆଇନଜୀବୀ କୃତ୍ତିବାସ ରାଉତଙ୍କ ଝିଅ ଜ୍ୱାଇଁ ପରିବାର ସହ ପୁଞ୍ଜିସିଲ ୱାଟରଫଲ ଦେଖି ଫେରୁଥିଲେ। ମୁଜାଙ୍ଗ ସନ୍ନିକଟ ଲେଭଲ କ୍ରସିଂଠାରେ କାରଟି ରେଳ ଧାରଣା ଅତିକ୍ରମ କରୁଥିବା ବେଳେ ଦାମନଯୋଡିରୁ ବାରିଗୁରା ଷ୍ଟେଶନ ଅଭିମୁଖେ ☞ପୃଷ୍ଠା–୫





**ଝାଡ଼ଖଣ୍ଡରେ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ**

# ୪ ଓଡ଼ିଆ ମୃତ, ୨୫ରୁ ଊର୍ଦ୍ଧ୍ୱ ଗୁରୁତର

ସୋସିଆଲ୍ ମିଡିଆରେ ସିବିଆଇ: **ପୃଷ୍ଠା-୨**

**ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଅନୁକମ୍ପା ସହାୟତା**



ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ଟ୍ରକ୍।

ଅନୁଗୋଳ ଅଫିସ/ବାରିପଦା ଅଫିସ/କଣିହାଁ(ଡି.ଏନ୍.ଏ.), ୨।୧୦

ଝାଡ଼ଖଣ୍ଡ ରାଜ୍ୟ ହଜାରିବାଗ୍ ଜିଲାର କଟକାମାସାଣ୍ଡି ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ଉତ୍ତର ଭାରତ ଭ୍ରମଣରେ ବାହାରିଥିବା ଏକ ତୀର୍ଥଯାତ୍ରୀ ବସ୍ ସହ ଫଳ ବୋଝେଇ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୪ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ଥିବାବେଳେ ଜଣେ ପୁରୁଷ ରହିଛନ୍ତି। ସମସ୍ତ ମୃତକ ଓଡ଼ିଆ। ଏଥିରେ ୨୫ରୁ ଊର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରାଯାଇଛି। ସେହିପରି ମୃତଦେହ ଆଣିବା ଏବଂ ଗୁରୁତରଙ୍କୁ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।

ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ୫୨ ତୀର୍ଥଯାତ୍ରୀଙ୍କୁ ନେଇ ଉକ୍ତ ତୀର୍ଥଯାତ୍ରୀ ବସ୍ ୧୫ଦିନ ତଳେ ଉତ୍ତର ଭାରତ ପରିଭ୍ରମଣରେ ବାହାରିଥିଲା। ଗୟା ପରିଭ୍ରମଣ ପରେ ମୟୂରଭଞ୍ଜ–ବାଲେଶ୍ୱର–ଢେଙ୍କାନାଳ ଦେଇ ଉକ୍ତ ବସ୍ ନିର୍ଦ୍ଧାରିତ ରୁଟ୍‌ରେ ଅନୁଗୋଳ ଯାଇ ତୀର୍ଥଯାତ୍ରୀଙ୍କୁ ଘରେ ଛାଡ଼ିଥାଆନ୍ତା। ତେବେ କଟକାମାସାଣ୍ଡି ନିକଟ ଏନ୍ଏଚ୍–୨ର ଏକ ଉଠାଣି ରାସ୍ତାରେ ବସ୍‌ଟି ଯାଉଥିବାବେଳେ ଅପର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଉକ୍ତ ଟ୍ରକ୍ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି ରାସ୍ତାରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଅନୁଗୋଳ ଜିଲା କଂସାମୁଣ୍ଡା ଗ୍ରାମର ମନୁ ବେହେରା, ମର୍ଶୁଣିହତାର ମେନକା ପ୍ରଧାନ, ମୟୂରଭଞ୍ଜ ଜିଲା ବାରିପଦା ୨୫ନଂ. ୱାର୍ଡର ପଙ୍କଜୀନି ପରିଡ଼ା, ଅନସୂୟା ନାଏକଙ୍କ ମୃତ୍ୟୁ ଘଟିଛି। ନକୁଳ ପ୍ରଧାନଙ୍କ ସହ ଅନ୍ୟ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତ ଓ ଗୁରୁତର ଯାତ୍ରୀଙ୍କୁ ରାଞ୍ଚି ସମେତ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି।

ଏପଟେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସ୍ଥିତି ସମ୍ପର୍କରେ ହଜାରିବାଗ୍ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଗୁରୁତରମାନଙ୍କୁ ଯେପରି ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଦୁହେଁ କଥା ହୋଇଛନ୍ତି। ମୃତଦେହ ଏବଂ ଆହତଙ୍କୁ ଆଣିବା ପାଇଁ ଅନୁଗୋଳ ଜିଲା ପ୍ରଶାସନର ଏକ ଟିମ୍ ମୟୂରଭଞ୍ଜ ଗସ୍ତ କରିଛନ୍ତି। ଉକ୍ତ ଟିମ୍‌ରେ ମାଜିଷ୍ଟ୍ରେଟ୍ ଭାବେ କଣିହାଁ ତହସିଲଦାର ପତିତପାବନ ଦେବତା, ତାଳଚେର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲାପାଳ ସଚ୍ଚିଦାନନ୍ଦ ନାୟକ, ଅନୁଗୋଳ ପୋଲିସର ☞ପୃଷ୍ଠା–୫

# ୧୦୦ ବର୍ଷ ପୁରୁଣା ୟୁ–ବୋଟ୍ ଠାବ

**୪୦୦ ଫୁଟ୍ ଗଭୀରରୁ ମିଳିଲା ଭଗ୍ନାବଶେଷ**



ରିଚ୍‌ମଣ୍ଡ, ୨।୧୦

ଭର୍ଜିନିଆରେ ୪୦୦ ଫୁଟ ଗଭୀର ସମୁଦ୍ରରୁ ଜର୍ମାନୀ ୟୁ ବୋଟ୍ ଠାବ ହୋଇଛି। ୧୦୦ ବର୍ଷ ପରେ ଗବେଷକ ଓ ଟେକ୍ନିକାଲ ରେକ୍ ଡାଇଭରଙ୍କ ସହାୟତାରେ ପ୍ରଥମ ବିଶ୍ୱଯୁଦ୍ଧ ବେଳର ଏହି ଜାହାଜର ସନ୍ଧାନ କରାଯାଇଛି। ୧୯୨୨ରେ ଆମେରିକୀୟ ନୌସେନା ୟୁ–୧୧୧ ଜାହାଜଟିକୁ ସମୁଦ୍ରରେ ବୁଡ଼ାଇ ଦେଇଥିଲା। ଜାହାଜଟି ୧୬୦୦ ଫୁଟ ତଳେ ଥିବା ଆଶଙ୍କା କରାଯାଉଥିବାବେଳେ ମାତ୍ର ୪୦୦ ଫୁଟ ତଳେ ଏହାକୁ ଠାବ କରାଯାଇଛି। ଜର୍ମାନୀର ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ୫ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୮ଟି ଜାହାଜକୁ ଆମେରିକୀୟ ସମୁଦ୍ରରେ ବୁଡ଼ାଇ ଦେଇଥିବା ସୂଚନା ରହିଛି। ସମୁଦ୍ରର ଖାରିଆ ଜଳ କାରଣରୁ ଜାହାଜର ଅବଶେଷ ନଷ୍ଟ ହୋଇଯାଇଛି। କାଠରେ ତିଆରି ହୋଇଥିବା ଜାହାଜର ଅଂଶ ସବୁ ଦୀର୍ଘ ବର୍ଷ ଧରି ପାଣିରେ ବୁଡ଼ି ରହିବା କାରଣରୁ ଖତିରା ହୋଇଯିବା ସହ ସମୁଦ୍ର ଜୀବ ଓ ଜିଆ ଖାଇ ☞ପୃଷ୍ଠା–୫

# ଘୂର୍ଣ୍ଣିବଳୟ ସକ୍ରିୟ, ୫ଦିନ ବର୍ଷା

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଉତ୍ତରପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଏବେ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ବର୍ଷା ଜାରି ରହିଛି। ତେବେ ରବିବାରଠାରୁ ଉପକୂଳରେ ବର୍ଷାର ପରିମାଣ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ରବିବାର ଅପରାହ୍ନ ସାଢ଼େ ୫ଟା ସୁଦ୍ଧା ବୌଦ୍ଧରେ ସର୍ବାଧିକ ୩୫ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି କୋରାପୁଟରେ ୩୨.୫ ମିମି, ହୀରାକୁଦରେ ୨୬.୨, ଭବାନୀପାଟଣା ୨୭, ତାଳଚେର ୧୫, ସୁନ୍ଦରଗଡ଼ ୧୦.୨ ଓ ପାରଳାଖେମୁଣ୍ଡି ୧୨.୨ ମିମି ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେବେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ମଙ୍ଗଳବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ ଏବଂ ଢେଙ୍କାନାଳରେ ପ୍ରବଳ ବର୍ଷା ହେବ। ମଙ୍ଗଳବାର ଗଞ୍ଜାମ, ଗଜପତି, ପୁରୀ ଓ ଖୋର୍ଦ୍ଧାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ମୟୂରଭଞ୍ଜ, ରାୟଗଡ଼ା, ମାଲକାନଗିରି, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଓ ନୟାଗଡ଼ରେ ପ୍ରବଳ ବର୍ଷା ହେବ। ସେହିଭଳି ବୁଧବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, କଟକ, ଜଗତ୍‌ସିଂହପୁର, ନବରଙ୍ଗପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଏବଂ ଗୁରୁବାର ନୂଆପଡ଼ା, ବରଗଡ଼, ନବରଙ୍ଗପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ।



**ମୁସେୱାଲା ହତ୍ୟା ଅଭିଯୁକ୍ତ ଦୀପକ ଟିନୁ ପୋଲିସ ହାଜତରୁ ଚମ୍ପଟ**

ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଗ୍ୟାଙ୍ଗଷ୍ଟର ଦୀପକ ଟିନୁ ଶନିବାର ରାତିରେ ପଞ୍ଜାବ ମନସା ଜିଲା ପୋଲିସ ହାଜତରୁ ଚମ୍ପଟ ମାରିଛି। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଘନିଷ୍ଠ ସହଯୋଗୀ ଦୀପକଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ରବିବାର ଜଣେ ଅଧିକାରୀ କହିଛନ୍ତି। ଅନ୍ୟ ଏକ ମାମଲାରେ କୋର୍ଟରେ ହାଜର ପାଇଁ ଗୋଇଣ୍ଡୱାଲ ସାହିବ ଜେଲ୍‌ରୁ ପୋଲିସ ନେଉଥିବାବେଳେ ଦୀପକ ଖସି ପଳାଇଥିଲେ।



ଇଣ୍ଡୋନେସିଆର ଇଷ୍ଟ ଜାଭାସ୍ଥିତ ମଲଙ୍ଗ ସହରର କୁଞ୍ଜୁରୁହାନ୍ ଷ୍ଟାଡିୟମ୍‌ରେ ଫୁଟ୍‌ବଲ ମ୍ୟାଚ ବେଳେ ହିଂସା ଓ ଦଳାଚକଟାରେ ୧୭୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୨୦୦ ଆହତ ହୋଇଛନ୍ତି। ପରାଜିତ ହୋଇଥିବା ହୋମ୍ ଟିମ୍ ଆରେମା ଏଫ୍‌ସି ସମର୍ଥକମାନେ ଗାଡ଼ିଗୁଡ଼ିକରେ ନିଆଁ ଲଗାଇଦେଇଛନ୍ତି।



ଦଳାଚକଟାରେ ପ୍ରାଣ ହରାଇଥିବା ମୃତକଙ୍କୁ ଠାବ କରିବା ପାଇଁ ପରିବାର ଲୋକେ ସୈଫୁଲ ଅନ୍‌ୱର ହସ୍ପିଟାଲରେ ଫଟୋ ଦେଖାଉଛନ୍ତି।



ଆରେମା ଏଫ୍‌ସି ଫୁଟ୍‌ବଲ କ୍ଲବ୍‌ରେ ସମର୍ଥକମାନେ କ୍ୟାଣ୍ଡେଲ ଜାଳି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

# ଜବାବ ଦେବ ୟୁକ୍ରେନ୍

## ପ୍ରତିଆକ୍ରମଣ ପାଇଁ କିଭ୍ ପ୍ରସ୍ତୁତ



ଲାଇମେନ୍‌ରୁ ରୁଷିଆ ସୈନ୍ୟଙ୍କୁ ଘଉଡାଇବା ପରେ ଆଗକୁ ବଢ଼ିବା ପାଇଁ ୟୁକ୍ରେନୀୟ ସୈନ୍ୟଙ୍କ ସଜବାଜ।

**କିଭ୍, ୨।୧୦**

ମସ୍କୋର ରେଡ୍ ସ୍କୋୟାରରେ ବିଜୟ ବ୍ୟାନର ଲଗାଇଥିଲା ରୁଷିଆ। ଏଥିରେ ଲେଖାଥିଲା ଡୋନେସ୍କ, ଲୁହାନ୍‌ସ୍କ, ଜାପୋରିଝିଆ, ଖେରସୋନ୍, ରୁଷିଆ! ସବୁଦିନ ପାଇଁ ଏକାଠି ହେଲେ। ଗତ ଶୁକ୍ରବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌ର ଏହି ୪ ଅଞ୍ଚଳକୁ ଗଣଭୋଟ ପରେ ମସ୍କୋ ସହ ମିଶାଯାଇଥିବା ଘୋଷଣା କଲେ। ହେଲେ ପୁଟିନ୍‌ଙ୍କ ଏହି ଘୋଷଣାର ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍ ଡୋନେସ୍କର ଏକ ପ୍ରମୁଖ ସହର ଲାଇମେନ୍‌ରୁ ରୁଷିଆ ସୈନ୍ୟଙ୍କୁ ଫେରିଯିବାକୁ ବାଧ୍ୟ କରିଛି। ଏହାସହ ଏହି ସହରକୁ ମସ୍କୋ କବଳରୁ ମୁକ୍ତ କରି ନିଜ ସମସ୍ତ ଅଞ୍ଚଳକୁ ସ୍ୱାଧୀନ କରିବାକୁ କିଭ୍ ପ୍ରତିଆକ୍ରମଣର ଯୋଜନା ପ୍ରସ୍ତୁତ କରିଛି। ଫଳରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଯୁଦ୍ଧ ଶେଷ ହେବା ବଦଳରେ ଏବେ ନୂଆ ରୂପ ନେଇଛି।

ପୂର୍ବ ୟୁକ୍ରେନ୍‌ର ସହର ଲାଇମେନ୍‌କୁ ରୁଷିଆ ପରିବହନ ଏବଂ ଲଜିଷ୍ଟିକ୍ସ ହବ୍ ଭାବେ ବ୍ୟବହାର କରୁଥିଲା। ଏବେ ତାହାକୁ କିଭ୍ ମୁକ୍ତ କରିବା ପରେ କ୍ରେମଲିନ୍ ଉପରେ ଚାପ ବଢ଼ିଛି। ଏଥିସହ ୟୁକ୍ରେନ୍ ନାଟୋ ସଦସ୍ୟତା ପାଇଁ ପୁଣି ଦାବି ଉଠାଯାଇଛି। ଏଥିଯୋଗୁ ରୁଷିଆ ୟୁକ୍ରେନ୍ ଉପରେ ଆଣବିକ ଆକ୍ରମଣ ଭୟ ବଢ଼ିଥିବାବେଳେ ମଧ୍ୟ ଏବଂ ପୂର୍ବ ୟୁରୋପୀୟ ନାଟୋ ଦେଶକୁ ମଧ୍ୟ ମସ୍କୋ ଟାର୍ଗେଟ କରିପାରେ ବୋଲି ଆଶଙ୍କା ଉପୁଜିଛି। ଅନ୍ୟପକ୍ଷେ ଆମେରିକା ୟୁକ୍ରେନ୍‌କୁ ଅଧିକ ସାମରିକ ସହାୟତା ଦେବାକୁ ଘୋଷଣା କରିଛି। ରୁଷିଆ ଆମକୁ ଡରାଇପାରିବ ନାହିଁ ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିବା ସହ ବେଆଇନ ଭାବେ ୟୁକ୍ରେନ୍ ଅଞ୍ଚଳ ଦଖଲର ଭୟଙ୍କର ପରିଣାମ ଭୋଗିବ ବୋଲି ଚେତାବନୀ ଦେଇଥିଲେ। ଆମେରିକା କଂଗ୍ରେସ ୟୁକ୍ରେନ୍‌କୁ ୧୨.୩ ବିଲିୟନ ଡଲାରର ସାମରିକ ସହାୟତା ବିଲ୍‌କୁ ମଞ୍ଜୁରୀ ଦେଇଛି। ଏଥିରେ ହିମାର୍ସ ମଲ୍ଟିପଲ ରକେଟ ସିଷ୍ଟମ୍ ସହ ଅନ୍ୟ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଛି। ସେହିପରି ଜର୍ମାନୀ, ନରୱେ, ଡେନ୍‌ମାର୍କ ମଧ୍ୟ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଦେବାକୁ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରହୁଥିବା ସହର କ୍ରିଭି ରିହ୍‌ରେ ରୁଷିଆ ସୁଇସାଇଡ୍ ଡ୍ରୋନ୍‌ରେ ଆକ୍ରମଣ କରିଛି। ଏଥିରେ ଏକ ସ୍କୁଲ ଘର ନଷ୍ଟ ହୋଇଯାଇଛି। ମସ୍କୋ ଇରାନୀୟ ଡ୍ରୋନ୍ ବ୍ୟବହାର କରି ଆକ୍ରମଣ କରୁଥିବା କିଭ୍ କହିଛି। ସେଥିମଧ୍ୟରୁ ୫ଟିକୁ ୟୁକ୍ରେନ୍ ଏୟାର ଡିଫେନ୍ସ ସିଷ୍ଟମ୍ ନଷ୍ଟ କରିଦେଇଥିବାବେଳେ ୨ଟି ଖସି ପଳାଇବାରେ ସକ୍ଷମ ହୋଇଥିବା ୟୁକ୍ରେନ୍ ସେନା ପକ୍ଷରୁ କୁହାଯାଇଛି।

## ପୁଟିନ୍ ହିଂସା ବନ୍ଦ କରନ୍ତୁ: ପୋପ୍

**ଭାଟିକାନ୍ ସିଟି, ୨।୧୦**



ୟୁକ୍ରେନ୍ ଅଞ୍ଚଳକୁ ରୁଷିଆ କବ୍‌ଜା କରିବାକୁ କ୍ୟାଥୋଲିକ୍ ଚର୍ଚ୍ଚ ମୁଖ୍ୟ ପୋପ୍ ଫ୍ରାନ୍ସିସ୍ ରବିବାର ନିନ୍ଦା କରିଛନ୍ତି। ହିଂସା ଏବଂ ମୃତ୍ୟୁଚକ୍ରକୁ ବନ୍ଦ କରିବାକୁ ସେ ପୁଟିନ୍‌ଙ୍କୁ ପରାମର୍ଶ କରିଛନ୍ତି। ୟୁକ୍ରେନ୍ ପ୍ରସଙ୍ଗକୁ ନେଇ ସଦ୍ୟ ଘଟଣାବଳୀ ଚିନ୍ତାଜନକ। ଅନ୍ତର୍ଜାତୀୟ ନିୟମାବଳୀର ଉଲ୍ଲଂଘନ ଯୋଗୁ ଆଣବିକ ଯୁଦ୍ଧ ଆଶଙ୍କା ଦେଖାଦେଇଛି। ଏହାର ପରିଣାମ ସାରା ବିଶ୍ୱ ଭୋଗିବ ବୋଲି ପୋପ୍ କହିଛନ୍ତି। ସେହିପରି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଶାନ୍ତି ପ୍ରସ୍ତାବ ଉପରେ ଗମ୍ଭୀର ଭାବେ ବିଚାର କରିବାକୁ ପ୍ରସ୍ତୁତ ହେବାକୁ ପୋପ୍ ଆହ୍ୱାନ ଦେଇଛନ୍ତି। ଯୁଦ୍ଧ ଶେଷ କରିବାକୁ ଅନ୍ତର୍ଜାତୀୟ ସମୁଦାୟ କୂଟନୀତିର ରାସ୍ତା ବାହାର କରନ୍ତୁ ବୋଲି ସେ ପରାମର୍ଶ କରିଛନ୍ତି।

## ପୋଲିସ ନିହତ, ଯବାନ ଆହତ

### ଲଶ୍କର ଆତଙ୍କବାଦୀ ମୃତ

**ଶ୍ରୀନଗର, ୨।୧୦**

ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲାରେ ଥିବା ଏକ ଚେକ୍‌ପୋଷ୍ଟକୁ ଟାର୍ଗେଟ କରି ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଜଣେ ପୋଲିସ କର୍ମଚାରୀ ଶହୀଦ ହେବା ସହ ଅନ୍ୟଜଣେ ସିଆର୍‌ପିଏଫ୍ ଯବାନ ଆହତ ହୋଇଛନ୍ତି। ଚେକ୍‌ପୋଷ୍ଟରେ ପୋଲିସ ଓ ଅର୍ଦ୍ଧସାମରିକ ଯବାନ ମୁତୟନ ଥିଲେ। ରବିବାର ଅପରାହ୍ନରେ ଆତଙ୍କବାଦୀମାନେ ଜିଲାର ପିଙ୍ଗ୍‌ଲାନା ଗ୍ରାମରେ ପହଞ୍ଚି ଚେକ୍‌ପୋଷ୍ଟ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ସିଆର୍‌ପିଏଫ୍ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଥିଲା। ଆତଙ୍କବାଦୀମାନେ ସେଠାରୁ ଖସି ପଳାଇଥିବାବେଳେ ସେମାନଙ୍କୁ ଧରିବା ଲାଗି ଉକ୍ତ ଗ୍ରାମକୁ ଅଧିକ ସଂଖ୍ୟାରେ ପୋଲିସ, ସେନା ଓ ଅର୍ଦ୍ଧସାମରିକ ଯବାନଙ୍କୁ ପଠାଯାଇଛି। ସୋପିଆନ୍ ଜିଲାରେ ରବିବାର ସକାଳେ ଏକ ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଇମାମ ସାହିବଙ୍କ ବସ୍‌କୁଚାନ ଗ୍ରାମରେ ଆତଙ୍କବାଦୀ ଲୁଚି ରହିଥିବା ସୂଚନା ପାଇ ଜମ୍ମୁ-କଶ୍ମୀର ପୋଲିସ, ସେନା ଏବଂ ଅର୍ଦ୍ଧସାମରିକ ବାହିନୀର ମିଳିତ ଟିମ୍ ଉକ୍ତ ଗ୍ରାମକୁ ଚାରିପଟୁ ଘେରି ତଲାସି ଅଭିଯାନ ଚଳାଇଥିଲେ। ଲୁଚିରହିଥିବା ଆତଙ୍କବାଦୀ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା। ନିହତ ଆତଙ୍କବାଦୀ ଲଶ୍କର-ଇ-ତୋଇବା ସଦସ୍ୟ ବୋଲି ପୋଲିସ କହିଛି।

## ସଂକ୍ଷେପରେ

### ଦିଲ୍ଲୀରେ ୬ ବର୍ଷର ବାଳକଙ୍କୁ ବଳି

**ନୂଆଦିଲ୍ଲୀ, ୨।୧୦(ପି.ଟି.):** ଦକ୍ଷିଣ ଦିଲ୍ଲୀର ଲୋଧି କଲୋନୀରେ ଶନିବାର ରାତିରେ ଜଣେ ୬ ବର୍ଷର ବାଳକଙ୍କୁ ବଳି ଦିଆଯାଇଛି। ଦୁଇଜଣ ଅଭିଯୁକ୍ତ ଶିଶୁଟିର ଗଳା କାଟି ହତ୍ୟା କରିଥିଲେ। ଅଭିଯୁକ୍ତ ବିହାରର ବିଜୟ କୁମାର ଏବଂ ଅମର କୁମାରଙ୍କୁ ଗିରଫ କରାଯାଇଛି। ସେମାନେ ନିଶାସକ୍ତ ଅବସ୍ଥାରେ ଏଭଳି ଅପରାଧ ଘଟାଇଥିବା ପୋଲିସ କହିଛି। ନାବାଳକଙ୍କ ବାପା ଓ ଅଭିଯୁକ୍ତମାନେ ନିର୍ମାଣ ଶ୍ରମିକ ଭାବେ କାମ କରିବା ସହ ଗୋଟିଏ ବସ୍ତିରେ ରହନ୍ତି। ସମୃଦ୍ଧି ପାଇବା ପାଇଁ ବଳି ଚଢ଼ାଇଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଶନିବାର ରାତି ସାଢ଼େ ୧୦ଟା ବେଳେ ପିଲାଟି ନିଜ ଘରକୁ ଯାଉଥିବାବେଳେ ଅଭିଯୁକ୍ତ ତାଙ୍କୁ ଡାକିନେଇ ପ୍ରଥମେ ମୁଣ୍ଡକୁ ଆକ୍ରମଣ କରିବା ପରେ ଗଳା କାଟିଦେଇଥିଲେ ବୋଲି ଦକ୍ଷିଣ ଦିଲ୍ଲୀର ଡିସିପି ଚନ୍ଦନ ଚୌଧରୀ କହିଛନ୍ତି। ପୋଲିସ ସେମାନଙ୍କ ବିରୋଧରେ ଆଇପିସିର ଧାରା ୩୦୨ ଏବଂ ୩୪ରେ ମାମଲା ରୁଜୁ କରିଛି।

### ବିହାର କୃଷିମନ୍ତ୍ରୀଙ୍କ ଇସ୍ତଫା

**ପାଟନା, ୨।୧୦ :** ବିହାର କୃଷିମନ୍ତ୍ରୀ ପଦରୁ ସୁଧାକର ସିଂ ରବିବାର ଇସ୍ତଫା ଦେଇଛନ୍ତି। ଆର୍‌ଜେଡିର ବିହାର ସଭାପତି ତଥା ସୁଧାକରଙ୍କ ବାପା ଜଗଦାନନ୍ଦ ସିଂ ଏହା ସ୍ପଷ୍ଟ କରିଛନ୍ତି। କୃଷକମାନଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ଚାହୁଁଥିବାରୁ ସୁଧାକର ମନ୍ତ୍ରୀ ପଦ ଛାଡ଼ିଥିବା ତାଙ୍କ ବାପା କହିଛନ୍ତି। ଘାତକ ମଣ୍ଡି ଆଇନ (କୃଷି ଉତ୍ପାଦନ ବିପଣନ କମିଟି ଆଇନ) ରାଜ୍ୟର ଚାଷୀମାନଙ୍କୁ ତଳିତଳାନ୍ତ କରିଦେଲାଣି। ସେମାନଙ୍କୁ ନ୍ୟାୟ ଦେବା ଲାଗି ଜଣେ କେହି ବାହାରିବା ଆବଶ୍ୟକ ହୋଇଥିବାରୁ କୃଷିମନ୍ତ୍ରୀ ତାହାକୁ ହାତକୁ ନେଇଥିବା ଜଗଦାନନ୍ଦ କହିଛନ୍ତି।



ସୁଧାକର ସିଂ

### ଶିନ୍ଦେଙ୍କ ସୁରକ୍ଷା ବଢ଼ିଲା

**ମୁମ୍ବାଇ, ୨।୧୦:** ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ପରେ ତାଙ୍କ ସୁରକ୍ଷା ବଢ଼ାଯାଇଛି। ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଶନିବାର ସୂଚନା ମିଳିଥିବା ରାଜ୍ୟ ଗୋଇନ୍ଦା କମିଶନର ଆଶୁତୋଷ ଡୁମ୍ବ୍ରେ କହିଛନ୍ତି। ଗତବର୍ଷ ଅକ୍ଟୋବରରେ ଶିନ୍ଦେ ସହରାଞ୍ଚଳ ବିକାଶ ମନ୍ତ୍ରୀ ଥିବାବେଳେ ତାଙ୍କ ପାଖକୁ ମାଓବାଦୀମାନେ ଧମକପୂର୍ଣ୍ଣ ଚିଠି ପଠାଇଥିଲେ। ଜେଡ୍ ପ୍ଲସ୍ ସୁରକ୍ଷା ପାଇଥିବା ମୁଖ୍ୟମନ୍ତ୍ରୀଙ୍କୁ ଅତିରିକ୍ତ ସୁରକ୍ଷା ଯୋଗାଇ ଦିଆଯାଇଛି।

## ସୋସିଆଲ୍ ମିଡିଆରେ ସିବିଆଇ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**




ଇଣ୍ଟରପୋଲ୍‌ର ୯୦ତମ ସାଧାରଣ ସଭା ଆସନ୍ତା ଅକ୍ଟୋବରରୁ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟୁଇଟର ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ପ୍ରବେଶ କରିଛି। ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ସୋସିଆଲ ମିଡିଆ ସହ ଯୋଡ଼ିହୋଇ ରହିଥିବାବେଳେ ସିବିଆଇ ଏହାଠାରୁ ଦୂରରେ ରହି ପ୍ରେସ୍ ବିଜ୍ଞପ୍ତିର ପୁରୁଣା ଧାରାରେ ସୀମିତ ଥିଲା। ଦିଲ୍ଲୀରେ ହେବାକୁ ଥିବା ଇଣ୍ଟରପୋଲ୍ ସାଧାରଣ ସଭାକୁ ସିବିଆଇ ଆୟୋଜନ କରୁଛି। ଏଥିରେ ୧୯୫ ଦେଶର ପ୍ରତିନିଧି ଯୋଗଦେବେ। ଏଥିରେ ମୁଖ୍ୟତଃ ସାଇବର ଅପରାଧ, ଅର୍ଥନୈତିକ ଅପରାଧ, ଇଣ୍ଟରନେଟ୍‌ରେ ଶିଶୁମାନଙ୍କ ଉପରେ ଅଶ୍ଳୀଳ ଚିତ୍ର ଓ ଭିଡିଓ ପ୍ରସାରଣ ଆଦି ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା କରାଯିବ।

## ହାରିସ୍‌ଙ୍କ ସାକ୍ଷାତ୍‌କାର ନେଲେ ପ୍ରିୟଙ୍କା

**ୱାଶିଂଟନ୍, ୨।୧୦:** ବଲିଉଡ୍ ଦେଶୀଗର୍ଲ ତଥା ହଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଜୋନାସ୍ ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ହ୍ୱାଇଟ୍‌ହାଉସ୍‌ରେ ଭେଟି ତାଙ୍କ ସାକ୍ଷାତ୍‌କାର ନେଇଛନ୍ତି। ପ୍ରିୟଙ୍କା ଡେମୋକ୍ରାଟିକ୍ ନ୍ୟାଶନାଲ କମିଟି ଓମେନ୍‌ସ ଲିଡରଶିପ୍ ଫୋରମ୍ କନଫରେନ୍ସରେ ହାରିସ୍‌ଙ୍କ ସହ ମହିଳା ଅଧିକାର ଓ ଏହା ସହ ଜଡ଼ିତ ସମସ୍ୟା ଉପରେ ଆଲୋଚନା କରିଥିଲେ। ନିଜ ୨୨ ବର୍ଷର କ୍ୟାରିୟରରେ ସେ ଚଳିତ ବର୍ଷ ପ୍ରଥମ କରି ତାଙ୍କ ବିପକ୍ଷରେ ଥିବା ପୁରୁଷ ଅଭିନେତାଙ୍କ ସହ ସମାନ ପାଉଣା ପାଇଥିବା ପ୍ରିୟଙ୍କା ଏହି ଅବସରରେ ପ୍ରକାଶ କରିଥିଲେ। ପୂର୍ବରୁ ମହିଳାଙ୍କ ଶକ୍ତି ସେମାନଙ୍କ ଦକ୍ଷତାକୁ ଅଣଦେଖା କରାଯାଉଥିଲା। ହେଲେ ଅନେକ ମହିଳାଙ୍କ ତ୍ୟାଗ ଓ ନିଃସ୍ୱାର୍ଥପର କାର୍ଯ୍ୟ ଯୋଗୁ ଆଜି ମହିଳାମାନେ ଆଗଧାଡ଼ିକୁ ଆସିପାରିଛନ୍ତି ବୋଲି ସେ କହିଥିଲେ। ଆଲୋଚନା ବେଳର ଫଟୋ ଏବଂ ଭିଡିଓ ପ୍ରିୟଙ୍କା ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି।



## ବୋଲସୋନାରଙ୍କୁ ଲୁଲାଙ୍କ ଟକ୍କର

### ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନ

**ରିଓ ଡି ଜେନେରିଓ, ୨।୧୦**



ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା



ଜୈର ବୋଲସୋନାରୋ

ଚାରି ବର୍ଷ ଧରି କଠୋର ଦକ୍ଷିଣପନ୍ଥୀଙ୍କ ଶାସନରେ ଥିବା ବ୍ରାଜିଲରେ ରବିବାର ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯାଇଛି। ଏଥିରେ ବିଦାୟୀ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କୁ ବାମପନ୍ଥୀ ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା କଡ଼ା ଟକ୍କର ଦେଇଛନ୍ତି। ଅଧିକାଂଶ ବୁଥ୍ ଫେରନ୍ତା ମତ ଅନୁସାରେ ଚଳିତ ନିର୍ବାଚନରେ ଲୁଲା ଦକ୍ଷିଣପନ୍ଥୀ ନେତା ବୋଲସୋନାରଙ୍କୁ ପରାସ୍ତ କରିପାରନ୍ତି। ତେବେ ବୋଲସୋନାରୋ ପରାଜୟ ସ୍ୱୀକାର କରିବେ ନାହିଁ ସଙ୍କେତ ଦେବା ପରେ ନିର୍ବାଚନ ପରବର୍ତ୍ତୀ ହିଂସା ଆଶଙ୍କା ଉପୁଜିଛି। ୨୦୦୩ରୁ ୨୦୧୦ ପର୍ଯ୍ୟନ୍ତ ଲୁଲା ରାଷ୍ଟ୍ରପତି ରହିଥିଲେ। ପ୍ରଥମ ପର୍ଯ୍ୟାୟ ଭୋଟରେ ଲୁଲା ୫୦%ରୁ ଅଧିକ ଭୋଟ ପାଇଲେ ତାହା ତାଙ୍କ ବିଜୟକୁ ସୁନିଶ୍ଚିତ କରିବ।

## ଖାର୍ଗେଙ୍କୁ ବିତର୍କ ଆହ୍ୱାନ ଦେଲେ ଥରୁର

**ପାଟନା, ୨।୧୦**



ଶଶୀ ଥରୁର



ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ସର୍ବସାଧାରଣରେ ଖୋଲା ବିତର୍କ ପାଇଁ ଅନ୍ୟତମ ପ୍ରାର୍ଥୀ ଶଶୀ ଥରୁର ଆହ୍ୱାନ ଦେଇଛନ୍ତି। ଏଭଳି ବିତର୍କ ଦ୍ୱାରା କଂଗ୍ରେସ ପ୍ରତିନିଧିମାନେ ପ୍ରାର୍ଥୀମାନଙ୍କର ଦୂରଦୃଷ୍ଟି ଓ ଯୋଜନା ସମ୍ପର୍କରେ ଜାଣିପାରିବେ ବୋଲି ଦଳୀୟ ସଦସ୍ୟ ସଲମାନ ଅନିସ୍ ସୋଜ୍ କହିଛନ୍ତି। ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ କେ.ଏନ୍. ତ୍ରିପାଠୀଙ୍କ ନାମାଙ୍କନପତ୍ର ଖାରଜ ପରେ ଏବେ ପ୍ରତିଦ୍ୱନ୍ଦ୍ୱିତାରେ ଖାର୍ଗେ ଓ ଥରୁର ଅଛନ୍ତି। ନିକଟରେ ବ୍ରିଟିଶନ କଞ୍ଜରଭେଟିଭ ପାର୍ଟି ନେତା ନିର୍ବାଚନରେ ଖୋଲା ବିତର୍କ ହୋଇଥିଲା। ଏଆଇସିସି ଅଧ୍ୟକ୍ଷ ନିର୍ବାଚନ ଲାଗି ଏଭଳି ବିତର୍କ ପାଇଁ କୁହାଗଲେ ସେ ପ୍ରସ୍ତୁତ ଅଛନ୍ତି ବୋଲି ଥରୁର କହିଛନ୍ତି। ଆମ ଭିତରେ ନୀତିଗତ ପାର୍ଥକ୍ୟ ନାହିଁ। ତେବେ ଲକ୍ଷ୍ୟ ହାସଲ ଲାଗି ଆମର ପ୍ରସ୍ତାବ କ'ଣ ତାହା ସ୍ପଷ୍ଟ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଅଧ୍ୟକ୍ଷ ନିର୍ବାଚନ ଲାଗି ରବିବାର ପ୍ରଚାର ଆରମ୍ଭ କରିଥିବା ଖାର୍ଗେ କହିଛନ୍ତି, ସହମତିରେ ପ୍ରାର୍ଥୀ ଦେଇଥିଲେ ଭଲ ହୋଇଥାନ୍ତା ବୋଲି ସେ ପୂର୍ବରୁ ଥରୁରଙ୍କୁ କହିଥିଲେ। ତେବେ କେତେଜଣ ବରିଷ୍ଠ ନେତାଙ୍କ ପ୍ରେରଣାରେ ସେ ପ୍ରାର୍ଥୀ ହେବାକୁ ନିଷ୍ପତ୍ତି ନେଇଥିବା କହିଥିଲେ। କଂଗ୍ରେସରେ ଆଉ ଜି୨୩ ଗୋଷ୍ଠୀ ନ ଥିବା ଖାର୍ଗେ ଘୋଷଣା କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ବିରୋଧରେ ଲଢ଼େଇ ପାଇଁ ସମସ୍ତ ଜି୨୩ ନେତା ଏକାଠି କାମ କରିବାକୁ ଚାହାନ୍ତି। ସେଥିପାଇଁ ସେମାନେ ତାଙ୍କୁ ସମର୍ଥନ ଦେଇଥିବା ଖାର୍ଗେ କହିଛନ୍ତି।

# ହସ ଫୁଟାଉଛି, ଉତ୍ସାହ ଭରୁଛି 'ଦାନ ଉତ୍ସବ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ଉତ୍ସାହ ଦେଖାଉଛନ୍ତି।


ବସ୍ତି ଅଞ୍ଚଳ ପିଲାମାନଙ୍କୁ ସୃଜନାତ୍ମକ ଶୈଳୀରେ ଶିକ୍ଷା ପ୍ରଦାନ କରାଯାଉଛି।

## ୧୦ବର୍ଷରେ ପହଞ୍ଚିଲା ବକୁଳ ଫାଉଣ୍ଡେଶନର ନିଆରା କାର୍ଯ୍ୟକ୍ରମ

- ଅଧିକରୁ ଅଧିକ ଯୁବପିଢ଼ି ନିୟୋଜିତ ହେଉଛନ୍ତି
- ପିଲାଙ୍କ ସୃଜନଶୀଳତାକୁ ଉତ୍ସାହିତ କରାଯାଉଛି

ଭୁବନେଶ୍ୱର,୨।୧୦(ବ୍ୟୁରୋ)

କାହାକୁ କିଛି ଦେବାରେ ଯେଉଁ ଖୁସି ଥାଏ, ତାହା ଆଉ କେଉଁଠି ମିଳି ନ ଥାଏ। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ କାହା ପାଖେ ପହଞ୍ଚି, କିଛି ଦେବାକୁ ଲୋକଙ୍କର ସମୟ ଓ ମନୋଭାବର ଅଭାବ ରହିଛି। କିନ୍ତୁ ଯେଉଁମାନେ ଲୋକଙ୍କ ପାଖେ ପହଞ୍ଚୁଛନ୍ତି, କୁନିକୁନି ପିଲାଙ୍କ କଥା ବୁଝୁଛନ୍ତି, ସେମାନଙ୍କ ସହଯୋଗରେ ଆମେ ଅନ୍ୟକୁ କିଛି ଦେଇ ଖୁସି ସାଉଣ୍ଟି ପାରିବା। ଏବେ ସମୟ ଆସିଛି ଏହି ଖୁସି ନିଜ କିମ୍ବା ନିଜ ପରିବାର ପାଇଁ ନୁହେଁ, ସବୁରୁ ଊର୍ଦ୍ଧ୍ୱକୁ ଯାଇ ସମାଜରେ ଖୁସି ବାଣ୍ଟିବା। ଏଭଳି ସୁଯୋଗ ଆଣି ଦେଇଛି 'ଦାନ ଉତ୍ସବ'। ବକୁଳ ଫାଉଣ୍ଡେଶନ ପକ୍ଷରୁ ୨୦୧୨ରୁ ଆରମ୍ଭ ହୋଇଥିବା ଦାନ ଉତ୍ସବ ଚଳିତବର୍ଷ ରବିବାରଠାରୁ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି। ୩୦୦ରୁ ଅଧିକ ଭଲ୍ୟୁଣ୍ଟିୟର୍ସ ୨୦ ଭାଗରେ ବିଭକ୍ତ ହୋଇ ରାଜଧାନୀ ଭୁବନେଶ୍ୱରର ପ୍ରାୟ ୫୦ ବସ୍ତି ଅଞ୍ଚଳ, ବୃଦ୍ଧାଶ୍ରମରେ ପହଞ୍ଚି ବିଭିନ୍ନ କୌତୂହଳପୂର୍ଣ୍ଣ ତଥା ଉତ୍ସାହପ୍ରଦ କାର୍ଯ୍ୟକ୍ରମ କରିଛନ୍ତି। ସତ୍ୟନଗରସ୍ଥିତ ବକୁଳ ଲାଇବ୍ରେରି, ଫରେଷ୍ଟ ପାର୍କ ଓ ପୋଖରିପୁଟସ୍ଥିତ କଳାଭୂମିକୁ ଫୋକସ୍ କରାଯାଇଛି। ଏହା ଆଖପାଖରେ ଥିବା ବସ୍ତି ଅଞ୍ଚଳର ପିଲାଙ୍କୁ ନେଇ ଭଲ୍ୟୁଣ୍ଟିୟର୍ସମାନେ ବିଭିନ୍ନ ଉତ୍ସାହପୂର୍ଣ୍ଣ କାର୍ଯ୍ୟକ୍ରମ କରିବା ସହ ପିଲାମାନେ କିଭଳି ବକୁଳ ଲାଇବ୍ରେରିକୁ ଯାଇ ମାଗଣାରେ ବହି ପଢିପାରିବେ ସେନେଇ ସେମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରାଯାଇଛି। ପରେ ଦୁର୍ଗା ମଣ୍ଡପ ବସ୍ତି, କାଠ କଲୋନୀ, ଟିମ୍ବର କଲୋନୀ ବସ୍ତି, ରାଜକୁମାର ବସ୍ତି, ତ୍ରିରଙ୍ଗା ବସ୍ତିର ପିଲାମାନେ ବକୁଳ ଲାଇବ୍ରେରୀ ଏବଂ ଗଣ୍ଡମୁଣ୍ଡା ତାରିଣୀ ବସ୍ତି, ଗଣ୍ଡମୁଣ୍ଡା ଓ ଭକ୍ତ ମଧୁନଗରରୁ ପିଲାମାନେ ପୋଖରିପୁଟସ୍ଥିତ କଳାଭୂମି ଲାଇବ୍ରେରିରେ ଏକତ୍ରିତ ହୋଇଥିଲେ। ସକାଳ ୧୦ଟାରୁ ଅପରାହ୍ନ ୨ଟା ଓ ୨ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବିଭିନ୍ନ ବସ୍ତି ପିଲାଙ୍କୁ ନେଇ ଏହି ସେବା ଦିବସ ପାଳନ କରାଯାଇଥିଲା।

### ୧୦ ବହି ପଢ଼ିଲେ ମିଳିବ ପୁରସ୍କାର

ଚଳିତବର୍ଷ ଦାନ ଉତ୍ସବରେ ଅଧିକରୁ ଅଧିକ ଯୁବପିଢ଼ି ଏହି କାର୍ଯ୍ୟକ୍ରମରେ ସ୍ୱଇଚ୍ଛାରେ ଯୋଗଦେଇଛନ୍ତି। ସେମାନଙ୍କୁ ଏହାଏକ ଭିନ୍ନ ଅନୁଭୂତି ଦେଉଛି। ଏଥର ଛୋଟ ପିଲାଙ୍କ ପାଇଁ ପୁରସ୍କାର କାର୍ଯ୍ୟକ୍ରମ ବ୍ୟବସ୍ଥା ରହିଛି। ଲାଇବ୍ରେରି ଆସି ୧୦ଟି ପୁସ୍ତକ ପଢ଼ିଲେ ପୁରସ୍କାର ଦିଆଯିବ। ଏହାଦ୍ୱାରା ସେମାନଙ୍କ ମନରେ ବହି ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବା ସହ ପ୍ରତ୍ୟେକ ଦିନ ଲାଇବ୍ରେରି ଆସିବାକୁ ଇଚ୍ଛା ହେବ। କେହି କାହାକୁ କିଛି ଦେବାକୁ ଚାହୁଁଥିଲେ କାହାର ମାଧ୍ୟମ କିମ୍ବା କୌଣସି ସଂସ୍ଥାର ଆବଶ୍ୟକତା ନାହିଁ। ସମସ୍ତେ ନିଜ ଉପାୟରେ କାହାକୁ କିଛି ବି ଦେଇପାରିବେ। ପାଖରେ ଥିବା ପୁରୁଣା ହେଉ କି ନୂଆ ବହି, ଖେଳନା ଅବା ବସ୍ତ୍ର କିଛି ଦାନ କରି ଆପଣ ଦାନ ଉତ୍ସବରେ ନିଜକୁ ସାମିଲ କରିପାରିବେ।



**-ସୁଜିତ ମହାପାତ୍ର, ବକୁଳ ଫାଉଣ୍ଡେଶନ ପ୍ରତିଷ୍ଠାତା**

### ଶିଖାଇବାରେ ଆତ୍ମସନ୍ତୋଷ ମିଳୁଛି

୨୦୧୮ରୁ ମୁଁ ଏହି ଦାନ ଉତ୍ସବରେ ସାମିଲ ଅଛି। ପୂର୍ବରୁ କୌଣସି କାର୍ଯ୍ୟକ୍ରମର ଅନୁଭୂତି କିମ୍ବା ନେତୃତ୍ୱ ନେବାର ଅଭିଜ୍ଞତା ନ ଥିଲା। ତଥାପି ଦାନ ଉତ୍ସବରେ ୧୦୦୦ରୁ ଅଧିକ ପିଲାଙ୍କ ସହ ଯୋଡି ହୋଇ ତାଙ୍କ ମୁହଁରେ ହସ ଫୁଟାଇବାର ଅନୁଭୂତି ଅନନ୍ୟ। କଳା ଓ ହସ୍ତଶିଳ୍ପ କାର୍ଯ୍ୟକଳାପ, ନାଚଗୀତ, ଖେଳକୁଦ, ଗପ ଆଦି ଦ୍ୱାରା ପିଲାଙ୍କ ସହ ଯୋଡ଼ି ହେବାର ସୁଯୋଗ ମୋତେ ମିଳିଛି। ପିଲାଙ୍କ ସୃଜନଶୀଳତାକୁ ଉତ୍ସାହିତ କରିବା, ସେମାନେ ଯେପରି ବହି ପଢିବା ପାଇଁ ଆଗ୍ରହୀ ହେବେ, ସେଭଳି କିଛି ଶିଖାଇବାରେ ନିଜକୁ ଆତ୍ମସନ୍ତୋଷ ମିଳୁଛି।



**-ଶ୍ରୁତି କାନୁନ୍‌ଗୋ, ଭଲ୍ୟୁଣ୍ଟିୟର୍ସ**

# ୩୪ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ



ସିଲଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲକୁ ଅଭିନେତା କୁନା ତ୍ରିପାଠୀ ଉଦ୍‌ଘାଟନ କରୁଛନ୍ତି।

## ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ

କଟକ ଅଫିସ,୨।୧୦

ସିଲ୍‌ଭର ସିଟି ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ କଟକ ଶତାବ୍ଦୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଥମ ଅଧିବେଶନକୁ ସାମାଜିକ କର୍ମୀ ଡ. ପ୍ରଭାସ ଆଚାର୍ଯ୍ୟ ଉଦ୍‌ଘାଟନ କରି ଓଡ଼ିଶାରେ ଆନ୍ତର୍ଜାତିକ ଉତ୍ସବ ଆୟୋଜନ ପ୍ରଶଂସନୀୟ ବୋଲି କହିଥିଲେ। ଏଥିରେ ବିଦେଶରୁ ଆସିଥିବା ୧୧ଟି, ଭାରତରୁ ଆସିଥିବା ୨୩ଟି ଚଳଚ୍ଚିତ୍ର ମିଶି ମୋଟ ୩୪ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ଏହାବାଦ ୧୧ଟି ମ୍ୟୁଜିକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ନୀଳଶୈଳ ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ନାୟକ ମଞ୍ଚ ପରିଚାଳନା ଓ ଡା. ସତ୍ୟ କୁମାର ଦାସ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ସିନେ ପ୍ରଯୋଜକ ବସନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଅଭିନେତା ସତ୍ୟବ୍ରତ ଓରଫ କୁନା ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ ଅଭିନେତା ଅନଙ୍ଗ ଦ୍ୱିବେଦୀ ଓ ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ, ମହମ୍ମଦ ମୁଶିର ଯୋଗ ଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ରଗୁଡ଼ିକର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂର୍ଯ୍ୟ କୁମାର ଦାସ, ବିଭୂତି ଭୂଷଣ ଭାରତ ଏବଂ ତୋଫାନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ଚିଲିକାରେ ୨ ଯାତ୍ରୀବାହୀ ଡଙ୍ଗା ଧକ୍କା, ୩ ଆହତ

## ଅଳ୍ପକେ ବର୍ତ୍ତିଲେ ୬୦ ଯାତ୍ରୀ

ବ୍ରହ୍ମଗିରି,୨।୧୦(ଡି.ଏନ୍.ଏ.)

ଚିଲିକାରେ ରବିବାର ଦୁଇ ଯାତ୍ରୀବାହୀ ଡଙ୍ଗା ମଧ୍ୟରେ ଧକ୍କା ହୋଇଛି। ଏଥିରେ ଚାଳକଙ୍କ ସମେତ ୩ ଜଣ ଆହତ ହୋଇଥିବା ବେଳେ ୬୦ ଯାତ୍ରୀ ବଡ଼ ବିପଦରୁ ରକ୍ଷା ପାଇଛନ୍ତି। ସୂଚନା ମୁତାବକ, ଚିଲିକାର ଜହ୍ନିକୁଦା ଘାଟରୁ ଏକ ଯାତ୍ରୀବାହୀ ଡଙ୍ଗା ଆସି ରବିବାର ମଧ୍ୟାହ୍ନରେ ମଏଁଷାଘାଟରେ ଲାଗିଥିଲା। ଏହି ସମୟରେ ସାତପଡ଼ା ଘାଟରୁ ଜହ୍ନିକୁଦା ଯାଉଥିବା ଏକ ଯାତ୍ରୀବାହୀ ଡଙ୍ଗା ଭାରସାମ୍ୟ ହରାଇ ଉକ୍ତ ଡଙ୍ଗା ସହ ଧକ୍କା ହୋଇ ଚଢ଼ିଯାଇଥିଲା। ଏହି ସମୟରେ ଡଙ୍ଗାରେ ମାଡ଼ ହୋଇ ୩ ଆହତ ହୋଇଥିବାବେଳେ ୫ଟି ବାଇକ୍ ପାଣିରେ ଖସିପଡ଼ିଥିଲା। ଏନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ଜଣାପଡ଼ିଛି।

# ସୁଧାକର ପଣ୍ଡା ପାଇବେ 'ବିଜୁ ପଟ୍ଟନାୟକ ପୁରସ୍କାର'

## ପୁରସ୍କୃତ ହେବେ ୧୪ ବୈଜ୍ଞାନିକ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)


ପ୍ରଫେସର ସୁଧାକର ପଣ୍ଡା

ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନକ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ଦ୍ୱାରା ପ୍ରଦାନ କରାଯାଉଥିବା ବୈଜ୍ଞାନିକ ପୁରସ୍କାର ରବିବାର ଘୋଷଣା କରାଯାଇଛି। ୨୦୨୦ ବର୍ଷ ପାଇଁ ବିଭିନ୍ନ ବର୍ଗର ମୋଟ ୧୪ଜଣ ବୈଜ୍ଞାନିକ ଏହି ପୁରସ୍କାର ପାଇବେ। ବୈଜ୍ଞାନିକ ଉତ୍କର୍ଷ ପାଇଁ ନାଇଜର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡାଙ୍କୁ 'ବିଜୁ ପଟ୍ଟନାୟକ ପୁରସ୍କାର' ପାଇଁ ମନୋନୀତ କରାଯାଇଛି। ସେହିପରି 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପାଇଁ ଜୀବ ବିଜ୍ଞାନ ବିଭାଗରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଲାଇଫ୍ ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରଫେସର ଲୁନା ସାମନ୍ତ, ଭୌତିକ ବିଜ୍ଞାନ ବିଭାଗରେ ଆଇଏମ୍ଏମ୍‌ଟି ମୁଖ୍ୟ ବୈଜ୍ଞାନିକ ଡ. ଦଣ୍ଡ ଶ୍ରୀନିବାସ ରାଓ, ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ବିଭାଗରେ ରାଉରକେଲା ଏନ୍ଆଇଟିର ପ୍ରଫେସର ଅନୁପ କୁମାର ପଣ୍ଡା ଏବଂ ରାଜ୍ୟ ବାହାରେ କାର୍ଯ୍ୟରତ ଲକ୍ଷ୍ନୌସ୍ଥିତ ଜାତୀୟ ଉଦ୍ଭିଦ ବିଜ୍ଞାନ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ତଥା ଓଡ଼ିଆ ବୈଜ୍ଞାନିକ ଡ. ସରୋଜ କାନ୍ତ ବାରିକ ମନୋନୀତ ହୋଇଛନ୍ତି। 'ଯୁବ ବୈଜ୍ଞାନିକ ପୁରସ୍କାର' ପାଇଁ ଜୀବ ବିଜ୍ଞାନ ବିଭାଗରେ ଭୁବନେଶ୍ୱର ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ପୋଷ୍ଟ ଡକ୍ଟରାଲ ଫେଲୋ ଡ. ଶଶାଙ୍କ ଶେଖର ସ୍ୱାଇଁ, ଭୌତିକ ବିଜ୍ଞାନ ବିଭାଗରେ ନାଇଜରର ପୋଷ୍ଟ ଡକ୍ଟରାଲ ଫେଲୋ ଡ. ନିବେଦିତା ଦାଶ, ଯାନ୍ତ୍ରିକ ଓ ପ୍ରଯୁକ୍ତିବିଦ୍ୟା ବିଭାଗରେ ରାଉରକେଲା ଏନ୍ଆଇଟିର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନ ରଞ୍ଜନ ସେନାପତି ଓ ରାଜ୍ୟ ବାହାରେ କାର୍ଯ୍ୟରତ ନାଇଜରର ଆସିଷ୍ଟାଣ୍ଟ ପ୍ରଫେସର ଡ. ସତ୍ୟପ୍ରସାଦ ପି. ମନୋନୀତ ହୋଇଛନ୍ତି। ସେହିଭଳି ସାଧାରଣ ବିଭାଗରେ କଟକର ସାମନ୍ତ ସାହିର ପ୍ରଫେସର ସଙ୍ଗୀତା ରଥ ଓ ଶିଶୁ ବିଜ୍ଞାନ ବିଭାଗରେ ହିମାଂଶୁ ଶେଖର ଫତେସିଂହ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପାଇବେ। ଏଥିସହ ପ୍ରଫେସର ଭାସ୍କରଚନ୍ଦ୍ର ଦାଶ, ପ୍ରଫେସର ସତ୍ୟାନନ୍ଦ ସ୍ୱାଇଁ ଏବଂ ପ୍ରଫେସର ଅଜୟ କୁମାର ପାତ୍ର 'ଓଡ଼ିଶା ବରିଷ୍ଠ ବୈଜ୍ଞାନିକ ପୁରସ୍କାର' ପାଇବା ପାଇଁ ମନୋନୀତ ହୋଇଛନ୍ତି। ଖୁବ୍‌ଶୀଘ୍ର ଏକ ରାଜ୍ୟସ୍ତରୀୟ ଉତ୍ସବରେ ସମସ୍ତ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯିବ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଦୀପକ ରଞ୍ଜନ


@ ଅବ୍ଦୁଲ


@ ଆଶୁତୋଷ


@ ସତ୍ୟବ୍ରତ


@ ସମ୍ବିତ୍

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଶାରଦୀୟ ଦୁର୍ଗାପୂଜା ଅବସରରେ ପୁରୀ ମାର୍କଣ୍ଡେଶ୍ୱର ସାହିରେ ପୂଜା ପାଉଥିବା ସମ୍ପାତି ଚଢ଼େଇ।


ନବରାତ୍ର ପୂଜା ଅବସରରେ କଟକ ଦେୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପରିସରରେ ରବିବାର ତେଲୁଗୁ ସମ୍ପ୍ରଦାୟର ପିଲାମାନେ ସରସ୍ୱତୀ ପୂଜା କରୁଛନ୍ତି।

**ମଦ ତିଆରି ମେଶିନ ଜବତ, ୧୦ ଗିରଫ**

ବାରଙ୍ଗ, (ଡି.ଏନ୍.ଏ.): ପାର୍ବଣ ଋତୁ ଚାଲିଥିବା ବେଳେ ନିଶା ବେପାରୀମାନେ ସକ୍ରିୟ ହୋଇଉଠିଛନ୍ତି। ରବିବାର କଟକ ଅବକାରୀ ବିଭାଗର ଏକ ଟିମ୍ ବାରଙ୍ଗ ଥାନା ଅଧୀନ ମୁଣ୍ଡମୁହାଣ ନିକଟରୁ ଦେଶୀ ମଦ ତିଆରି ପାଇଁ ବ୍ୟବହୃତ ଏକ ମେଶିନ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ୧୦ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ବସିଲେ ଭାଜପା କର୍ମୀ

ନିମାପଡ଼ା,୨।୧୦(ଡି.ଏନ୍.ଏ.): ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ରବିବାର ନିମାପଡ଼ା ଭାଜପା ପକ୍ଷରୁ ପ୍ରାୟ ୫୦ଜଣ ଦଳୀୟ କର୍ମୀ ଅଭିନବ ଆନ୍ଦୋଳନ କରିଥିଲେ। ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆଖି, ପାଟି, କାନ ବନ୍ଦ କରି ପ୍ରତିବାଦ କରିଥିଲେ। ଏହି ଆନ୍ଦୋଳନ ମଧ୍ୟାହ୍ନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ନିମାପଡ଼ା ନିର୍ବାଚନମଣ୍ଡଳୀ ୧୧ ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ସମ୍ପୃକ୍ତି ଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତୁରନ୍ତ ଗିରଫ, ମନ୍ତ୍ରିମଣ୍ଡଳରୁ ବହିଷ୍କାର, ସାହୁଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବା ଦାବି ନେଇ ଏହି ଆନ୍ଦୋଳନ ଆୟୋଜିତ ହୋଇଥିଲା। ଭାଜପା ନେତା ସୁଶାନ୍ତ ସ୍ୱାଇଁ, ଦିଲ୍ଲୀପ ପାତ୍ର, ବିଜୟ ପଣ୍ଡା, ରାଜକିଶୋର ନାୟକ, ନିରଞ୍ଜନ ନାୟକ, ଜାନକୀନାଥ ଜେନା, ମୀନଲତା ମହାନ୍ତି, ସନ୍ତୋଷ ପରିଡ଼ା, ଇନ୍ଦ୍ରମଣି ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ପୁରୁଣା ଭୁବନେଶ୍ୱର, ୨।୧୦ (ଡି.ଏନ୍.ଏ.): ଗାନ୍ଧୀ ଜୟନ୍ତୀ ଅବସରରେ ସ୍ଥାନୀୟ ବଡ଼ଗଡ଼ ନୂଆସାହିର ବାପୁଜୀ ଯୁବକ ସଂଘ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ସଂଘ ସଦସ୍ୟ ସଂଗ୍ରାମ ମାର୍ଥାଙ୍କ ପ୍ରଚେଷ୍ଟାରେ ଏହି ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଆୟୋଜିତ ଉନ୍ମୋଚନ ସଭାରେ ମୁଖ୍ୟ ଅତିଥିଭାବେ ଆଇନଜୀବୀ ଶରତ ଗଜେନ୍ଦ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ହାଲି, ଆଦିତ୍ୟ ଗଜେନ୍ଦ୍ର, ରବୀନ୍ଦ୍ର ଦଳାଇ, ଅବକାଶ ବେଉରା, ସଚି ବାରିକ, ବାସୁଦେବ ବାରିକ, ସୁଶାନ୍ତ ଗଜେନ୍ଦ୍ର, କୃଷ୍ଣଚନ୍ଦ୍ର ବେହେରା, କାହ୍ନା ବାରିକ, ସୋମୁ ଜେନା, ହରିହର ବେହେରା, ବୁଲା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### 'ମନ୍ତ୍ରୀ ପ୍ରତାପ ଦେବ ଭୁଲ ନ ମାଗିଲେ ପୁରୀ ମନା'

ପୁରୀ ଅଫିସ, ୨।୧୦: ଶିକ୍ଷ ମନ୍ତ୍ରୀ ପ୍ରତାପ ଦେବଙ୍କ ବିବାଦୀୟ ମନ୍ତବ୍ୟକୁ ନିନ୍ଦା କରି ଭାଜପା ମୋର୍ଚ୍ଚା ପକ୍ଷରୁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ତାଙ୍କ ସଦ୍‌ବୁଦ୍ଧି କାମନା କରାଯାଇଛି। ମନ୍ତ୍ରୀ ଦେବ ଯଦି ଏଠାକୁ ଆସି ଶ୍ରୀଜଗନ୍ନାଥଙ୍କୁ ଭୁଲ୍ ନ ମାଗିବେ ତେବେ ତାଙ୍କୁ ପୁରୀ ସହରରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ସେବାୟତ ମଧୁ ସିଂହାରୀ, ସୋମନାଥ ଖୁଣ୍ଟିଆ, ରାଜା ସୁଆର, ସଞ୍ଜୟ ପ୍ରଧାନ, ସଂଗ୍ରାମ କାନୁନଗୋ ଏବଂ ପ୍ରିୟଙ୍କା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ଖବରଦାତାଙ୍କୁ ପଚରାଉଚରା, ମୋବାଇଲ ଜବତ

**ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲା**

ଭୁବନେଶ୍ୱର,୨।୧୦ (ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଭୁବନେଶ୍ୱରରେ ଆତ୍ମହତ୍ୟା ଘଟଣାକୁ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କମିଶନରେଟ ପୋଲିସ ଏହା ପଛର ରହସ୍ୟ ପାଇପାରୁ ନାହିଁ। ଏ ପରିସ୍ଥିତିରେ ଭାଇରାଲ ହୋଇଥିବା ଧର୍ମେନ୍ଦ୍ର ଓ ଖବରଦାତା ଅକ୍ଷୟ ନାୟକଙ୍କ ବାର୍ତ୍ତାଳାପର ଅଡିଓ କଲ୍ ରେକର୍ଡିଂକୁ ନେଇ ପୋଲିସ ଅନୁସନ୍ଧାନ କରୁଛି। ଧର୍ମେନ୍ଦ୍ର ଉକ୍ତ ଅଡିଓରେ କହୁଛନ୍ତି 'ଯଦି ମୋର ମୃତ୍ୟୁ ହୁଏ ତା' ହେଲେ ୪ଜଣ ଦାୟୀ ରହିବେ'। ସେହି ୪ଜଣଙ୍କ ନାମକୁ ମଧ୍ୟ ସେ ଅକ୍ଷୟଙ୍କୁ କହୁଥିବା ଉକ୍ତ ଭାଇରାଲ ଅଡିଓରେ ରହିଥିବାରୁ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏନେଇ ପୋଲିସ ଅକ୍ଷୟଙ୍କୁ ପୂର୍ବରୁ ନୋଟିସ୍ କରିଥିବାବେଳେ ରବିବାର ସେ ଭୁବନେଶ୍ୱର ଡିସିପି ଅଫିସରେ ପହଞ୍ଚିଥିଲେ। ଏହାପରେ ୩ ଜଣିଆ ପୋଲିସ ଟିମ୍ ତାଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ପଚରାଉଚରା କରିବା ସହ ବିଭିନ୍ନ ତଥ୍ୟ ହାସଲ କରିଛି। ଏଥିସହ ଉକ୍ତ ଅଡିଓ କଲ୍ ରେକର୍ଡିଂ ଥିବା ତାଙ୍କ ମୋବାଇଲକୁ ପୋଲିସ ଜବତ କରି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ପୋଲିସ ଉପରେ ପୂର୍ଣ୍ଣ ଭରସା ରହିଛି। ପୋଲିସ ଏହି ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବ ବୋଲି ଅକ୍ଷୟ ଗଣମାଧ୍ୟମ ଜରିଆରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ବାସଭବନ ଆଗରୁ ସେପ୍ଟେମ୍ବର ୨୪ ସକାଳେ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଏହାପରେ ତାଙ୍କର ୨ଟି ମୋବାଇଲକୁ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟ ଏକ ପ୍ଲଟରୁ ଠାବ କରିଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀଙ୍କ ହାତ ଥିବା ଅଭିଯୋଗ ହେବା ପରେ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି ପୋଲିସ।

### 'ବିରୋଧୀଙ୍କ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ'

ନିମାପଡ଼ା,୨।୧୦(ଡି.ଏନ୍.ଏ.)

ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ମୋର ସମ୍ପୃକ୍ତି ନେଇ ବିରୋଧୀ ଦଳ ବହୁ ଅପପ୍ରଚାର କରୁଛି। ହେଲେ ବିରୋଧୀ ଦଳର ଏହି ହୀନ ଅପପ୍ରଚାରରେ ମୁଁ ଆଦୌ ବିଚଳିତ ନୁହେଁ ବୋଲି ନିମାପଡ଼ାରେ ବିଜେଡି ପକ୍ଷରୁ ରବିବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ସମାରୋହ ଓ ସାଧାରଣ ସଭାରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ବିରୋଧୀ ଦଳର ଏହି ହୀନ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ ବୋଲି କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ାରେ ଆଦୌ ସତ୍ତା ନ ଥିବା ବିରୋଧୀ ଦଳ ମନ୍ତ୍ରୀ ଦାଶଙ୍କୁ ଅଯଥାରେ ବଦ୍‌ନାମ କରିବାକୁ ହୀନ ପ୍ରୟାସ ଚଳାଇଛି। ଏଥିସହ ଏକ ଦୁଃଖଦ ଘଟଣାକୁ ରାଜନୀତିକରଣ କରୁଛି। ହେଲେ ବିରୋଧୀ ଦଳର ଏହି ମିଥ୍ୟା, ଭିତ୍ତିହୀନ, ଅଭିସନ୍ଧିମୂଳକ ପ୍ରୟାସ କେବେ ବି ଫଳପ୍ରଦ ହେବନାହିଁ ବୋଲି ବିଜେଡି ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ କହିଛନ୍ତି।

# 'ପ୍ରୀତି ଏକ ଅଧାଲେଖା ଗୀତି' ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ 'ପ୍ରୀତି ଏକ ଅଧାଲେଖା ଗୀତି'କୁ ଉନ୍ମୋଚନ କରୁଛନ୍ତି।

ବାଲକାଟୀ,୨।୧୦(ଡି.ଏନ୍.ଏ.)

ବିଶିଷ୍ଟ ଚଳଚ୍ଚିତ୍ର ସଂଳାପକାର ଡ. ରଜନୀ ରଞ୍ଜନଙ୍କ ରଚିତ ଚଳଚ୍ଚିତ୍ର ଦିଦି ନମସ୍କାରର ଚିତ୍ରନାଟ୍ୟ ପୁସ୍ତକ 'ପ୍ରୀତି ଏକ ଅଧାଲେଖା ଗୀତି' ବାଲକାଟୀ ସ୍ଥିତ ଦୁଲ୍ଲାଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଲୋକାର୍ପିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ବିଶ୍ୱାଳ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଚଳଚ୍ଚିତ୍ର ପ୍ରଯୋଜକ ଅତିସ୍ ରାଉତ, ବିଶିଷ୍ଟ କଥାକାର ଡ.ଅଜୟ ସ୍ୱାଇଁ ମୁଖ୍ୟ ବକ୍ତା ଓ ଅତିଥିଭାବେ ସ୍ତମ୍ଭକାର ବିଜୟ ଦାସ ଯୋଗଦେଇଥିଲେ। ପ୍ରାରମ୍ଭରେ ସାମ୍ବାଦିକ ମାଧବ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶାନ୍ତିସେନାର ପ୍ରକାଶକ ରଜତ ପ୍ରକାଶ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଲିଅନ୍ତା ଓ ବାଲିପାଟଣାର ଉପସ୍ଥିତ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜୟଦେବ ପ୍ରେସ ୟୁନିଅନର ସଭାପତି ନିରଞ୍ଜନ ସେନାପତି ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ପ୍ରେସ କ୍ଲବ ସଭାପତି ସୋମନାଥ ସ୍ୱାଇଁ, ସୂର୍ଯ୍ୟକାନ୍ତ ଭୋଳ, ପୀତବାସ ଦାଶ, ଗଗନ ଭୋଇ. ପୂର୍ଣ୍ଣ ଚନ୍ଦ୍ର ମହାରଣା, ବଟକୃଷ୍ଣ ମହାପାତ୍ର, ଗୋବର୍ଦ୍ଧନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଭୁବନେଶ୍ୱର କେଦାରଗୌରୀ ବିହାରସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲରେ ଗାନ୍ଧୀ ଜୟନ୍ତୀ ଅବସରରେ ଗ୍ରାଣ୍ଡ ପ୍ୟାରେଣ୍ଟ୍ସ ଡେରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଭିଭାବକ।

# ଭୁବନେଶ୍ୱର ଷ୍ଟେଶନରୁ ଧରାପଡ଼ିଲେ ୨ ମହିଳା

**ଚଳନ୍ତା ଟ୍ରେନରୁ ଲୁଟ୍ କରୁଥିଲେ**

■ ସୁନା ଚେନ,୨୦ ହଜାର ଟଙ୍କା, ମୋବାଇଲ ଜବତ

ଭୁବନେଶ୍ୱର,୨।୧୦ (ବ୍ୟୁରୋ)

ଭୁବନେଶ୍ୱର ରେଳ ଷ୍ଟେସନରୁ ଦୁଇ ଜଣ ମହିଳା ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି ରେଳବାଇ ପୋଲିସ। ଚଳନ୍ତା ଟ୍ରେନରେ ଭିଡ଼ର ସୁଯୋଗ ନେଇ ସେମାନେ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିଲେ। ସେମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ଫୁଲ କୁମାରୀ ଚୌଧୁରୀ ଓ ନୈନା ଯାଦବ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ନାବାଳିକାଙ୍କୁ ପୋଲିସ ଚାଇଲ୍ଡ ଲାଇନ ବିଭାଗକୁ ହସ୍ତାନ୍ତର କରିଛି। ସେମାନଙ୍କଠାରୁ ୨୦ ଭରି ସୁନା, ୨୦ ହଜାର ଟଙ୍କା, ମୋବାଇଲ, ଏଟିଏମ କାର୍ଡ, ଭୋଟର କାର୍ଡ, ଆଧାର କାର୍ଡ, ମହିଳାଙ୍କ ଭ୍ୟାନିଟି ବ୍ୟାଗ ଆଦି ଜବତ କରାଯାଇଛି । ସେମାନଙ୍କ ସହିତ ଆଉ କିଏ ଜଡ଼ିତ ଅଛନ୍ତି ତାହାର ସୂଚନା ପାଇବା ଲାଗି ଆରପିଏଫ୍ ଅଧିକ ତଦନ୍ତ ଚଳାଇଛି ।

# ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ବାଲିଅନ୍ତା,୨।୧୦(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବାଲିଅନ୍ତା ଭାଜପା କାର୍ଯ୍ୟକାରିଣୀ ବୈଠକ ରବିବାର ଧବଳାହାରସ୍ଥିତ କ୍ଲବ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ ପରିଜାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତଙ୍କୁ ନେଇ ଚାଲିବା ସହିତ ବିକାଶ କାର୍ଯ୍ୟରେ ଯୋଡି ହେବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଶ୍ମି ରଞ୍ଜନ ମହାପାତ୍ର, ଶିବ ମଲ୍ଲିକ, ମାଗୁଣି ସେଠୀ, ବସନ୍ତ ନାୟକ, ସନ୍ତୋଷ କୁଣ୍ଡୁ, ରୋଜିନାରାଣୀ ଦାସ ଓ ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଆଲୋଚନା କରିଥିଲେ। ବୈଠକକୁ ସମ୍ପାଦକ ଦେବେନ୍ଦ୍ରନାଥ ସାହୁ, ମାନସ ସାହୁ, ବିରଞ୍ଚି ଜେନା, ବିପିନ୍ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବୈଠକ ପୂର୍ବରୁ ଏମ୍‌ପି ଷଡଙ୍ଗୀ ବାଲିଅନ୍ତା ଗାନ୍ଧୀପୀଠରୁ ମହାତ୍ମା ସେତୁ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ।

**ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ**

# ଉତ୍ତେଜନା, ୩ଘଣ୍ଟା ଜାତୀୟ ରାଜପଥ ଅବରୋଧ

ଖୁଣ୍ଟୁଣୀ, ୨।୧୦(ଡି.ଏନ୍.ଏ.)

ଗୁରୁଡିଝାଟିଆ ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର କପୁରସିଂ କ୍ଲବ୍‌ଠାରେ ରବିବାର ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ କପୁରସିଂ ଗ୍ରାମର ଅରକ୍ଷିତ ରାଉତ(୫୫)। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅରକ୍ଷିତ ବିଲରୁ କାମ ସାରି ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ସାଇକେଲରେ ଘରକୁ ଫେରୁଥିବାବେଳେ ଖୁଣ୍ଟୁଣୀ ପଟୁ ଦ୍ରୁତଗତିରେ ଆସୁଥିବା ବସ୍‌ଟି ତାଙ୍କ ଉପରେ ମାଡିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକମାନେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଗୁରୁଡିଝାଟିଆ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ ସରପଞ୍ଚଙ୍କ ପ୍ରତିନିଧି ରାଜୀବ ଲୋଚନ ଦାସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଡିପିଓ ଲେଙ୍କା ଓ ତହସିଲଦାର ଦାସ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ମୃତଦେହ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଯାଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୩୯/୨୨) ରୁଜୁ ହୋଇଛି।

# ଜୟଦେବ ନିର୍ବାଚନମଣ୍ଡଳୀରେ ପଦଯାତ୍ରା



ପଦଯାତ୍ରାରେ ଅନ୍ୟ ନେତା ଓ କର୍ମୀଙ୍କ ସହ ବିଧାୟକ ଅରବିନ୍ଦ ଢାଲି।

ବାଲିପାଟଣା,୨।୧୦(ଡି.ଏନ୍.ଏ.)

ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ବାଲିପାଟଣା ଠାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ବାଲିପାଟଣାସ୍ଥିତ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ବାହାରି ହାଟସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଠାରେ ପହଞ୍ଚିଥିଲା।

ଦଳୀୟ କର୍ମୀଙ୍କ ସହ ପଦଯାତ୍ରାରେ ଗ୍ରାମ ପରିକ୍ରମା କରି ଅହିଂସା ବାର୍ତ୍ତା ବାଣ୍ଟିଥିଲେ। ଶିଶୁ ଅନନ୍ତ ପୀଠରେ ପହଞ୍ଚି ଏକ ସଭାରେ ଉପସ୍ଥିତ ଲୋକଙ୍କୁ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଓ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରିବାକୁ ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀନାଥ ବାରିକ, ଭାଗୀରଥି ପାତ୍ର, ସୂର୍ଯ୍ୟ ନାରାୟଣ ଦାସ, କୈଳାସ ଚନ୍ଦ୍ର ସେଠି, ନାରାୟଣ ବେହେରା, ଶଶୀଭୂଷଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲୁ ରକ୍‌ଷ୍ଟାର ଚାମ୍ପିୟନ

ଯାଁଳା,୨।୧୦(ଡି.ଏନ୍.ଏ.)

ଓଗାଳପଡ଼ା ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳକୁ ହରାଇ ଯାଁଳାର ବ୍ଲୁ ରକ୍‌ଷ୍ଟାର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ଲୁ ରକ୍‌ଷ୍ଟାର ଟିମ୍ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୧୯୬ ରନ୍ ସଂଗ୍ରହ କରିଥିଲା। ବ୍ଲୁ ରକ୍‌ଷ୍ଟାର ଟିମ୍‌ର ଅଭିଷେକ ୧୭ ବଲ୍‌ରୁ ୫୭ ଏବଂ ସିଦ୍ଧାର୍ଥ ୧୭ ବଲ୍‌ରେ ୪୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ଟିମ୍ ୫ ଉଇକେଟ ବିନିମୟରେ ୧୮୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମହମ୍ମଦ ସୁଲେମାନ ବେଷ୍ଟ ବ୍ୟାଟ୍ସମ୍ୟାନ୍, ଅଭିଷେକ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଯାମିନୀକାନ୍ତ ନାୟକ ମ୍ୟାନ୍ ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଯମୁନାରାଣୀ ବେହେରା, ରାଜକିଶୋର ସ୍ୱାଇଁ, ଅଶୋକ ମଙ୍ଗରାଜ, ଅକ୍ଷୟ କୁମାର ଜେନା, ଦୀପକ କୁମାର ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଢେଙ୍କାନାଳ ଟିମ୍‌କୁ ଅତିଥିମାନେ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

# ଆଉ ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍

**ଖୋର୍ଦ୍ଧାରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା**

ଭୁବନେଶ୍ୱର,୨।୧୦ (ବ୍ୟୁରୋ)

ଖୋର୍ଦ୍ଧାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦେବେନ୍ଦ୍ର ସାହୁ। ମାମଲା ନଂ.୨୧/୨୦୨୨ରେ ଦେବେନ୍ଦ୍ରଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସିଦ୍ଧାର୍ଥ ନାୟକ ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ୩ ସମ୍ପୃକ୍ତ ଥିବାବେଳେ ଆଉ ଜଣେ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଧରିବାକୁ ଖୋଳତାଡ଼ ଜାରି ରଖିଛି।

ଶୁକ୍ରବାର ରାତିରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ୩ ଯୁବକ ଛିଡା ହୋଇଥିବା ଖବର ପାଇ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ଏସ୍‌ଟିଏଫ୍ ଟିମ୍‌କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିବାବେଳେ ସିଦ୍ଧାର୍ଥଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ୧୧୫୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ତେବେ ଖସି ପଳାଇଥିବା ଦେବେନ୍ଦ୍ର ତାଙ୍କ ଗାଁରେ ଥିବା ଜଣାପଡ଼ିବା ପରେ ଏସ୍‌ଟିଏଫ୍ ଶନିବାର ରାତିରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତମାନେ ବ୍ରାଉନସୁଗାର କାହାରୁ ଆଣିଥିଲେ ସେନେଇ ଏସ୍‌ଟିଏଫ୍ ଜାଣିବାକୁ ପ୍ରୟାସ ଜାରି ରଖିଛି।




ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲରେ ରବିବାର ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।



ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ରେ ରବିବାର ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ସ୍କୁଲ୍ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଛାତ୍ରୀଛାତ୍ରମାନେ ଶ୍ରଦ୍ଧା ସୁମନ ଅର୍ପଣ କରୁଛନ୍ତି।

## ସଂକ୍ଷେପରେ

### ବୀରେନ୍ଦ୍ର ନାୟକଙ୍କ ପୁସ୍ତକ 'ଆଜି ଗାନ୍ଧୀ' ଲୋକାର୍ପିତ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କୁ ନେଇ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ପୁସ୍ତକ 'ଆଜି ଗାନ୍ଧୀ' ସମଦୃଷ୍ଟି ପକ୍ଷରୁ ଲୋହିଆ ଏକାଡେମୀଠାରେ ରବିବାର ଲୋକାର୍ପିତ ହୋଇଯାଇଛି। ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ଗାନ୍ଧିବାଦୀ ଶୋଭାକର ସ୍ୱାଇଁ ଗାନ୍ଧୀଙ୍କ ଆଦର୍ଶକୁ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରିବା ଉଚିତ ବୋଲି କହିଛନ୍ତି। ବର୍ତ୍ତମାନ ଦେଶର ରାଜନୈତିକ ପରିବେଶରେ ଗାନ୍ଧୀବାଦ ନୀତିକୁ ସମାଧାନର ସୂତ୍ର ଭାବେ ଆପଣେଇବା ନେଇ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। 'ଆଜି ଗାନ୍ଧୀ' ପରି 'ଆସନ୍ତାକାଲିର ଗାନ୍ଧୀ' ମଧ ସମପରିମାଣରେ ଗୁରୁତ୍ୱ ବହନ ଯେପରି କରିବ, ସେ ନେଇ ଆହ୍ୱାନ ଦେଇଥିଲେ।

ପୁସ୍ତକର ଲେଖକ ପ୍ରଫେସର ବୀରେନ୍ଦ୍ର ନାୟକ ନିଜ ରଚନା 'ଆଜି ଗାନ୍ଧୀ'କୁ ଲେଖା ସମୟରେ ବିଭିନ୍ନ ସୂତ୍ରରୁ ଗାନ୍ଧୀଙ୍କୁ ଜାଣିବାର ଜିଜ୍ଞାସାକୁ ବକ୍ତବ୍ୟରେ ସ୍ମରଣ କରାଇ ଗାନ୍ଧୀବାଦ, ଗାନ୍ଧୀନୀତିକୁ ଜୀବନର ପ୍ରତି କ୍ଷେତ୍ରରେ ବ୍ୟବହାର କରିବାକୁ ମହାମାନବମାନେ ଯେପରି ପ୍ରେରଣାପ୍ରଦ ହୋଇଛନ୍ତି, ବିଭିନ୍ନ ଉଦାହରଣ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ତଥା ଅନୁବାଦକ ଡ. ସଂଗ୍ରାମ ଜେନା ନିଜ ବକ୍ତବ୍ୟରେ ଗାନ୍ଧୀଙ୍କ ଜୀବନର ଅନେକ ଅନାଲୋଚିତ ପ୍ରସଙ୍ଗ କିପରି ଆଜି ବି ଗୁରୁତ୍ୱ ବହନ କରୁଛି, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମାନବ ସମାଜ ଯେତେ ଆଗଉଥିବ, ସେହି ତୁଳନାରେ ଗାନ୍ଧିଜୀଙ୍କ ବିଚାରଧାରା ମଧ ଲୋକଙ୍କ ନିକଟରେ ଦୃଢୀଭୂତ ହେଉଥିବ ବୋଲି ଅତିଥିମାନେ କହିଥିଲେ। ଶେଷରେ ବିଘ୍ନେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାର୍ଡସ୍ତରରେ ହେବ ସ୍ୱଚ୍ଛତା ପ୍ରତିଯୋଗିତା

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସିକୁ 'ବେଷ୍ଟ୍ ସିଟିଜେନ୍ ଫିଡ୍‌ବ୍ୟାକ୍ ଆୱାର୍ଡ' ମିଳିଛି। ୨୦୨୧ରେ ସ୍ୱଚ୍ଛତା ପାଇଁ ବିଏମ୍‌ସି ଜାତୀୟସ୍ତରରେ ୧୪୪ତମ ସ୍ଥାନରେ ଥିବାବେଳେ ଏଥର ୮୦ତମ ର୍‍ୟାଙ୍କ୍‌ରେ ରହିଛି। ତେବେ ଏତିକିରେ ସନ୍ତୁଷ୍ଟ ନ ହୋଇ ଆଗକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା କରିବା ବୋଲି ମେୟର ସୁଲୋଚନା ଦାସ କହିଛନ୍ତି। ରବିବାର ବିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମେୟର ବିଏମ୍‌ସିର ଏହି ସଫଳତା ପାଇଁ ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସି ଜାତୀୟସ୍ତରରେ ଅନ୍ତତଃପକ୍ଷେ ୧୦ ର୍‍ୟାଙ୍କ୍ ମଧ୍ୟରେ ରହିବାକୁ ଚେଷ୍ଟା କରାଯିବ ବୋଲି କହିଥିଲେ। ରାଜଧାନୀବାସୀ ଯେପରି ବିଏମ୍‌ସିକୁ ସହଯୋଗ କରୁଛନ୍ତି ସେହିଭଳି ସହଯୋଗ କରିବା ଆବଶ୍ୟକ। ଯାହାଦ୍ୱାରା ସ୍ୱଚ୍ଛତା କ୍ଷେତ୍ରରେ ପରିବର୍ତ୍ତନ ଆସିବ। ଆଗକୁ ସ୍ୱଚ୍ଛତା ନେଇ ୱାର୍ଡସ୍ତରରେ ହେବ ପ୍ରତିଯୋଗିତା ଏବଂ ଯେଉଁ ୱାର୍ଡ ଶୀର୍ଷରେ ରହିବା ସମ୍ପୃକ୍ତ ୱାର୍ଡକୁ ପୁରସ୍କୃତ କରାଯିବ ବୋଲି କହିଥିଲେ। ଘରୁ ଉଭୟ ଓଦା ଓ ଶୁଖିଲା ବର୍ଜ୍ୟ ଯେପରି ପୃଥକ ହେବ ସେ ନେଇ ମେୟର ଗୁରୁତ୍ୱ ଦେଇଥିଲେ। ରାସ୍ତାରେ ଏଣିକି ଡଷ୍ଟବିନ ରହିବ ନାହିଁ। ତେଣୁ ବାହାରେ ଆବର୍ଜନା ନ ପକାଇ ଆବର୍ଜନା ସଂଗ୍ରହ କରୁଥିବା ଗାଡିରେ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ବିନୟ କୁମାର ଦାସ, ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଟି ଇଞ୍ଜିନିୟର ଅରୁଣ ନାୟକ, ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ଷ୍ଟାଣ୍ଡିଂ କମିଟି (ପରିମଳ ଏବଂ ସ୍ୱାସ୍ଥ୍ୟ) ଚେୟାରମ୍ୟାନ ବିରଞ୍ଚି ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

### ପୁରସ୍କାର ପାଇଁ ରାଜଧାନୀବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ମେୟର



# ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କଲେ କର୍ପୋରେଟର

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓାର୍ଡରେ କାର୍ଯ୍ୟରତ ବିଏମ୍‌ସି ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି କର୍ପୋରେଟର ଜୟନ୍ତୀ ସାହୁ। ରବିବାର ସପ୍ତମ ବାଟାଲିୟନ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ ଦେଇଥିଲେ। ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଛି। ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ରଖିବାରେ ସଫେଇ କର୍ମଚାରୀଙ୍କ ଭୂମିକା ଅତୁଳନୀୟ ବୋଲି ବିଧାୟକ କହିଥିଲେ। ସେହିପରି ଖରା, ବର୍ଷା, ଶୀତ, କାକରକୁ ଖାତିର ନକରି କିମ୍ବା କରୋନା ଭଳି ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କୁ ସେବା ଯୋଗାଇ ଦେଉଥିବା ସଫେଇ କର୍ମଚାରୀ ପ୍ରକୃତରେ ମହାନ ବୋଲି କହିଥିଲେ। ଏହି ଅବସରରେ ୧୫୦ ଜଣ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ନୂତନ ବସ୍ତ୍ର ଓ ମିଠା ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ବିଏମ୍‌ସି ଉତ୍ତର ଜୋନ୍‌ର ଡେପୁଟି କମିଶନର ପୁରନ୍ଦର ନନ୍ଦ ଯୋଗଦେଇ କର୍ପୋରେଟରଙ୍କ ଏଭଳି ନିଆରା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ଆଗାମୀ ଦିନରେ ଏହି ସମ୍ବର୍ଦ୍ଧନା କର୍ମଚାରୀଙ୍କୁ ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନକର ସାହୁ, ଆୟକର ଅଧିକାରୀ ଅଭୟ ଚରଣ ରାଉତ, ଓାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ବିଜେଡି ଜିଲା ସମ୍ପାଦକ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨।୧୦ (ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ଅବସରରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଗୁରୁ ବିଜୟ କୁମାର ଜେନା ଓ ସାଥିଙ୍କ ଦ୍ୱାରା ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ସମ୍ମାନିତ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଗାନ୍ଧୀଙ୍କ ଅହିଂସା ନୀତିକୁ ମାନି ଚଳିଲେ ସମାଜରେ ମଙ୍ଗଳ ହେବା ସହ ବିକାଶ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମସ୍ତେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ ଦେଇଥିଲେ। କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ପଣ୍ଡା, ଆଦ୍ୟାଶା ଦାସ, ଅନିନ୍ଦିତା ଦାସ, ଗୁରୁ ରୂପକ କୁମାର ଦାସ, ଗୁରୁ ହରପ୍ରିୟା ସ୍ୱାଇଁ, ବସୁନ୍ଧରା ପରିଡା, ମାତୃପ୍ରସାଦ ଦାସ ପ୍ରମୁଖ ଗାନ୍ଧିଜୀଙ୍କ ପ୍ରତି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବାଦ୍ୟଯନ୍ତ୍ରରେ ଅଜୟ କୁମାର ଚୌଧୁରୀ, ତାପସ କୁମାର ସାହୁ, ଶିବନାରାୟଣ ମହାନ୍ତି, ରଞ୍ଜନ କୁମାର ସାହୁ, ସୌମ୍ୟ ରଞ୍ଜନ ଯୋଶୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଶିଷ୍ଟ ଉପସ୍ଥାପକ ଡଃ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଦାଦାବଟି ମାଗି ୨ ଗିରଫ

ଭୁବନେଶ୍ୱର,୨।୧୦ (ବ୍ୟୁରୋ)

ଦାଦାବଟି ମାଗିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏୟାରଫିଲ୍ଡ ଥାନା ଅଞ୍ଚଳର ଷ୍ଟାର ଗେଡ଼ା ପିଣ୍ଟୁ ଓରଫ୍ ପ୍ରଦୀପ୍ତ ସାହୁ (୩୦) ଓ କ୍ୟାପିଟାଲ ଥାନା ଅଞ୍ଚଳର ସିଡୁ ଓରଫ୍ ସତ୍ୟଜିତ୍ ବିଶ୍ୱାଳ(୨୮)। ସେମାନଙ୍କ ନିକଟରୁ ପୋଲିସ ୫୦୦ ଟଙ୍କା ଓ ୨ଟି ମୋବାଇଲ୍ ଫୋନ ଜବତ କରିଛି। ଅଭିଯୁକ୍ତ ପିଣ୍ଟୁ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୭ଟି ଅପରାଧିକ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଅଭିଯୁକ୍ତ ଦ୍ୱୟ କାର୍ଗିଲ ବସ୍ତି ରୋଡ୍‌ରେ ଥିବା କେତେକ ଦୋକାନରୁ ବଟି ଆଦାୟ କରୁଥିବା ଅଭିଯୋଗ ହୋଇଥିଲା।




ଟ୍ରି ଫର୍ ଭୁବନେଶ୍ୱର ଅନୁଷ୍ଠାନ ପକ୍ଷରୁ ରବିବାର ଅଶୋକନଗର ଦୁର୍ଗାପୂଜା ମଣ୍ଡପ ସମ୍ମୁଖରେ ପ୍ଲାଷ୍ଟିକ ବର୍ଜନ ଓ ବୃକ୍ଷ ରୋପଣ ପାଇଁ ଲୋକଙ୍କୁ ନିଆରା ଢଙ୍ଗରେ ସଚେତନ କରାଯାଉଛି।

# ପାହାଳ ଥାନାରେ ଆମ୍ବୁଲାନ୍ସ ସେବା ଆରମ୍ଭ



ବାଲିଅନ୍ତା,୨।୧୦(ଡି.ଏନ୍.ଏ.)

ଭୁବନେଶ୍ୱର-କଟକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ପାହାଳ ଥାନାରେ ରବିବାରଠାରୁ ୧୦୮ ଆମ୍ବୁଲାନ୍ସ ସେବାର ଆରମ୍ଭ କରାଯାଇଛି। ଏଥିପାଇଁ ଥାନାକୁ ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଥାନା ଅଧିକାରୀ ସୁଚିତ୍ରା ପରିଡା ଏହାକୁ ଉଦ୍‌ଘାଟନ କରିଥିଲେ। ଆମ୍ବୁଲାନ୍ସରେ ଏକ ମିନି ଆଇସିୟୁ ଓ ଆଶୁ ଚିକିତ୍ସାର ବ୍ୟବସ୍ଥା ରହିଛି। ସେଥିରେ ଜଣେ ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟ ରହିବେ। ଜାତୀୟ ରାଜପଥରେ ପ୍ରତିଦିନ ଦୁର୍ଘଟଣା ଘଟି ବହୁ ଜୀବନ ହାନି ହେଉଥିବାର ନଜିର ରହିଛି। ଦୁର୍ଘଟଣାର ଶିକାର ବ୍ୟକ୍ତିଙ୍କୁ ପାଖ ହସ୍ପିଟାଲରେ ତୁରନ୍ତ ପହଞ୍ଚାଇବାକୁ ବିଶେଷ ସହାୟକ ହେବ। ଫଳରେ ଆହତ ବ୍ୟକ୍ତିଙ୍କ ଜୀବନ ବଞ୍ଚିପାରିବ ବୋଲି ଥାନା ଅଧିକାରୀ ପରିଡା କହିଛନ୍ତି।

**ବିଧାୟକ ମହମ୍ମଦ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ**

# ନିମ୍ନ ଅଦାଲତଙ୍କ ରାୟ ଖାରଜ ପାଇଁ ଆବେଦନ

କଟକ ଅଫିସ,୨।୧୦

ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ରାୟକୁ ଖାରଜ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲ୍ଡର୍ସକୁ ଅନୁଚିତ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା କରିଛନ୍ତି। ଏହାଦ୍ୱାରା ମୋକିମଙ୍କ ବିଧାୟକ ସଦସ୍ୟ ପଦ ଚାଲିଯିବାର ଆଶଙ୍କା ରହିଛି। ଅପରପକ୍ଷରେ ନିମ୍ନ ଅଦାଲତରେ ଉପଯୁକ୍ତ ତଥ୍ୟ ପ୍ରମାଣକୁ ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଉକ୍ତ ଦଣ୍ଡାଦେଶକୁ ଖାରଜ କରିବା ପାଇଁ ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ମୋକିମଙ୍କ ପକ୍ଷରୁ ଆଇନ୍‌ଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ବିଧାୟକ ମୋକିମ, ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତି ରଞ୍ଜନ ମହାପାତ୍ର ଓ ମେଟ୍ରୋ ବିଲ୍ଡର୍ସର ନିର୍ଦ୍ଦେଶକ ପୀୟୁଷ ମହାନ୍ତିଙ୍କୁ ୩ ବର୍ଷ ଲେଖାଏ ଜେଲ୍ ଦଣ୍ଡାଦେଶ ହୋଇଛି। ଏଥିସହ ଉପରୋକ୍ତ ୪ଜଣଙ୍କୁ ୫୦ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ' ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବାବେଳେ ମେଟ୍ରୋ ବିଲ୍ଡର୍ସକୁ ଅହେତୁକ ଅନୁକମ୍ପା ଦେଖାଇ ଋଣ ପ୍ରଦାନ କରିଥିଲେ।



ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ ନମ୍ବର ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଏହି ଋଣ ଆବେଦନ ହୋଇଥିଲା। ମେଟ୍ରୋ ବିଲ୍ଡର୍ସ ପକ୍ଷରୁ ଜାଲ୍ ଦସ୍ତାବିଜ୍ ଦିଆଯାଇଥିଲା। ଏଥିସହ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର ଦାଖଲ ହୋଇଥିବା କାଗଜାତଗୁଡ଼ିକ ଠିକ୍ ଭାବେ ଯାଞ୍ଚ କରି ନ ଥିଲେ। ଅନ୍ୟପକ୍ଷରେ ବିନୋଦଙ୍କ ଋଣ ଦେବାର କ୍ଷମତା ନ ଥିଲେ ବି ସେ ଏହାକୁ ବେଖାତିର କରିଥିଲେ। ଏପରି କି ସେ ଲୋନ୍ କମିଟିଠାରୁ ମଧ ଅନୁମତି ନ ଆଣିବା ସହ ଋଣ ଦେବା ପୂର୍ବରୁ କୌଣସି ସର୍ତ୍ତାବଳୀକୁ ଅନୁସରଣ କରି ନ ଥିଲେ। ମେଟ୍ରୋ ବିଲଡର୍ସକୁ ୩ଟି କିସ୍ତିରେ ୧ କୋଟି ୫୦ ଲକ୍ଷ ଟଙ୍କା ଲୋନ୍ ଦିଆଯାଇଥିଲା। ଏହା ଜଣାଯିବା ପରେ ରାଜ୍ୟ ସରକାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ନେଇ ଏକ ମାମଲା(ନଂ.୭/୨୦୦୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ମେଟ୍ରୋ ବିଲ୍ଡର୍ସ ଉପରେ ସୁଧ ସହ ମୂଳର ପରିମାଣ ୬ କୋଟି ୨୨ ଲକ୍ଷ ୨୫ ହଜାର ୨୧୪ ଟଙ୍କା ବକେୟା ହୋଇଯାଇଥିଲା। ଯାହାଦ୍ୱାରା ରାଜ୍ୟ ସରକାରଙ୍କୁ ବହୁ ଭାବେ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।


**ମନେ ପଡ଼ନ୍ତି**

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କମଳା କୁମାରୀ ନନ୍ଦ**

ସ୍ୱା: ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮ (ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭ (ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
**ପରିବାରବର୍ଗ ।**
ଧ-୧୬୯୮


## ପ୍ରଥମ ପୃଷ୍ଠାରୁ...

### ୪.୬ କେଜି...

ବଜାର ମୂଲ୍ୟ ପ୍ରାୟ ୩ କୋଟି ୧୦ ଲକ୍ଷ ହେବ ବୋଲି ବ୍ରହ୍ମପୁର ଏସ୍‌ପି ସର୍ବଣ ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ତଦନ୍ତରେ ବାଧା ଉପୁଜିବା ନେଇ ଅଟକ ଥିବା ୪ଜଣଙ୍କ ପରିଚୟ ଦେବାକୁ ପୋଲିସ ମନା କରିଛି। ଏହି ସୁନା ଅଳଙ୍କାର ଓ ରୁପା ବେଆଇନ ଭାବେ ତାମିଲନାଡୁରୁ ବ୍ରହ୍ମପୁର ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ସୁନା, ରୁପା ଆଣିଥିବା ବ୍ୟକ୍ତି ପୋଲିସକୁ କୌଣସି କାଗଜାତ ଦେଖାଇ ପାରିନଥିଲେ। ଏଣୁ ପୋଲିସ ଜବତ କରିଥିବା ସୁନା ଓ ରୁପା ବିଷୟରେ ଆୟକର ଓ ବାଣିଜ୍ୟକର ବିଭାଗକୁ ସୂଚନା ଦେଇଛି। ଉକ୍ତ ସୁନା ଗହଣାଗୁଡ଼ିକ କେଉଁଠୁ ଆସିଥିଲା ଓ ସେଗୁଡ଼ିକ କେଉଁଠାକୁ ବିକ୍ରି ପାଇଁ ଯାଉଥିଲା ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ। ଏପରି କି ଉକ୍ତ ସୁନା ଓ ରୁପାର ଜିଏସ୍‌ଟି ଭରଣା ହେଉଛି କି ନାହିଁ, ସେନେଇ ମଧ ଆୟକର ଓ ବାଣିଜ୍ୟକର ବିଭାଗ ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଦିନକୁ ଦିନ ବେଆଇନ ଭାବେ ସୁନା ରୁପା ଅଳଙ୍କାର ଚାଲାଣ ହେଉଛି। ବିଶେଷକରି ବାହାର ରାଜ୍ୟରୁ ଓଡ଼ିଶାକୁ ଏବଂ ଏଠାରୁ ମଧ ଅନ୍ୟ ରାଜ୍ୟକୁ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଚାଲାଣ ହେଉଛି। ଏପରି କି ଅନେକ ସମୟରେ ଚାଲାଣ ହେଉଥିବା ନିଶା ସାମଗ୍ରୀ ଓ ଟଙ୍କାକୁ ମଧ ପୋଲିସ ସହ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରୁଛି। ସେପ୍ଟେମ୍ବର ୧୪ରେ ଅବକାରୀ ଗୋଇନ୍ଦା ବିଭାଗ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଗଞ୍ଜେଇ ଧରପଗଡ଼ କରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ସେଥିରେ ବସିଥିବା ଜଣେ ବଙ୍ଗୀୟ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା। ତାଙ୍କ ନିକଟରୁ ଏକ ବ୍ୟାଗ୍‌ରେ ଥିବା ୩୩ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ଉକ୍ତ ଟଙ୍କାକୁ ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ଘଟଣାର ତଦନ୍ତ ପରେ ଏହାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ସେହିପରି ଅଗଷ୍ଟ ୯ରେ ଅବକାରୀ ଗୋଇନ୍ଦା ବିଭାଗ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଦେଇ ଏକ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ବସ୍ ଭିତରେ ଜଣେ ଯୁବକଙ୍କୁ ଧରିବା ସହ ତାଙ୍କ ନିକଟରୁ ୧ କୋଟି ୨୧ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଜବତ କରିଥିଲା। ଅବକାରୀ ବିଭାଗ ଉକ୍ତ ଟଙ୍କା ଓ ସମ୍ପୃକ୍ତ ଯୁବକଙ୍କୁ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚରା ବେଳେ ସେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ସୁନା ବିକ୍ରି କରି ଉକ୍ତ ଟଙ୍କା ଆଣିଥିବା ପୋଲିସକୁ କହିଥିଲେ। ପୋଲିସ ତାଙ୍କ ବୟାନକୁ ଆଧାର କରି ବ୍ରହ୍ମପୁରର ସମ୍ପୃକ୍ତ ବ୍ୟବସାୟୀଙ୍କ ସୁନା ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ୨୩ଟି ସୁନା ବିସ୍କୁଟ ଜବତ କରିଥିଲା। ପୋଲିସ ଉକ୍ତ ସୁନା ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ଜେରା ବେଳେ ସମ୍ପୃକ୍ତ ଯୁବକ ଜଣକ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡ଼ିଥିଲା। ଏଥିପୂର୍ବରୁ ଗତ ବର୍ଷ ଗୋଷାଣୀନୂଆଗାଁ ଥାନା ପୋଲିସ ଅନ୍ଧପସରା ରୋଡ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ସୁନାଗହଣା ଓ ରୁପା ଜବତ କରିଥିଲା। ବେଆଇନ ଭାବେ ଟିକସ ଫାଙ୍କି ବ୍ରହ୍ମପୁରରେ ସୁନାଗହଣା ବିକ୍ରି ହେଉଥିବା ଜଣାପଡ଼ିଥିଲା। ସେହିପରି ଗତ ମାସ ୨୨ତାରିଖରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଗଞ୍ଜେଇ ଧରିବାକୁ ଯାଇ ୧ କୁଇଣ୍ଟାଲ ରୁପା ଇଟା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ପୋଲିସ କାର୍‌ର ସିକ୍ରେଟ୍ ଚାମ୍ବରରୁ ଜବତ କରିଥିଲା। କାର୍ ଚାଳକଙ୍କ ସୂଚନା ଅନୁସାରେ, ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ନିଆଯାଉଥିଲା।

### ୪ ଓଡ଼ିଆ...

ଏସ୍‌ଆଇ ବଳରାମ ସାହୁ, ମେଡିକାଲ ଟିମ୍‌ରେ ଫାର୍ମାସିଷ୍ଟ ଗୋପାଳକୃଷ୍ଣ ରାଉତ, ସ୍ୱାସ୍ଥ୍ୟକର୍ମୀ ସୁଶୀଲ ପ୍ରଧାନ ପ୍ରମୁଖ ଅଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱାଇଁ କୁହନ୍ତି, ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାକୁ ଏକ ଟିମ୍ ପଠାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଅଣାଯିବା ବ୍ୟବସ୍ଥା କରାଯାଉଛି। ସେହିପରି ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୃକ୍ତ ଜିଲାର ତୀର୍ଥଯାତ୍ରୀଙ୍କୁ ଅଣାଯାଉଛି। ଯାତ୍ରୀଙ୍କ ଚିକିତ୍ସାଲାଗି ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଝାଡ଼ଖଣ୍ଡ ସରକାର ୪ ମୃତଦେହକୁ ସ୍ୱର୍ଗରଥରେ ପଠାଇବା ବ୍ୟବସ୍ଥା କରିଥିବା ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତି କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ବସ୍‌ଟି ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେଶନ ହୋଇଥିବାବେଳେ ଏହାକୁ ବାଲେଶ୍ୱର ଜିଲାର ଜନୈକ ବ୍ୟକ୍ତିଙ୍କୁ ବିକ୍ରି ହୋଇଥିବା ଜଣାପଡ଼ିଛି।

### କାରକୁ ଧକ୍କା...

ଯାଉଥିବା ଟ୍ରେନ ଇଞ୍ଜିନ କାରକୁ ଧକ୍କା ଦେଇଥିଲା। ତେବେ କାରରେ ବସିଥିବା ଚିନ୍ମୟ ମହାନ୍ତି, ଅଜୟ ରାଉତ, ପ୍ରଭାତ ରଞ୍ଜନ ଚୌଧୁରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ନାଲକୋ ମେଡିକାଲରେ ସେମାନଙ୍କ ଚିକିତ୍ସା କରାଯାଇଛି।

### ୧୦୦ ବର୍ଷ...

ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି। ୧୯୮୫ରେ ରବର୍ଟ ବାଲାର୍ଡ ଟାଇଟେନିକ ବୁଡ଼ାଜାହାଜର ଭଗ୍ନାବଶେଷ ସମୁଦ୍ରରୁ ଠାବ କରିଥିବାବେଳେ ଏଥିରୁ ଅନୁପ୍ରାଣିତ ହୋଇ ଡାଇଭର ଏରିକ୍ ପେଟକୋଭିକ୍ ସମୁଦ୍ରରେ ବୁଡ଼ିଯାଇଥିବା ଜାହାଜଗୁଡ଼ିକର ସନ୍ଧାନ କରିବା ପାଇଁ ବହାରି ପଡ଼ିଥିଲେ। ବର୍ତ୍ତମାନ ଏ କାମରେ ପୋଟକୋଭିକ୍ ପାରଦର୍ଶିତା ହାସଲ କରିଥିବା କୁହାଯାଉଛି। ଏ ସମ୍ବନ୍ଧରେ ସେ ଏକାଧିକ ପୁସ୍ତକ ମଧ ଲେଖିଥିବା କୁହାଯାଉଛି। ପେକୋଭିକ୍ ଏବଂ ତାଙ୍କ ସହଯୋଗୀ ରଷ୍ଟି କାସ୍‌ୱେ ୪୫ ଫୁଟ ଆର୍/ଭି ଏକ୍ସପ୍ଲୋରର ଡାଇଭିଙ୍ଗ୍ ଭେସେଲ୍‌କୁ ଜାହାଜ ଭଗ୍ନାବଶେଷ ଚିହ୍ନଟ ପାଇଁ ବ୍ୟବହାର କରାଯାଇଥିବା କୁହାଯାଉଛି।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ନୌସେନାରେ ୩୨୯ଟି ବୁଡ଼ାଜାହାଜ ସାମିଲ ହୋଇଥିଲା, ଯାହା ମଧରୁ ଗୋଟିଏ ଥିଲା ୟୁ-୧୧୧ ଜାହାଜ। ୧୯୧୮ରେ କିଏଲ ସ୍କୁଲରେ ପ୍ରଶିକ୍ଷଣ ନେବା ପରେ ଏହାକୁ ଫୋର୍ଥ ଫ୍ଲୋଟିଲା ନୌସେନାର ସ୍ୱତନ୍ତ୍ର ଦଳ)ରେ ସାମିଲ କରାଯାଇଥିଲା। ଜର୍ମାନୀ ଜାହାଜ ନିର୍ମାଣକାରୀ କମ୍ପାନୀ ଜର୍ମାନିଆୱେରଫ୍ ଏହାକୁ ତିଆରି କରିଥିଲା। ଏଥିରେ ମୋଟ ୨୮୦ଟି ୟାର୍ଡ ରହିଥିଲା। ଏହାର ଲମ୍ବ ୨୩୪ ଫୁଟ ୯ ଇଞ୍ଚ ଥିବାବେଳେ ଉଚ୍ଚତା ୨୭ ଫୁଟ ୧ ଇଞ୍ଚ ଥିଲା। ଗୋଟିଏ ଘଣ୍ଟାରେ ୟୁ-୧୧୧ ବୋଟ୍ ୩୦.୪ କି.ମି. ଅତିକ୍ରମ କରିବାର କ୍ଷମତା ରଖିଥିଲା।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223



କଟକ ଚୌଧୁରୀ ବଜାର ପୂଜା ମଣ୍ଡପରେ ଚାନ୍ଦିମେଢ଼ ସହ ସୁନା ଅଳଙ୍କାରରେ ପୂଜା ପାଉଥିବା ମା' ଦୁର୍ଗା



ଭୁବନେଶ୍ୱର ବମିଖାଲ



ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣା



ଭୁବନେଶ୍ୱର ନୟାପଲ୍ଲୀ



କଟକ ବକ୍ସିବଜାର ସର୍ପ ଦୁର୍ଗାପୂଜା ମଣ୍ଡପରେ ଚାନ୍ଦିମେଢ଼



କଟକ କାଜିବଜାର ପୂଜା ମଣ୍ଡପରେ ଚାନ୍ଦିମେଢ଼



କଟକ ଦରଘାବଜାର ପୂଜା ମଣ୍ଡପରେ ଚାନ୍ଦିମେଢ଼



କଟକ ଚାନ୍ଦିନୀଚୌକ ପୂଜା ମଣ୍ଡପରେ ଚାନ୍ଦିମେଢ଼



କଟକ ଶେଖ ବଜାର ପୂଜା ମଣ୍ଡପରେ ଚାନ୍ଦିମେଢ଼ ସହ ସୁନାମୁକୁଟ



କୋଣାର୍କସ୍ଥିତ ଶ୍ରୀ ଶ୍ରୀ ନରସିଂହ ଦେବ ଦୁର୍ଗାପୂଜା କମିଟି



ଭୁବନେଶ୍ୱର ରସୁଲଗଡ଼



ଭୁବନେଶ୍ୱର ବରମୁଣ୍ଡା



ଭୁବନେଶ୍ୱର ଶହୀଦନଗର ପୂଜା ମଣ୍ଡପରେ ସୁନାମୁକୁଟ
ସହ ଚାନ୍ଦିମେଢ଼ରେ ଝଲସୁଛନ୍ତି ମା'



## ସଂକ୍ରମଣରୁ ରକ୍ଷା କରେ ଅଙ୍ଗୁର

**ଅ**ଙ୍ଗୁରରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଭାଇରାଲ ସଂକ୍ରମଣରୁ କେତେକାଂଶରେ ରକ୍ଷା କରିଥାଏ। ଭିଟାମିନ୍‌-ସି'ର ଅନ୍ୟତମ ଉତ୍ସ ହେଲା ଅଙ୍ଗୁର। ଏହାକୁ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାର ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏଥିରେ ପୋଟାସିୟମ୍‌ ମାତ୍ରା ଅଧିକ ରହିଛି। ତେଣୁ ଏହା ଶରୀରରେ ବ୍ଲଡ଼ ପ୍ରେସର୍‌ର ପରିମାଣକୁ ସନ୍ତୁଳିତ ରଖେ। ଏଥିରେ ଥିବା ଫାଇବର୍‌ ତତ୍ତ୍ୱ ମଧ୍ୟ ରହିଛି ଯାହା କୋଲେଷ୍ଟରଲ୍‌ର ମାତ୍ରାକୁ ବୃଦ୍ଧି ହେବାକୁ ଦେଇ ନ ଥାଏ। ଅଙ୍ଗୁରରେ ଭିଟାମିନ୍‌ 'କେ', କ୍ୟାଲସିୟମ୍‌, ପୋଟାସିୟମ୍‌ ଓ ମ୍ୟାଗ୍ନେସିୟମ୍‌ ତତ୍ତ୍ୱ ଥିବାରୁ ଏହା ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। କେତେକ ଲୋକଙ୍କୁ ରାତିରେ ଠିକ୍‌ ଭାବେ ନିଦ ହୋଇ ନଥାଏ। ସେଥିପାଇଁ ପ୍ରତିଦିନ କିଛି କିଛି ଅଙ୍ଗୁର ଖାଇପାରନ୍ତି।

## ଆଲଜିମର୍ସ

**ସା**ଧାରଣତଃ ବୟସ ବଢ଼ିଲେ ଆଲଜିମର୍ସର ଆଶଙ୍କା ଅଧିକ ଥାଏ। ଏହା ଏକ ସ୍ମରଣ ଶକ୍ତିଜନିତ ରୋଗ। ଏହି ରୋଗ ଦ୍ୱାରା ଜଣେ ଆକ୍ରାନ୍ତ ହେଲେ ସଂପୃକ୍ତ ବ୍ୟକ୍ତିଙ୍କର ମସ୍ତିଷ୍କ ଦୁର୍ବଳ ହୋଇଯାଏ। ଏହାର ପ୍ରଭାବରେ ମଧ୍ୟ ସ୍ନାୟୁକୋଷର ବିକାଶ ବାଧାପ୍ରାପ୍ତ ହୋଇଥାଏ। ଏପରି ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ, ସ୍ମରଣ ଶକ୍ତି ହ୍ରାସ ପାଏ। ସେହି ବ୍ୟକ୍ତି କୌଣସି କଥାକୁ ମନେ ରଖିପାରନ୍ତି ନାହିଁ କିମ୍ବା ପୂର୍ବ କଥାକୁ ସ୍ମରଣ କରିପାରନ୍ତି ନାହିଁ। ଜଣେ ବ୍ୟକ୍ତିର କଥାବାର୍ତ୍ତା ଏବଂ ଆଚାର ବ୍ୟବହାରରୁ ଏହି ରୋଗର ପ୍ରାଥମିକ ଲକ୍ଷଣ ଜଣାପଡିଥାଏ। ଉକ୍ତ ରୋଗ ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ନିଜ ଘର ଠିକଣା, ପରିବାର ସଦସ୍ୟ ଏପରି କି ନିକଟ ପରିଜନଙ୍କ ନାମ ଧରିବାକୁ ଅସମର୍ଥ ହୋଇଥାଏ। ତାଙ୍କୁ ଦେଖିଲେ ଯେମିତି ଜଣାପଡେ ଯେ ସେ ଅବସାଦଗ୍ରସ୍ତ ଅଛନ୍ତି। ତେଣୁ ଏଭଳି ଲକ୍ଷଣ ବିଷୟରେ ଜାଣିଲେ ବିଳମ୍ବ ନ କରି ତାଙ୍କୁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ କରାଇବା ଉଚିତ।



# ନୀରୋଗ ଶରୀର ଅନ୍ତରାଳେ...



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବିଭିନ୍ନ ରୋଗ ନିରୂପଣ ନିମନ୍ତେ 'ତ୍ରିଦୋଷଜ' ନାମରେ ଜଣା-ବାତ, ପିତ, କଫ, ଆଧାର କରି ଏବଂ ରୋଗୀ ନାଡ଼ିର ଗତିବିଧିକୁ ଅନୁଧାନ କରି ରୋଗର ନିଦାନ କରି ଚିକିତ୍ସା କରାଯାଇଥାଏ। ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ବିଭିନ୍ନ ରୋଗର ଉପଶମ ଓ ପ୍ରତିରୋଧ ନିମନ୍ତେ ବିଭିନ୍ନ ଔଷଧୀୟ ବୃକ୍ଷଲତା ମଧ୍ୟରୁ ଗନ୍ଧପସାରୁଣୀ, ବେଲ ଓ ତୁଳସୀ ଗଛର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।"



**ସା**ରା ବିଶ୍ୱରେ ନିଜ ନିଜର ପାରମ୍ପରିକ ଚିକିତ୍ସା ବିଜ୍ଞାନ ରହିଥିବା ବେଳେ ଆମ ଭାରତବର୍ଷରେ ଆୟୁର୍ବେଦୀ ଚିକିତ୍ସା ବିଜ୍ଞାନ ବହୁ ପୁରାତନ। ଏପରି ଚିକିତ୍ସା ପ୍ରଣାଳୀକୁ ସର୍ବଶ୍ରେଷ୍ଠ ସ୍ୱାସ୍ଥ୍ୟରକ୍ଷା ବିଜ୍ଞାନ ଭାବେ ପ୍ରାଧାନ୍ୟ ଦିଆଯାଉଅଛି। ଯୁଗ ଯେତେ ଆଧୁନିକ ହେଲେ ସୁଦ୍ଧା ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବର୍ଣ୍ଣିତ ବିଭିନ୍ନ ଆୟୁର୍ବେଦ ଔଷଧୀୟ ବୃକ୍ଷର ପତ୍ର, ଫୁଲ, କାଣ୍ଡ, ଓ ଚେରମୂଳିକୁ ଔଷଧ ରୂପେ ବ୍ୟବହାର ଧାରା ଏବେ ମଧ୍ୟ ଜାରି ରହିଛି। ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ। ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବିଭିନ୍ନ ରୋଗ ନିରୂପଣ ନିମନ୍ତେ 'ତ୍ରିଦୋଷଜ' ନାମରେ ଜଣା-ବାତ, ପିତ, କଫ ଆଧାର କରି ଏବଂ ରୋଗୀ ନାଡିର ଗତିବିଧିକୁ ଅନୁଧାନ କରି ରୋଗକୁ ନିରୂପଣ କରି ତାହାର ଉପଯୁକ୍ତ ଚିକିତ୍ସା କରାଯାଇଥାଏ। ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ବିଭିନ୍ନ ରୋଗର ଉପଶମ ଓ ପ୍ରତିରୋଧ ନିମନ୍ତେ ବିଭିନ୍ନ ଔଷଧୀୟ ବୃକ୍ଷଲତା ମଧ୍ୟରୁ ଗନ୍ଧପସାରୁଣୀ, ବେଲ ଓ ତୁଳସୀ ଗଛର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

**ଗନ୍ଧପସାରୁଣୀ :** ଏହି ଲତା ଭାରତର ସମସ୍ତ ଜାଗାରେ ଦେଖାଯାଇଥାଏ। ସ୍ୱାସ୍ଥ୍ୟ ନିମନ୍ତେ ଏହାର ମୁଖ୍ୟତଃ ପତ୍ର ବ୍ୟବହାର କରାଯାଏ। ତା' ସହ ଏହାର କାଣ୍ଡ ଓ ଚେରକୁ ମଧ୍ୟ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଗନ୍ଧପସାରୁଣୀରେ ବିଭିନ୍ନ ରାସାୟନିକ ପଦାର୍ଥ ସହ ଭିଟାମିନ 'ସି' ଭରି ରହିଛି। ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍‌ ଉପଯୋଗୀ ଏବଂ ଏହାକୁ ବ୍ୟବହାର କରିବା ଦ୍ୱାରା ବହୁ ରୋଗରୁ ଉପଶମ ମିଳିଥାଏ। ଶରୀର ବେଦନାନାଶକ, ଆଣ୍ଟିଅକ୍ସିଡେଣ୍ଟ, ରୁମାଟିଜମ, ପାରାଲିସିସ ତଥା ବିଭିନ୍ନ ପ୍ରକାର ବଥ, ବାତ, ଅତିରିକ୍ତ ତରଳ ଝାଡ଼ା, ଆମାଶୟ ଝାଡ଼ା, ବନ୍ଧ୍ୟାତ୍ୱ ଦୂରୀକରଣ, ଅନ୍ତ୍ରଶୂଳ ବେଦନା, ପେଟରେ ବାୟୁ ବୃଦ୍ଧି ଆଦି ସମସ୍ୟା ପାଇଁ ଗନ୍ଧପସାରୁଣୀ ଅମୃତ ତୁଲ୍ୟ କାମ କରିଥାଏ। ଏହାର ପତ୍ର, କିଛି ପରିମାଣର ଅଦା, ରସୁଣ ଓ ଗୋଲମରିଚକୁ ଶିଳରେ ବାଟି ତାକୁ ସିଝାଇ ଉଷୁମ ଥିବା ଅବସ୍ଥାରେ ସେବନ କଲେ ବିଭିନ୍ନ ଥଣ୍ଡାଜନିତ ରୋଗରୁ ଶୀଘ୍ର ଉପଶମ ମିଳିଥାଏ।

**ବେଲପତ୍ର:** ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ବେଲ ବୃକ୍ଷର ଫଳ, ପତ୍ର ଓ ଚେର ବିଭିନ୍ନ ଔଷଧ ରୂପେ ବ୍ୟବହାର କରାଯାଏ। ଅନ୍ୟପକ୍ଷରେ ଏହାର କାଣ୍ଡ ଓ ପତ୍ରକୁ ବିଭିନ୍ନ ଦେବ କାର୍ଯ୍ୟରେ ଉପଯୋଗ କରାଯାଇଥାଏ। ବେଲ ସାଧାରଣତଃ ଆଜ୍‌ମା, ଡାଇରିଆ



ଓ ରକ୍ତରେ ଶର୍କରା ପରିମାଣ ହ୍ରାସ କରିଥାଏ। ବେଲପତ୍ର ଭଗବାନ ଶିବଙ୍କୁ ସମର୍ପଣ କରାଯାଇଥାଏ, ଯଦ୍ୱାର ମାନସିକ ସ୍ତରରେ ଆଧ୍ୟାତ୍ମିକ ଭାବନା ଜାଗ୍ରତ ହୋଇଥାଏ। କେବଳ ସେତିକି ନୁହେଁ ବେଲପତ୍ର ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ବିଭିନ୍ନ ଦୁରାରୋଗ୍ୟ ଦୂରହେବା ବିଷୟରେ ଶାସ୍ତ୍ରରେ ଉଲ୍ଲେଖ ରହିଛି। ଆଧୁନିକ ସ୍ୱାସ୍ଥ୍ୟ ବିଜ୍ଞାନ ମତରେ ବେଲପତ୍ରରେ ଭିଟାମିନ -ଏ, ବି-୧, ବି-୨ ଏବଂ ସି ସମେତ କ୍ୟାଲସିୟମ, ପୋଟାସିୟମ, ଆଇରନ ଆଦି ଖଣିଜ ପଦାର୍ଥ ଭରପୂର ରହିଛି, ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକାରକ। ବେଲପତ୍ର ଖାଇବା ଦ୍ୱାରା ରାଜଯକ୍ଷ୍ମା, ଯକୃତ୍‌ ଜନିତ ରୋଗ, ଅନ୍ତ୍ରାଶୟର ସଂକ୍ରମଣରୁ ଉପଶମ ମିଳିଥାଏ। ତା'ସହ ପାଚନ କ୍ରିୟା ଆହୁରି ସକ୍ରିୟ ହୋଇଥାଏ। ବେଲ ଫଳକୁ ଖାଇବା ଦ୍ୱାରା ଶରୀରରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫୋଙ୍ଗାଲ, ଆମାଶୟ ଜନିତ ସମସ୍ୟାକୁ ଦୂର କରିଥାଏ। ବେଲରେ ଟେନିନ ନାମକ ଏକ ତତ୍ତ୍ୱ ରହିଛି, ଯାହାକି ଶରୀରରେ ଡାଇରିଆ, ହଇଜା ଆଦି ସଂକ୍ରମଣକୁ ପ୍ରତିରୋଧ କରିଥାଏ। ବେଲପତ୍ର ଓ ଏହାର ଫଳ ଶରୀର ପାଇଁ ଥଣ୍ଡାଜନିତ ଓ ପେଟଜନିତ ରୋଗରୁ ଆଶୁ ଉପକାର ଦେଇଥାଏ। ଏହାବ୍ୟତୀତ ଶରୀରର ପାଚନ ଗ୍ରନ୍ଥିରେ ଶର୍କରାର ମାତ୍ରାକୁ ସନ୍ତୁଳିତ କରିବାରେ ସହାୟକ ହୋଇଥାଏ। ବେଲପତ୍ରରୁ ପ୍ରସ୍ତୁତ ତୈଳ ଦ୍ୱାରା ବିଭିନ୍ନ ଚର୍ମ ରୋଗରୁ ଅନେକାଂଶରେ ଉପଶମ ମିଳିଥାଏ। ବେଲଫଳ ରସ ସେବନ ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ। ଅନ୍ୟପକ୍ଷରେ ଏହି ରସ ପିଇବା ଦ୍ୱାରା ବିଭିନ୍ନ ଜୈବପଦାର୍ଥରୁ ନିଃସୃତ ବିଷକ୍ରିୟା ଜନିତ ଚର୍ମରୋଗ ଦୂର ହୋଇଥାଏ। ବେଲଫଳ ରସ ସହ କିଛି ପରିମାଣର ଅଦା ଏବଂ ଗୁଡ଼ ମିଶାଇ ସେବନ କରିବା ଦ୍ୱାରା ମା' କ୍ଷୀର ଅଭାବ ଜନିତ ସମସ୍ୟା ଦୂର ହୋଇଥାଏ।

**ତୁଳସୀ:** ଭାରତରେ ବିଭିନ୍ନ ପ୍ରକାର ତୁଳସୀ ବୃକ୍ଷ ଦେଖା ଦେଇଥାଏ। ତୁଳସୀର ପ୍ରକାର ଭେଦ ମଧ୍ୟରେ କୃଷ୍ଣ ତୁଳସୀ, ରାମ ତୁଳସୀ, ବଣ ତୁଳସୀ, କର୍ପୂର ତୁଳସୀ, ମରୁଆ ତୁଳସୀ ଆଦି ଅନ୍ୟତମ। ଏହାକୁ ସ୍ୱାସ୍ଥ୍ୟ ନିମନ୍ତେ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଦେବ କାର୍ଯ୍ୟ ତଥା ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟରେ ମଧ୍ୟ ତୁଳସୀର ଆବଶ୍ୟକତା ପଡିଥାଏ। ଭଗବାନ ବିଷ୍ଣୁ , ଶିବଙ୍କୁ ତୁଳସୀ ପତ୍ର, ତୁଳସୀ ଜଟା ଆଦି ସମର୍ପଣ କରିବା ଦ୍ୱାରା ମାନସିକ ସ୍ତରରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଥାଏ। ତୁଳସୀ ପତ୍ର ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ବିଭିନ୍ନ ଦୁଃସାଧ୍ୟ ରୋଗରୁ ଉପଶମ ମିଳିବାର ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। ତୁଳସୀ ପତ୍ର ସେବନ ଦ୍ୱାରା ଶରୀରର ବୃଦ୍ଧିକାରୀ ଓ ଶକ୍ତିଦାୟକ ସମସ୍ତ ରସାୟନିକ ପ୍ରକ୍ରିୟା ସନ୍ତୁଳିତ ରହିଥାଏ। ଏହା ରକ୍ତରେ ଶର୍କରା ପରିମାଣକୁ ସ୍ୱାଭାବିକ ରଖିବା, ରକ୍ତ ଚାପ, ଶାରୀରିକ ଅବସାଦ ହ୍ରାସ କରିବା, ସ୍ମରଣ ଶକ୍ତି ଏବଂ ବୌଦ୍ଧିକ ଶକ୍ତିକୁ କ୍ରିୟାଶୀଳ କରିବା ସହ ଉତ୍କଣ୍ଠା ଓ ଅବସାଦକୁ ପ୍ରଶମିତ କରାଇଥାଏ। ପ୍ରତିଦିନ ତୁଳସୀ ମିଶ୍ରିତ ଜଳ ସେବନ ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଜୀବାଣୁ, ଭୂତାଣୁ, ବୀଜାଣୁ ଜନିତ ରୋଗରୁ ଉପଶମ ମିଳେ। ତା' ସହ ଶରୀରରେ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତୁଳସୀ ପତ୍ରରସ, କିଛି ମାତ୍ରାରେ ଅଦାରସ, ଗୋଲମରିଚ ଗୁଣ୍ଡ ,ମହୁକୁ ମିଶ୍ରଣ କରି ଲେହ ସଦୃଶ ସେବନ କରିବା ଦ୍ୱାରା ଦୀର୍ଘ ଦିନର ଥଣ୍ଡାଜନିତ ରୋଗରୁ ଉପଶମ ମିଳିଥାଏ।

ମାତ୍ରାଧିକ ତୁଳସୀ ପତ୍ର ସେବନ କରିବା ଦ୍ୱାରା ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେବାର ଆଶଙ୍କା ରହିଛି। ତେଣୁ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ତୁଳସୀକୁ ଔଷଧ ରୂପେ ଉପଯୁକ୍ତ ଭାବରେ ବ୍ୟବହାର କରିବା ଉଚିତ।

ଆୟୁର୍ବେଦ ଶାସ୍ତ୍ରରେ ତୁଳସୀ ବୃକ୍ଷକୁ ସ୍ୱାସ୍ଥ୍ୟ ନିମନ୍ତେ ପ୍ରାଧାନ୍ୟ ଦିଆଯାଇଥାଏ। ଏହାକୁ ବାସ ଗୃହରେ ସ୍ଥାପନ କରିବା ଦ୍ୱାରା ପ୍ରଚୁର ପରିମାଣରେ ଅମ୍ଳଜାନ ମିଳିଥାଏ। ତା'ସହ ଉକ୍ତ ବୃକ୍ଷରୁ ନିର୍ଗତ ସୁଗନ୍ଧ ବାଷ୍ପ ଶରୀର ପାଇଁ ବେଶ୍‌ ଉପକାରୀ। ଏହା ମଧ୍ୟ ମାନସିକ ସ୍ଥିତିକୁ ସକାରାତ୍ମକ ଭାବେ ସୁଦୃଢ ରଖାଇବାରେ ସହାୟକ ହୋଇଥାଏ।

ଆୟୁର୍ବେଦ ଚିକିତ୍ସା ବିଜ୍ଞାନରେ ଅନେକ ପ୍ରକାର ବୃକ୍ଷ ଲତା ଆଦିର ଉପକାରିତା ବିଷୟରେ ବର୍ଣ୍ଣନା କରାଯାଇଛି। ଏଗୁଡିକୁ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗ କରିବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ନିହାତି ଜରୁରୀ। -ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର, ମୋ : ୭୮୯୪୧୧୨୪୮୭

## କାର୍ଯ୍ୟଶୈଳୀକୁ ସକ୍ରିୟ କରେ ସୁଚିନ୍ତିତ ବିଚାରଧାରା



**ଆ**ମେ କୌଣସି କାମ କରିବା ପୂର୍ବରୁ ସେ ନେଇ ଯୋଜନା ପ୍ରସ୍ତୁତ କଲେ ତାହାକୁ ପ୍ରାୟ ସୁଚାରୁ ରୂପେ ତୁଲାଇ ପାରିଥାଉ। କିନ୍ତୁ କେତେକ ନିଜ ସାମର୍ଥ୍ୟଠାରୁ ଅଧିକ କାମକୁ ଆବୋରି ବସି ଟେନସନର ବଶବର୍ତ୍ତୀ ହୋଇଥାଆନ୍ତି। ଯଦି ଜଣେ ବ୍ୟକ୍ତି ସୁଚିନ୍ତିତ ବିଚାରଧାରାରେ ନିଜ କାର୍ଯ୍ୟପଥରେ ଅଗ୍ରସର ହୁଅନ୍ତି ତେବେ ତାଙ୍କର କାର୍ଯ୍ୟଶୈଳୀ ଆହୁରି ସକ୍ରିୟ ହୋଇଥାଏ। ଏଭଳି ବିଷୟକୁ ନେଇ ଡେନମାର୍କର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନେ ନିଜର କାମକୁ କିପରି ସମ୍ପାଦନ କରୁଛନ୍ତି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ବିଶେଷଭାବରେ ଏମାନଙ୍କ ମଧ୍ୟରୁ ଯେଉଁମାନେ ସୁଚିନ୍ତିତ ବିଚାରଧାରା ସହ କାମ କରୁଥିଲେ ସେମାନଙ୍କର କାର୍ଯ୍ୟଶୈଳୀ ଅନ୍ୟମାନଙ୍କଠାରୁ ସକ୍ରିୟ ଥିବାର ଜଣାପଡିଥିଲା। ତେବେ ଜଣେ କୌଣସି କାମ କରିବା ସମୟରେ ନିଜର ମାନସିକତାକୁ ସକାରାତ୍ମକ ରଖିବା ନିହାତି ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଦାନ୍ତ ବିନ୍ଧା ଓ କୋଷ

**ଦା**ନ୍ତମୂଳ ବିନ୍ଧିବା ପଛରେ ଅନେକ କାରଣ ରହିଛି। ବିଶେଷ ଭାବରେ ଥଣ୍ଡାଜନିତ ସମସ୍ୟା ଲାଗି କିମ୍ବା ଦୀର୍ଘଦିନ ଧରି ଦାନ୍ତମୂଳରେ ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ଜମି ରହିଲେ ଏଭଳି ସମସ୍ୟା ଦେଖାଦେଇଥାଏ। ହେଲେ ଏହା ସହ ଆଉ ଏକ କଥାର ସଂଯୋଗ ରହିଛି। ତାହା କ'ଣ ଜାଣନ୍ତି ? ଏକ ପ୍ରକାର କୋଷ (ସେଲ୍‌)ରେ କିଛି ତତ୍ତ୍ୱ ବଢ଼ିଗଲେ ଦାନ୍ତବିନ୍ଧା ସମସ୍ୟା ଦେଖାଦେଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। 'ଦାନ୍ତ ବିନ୍ଧା ଓ କୋଷ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏଥିରୁ ସେମାନେ ଏଭଳି ତଥ୍ୟ ଜାଣିପାରିଛନ୍ତି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସେଲ୍‌ଟିର ହେଲା 'ଆମେଲୋବ୍ଲାଷ୍ଟ'। ଏହା ଭିତରେ ଥିବା 'ପ୍ରେଟ୍ରୋଷ୍ଟିଲିବେନ୍‌' ଏବଂ 'ବ୍ଲୁ ବେରିକ' ନାମକ ତତ୍ତ୍ୱ ବଢ଼ିଗଲେ ଥଣ୍ଡା ଯୋଗୁ ଦାନ୍ତମୂଳ ବିନ୍ଧିଥାଏ ରିପୋର୍ଟରେ ଦର୍ଶାଯାଇଛି। ବେଳେବେଳେ ଏଥିଯୋଗୁ ଦାନ୍ତର ଏନାମେଲ୍‌ ଖରାପ ହୋଇ ଦାନ୍ତ ନଷ୍ଟ ହେବାର ଆଶଙ୍କା ଦେଖାଦେଇଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।



## କିଡ୍‌ନୀ ଡାୟାଲିସିସ

**ଆ**ମ ଶରୀର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି କିଡ୍‌ନୀ। ଏହାର କାର୍ଯ୍ୟଧାରା ବାଧାପ୍ରାପ୍ତ ହେଲେ ତାହା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ତେଣୁ କିଡ୍‌ନୀ ଆକ୍ରାନ୍ତଜନିତ ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ପ୍ରାରମ୍ଭରୁ ତାହାର ଚିକିତ୍ସା କରାଇନେବା ଉଚିତ।



ହେଲେ କିଡ୍‌ନୀ ଫେଲୁୟର କ୍ଷେତ୍ରରେ ଡାୟାଲିସିସ୍‌ ପ୍ରଣାଳୀ ଅନୁସରଣ କରାଯାଇଥାଏ। ଏହି ପଦ୍ଧତିରେ କୃତ୍ରିମ ଉପାୟରେ ଏବଂ ମେଶିନ ସହାୟତାରେ ରକ୍ତ ବିଶୁଦ୍ଧୀକରଣ କାମ କରାଯାଏ। ଡାୟାଲିସିସ୍‌ ସମୟରେ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ରକ୍ତରୁ ବାହାର କରାଯାଇଥାଏ। ହେଲେ ଏହି ସମୟରେ ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍‌ ଅଣୁ ଇତ୍ୟାଦି ସୁରକ୍ଷିତ ରହିଥାଏ। ଏଗୁଡିକ ଡାୟାଲିସିସ ସମୟରେ ବାହାରିଯାଏ ବୋଲି କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ହେଲେ ତାହା ଠିକ୍‌ ନୁହେଁ। ଡାୟାଲିସିସ ସମୟରେ ମେଶିନ୍‌ରେ ଲାଗିଥିବା ପରଦାଟି ସେଲ୍ୟୁଲୋଜ୍‌ ଏସିଟେଟ୍‌ କିମ୍ବା ପଲି ୟୁରେଥେନ୍‌ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍‌ ନାମକ ଉପାଦାନରେ ତିଆରି। ଏହି ପରଦାରେ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ ରହିଛି, ଯାହା ମଧ୍ୟ ଦେଇ ରକ୍ତରେ ଜମି ଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ବାହାରି ଯାଇଥାଏ। ରକ୍ତ କୋଷିକା ଓ ପ୍ରୋଟିନ୍‌ ଅଣୁ ଭଳି ବଡ଼ ଆକାରର ଉପାଦାନମାନ ଉକ୍ତ ସେମିପର୍‌ମିଏବଲ୍‌ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି।

## କୋଲେଷ୍ଟରଲକୁ ସନ୍ତୁଳିତ ରଖେ ଭିଟାମିନ୍‌ 'ଇ'



**ଭି**ଟାମିନ୍‌ 'ଇ'ରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏହି ଭିଟାମିନ୍‌ ଯୁକ୍ତ ଖାଦ୍ୟ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଆମକୁ ଅନେକ ପ୍ରକାର ଉପକାର ମିଳିଥାଏ। ଉକ୍ତ ଭିଟାମିନ୍‌ରେ ଏଭଳି ତତ୍ତ୍ୱ ରହିଛି ଯାହା କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଭିଟାମିନ୍‌ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ତାହା ଶରୀରକୁ ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍‌ 'ଇ' ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍‌ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦି ଭିଟାମିନ୍‌ 'ଇ'ର ପ୍ରମୁଖ ଉତ୍ସ।

## ସ୍ୱାସ୍ଥ୍ୟ ସୂଚନା

- ନିଜର ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ମନକୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇଥାଏ।
- କେତେକ ବ୍ୟକ୍ତି ବିଳମ୍ବିତ ସମୟରେ ରାତ୍ରଭୋଜନ କରିଥାଆନ୍ତି। ଯଦି ଆପଣଙ୍କର ଏଭଳି ଅଭ୍ୟାସ ଅଛି, ତେବେ ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। ରାତ୍ରଭୋଜନର ଏକ ନିର୍ଦ୍ଦିଷ୍ଟ ସମୟସୀମା ରଖନ୍ତୁ।
- ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଏଥିଯୋଗୁଁ ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ରୋଗର ଆଶଙ୍କା ରହିଛି।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନକ୍ରିୟା ପ୍ରଭାବିତ ହୋଇଥାଏ। ଖାଇବାର ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ କୌଣସି ସ୍ଥାନରେ ବସିଥିଲେ ହଠାତ୍‌ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।
- ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍‌ ଉପକାରୀ। ଏହାକୁ ପ୍ରତିଦିନ ସକାଳୁ ଉଷୁମ ପାଣି ସହ ମିଶାଇ ପିଅନ୍ତୁ।
- ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।



DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩/୨୦୨୨ Bhubaneswar, Monday, October 3/ 2022

# ମୁକେଶ, ରଜତ ନୂଆ ମୁହଁ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ୍ ପାଇଁ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ଦୁଇଜଣ ନୂଆ ଖେଳାଳି ସ୍ଥାନ ପାଇଛନ୍ତି।

**ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଭାରତୀୟ ଦଳ**


ମୁକେଶ କୁମାର


ରଜତ ପଟିଦାର

ସେମାନେ ହେଲେ ବେଙ୍ଗଲ ସିମ୍ ବୋଲର ମୁକେଶ କୁମାର ଏବଂ ଘରୋଇ ସିଜନରେ ଖୁବ୍ ଭଲ ପ୍ରଦର୍ଶନ କରିଥିବା ରଜତ ପଟିଦାର। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ ଅକ୍ଟୋବର ୬ରେ ଲକ୍ଷ୍ନୌରେ ଆରମ୍ଭ ହେବ। ବେଙ୍ଗଲ ରେଡ୍ ବଲ୍ ବୋଲର ମୁକେଶ ନ୍ୟୁଜିଲାଣ୍ଡ ଏ' ବିପକ୍ଷ ପ୍ରଥମଶ୍ରେଣୀ ଗେମ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ରୂପେ ବିବେଚିତ ହୋଇଥିଲେ। ଇରାନୀ ଟ୍ରଫିରେ ମଧ୍ୟ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। ଅନ୍ୟପଟେ ପଟିଦାର ଜଣେ ଷ୍ଟାଇଲିଶ୍ ହିଟର। ଗତ ୩ ମାସ ମଧ୍ୟରେ ସେ ଆଇପିଏଲ୍ ପ୍ଲେ-ଅଫ୍ ରଣଜୀ ଟ୍ରଫି ଫାଇନାଲ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକମାନ ଅର୍ଜନ କରିଛନ୍ତି। ଶିଖର ଧାୱନ ଭାରତୀୟ ଦଳର ନେତୃତ୍ୱ ନେବାକୁଥିବା ବେଳେ ଶ୍ରେୟସ ଆୟାର ତାଙ୍କ ଡେପୁଟି ଭାବେ ଦାୟିତ୍ୱ ତୁଲାଇବେ। ଦିନିକିଆ ସିରିଜ ଶେଷ ହେବା ପରେ ଶ୍ରେୟସ ଓ ଦୀପକ ଚହର ବ୍ରିସ୍‌ବେନ୍‌ରେ ଟି୨୦ ବିଶ୍ୱକପ୍ ଦଳରେ ଯୋଗଦେବେ। ଆଇସିସିର ଏହି ମର୍ଯ୍ୟାଦାପୂର୍ଣ୍ଣ ଇଭେଣ୍ଟ ଲାଗି ସେମାନଙ୍କୁ ଷ୍ଟାଣ୍ଡବାଇ ଖେଳାଳି କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍‌ର ଦ୍ୱିତୀୟ ଓ ତୃତୀୟ ମ୍ୟାଚ୍ ଯଥାକ୍ରମେ ଅକ୍ଟୋବର ୯, ୧୧ରେ ରାଞ୍ଚି ଏବଂ ଦିଲ୍ଲୀଠାରେ ଖେଳାଯିବ। **ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଶୁବମନ ଗିଲ୍, ଶ୍ରେୟସ ଆୟାର (ଉପଅଧିନାୟକ), ରଜତ ପଟିଦାର, ରାହୁଲ ତ୍ରିପାଠୀ, ଇଶାନ କିଶାନ (ଉଇକେଟ୍‌କିପର), ସଞ୍ଜୁ ସାମ୍‌ସନ (ଉଇକେଟ୍‌କିପର), ଶାହାବାଜ୍ ଅହମ୍ମଦ, ଶାର୍ଦ୍ଦୂଳ ଠାକୁର, କୁଲଦୀପ ଯାଦବ, ରବି ବିଶ୍ନୋଇ, ମୁକେଶ କୁମାର, ଆଭେଶ୍ ଖାଁ, ମହମ୍ମଦ ସିରାଜ ଓ ଦୀପକ ଚହର।

# କବୀର ହଂସଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର,୨।୧୦ (ସ୍ପୋର୍ଟ୍ସ ବ୍ୟୁରୋ)**

କେଟି ଗ୍ଲୋବାଲ ସ୍କୁଲ ସର୍ବଭାରତୀୟ ଟେନିସ ଓଟିଏ ପୁରୁଷ ବର୍ଗରେ ଡବଲ ଟାଇଟଲ ହାସଲ କରିଛନ୍ତି କବୀର ହଂସ। ଭୁବନେଶ୍ୱରସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଶନିବାର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମେ ତାମିଲନାଡୁର ଦୀପକ ଶ୍ରୀଧରଙ୍କୁ ୬-୧, ୬-୦ରେ ପରାସ୍ତ କରି କବୀର ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। ସେହିପରି କର୍ନାଟକର ମହମ୍ମଦ ଇଫ୍‌ତିଖାରଙ୍କୁ ସାଥୀ କରି ସେ ଡବଲ୍ସ ମୁକାବିଲାକୁ ମଧ୍ୟ ଜିତିଥିଲେ। ଓଡ଼ିଶାର ସତୀର୍ଥ ପଟ୍ଟନାୟକ ଓ ଆଦିତ୍ୟ ଶତପଥୀ ଯୋଡ଼ିକୁ ୬-୧, ୬-୪ରେ ପରାସ୍ତ କରି ଡବଲ୍ସ ଟାଇଟଲ କରାୟତ୍ତ କରିଥିଲେ। ଏହି ବିଜୟ ଦ୍ୱାରା କବୀର ୨୦ ସିଙ୍ଗଲ୍ସ ପଏଣ୍ଟ ଓ ୧୫ ଡବଲ୍ସ



ଟ୍ରଫି ସହ କବୀର ହଂସ ଓ ମହମ୍ମଦ ଇଫ୍‌ତିଖାର।

ପଏଣ୍ଟ ହାସଲ କରିଛନ୍ତି। ସୂଚନା ଯେ, ଏହି ପ୍ରତିଯୋଗିତାରେ ୧୫ଟି ରାଜ୍ୟର ୬୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଟାଇଟଲ ଜିତିଲେ ନିଶିଓକା

**ସିଓଲ, ୨।୧୦(ଏପି)**

ଜାପାନର ୟୋଶିହିତୋ ନିଶିଓକା କୋରିଆନ ଓପନ୍ ଟେନିସ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ଫାଇନାଲରେ ସେ ଚତୁର୍ଥ ସିଡ୍ ତଥା କାନାଡ଼ାର ଡେନିସ ଶାପୋଭାଲୋଭ୍‌ଙ୍କୁ ୬-୪, ୭-୬ (୫) ସେଟ୍‌ରେ ହରାଇ ଦେଇଛନ୍ତି। ତାଙ୍କ କ୍ୟାରିୟରର ଏହା ହେଉଛି ଦ୍ୱିତୀୟ ଟାଇଟଲ। ୨୭ ବର୍ଷୀୟ ଜାପାନିଜ୍ କ୍ୱାର୍ଟର ଫାଇନାଲରେ ବିଶ୍ୱର ୨ ନମ୍ବର କାସ୍ପର ରୁଡ୍‌ଙ୍କୁ ପରାସ୍ତ କରିଥିଲେ। ସେ ତାଙ୍କ ପ୍ରଥମ ଟାଇଟଲ ୨୦୧୮ରେ ଶେନ୍‌ଜେନ୍ ଓପନ୍‌ଠାରେ ହାସଲ କରିଥିଲେ। ସୂଚନାଯୋଗ୍ୟ, ୧୯୯୬ ପରେ ସିଓଲକୁ ପ୍ରଥମଥର ଏଟିପି ଟୁର୍ ଫେରିଛି।


ୟୋଶିହିତୋ ନିଶିଓକା

## ବିଜୟରୁ ଓଡ଼ିଶା ମହିଳା ଫୁଟ୍‌ବଲ ଦଳର ଅଭିଯାନ

**ଭୁବନେଶ୍ୱର,୨।୧୦(ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟରେ ଆୟୋଜିତ ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ମହିଳା ଖେଳାଳିଙ୍କ ଦବ୍‌ଦବା ଜାରି ରହିଛି। ମହିଳା ରଗ୍‌ବୀ ଦଳ ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ରବିବାର ବିଜୟରୁ ଅଭିଯାନ ଆରମ୍ଭ କରିଛି ମହିଳା ଫୁଟ୍‌ବଲ ଦଳ। ଗ୍ରୁପ୍ ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ନିଜର ପ୍ରଥମ ଲିଗ୍ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ୨-୧ରେ ପରାସ୍ତ କରିଛି। ଦଳ ପକ୍ଷରୁ ମନୀଷା ନାୟକ ଓ ଯଶୋଦା ମୁଣ୍ଡା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଶାହିବାଗ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ପ୍ରଥମାର୍ଦ୍ଧ ସୁଦ୍ଧା ୧-୧ରେ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଯଶୋଦା ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା ଓଡ଼ିଶା। ଦଳ ପକ୍ଷରୁ ଫରୱାର୍ଡ ମନୀଷା ମ୍ୟାଚ୍‌ର ଦ୍ୱିତୀୟ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ମହାରାଷ୍ଟ୍ର ପକ୍ଷରୁ ସାମାନ୍ୟ ଆକ୍ରମଣାତ୍ମକ ପ୍ରଦର୍ଶନ କରାଯାଇଥିଲା। ୧୭ତମ ମିନିଟ୍‌ରେ ମହାରାଷ୍ଟ୍ର ମିଡ୍‌ଫିଲ୍ଡର ସପନା ଜୟସ୍ୱାରଙ୍କୁ ୟେଲୋ କାର୍ଡ ମିଳିଥିଲା। ଘନ ଘନ ଆକ୍ରମଣ ପରେ ୩୫ତମ ମିନିଟ୍‌ରେ ଡିଫେଣ୍ଡର ଆର୍ଯ୍ୟା ମୋରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ପ୍ରଥମାର୍ଦ୍ଧ ୧-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପକ୍ଷରୁ ଏକମାତ୍ର ଗୋଲ ସ୍କୋର କରିଥିଲେ ଯଶୋଦା। ୬୬ତମ ମିନିଟ୍‌ରେ ମିଡ୍‌ଫିଲ୍ଡର ମୁଣ୍ଡା ନିର୍ଣ୍ଣାୟକ ଗୋଲ୍‌ଟି ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଥିଲେ।

# ନବାଗତ ଆମୋସ କିପ୍‌ରୁଟୋ ଜିତିଲେ ଲଣ୍ଡନ ମାରାଥନ

**ଲଣ୍ଡନ, ୨।୧୦(ଏପି):** ନବାଗତ ଆମୋସ କିପ୍‌ରୁଟୋ ରବିବାର ଲଣ୍ଡନ ମାରାଥନ ପୁରୁଷ ରେସ୍ ଜିତିଛନ୍ତି। କେନିଆର ଏହି ୩୦ ବର୍ଷୀୟ ଧାବକ ୨ ଘଣ୍ଟା ୪ ମିନିଟ୍ ୩୯ ସେକେଣ୍ଡରେ ଦ୍ୱିତୀୟ ସ୍ଥାନରେ ରହିଥିବା ଇଥିଓପିଆର ଲିଉଲ୍ ଜେବ୍ରେସେଲାସିଙ୍କୁ ପଛରେ ପକାଇ ଦେଇଥିଲେ। ବେଲଜିୟମର ବଶିର ଆବିଦି ତୃତୀୟ ହୋଇଥିଲେ। ପୂର୍ବରୁ ଇଥିଓପିଆର ୟାଲେମ୍‌ଜେରଫ ୟେହୁଆଲ ମହିଳା ରେସ୍‌ରେ ବିଜୟ ଲାଭ କରିଥିଲେ। ସେ ୨ ଘଣ୍ଟା, ୧୭ ମିନିଟ୍ ଓ ୨୫ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ଇଭେଣ୍ଟରେ ଏହା ହେଉଛି ତୃତୀୟ ଦ୍ରୁତତମ। ଗତଥରର ଚାମ୍ପିୟନ ଜୟସିଲିନ୍ ଜେପ୍‌କୋସ୍‌ଜି ଦ୍ୱିତୀୟ ସ୍ଥାନରେ ରହିଥିଲେ। କୋଭିଡ୍ ଯୋଗୁ ଏହି ଇଭେଣ୍ଟ ତୃତୀୟଥର ଅକ୍ଟୋବର ମାସରେ ଆୟୋଜିତ ହେଲା। ତେବେ ଆସନ୍ତା ବର୍ଷ ପାରମ୍ପରିକ ଏପ୍ରିଲ ମାସରେ ଆୟୋଜନ ହେବ।



ଲଣ୍ଡନ ମାରାଥନ ବିଜେତା ଆମୋସ କିପ୍‌ରୁଟୋ (ମଝି) ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଲେଉଲ ଜେବ୍ରେସିଲାସି ଏବଂ ତୃତୀୟ ହୋଇଥିବା ବଶିର ଆବିଦି।

# ବଦଳିଲା ଆଇଏସ୍ଏଲ୍ କାର୍ଯ୍ୟସୂଚୀ

**ମୁମ୍ବାଇ,୨।୧୦:** ହିରୋ ଇଣ୍ଡିଆନ୍ ସୁପର ଲିଗ୍‌ର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ରବିବାର ୨୦୨୨-୨୩ ସିଜନରେ ଜାମ୍‌ସେଦପୁର ଏଫ୍‌ସିର ୩ଟି ମ୍ୟାଚ୍‌କୁ ଘୁଞ୍ଚାଯାଇଛି। ଏହି ୩ ମ୍ୟାଚ୍ ମଧ୍ୟରୁ ଦୁଇଟି ଜାମ୍‌ସେଦପୁରର ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏବଂ ଗୋଟିଏ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ନଭେମ୍ବର ୧୨ରେ ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହାଇଦ୍ରାବାଦ ଏଫ୍‌ସି ଓ ଜାମ୍‌ସେଦପୁର ଏଫ୍‌ସି ମଧ୍ୟରେ ମ୍ୟାଚ୍ ଖେଳାଯାଇଥାନ୍ତା, ଯାହାକୁ ପୂର୍ବରୁ ୯ ନଭେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ସମାନ ଭେନ୍ୟୁରେ ବେଙ୍ଗାଲୁରୁ ଏଫ୍‌ସି ବିପକ୍ଷ ମ୍ୟାଚ୍ ଯାହା ଜାନୁୟାରୀ ୨୧ରେ ଖେଳାଯିବାର ଥିଲା ତାହାକୁ ମଧ୍ୟ ଜାନୁୟାରୀ ୧୮କୁ ଘୁଞ୍ଚାଯାଇଛି। ସେହିପରି ଫେବୃୟାରୀ ୨୫ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଓଡ଼ିଶା ଏଫ୍‌ସି ବିପକ୍ଷ ମ୍ୟାଚ୍ ଫେବୃୟାରୀ ୨୨ରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି।

# ଶିବପାଲ୍ ୪ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୨।୧୦(ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଶୃଙ୍ଖଳା କମିଟି ଭାରତର ଟପ୍ ଜାଭେଲିନ୍ ଥ୍ରୋୟର ଶିବପାଲ ସିଂଙ୍କୁ ୪ ବର୍ଷ ବାସନ୍ଦ କରିଛି। ଗତବର୍ଷ କରାଯାଇଥିବା ଏକ ଡୋପ୍ ଟେଷ୍ଟରେ ସେ ବିଫଳ ହୋଇଥିଲେ। ଶିବପାଲ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ପ୍ରତିଯୋଗିତା ବାହାରେ ତାଙ୍କର ଏକ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପୁଲରେ ନିଷିଦ୍ଧ ଦ୍ରବ୍ୟ ମେଟାଣ୍ଡିନନ୍‌ର ମାତ୍ରା ରହିଥିଲା। ସେତେବେଳେ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ପ୍ରକାଶ ଯେ, ଉତ୍ତର ପ୍ରଦେଶର ଏହି ୨୭ ବର୍ଷୀୟ ଆଥ୍‌ଲେଟଙ୍କ ବାସନ୍ଦ ଅବଧି ପିଛିଲା ଭାବେ ଅକ୍ଟୋବର ୨୧ରୁ ଲାଗୁହେବ ଏବଂ ୨୦୨୫ ଅକ୍ଟୋବରରେ ଶେଷ ହେବ।



ଶିବପାଲ ସିଂ

# ଫୁଟ୍‌ବଲ ପାଇଁ କଳାଦିବସ

**ମୁମ୍ବାଇ,୨।୧୦:** ଇଣ୍ଡୋନେସିଆର ମଲଙ୍ଗରେ ଫୁଟ୍‌ବଲ ମ୍ୟାଚ୍ ପରବର୍ତ୍ତୀ ଦଳାଚକଟାରେ ୧୭୪ ଜଣଙ୍କ ମୃତ୍ୟୁ ହେବା ସହିତ ୧୮୦ରୁ ଅଧିକ ଦର୍ଶକ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ଫିଫା ସଭାପତି ଜିଆନ୍ନି ଇନ୍‌ଫାଣ୍ଟିନୋ ଦୁଃଖ ପ୍ରକାଶ କରିଛନ୍ତି। ଏହା ଫୁଟ୍‌ବଲ ଓ ଏହା ସହ ଜଡ଼ିତ ସମସ୍ତଙ୍କ ପାଇଁ କଳାଦିବସ ଏବଂ ଏହି ଦୁଃଖକୁ ଶବ୍ଦରେ ବର୍ଣ୍ଣନା କରିବା କଷ୍ଟ ବୋଲି ସେ କହିଛନ୍ତି। ଇଣ୍ଡୋନେସିଆର କଞ୍ଜୁରୁହାନ୍ ଷ୍ଟାଡିୟମରେ ଆରେମା ଏଫ୍‌ସି ଓ ପେର୍ସେବାୟା ସୁରବାୟା ମଧ୍ୟରେ ଏହି ମ୍ୟାଚ ଖେଳାଯାଇଥିଲା। ଦୁଇ ଦଶନ୍ଧିରେ ପ୍ରଥମଥର ପାଇଁ ପେର୍ସେବାୟା ସୁରବାୟା ଏହି ମ୍ୟାଚ୍‌କୁ ୩-୨ରେ ଜିତି ନେଇଥିଲା। ଏହାପରେ ଉପସ୍ଥିତ ଦର୍ଶକଙ୍କ ହିଂସାକାଣ୍ଡ ଓ ଦଳାଚକଟା ପରେ ଏତେସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ବିଶ୍ୱ ଫୁଟ୍‌ବଲର ସବୁଠୁ ଭୟାନକ ଦଳାଚକଟା ଭାବେ ସେ ବର୍ଣ୍ଣନା କରିଛନ୍ତି। ଏହି ଦୁଃଖଦ ଘଟଣା ପରେ ବିଶ୍ୱ ଫୁଟ୍‌ବଲ ଦୁନିଆ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିବା କହିଛନ୍ତି ଇନ୍‌ଫାଣ୍ଟିନୋ। ମୃତ ଓ ଆହତ ଦର୍ଶକଙ୍କ ପରିବାର ପ୍ରତି ସେ ନିଜର ସମବେଦନା ପ୍ରକାଶ କରିଥିଲେ। ଏହି ଘଟଣା ପରେ ଚଳିତ ସପ୍ତାହର ସମସ୍ତ ମ୍ୟାଚ୍ ପୂର୍ବରୁ ୧ ମିନିଟ୍‌ର ନୀରବ ପ୍ରାର୍ଥନା କରାଯିବ ବୋଲି ସ୍ପାନିଶ୍ ଲିଗ୍ ପକ୍ଷରୁ ଘୋଷଣା କରାଯାଇଛି।

# ଡବ୍ଲ୍ୟୁଟିଏ ଜିତିବାରେ ଶେରିଫ୍ ପ୍ରଥମ ଇଜିପ୍ଟସିଆନ୍

**ପାରମା, ୨।୧୦(ଏପି):** ଟପ୍ ସିଡ୍ ମାରିଆ ସାକାରିଙ୍କୁ ୭-୫, ୬-୩ରେ ପରାସ୍ତ କରି ମେୟାର ଶେରିଫ୍ ପାରମା ଲେଡିଜ୍ ଓପନ୍



ମେୟାର ଶେରିଫ୍ ପାରମା

ଟେନିସ୍ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛନ୍ତି। ସେ ପ୍ରଥମ ଇଜିପ୍‌ସିଆନ ଖେଳାଳି ଭାବେ ଡବ୍ଲ୍ୟୁଟିଏ ଟୁର୍ ଇଭେଣ୍ଟ ଜିତିଛନ୍ତି। ପ୍ରଥମ କ୍ୟାରିୟର ଟାଇଟଲ ବ୍ୟତୀତ ଶେରିଫ୍‌ଙ୍କର ଜଣେ ଟପ୍ ୧୦ ଖେଳାଳିଙ୍କ ବିପକ୍ଷରେ ଏହା ହେଉଛି ପ୍ରଥମ ବିଜୟ। ୭୪ ର୍‍ୟାଙ୍କିଙ୍ଗପ୍ରାପ୍ତ ଶେରିଫ୍ ଶନିବାର ଦୁଇଟି ମ୍ୟାଚ୍ ଖେଳିଥିଲେ। ପ୍ରଥମେ ସେ ୬ଷ୍ଠ ସିଡ୍ ଆନା ବଗ୍‌ଡାନଙ୍କୁ ୬-୪, ୩-୬, ୬-୪ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ମ୍ୟାଚ୍ ବର୍ଷା ଯୋଗୁ ଦିନେ ଘୁଞ୍ଚିଥିଲା। ଅନ୍ୟପକ୍ଷରେ ୭ମ ର୍‍ୟାଙ୍କିଙ୍ଗପ୍ରାପ୍ତ ସାକାରି ୭-୫, ୬-୨ରେ ଡାନକା କୋଭିନିକ୍‌ଙ୍କୁ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଥିଲେ।

# ସୌରଭ କୁମାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ

**ରାଜକୋଟ୍, ୨।୧୦(ପି.ଟି.)**

ଇରାନୀ କପ୍‌ର ଦ୍ୱିତୀୟ ଦିବସରେ ଅଲ୍‌ରାଉଣ୍ଡର ସୌରଭ କୁମାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଯୋଗୁ ସୌରାଷ୍ଟ୍ର ବିପକ୍ଷରେ ଅବଶିଷ୍ଟ ଭାରତ ଏକାଦଶ ଏହାର ସ୍ଥିତିକୁ ମଜଭୁତ କରିଦେଇଛି। ସୌରଭ ଷ୍ଟ୍ରୋକ୍‌ଭରା ଅର୍ଦ୍ଧଶତକ ହାସଲ କରିଥିବା ବେଳେ ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ସେ ୭୮ ବଲ୍‌ରେ ୧୦ ଚୌକା ସହ ୫୫ ରନ୍ କରିଥିବା ବେଳେ ଜୟନ୍ତ ଯାଦବଙ୍କ ସହ ୭ମ ଉଇକେଟ ପାର୍ଟନରଶିପ୍‌ରେ ୭୧ ରନ୍ ଯୋଗ କରିଥିଲେ। ସୌରଭଙ୍କ ଏହି ଉପଯୋଗୀ ଇନିଂସ୍ ବଳରେ ଅବଶିଷ୍ଟ ଭାରତ ଏକାଦଶ ସୌରାଷ୍ଟ୍ର ବିପକ୍ଷରେ ୨୭୬ ରନ୍‌ର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ସୌରାଷ୍ଟ୍ର ଦଳର ସବୁଠାରୁ ସଫଳ ବୋଲର ଥିଲେ ଚେତନ ସାକାରିଆ। ସେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ବୋଲିଂରେ ଶିକାର ହୋଇଥିବା ବ୍ୟାଟରମାନେ



ଚେତନ ସାକାରିଆ

ହେଲେ, ମୟଙ୍କ ଅଗ୍ରୱାଲ, ଶ୍ରୀକର ଭରତ, ଜୟନ୍ତ ଯାଦବ, ସୌରଭ କୁମାର ଓ ମୁକେଶ କୁମାର। ସୌରାଷ୍ଟ୍ରର ଦ୍ୱିତୀୟ ଇନିଂସରେ ସୌରଭ ଦୁଇ ଓପନ ହାର୍ଭିକ ଦେସାଇ (୨୦) ଓ ସ୍ନେଲ ପଟେଲ (୧୬)ଙ୍କ ଉଇକେଟ ନେବାରୁ ଅବଶିଷ୍ଟ ଭାରତ ଏକାଦଶ ମ୍ୟାଚରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିନେଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଚିରାଗ ଜାନି ୩ ଓ ଧର୍ମେନ୍ଦ୍ର ସିଂ ଜାଡେଜା ୮ ରନ କରି ଅପରାଜିତ ରହିଥିଲେ। ୨୦୧୯-୨୦ ରଣଜୀ ଟ୍ରଫି ଚାମ୍ପିୟନ ସୌରାଷ୍ଟ୍ର ରବିବାର ଖେଳ ଶେଷ ସୁଦ୍ଧା ୧୭ ଓଭରରେ ୨ ଉଇକେଟ ବିନିମୟରେ ୪୯ ରନ କରିଛି। ଦଳ ଆହୁରି ୨୨୭ରନ ପଛରେ ରହିଛି।

**ଇରାନୀ ଟ୍ରଫି**

**ଚେତନ ସାକାରିଆଙ୍କୁ ୫ ଉଇକେଟ ସଫଳତା**

**ସଂକ୍ଷିପ୍ତ ସ୍କୋର**

ସୌରାଷ୍ଟ୍ର ପ୍ରଥମ ଇନିଂସ: ୯୮

ଅବଶିଷ୍ଟ ଭାରତ ଏକାଦଶ ପ୍ରଥମ ଇନିଂସ: ୩୭୪ (ସର୍ଫରାଜ ଖାଁ-୧୩୮, ହନୁମା ବିହାରୀ-୮୨, ସୌରଭ କୁମାର-୫୫; ଚେତନ ସାକାରିୟା-୫/୯୩, ଚିରାଗ ଜାନି-୨/୫୮, ଜୟଦବେ ଉନାଡକଟ୍-୨/୧୦୦)।

ସୌରାଷ୍ଟ୍ର ଦ୍ୱିତୀୟ ଇନିଂସ: ୪୯/୨ (ସୌରଭ କୁମାର -୨/୪)।

## ସର୍ଗିଓ ପେରେଜ ଜିତିଲେ ସିଙ୍ଗାପୁର ଗ୍ରାଁ ପ୍ରି

**ସିଙ୍ଗାପୁର, ୨।୧୦ :** ରେଡ୍‌ବୁଲର ସର୍ଗିଓ ପେରେଜ ଘଟଣା ବହୁଳ ସିଙ୍ଗାପୁର ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ତାଙ୍କ ଟିମ୍‌ମେଟ୍ ତଥା ଚାମ୍ପିୟନଶିପ୍ ଟାଇଟଲ ଲିଡର ମାକ୍ସ ଭର୍ଷ୍ଟାପେନ୍ ୭ମ ସ୍ଥାନରେ ରହିଥିଲେ। ସିଜନରେ ପେରେଜଙ୍କର ଏହା ହେଉଛି ଦ୍ୱିତୀୟ ବିଜୟ। ଫେରାରିର ଚାର୍ଲ୍ସ ଲେକ୍‌ରେକ୍‌ଙ୍କଠାରୁ ସେ ୭.୬ ସେକେଣ୍ଡ ଆଗୁଆ ରହିଥିଲେ। ଲେକ୍‌ରେକ୍‌ଙ୍କ ଟିମ୍‌ମେଟ୍ କାର୍ଲୋସ ସେଞ୍ଜ ଜୁନିୟର ତୃତୀୟ ହୋଇଥିଲେ। ଭର୍ଷ୍ଟାପେନ୍ ଆସନ୍ତା ରବିବାର ଜାପାନରେ ଦ୍ୱୈତ ଟାଇଟଲ ଜିତିପାରନ୍ତି। ଅବଶ୍ୟ ପେରେଜ ଓ ଲେକ୍‌ରେକ୍‌ଙ୍କ ଫଳାଫଳ ଉପରେ ତାହା ନିର୍ଭର କରିବ। ସୁରକ୍ଷା କାର୍ ନିୟମ ଉଲ୍ଲଂଘନ ପାଇଁ ପେରେଜ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। ରେସ୍ ଷ୍ଟିୱାର୍ଡ୍ସମାନେ ଯଦି ପେନାଲ୍ଟି କରନ୍ତି ତେବେ ତାଙ୍କ ବିଜୟ ରଦ୍ଦ ହୋଇଯାଇପାରେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୩/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Monday, October 3/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୩୦୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 309 | ମୂଲ୍ୟ ₹୭/-








THINK BIG.THINK RAJ
RAJ ELECTRONICS
The one and only house hold name in every family of Odisha since 44 years.
Durga Puja Sale
ପୂଜାର ଆରମ୍ଭ...ବିଶ୍ୱାସର ସହିତ
ରାଜ ଇଲେକ୍ଟ୍ରୋନିକ୍ସ ପକ୍ଷରୁ
ସମସ୍ତ ଓଡିଶାବାସୀ ଓ ଶ୍ରଦ୍ଧେୟ ଗ୍ରାହକମାନଙ୍କୁ
ଶାରଦୀୟ ଶୁଭେଚ୍ଛା
BUY 1 GET 2 FREE
UPTO 40% ଇନଷ୍ଟାଣ୍ଟ ଡିସକାଉଣ୍ଟ*
UPTO 20000 କ୍ୟାସବ୍ୟାକ୍*
0 ଡାଉନ୍ ପେମେଣ୍ଟ*
NO COST EMI On Major Credit Cards*
BAJAJ FINSERV
IDFC FIRST Bank
HDB FINANCIAL SERVICES
HDFC BANK
FESTIVE OFFERS
BUMPER PRIZE* 5 Maruti Suzuki Brezza SUVs
GRAND PRIZES* DIOS Refrigerator, Front Load WM, LED TV, Air Conditioner, Dish Washer
SAMSUNG Galaxy S22 Ultra worth ₹109999*
FREE* SOUNDBAR worth up to ₹64990* (With select OLED TVs)
SAMSUNG Galaxy A32 worth ₹21490*
SPECIAL PRICE at ₹2990* On all LG OLED TVs
LG OLED
EMI : ₹2999/-#
Up to 20% Cashback (On select debit/ credit cards)
5 YEAR* ASSURANCE (On purchase of select LG TVs)
EMI : ₹5500/-#
UP TO 30% OFF On MRP and on select BRAVIA range. *T&C apply
3 YEARS WARRANTY
SAMSUNG Neo QLED
EMI : ₹1990/-#
UP TO 15% CASH BACK
3 YEAR* WARRANTY (On purchase of select LG TVs)
EMI : ₹1666/-#
EMI : ₹1,125/-#
EMI : ₹1999/-#
EMI : ₹2990/-# 10 years warranty
EMI : ₹2999/-# 10 years warranty
MINI BAR (On select models of Side-by-Side Refrigerator)
EMI : ₹1050/-#
EMI : ₹1599/-#
EMI : ₹799/-#
Upgrade & Save Upto Rs.4000*
32" LED EMI : ₹990/-#
40" LED EMI : ₹1800/-#
43" LED EMI : ₹990/-#
55" LED EMI : ₹1990/-#
65" LED EMI : ₹3125/-#
Get 32inch LED free with any INVERTER AC
1.0T 3* Invt. EMI : ₹2540/-#
1.5T 5* EMI : ₹2525/-#
1.5Ton 3* Invt. EMI : ₹2525/-#
Price Starts ₹6,990
Cont.: 9583384064
SOLO EMI : ₹700/-#
GRILL EMI : ₹990/-#
CONV. EMI : ₹999/-#
CANON : 8249483622
NOW AVAIL EMI ON SMALL APPLIANCES
ସବୁଠାରୁ ଶସ୍ତା କେବଳ ରାଜ ଇଲେକ୍ଟ୍ରୋନିକ୍ସରେ
# Price Including Cash back
* T&C Apply. Offer applicable on selected products only. Pictures are indicative only
ଆଜି ହିଁ ଆସନ୍ତୁ
RAJ ELECTRONICS
BHUBANESWAR
BARAMUNDA : Near Bus Stand, Ph : 0674-2355155 Mob : 9238365729
PATIA : Opp. Idea Office, Ph : 0674- 2726216 Mob : 9238365755
NAYAPALLY : Opp. Hotel Presidency, Ph : 0674- 2565717, Mob : 9238365515
BAPUJI NAGAR : (Old Showroom) 0674- 2597016
BAPUJI NAGAR : ( Premium ) Ph : 0674- 2598852 Mob : 9238365728
ANGUL Near TATA Motors Nalco Square Ph : 9777353320 9437181284
CUTTACK Link Road, Madhupatna, Ph : 0671- 2342999 Mob : 9238365721
ROURKELA Udit Nagar, Infront Of Vishal Mega Mart, Ph : 9238365730 7787967372
TALCHER Sharma Chhak, Near Indusind Bank Ph : 06760- 241515, Mob : 9937752362
BALASORE Near Hotel Suraj, Sahadev Khunta, Mob : 8118052732
JHARSUGUDA Near Bus Stand, Kali Mandir Road, Jharsuguda Ph : 06645-295450, Mob : 9438355513
JAJPUR ROAD Chorda Traffic Chhak, By-Pass Road Mob : 9937475155
BISWAL SALES
JAJPUR ROAD : Bus Stand-Bypass, Ph : 9238320655, 9238365722, JAJPUR TOWN : Medical Road, Ph : 06728 - 222701, 9238365724, BHADRAK : Chapulia, Ph:06784 - 250566, 9238365720
LG | SAMSUNG | SONY | Panasonic | LLOYD | Godrej | VOLTAS · beko | Whirlpool | VOLTAS | HITACHI | Carrier | BLUE STAR | BOSCH | Haier | IFB | KENT | EUREKA FORBES | HAVELLS | BAJAJ | Symphony | Canon | airtel | TATA Sky

ଧରିତ୍ରୀ
DHARITRI
ସୋମବାର, ଅକ୍ଟୋବର ୩/୨୦୨୨ (୮+୮=୧୬ ପୃଷ୍ଠା) Monday, October 3/2022 Page 16 | ପୃଷ୍ଠା-୧



**ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ**

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି-୨୦ କ୍ରିକେଟ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି।

୦୬

୦୫

**ରାମଙ୍କ ଚରିତ୍ରରେ ପ୍ରଭାସ**

ବଲିଉଡ୍ ଫିଲ୍ମ 'ଆଦିପୁରୁଷ'ରେ ଦକ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଭଗବାନ ରାମଙ୍କ ଭୂମିକାରେ ନଜରକୁ ଆସିବେ।



# ଷ୍ଟାଡିୟମ୍‌ରେ ଦଳାଚକଟା: ୧୨୫ ମୃତ

## ପୋଲିସର ଲୁହବୁହା ବାଷ୍ପରେ ଶତାଧିକ ଅଣନିଃଶ୍ୱାସୀ

ଜାକର୍ତ୍ତା,୨।୧୦

ଅକ୍ଟୋବର ୧ ଥିଲା ଇଣ୍ଡୋନେସିଆ ପାଇଁ ଘାତକ ଶନିବାର। ଇଷ୍ଟ ଜାଭାର ମଲଙ୍ଗ ସହରସ୍ଥିତ କୁଞ୍ଜୁରୁହାନ୍ ଷ୍ଟାଡିୟମ୍‌ରେ ଏକ ଫୁଟ୍‌ବଲ ମ୍ୟାଚ ଚାଲିଥିବାବେଳେ ହିଂସା ଓ ଦଳାଚକଟାରେ ଅନ୍ୟୂନ ୧୨୫ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ପ୍ରାୟ ୨୦୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହାକୁ ଅଦ୍ୟାବଧି ଘଟିଥିବା ବିଶ୍ୱର ସବୁଠୁ ବଡ଼ 'ଷ୍ଟାଡିୟମ୍ ଡିଜାଷ୍ଟର' ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ରାଷ୍ଟ୍ରପତି ଜୋକୋ ୱିଡୋଡୋ ରବିବାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ତଦନ୍ତ ଶେଷ ନ ହେବା ଯାଏ ସମସ୍ତ ଲିଗ୍ ମ୍ୟାଚ ବାତିଲ କରାଯିବ ବୋଲି ଏକ ଟେଲିଭିଜନ ବାର୍ତ୍ତାରେ ସୂଚନା ଦେଇଛନ୍ତି। ଇଣ୍ଡୋନେସିଆରେ ଖେଳୁଆଡ଼ଭାବ, ମାନବିକତା ଓ ଭ୍ରାତୃଭାବ ବଜାୟ ରହିବା ଉଚିତ ବୋଲି ରାଷ୍ଟ୍ରପତି କହିଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଇଣ୍ଡୋନେସିଆର ମଲଙ୍ଗ ସହରସ୍ଥିତ କଞ୍ଜୁରୁହାନ୍ ଷ୍ଟାଡିୟମ୍‌ରେ ଶନିବାର ରାତିରେ ଦେଶର ଦୁଇ ବଡ଼ ଫୁଟ୍‌ବଲ୍ ଟିମ୍ ଆରେମା ଏଫ୍‌ସି ଏବଂ ପ୍ରତିଦ୍ୱନ୍ଦ୍ୱୀ ପେର୍ସେବାୟା ସୁରବାୟା ମଧ୍ୟରେ ମ୍ୟାଚ ଚାଲିଥିଲା। ହୋମ୍ ଟିମ୍ ଆରେମା ଏଫ୍‌ସି ପେର୍ସେବାୟା ସୁରବାୟା ଦଳଠାରୁ ୩-୨ ଗୋଲ୍‌ରେ ପରାଜିତ ହୋଇଥିଲା। ପରାଜିତ ଟିମ୍‌ର ସମର୍ଥକମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ପିଚ୍‌କୁ ଓହ୍ଲାଇ ହଙ୍ଗାମା କରିଥିଲେ। ସେମାନଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପ୍ରସ୍ଥାନ ଦ୍ୱାର ଦେଇ ଦର୍ଶକମାନେ ବାହାରୁଥିବାବେଳେ ଧସ୍ତାଧସ୍ତି ହେବାରୁ ଦଳାଚକଟା ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ହିଂସା ଭିଆଇଥିଲେ। ଏଥିରେ ୧୭୪ ଜଣଙ୍କ ମୃତ୍ୟୁ ଘଟିଥିବା ମଲଙ୍ଗ ପୋଲିସ ମୁଖ୍ୟ ନିକୋ ଆଫିଣ୍ଟା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ପରେ ଇଣ୍ଡୋନେସିଆ କର୍ତ୍ତୃପକ୍ଷ ଏହି ସଂଖ୍ୟାକୁ ସଂଶୋଧନ କରି ୧୨୫ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ମୃତକଙ୍କ ମଧ୍ୟରୁ କେତେକଙ୍କ ନାମ ☞ପୃଷ୍ଠା-୨



କଞ୍ଜୁରୁହାନ୍ ଷ୍ଟାଡିୟମ୍‌ରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ପରେ ଦର୍ଶକମାନେ ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରିନେଉଛନ୍ତି।

### ଇଣ୍ଡୋନେସିଆରେ ଘାତକ ଶନିବାର

- ଫୁଟ୍‌ବଲ ମ୍ୟାଚ ବେଳେ ହିଂସା, ଅରାଜକତା
- ୨୦୦ ଆହତ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ତଦନ୍ତ ନିର୍ଦ୍ଦେଶ ଦେଲେ ରାଷ୍ଟ୍ରପତି ୱିଡୋଡୋ

## ବିଶ୍ୱର ବଡ଼ ଭିଡ଼ ବିପତ୍ତି

**୧୯୭୯ ଡିସେମ୍ବର ୩:** ସିନ୍‌ସିନ୍ନାଟିସ୍ଥିତ ରିଭରଫ୍ରଣ୍ଟ କୋଲିସେୟମ୍‌ରେ ଏକ କନ୍‌ସର୍ଟ ଚାଲିଥିବାବେଳେ ଅନେକ ହଜାର ଫ୍ୟାନ୍ ଧାଁଦୌଡ଼ କରିବାରୁ ଦଳାଚକଟା ହୋଇଥିଲା। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା।

**୧୯୮୦ ଜାନୁୟାରୀ ୨୦:** କଲମ୍ବିଆର ସିନ୍‌ସେଲେଜୋରେ ବଳଦ ଲଢ଼େଇ ଚାଲିଥିବାବେଳେ ଚାରି ମହଲା ବିଶିଷ୍ଟ କାଠରେ ନିର୍ମିତ ଏକ ଅସ୍ଥାୟୀ ଷ୍ଟାଡିୟମ୍ ଭୁଶୁଡ଼ିପଡ଼ିବାରୁ ୨୦୦ ଦର୍ଶକଙ୍କ ଜୀବନ ଯାଇଥିଲା।

**୧୯୮୨ ଅକ୍ଟୋବର ୨୦:** ମସ୍କୋର ଲୁଝାନିକି ଷ୍ଟାଡିୟମ୍‌ରେ ସ୍ପାର୍ଟାକ୍ ମସ୍କୋ ଏବଂ ହରଲେମ୍ ଟିମ୍ ମଧ୍ୟରେ ୟୁଇଏଫ୍‌ଏ କପ୍ ମ୍ୟାଚ ଚାଲିଥାଏ। ଫ୍ୟାନ୍‌ମାନଙ୍କ ମଧ୍ୟରେ ଦଳାଚକଟା ହୋଇ ୬୬ ଜଣଙ୍କ ମୃତ୍ୟୁ ଘଟିଥିଲା।

**୧୯୮୫ ମେ' ୨୮:** ଜର୍ମାନୀର ବ୍ରସେଲ୍ସସ୍ଥିତ ହେସେଲ୍ ଷ୍ଟାଡିୟମ୍‌ରେ ୟୁରୋପିଆନ୍ ଫାଇନାଲ ମ୍ୟାଚ୍‌ରେ ଲିଭରପୁଲ୍ ଓ ଜୁଭେଣ୍ଟସ୍ ଟିମ୍ ଭାଗନେଇଥିଲେ। ଖେଳ ଚାଲିଥିବାବେଳେ ହିଂସା ଘଟିବାରୁ ୩୯ ଜଣଙ୍କ ପ୍ରାଣହାନି ଘଟିଥିଲା।

**୧୯୮୮ ମାର୍ଚ୍ଚ ୧୩:** ନେପାଳର କାଠମାଣ୍ଡୁରେ ଏକ ଫୁଟ୍‌ବଲ୍ ମ୍ୟାଚ୍ ବେଳେ ହଠାତ୍ ଘୂର୍ଣ୍ଣିଝଡ଼ ମାଡ଼ିଆସିବାରୁ ଦଳାଚକଟା ହୋଇ ୯୨ ଜଣଙ୍କ ମୃତ୍ୟୁ ଘଟିଥିଲା।

**୧୯୮୯ ଏପ୍ରିଲ ୧୫:** ଇଂଲଣ୍ଡର ଶେଫିଲ୍ଡସ୍ଥିତ ହିଲ୍ସବର୍ଗ ଷ୍ଟାଡିୟମ୍‌ରେ ଫୁଟ୍‌ବଲ୍ ମ୍ୟାଚ୍ ବେଳେ ଅତ୍ୟଧିକ ଭିଡ଼ ହୋଇଥିଲା। ଦର୍ଶକଙ୍କ ଦଳାଚକଟାରେ ୯୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଥିଲେ।

**୧୯୯୦ ଜୁଲାଇ ୨:** ସାଉଦି ଆରବର ହଜ୍‌ରେ ମକ୍କାରୁ ମିନାକୁ ସଂଯୋଗ କରୁଥିବା ଏକ ସୁଡ଼ଙ୍ଗରେ ଫସି ଏସିଆ ସମେତ ଅନ୍ୟ ମହାଦେଶଗୁଡ଼ିକରୁ ଆସିଥିବା ୧,୪୨୬ ମୁସଲମାନ ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା।

**୧୯୯୧ ଜାନୁୟାରୀ ୧୩:** ଦକ୍ଷିଣ ଆଫ୍ରିକାର ଓପେନ୍‌ହେମର ଷ୍ଟାଡିୟମ୍‌ରୁ ଦର୍ଶକମାନେ ହଠାତ୍ ପଳାୟନ କରିବାରୁ ଦଳାଚକଟାରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିଲା।

**୧୯୯୪ ମେ' ୨୩:** ହଜ୍‌ରେ ସଂଘର୍ଷ ହେବାରୁ ୨୭୦ ମୁସଲମାନ ଯାତ୍ରୀ ପ୍ରାଣ ହରାଇଥିଲେ।

**୧୯୯୪ ନଭେମ୍ବର ୨୩:** ଭାରତର ନାଗପୁରରେ ଏକ ରାଜନୈତିକ ଶୋଭାଯାତ୍ରା ବେଳେ ଦଳାଚକଟା ହୋଇ ୧୧୩ ଜଣଙ୍କ ମୃତ୍ୟୁ ଘଟିଥିଲା।

**୧୯୯୬:** ଗୁଆଟେମାଲା ସିଟିରେ କୋଷ୍ଟାରିକା ଓ ☞ପୃଷ୍ଠା-୨

### ଶାରଦୀୟ ଅଭିନନ୍ଦନ

**ଆଜି ମହାଷ୍ଟମୀ:** ଏହି ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

## ଆଇସିୟୁରେ ମୁଲାୟମ



**ନୂଆଦିଲ୍ଲୀ,୨।୧୦:** ସମାଜବାଦୀ ପାର୍ଟି ପ୍ରତିଷ୍ଠାତା ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ରବିବାର ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଗୁରୁଗ୍ରାମର ମେଦାନ୍ତା ହସ୍ପିଟାଲ ଆଇସିୟୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି। ୮୨ ବର୍ଷୀୟ ମୁଲାୟମ କିଛିଦିନ ହେଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ରବିବାର ତାଙ୍କ ଅକ୍ସିଜେନ୍ ସ୍ତର କମିଯିବା କାରଣରୁ ମୂତ୍ରପଥ ସଂକ୍ରମଣ ହେବା ସହ ଛାତିରେ ଯନ୍ତ୍ରଣା ହୋଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେୟାର ୟୁନିଟ୍‌କୁ ନିଆଯାଇ ଇଣ୍ଟରନାଲ ମେଡିସିନ୍ ବିଶେଷଜ୍ଞ ଡ. ସୁଶୀଳା କଟାରିଆଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଛି। ତାଙ୍କ ପୁଅ ତଥା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ବୋହୂ ଡିମ୍ପଲ ଯାଦବ ଏବଂ ଭାଇ ଶିବପାଲ୍ ସିଂ ଯାଦବ ମେଦାନ୍ତାରେ ପହଞ୍ଚିଛନ୍ତି। ତାଙ୍କ ଆଶୁ ଆରୋଗ୍ୟ ଲାଗି ପ୍ରାର୍ଥନା କରିବାକୁ ଶିବପାଲ ଦଳୀୟ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି।

### ଆଜିର ସମ୍ପାଦକୀୟ

ଭାରତରେ ନିରୋ

# ଖାଦ୍ୟସୁରକ୍ଷା ହିତାଧିକାରୀଙ୍କୁ ନାଲି ଚାଉଳ

ଚଣ୍ଡିଖୋଲ,୨।୧୦(ଡି.ଏନ୍.ଏ.)

- ନିମ୍ନମାନର ନେଇ ଅସନ୍ତୋଷ
- ପଣ୍ୟାଗାର ନିଗମ ଓ ମିଲରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା
- ଅଧିକାରୀଙ୍କ ମନ୍ତବ୍ୟରେ ତାଳମେଳ ନାହିଁ

କେନ୍ଦ୍ର ଓ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଚାଉଳ ଏବଂ ଗହମ ଯୋଗାଇ ଦେଉଛନ୍ତି। ଏହି ଚାଉଳ ସମ୍ପୂର୍ଣ୍ଣ ଧଳା ଓ ପରିଷ୍କାର ହୋଇଥିବା ଆବଶ୍ୟକ ବୋଲି ସରକାରୀ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମାତ୍ର କେତେଜଣ ଅସାଧୁ ଅଧିକାରୀ ମିଲରଙ୍କ ସହିତ ମଧୁଚନ୍ଦ୍ରିକା କରି ନିମ୍ନମାନର ନାଲି ଚାଉଳ ଯୋଗାଉଥିବା ଅଭିଯୋଗ ହୋଇଛି। ଏଥିରେ ଚାଉଳ ଯୋଗାଣ ଦାୟିତ୍ୱରେ ଥିବା ଠିକାଦାର ମଧ୍ୟ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଯାଜପୁର ଜିଲାର ବଡ଼ଚଣା, ବରୀ, ଧର୍ମଶାଳା ଓ ରସୁଲପୁର ବ୍ଲକ୍ ଅଞ୍ଚଳକୁ ଚାଉଳ ଏବଂ ଗହମ ଯୋଗାଇବା ପାଇଁ ଧାନମଣ୍ଡଳଠାରେ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ରହିଛି। ନିକଟରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା(ପିଏମ୍‌ଜିକେଏୱାଇ)ରେ ୩ମାସର ଚାଉଳ ମାଗଣା ଦିଆଯିବ ବୋଲି



ଘୋଷଣା କରିବା ପରେ ରାଜ୍ୟ ସରକାର ମଧ୍ୟ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ୩ମାସର ମାଗଣା ଚାଉଳ ଦେବେ ବୋଲି ଘୋଷଣା କରିଛନ୍ତି। ଠିକ୍ ଏହି ସମୟରେ ଧାନମଣ୍ଡଳ ପଣ୍ୟାଗାରରୁ ନିମ୍ନମାନର ଚାଉଳ ରିଟେଲରଙ୍କ ପାଖକୁ ଯାଉଛି, ଯାହାକି ଦେଖିବାକୁ ସମ୍ପୂର୍ଣ୍ଣ ନାଲି। ବଡ଼ଚଣା ବ୍ଲକର କେତେକ ପଞ୍ଚାୟତରେ ଥିବା ରିଟେଲରଙ୍କ ପାଖରେ ଏହି ଚାଉଳ ପହଞ୍ଚିବା ପରେ ସେମାନେ ବ୍ଲକ ଯୋଗାଣ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ପଣ୍ୟାଗାର ନିଗମରୁ ଠିକାଦାରମାନେ ରିଟେଲରଙ୍କୁ ଯୋଗାଇ ଦେଉଥିବା ଚାଉଳ ଅତ୍ୟନ୍ତ ନିମ୍ନମାନର। ଏ ସମ୍ପର୍କରେ ସେମାନେ ଯୋଗାଣ ଠିକାଦାରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। ଫଳରେ ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଅଭିଯୋଗ ଅନୁଯାୟୀ, ଧର୍ମଶାଳା ବ୍ଲକ ଅନ୍ତର୍ଗତ କଣ୍ଟିଗଡ଼ିଆଠାରେ ଥିବା ଏକ ରାଇସ ମିଲ୍ ଓ ବଡ଼ଚଣା ବ୍ଲକର ହରିଅଂଶପାଟଣାରେ ଥିବା ଏକ ରାଇସ ମିଲ ଏହି ନିମ୍ନମାନର ଚାଉଳ ଦେଉଛନ୍ତି। ଏ ସମ୍ପର୍କରେ ଧାନମଣ୍ଡଳ ସ୍ଥିତ ରାଜ୍ୟ ପଣ୍ୟାଗାର ନିଗମ ଅଧୀକ୍ଷକ ଲକ୍ଷ୍ମୀନାରାୟଣ ☞ପୃଷ୍ଠା-୨



ଅକ୍ଟୋବର ୨ ତାରିଖ ରବିବାର ଢେଙ୍କାନାଳ ଷ୍ଟାଡିୟମ୍‌ରେ ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି।

# ମଙ୍ଗଳୟାନର ମିଶନ ଶେଷ

ବେଙ୍ଗାଲୁରୁ, ୨।୧୦

ଭାରତର ପ୍ରଥମ ମଙ୍ଗଳମିଶନରେ ସାମିଲ ମହାକାଶଯାନ 'ମଙ୍ଗଳୟାନ' ଲୋହିତ ଗ୍ରହରେ ଏହାର ମିଶନ ଶେଷ କରିଛି। ମାତ୍ର ୨୦୧୩ରେ ମଙ୍ଗଳୟାନକୁ ଲାଲ ଗ୍ରହର କକ୍ଷପଥରେ ସଫଳତାର ସହ ସ୍ଥାପନ କରାଯାଇଥିଲା। ୬ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବା ପାଇଁ ଡିଜାଇନ ହୋଇଥିବା ଏହି କୃତ୍ରିମ ଉପଗ୍ରହ ୮ ବର୍ଷ ଧରି ମଙ୍ଗଳ ଅର୍ବିଟରେ କାର୍ଯ୍ୟ କରୁଥିଲା। ମାର୍ସ ଅର୍ବିଟର ମିଶନ (ଏମ୍‌ଓଏମ୍)ରେ ଏବେ ଇନ୍ଧନ ଶେଷ ହେବା ସହ ଏହାର ବ୍ୟାଟେରି ମଧ୍ୟ ଶେଷ ହୋଇଛି। ଫଳରେ ତାହାକୁ ମଙ୍ଗଳ କକ୍ଷରେ ପୁଣି କାର୍ଯ୍ୟକ୍ଷମ କରାଇବା କଷ୍ଟକର ହୋଇଛି।

୪୫୦ କୋଟି ଟଙ୍କା ବ୍ୟୟରେ ଏମ୍‌ଓଏମ୍‌କୁ ୨୦୧୩ ନଭେମ୍ବର ୫ରେ ପିଏସ୍‌ଏଲ୍-ସି୨୫ ଜରିଆରେ ଲଞ୍ଚ୍ କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ୨୪ରେ ୧୩୫୦ କେଜିର ମଙ୍ଗଳୟାନ ମଙ୍ଗଳ କକ୍ଷରେ ପହଞ୍ଚିଥିଲା। ଭାରତ ପ୍ରଥମ ଥରରେ ହିଁ ମଙ୍ଗଳୟାନକୁ ମଙ୍ଗଳ ଗ୍ରହରେ ସଫଳତାର ସହ ସ୍ଥାପନ କରିଥିଲା। ଏବେ ଉକ୍ତ କୃତ୍ରିମ ଉପଗ୍ରହର ବ୍ୟାଟେରି ଓ ଇନ୍ଧନ ସରିଯାଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି। ଏଥିସହ ମଙ୍ଗଳୟାନ ସହ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଯାଇଛି। କ୍ରମାଗତ ଭାବେ ଚନ୍ଦ୍ରଗ୍ରହଣ ଏହାର ☞ପୃଷ୍ଠା-୨



# ହୋସବାଲେଙ୍କ ଚିତ୍ରର ଭିନ୍ନ ରଙ୍ଗ

ନୂଆଦିଲ୍ଲୀ,୨।୧୦

ଦେଶରେ ଦାରିଦ୍ର୍ୟ, ବେକାରି ଏବଂ ଅର୍ଥନୈତିକ ଅସମାନତା ଭଳି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଦୁଃସ୍ଥିତିରେ ସୁଧାର ଆଣିବା ପାଇଁ ୨୦୧୪ ଲୋକ ସଭା ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ତାହା କେବଳ ପମ୍ପା ମାଠିଆ ବୋଲି କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ କହିଆସୁଛନ୍ତି। ଏବେ ରାହୁଲଙ୍କ କଥାକୁ ଦୋହରାଉଛି ଭାଜପାର ପ୍ରେରଣା କେନ୍ଦ୍ର କୁହାଯାଉଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)। କେନ୍ଦ୍ରରେ ମୋଦିଙ୍କ ଶାସନକୁ ଇତିମଧ୍ୟରେ ପ୍ରାୟ ସାଢ଼େ ୮ ବର୍ଷ ବିତିଥିବାବେଳେ ଦାରିଦ୍ର୍ୟ, ବେକାରି ଏବଂ ଅସମାନତା ଭଳି ସମସ୍ୟା ଉତ୍କଟ ହୋଇଛି। ଆର୍‌ଏସ୍‌ଏସ୍‌ର ସାଧାରଣ ସମ୍ପାଦକ ଦତ୍ତାତ୍ରେୟ ହୋସବାଲେ ଦେଶର ଦାରିଦ୍ର୍ୟ ଅବସ୍ଥାକୁ ଏକ ଦାନବ ଭାବେ ଚିତ୍ରଣ କରି ତାହାକୁ ବିନାଶ କରିବା ବର୍ତ୍ତମାନର ଆହ୍ୱାନ ବୋଲି କହିଛନ୍ତି।

ଆର୍‌ଏସ୍‌ଏସ୍‌ର ସହଯୋଗୀ ସଂଗଠନ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନର ଅଂଶ ଭାବେ ଆୟୋଜିତ ଏକ ୱେବନାର୍‌ରେ ହୋସବାଲେ କେବଳ ଉପରୋକ୍ତ ପ୍ରସଙ୍ଗ ଉଠାଇନାହାନ୍ତି, ବରଂ ତଥ୍ୟ ସହ ଦେଶର ବାସ୍ତବ ସ୍ଥିତିକୁ ସାମ୍ନାକୁ ଆଣିଛନ୍ତି। ସେ କହିଛନ୍ତି ଯେ, ଏବେ ବି ୨୦ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି, ଯାହା ପରିତାପର ବିଷୟ। ସେହିପରି ୨୩ କୋଟି ଲୋକଙ୍କ ଦୈନିକ ଆୟ ୩୭୫ ଟଙ୍କାରୁ କମ୍ ରହିଛି। ଲେବର ଫୋର୍ସ ସର୍ଭେ ଅନୁଯାୟୀ ଦେଶର ବେକାରି ହାର ୭.୬ ପ୍ରତିଶତ ରହିଛି। ଆର୍ଥିକ ଅସମାନତା ଉପରେ ହୋସ୍‌ବାଲେ କହିଛନ୍ତି ଯେ, ବିଶ୍ୱର ପ୍ରମୁଖ ୬ ଅର୍ଥନୀତି ମଧ୍ୟରେ ଭାରତ ଗଣାଯାଉଛି। ହେଲେ ବାସ୍ତବରେ ଦେଶରେ ଭଲ ସ୍ଥିତି ଅଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଦେଶର ମୋଟ ଆୟର ୨୦ ପ୍ରତିଶତ ମୋଟ ଜନସଂଖ୍ୟାର ୧ ପ୍ରତିଶତ ବର୍ଗ ହାତଉଛନ୍ତି ଏବଂ ୫୦% ଜନସଂଖ୍ୟା ପାଉଛନ୍ତି ୧୩ ପ୍ରତିଶତ ଆୟ। ଭାରତର ଦାରିଦ୍ର୍ୟ ଏବଂ ବିକାଶ ଉପରେ ଜାତିସଂଘର ପର୍ଯ୍ୟବେକ୍ଷଣକୁ ଉଦ୍ଧୃତ କରି ହୋସ୍‌ବାଲେ କହିଛନ୍ତି ଯେ, ଦେଶର ବୃହତ୍ ଅଞ୍ଚଳର ଲୋକେ ଏବେ ବି ସ୍ୱଚ୍ଛ ପାଣି ଏବଂ ପୁଷ୍ଟିକର ଖାଦ୍ୟ ପାଇପାରୁନାହାନ୍ତି। ଆଭ୍ୟନ୍ତରୀଣ ଅଶାନ୍ତ ପରିସ୍ଥିତି, ନିମ୍ନମାନର ଶିକ୍ଷା, ଜଳବାୟୁ ପରିବର୍ତ୍ତନ ଏବଂ ସରକାରଙ୍କ ଅକ୍ଷମତା ଦାରିଦ୍ର୍ୟର ପ୍ରମୁଖ କାରଣ। କେବଳ ସହରାଞ୍ଚଳରେ ଚାକିରି ହେବ ବୋଲି ଧାରଣା ଗ୍ରାମଗୁଡ଼ିକୁ ଖାଲି କରିଦେଇଛି ଏବଂ ସହରୀ ଜୀବନକୁ ନର୍କରେ ପରିଣତ କରିଛି ବୋଲି ହୋସ୍‌ବାଲେ କହିଛନ୍ତି।

ଆର୍‌ଏସ୍‌ଏସ୍‌ର ଉଚ୍ଚ ପଦାଧିକାରୀଙ୍କ ଏହି ଟିପ୍ପଣୀ ଏଭଳି ସମୟରେ ଆସିଛି, ଯାହାକି ଅନେକ ରାଜନୈତିକ ରଙ୍ଗ ରଖିଥିବା ଭଳି ମନେ ହୁଏ। ଏହି ସମୟରେ ରାହୁଲ ଗାନ୍ଧୀ 'ଭାରତ ଯୋଡ଼ୋ' ଯାତ୍ରାରେ ସାରା ଦେଶର ବିଭିନ୍ନ ସ୍ଥାନ ଭ୍ରମଣ କରୁଛନ୍ତି। ଲୋକଙ୍କ ସହ କଥାବାର୍ତ୍ତା ବେଳେ ରାହୁଲ ଦାରିଦ୍ର୍ୟ, ବେକାରି ଏବଂ ଆର୍ଥିକ ଅସମାନତା ବିଷୟ ଉଠାଉଛନ୍ତି। ତେବେ ହଠାତ୍ ଆର୍‌ଏସ୍‌ଏସ୍‌ର ☞ପୃଷ୍ଠା-୨



ଦତ୍ତାତ୍ରେୟ ହୋସବାଲେ

**ଆଜିର ମନ୍ତବ୍ୟ**

"ଭାରତ ଯୋଡ଼ୋ ଯାତ୍ରା କନ୍ୟାକୁମାରୀରୁ କଶ୍ମୀର ଅହିଂସା ଓ ସ୍ୱରାଜର ବାର୍ତ୍ତା ପ୍ରଚାର କରିବ। ମହାତ୍ମା ଗାନ୍ଧୀ ଅନ୍ୟାୟ ବିରୋଧରେ ସାରା ଦେଶକୁ ଏକାଠି କରିଥିଲେ। ସେହିପରି କଂଗ୍ରେସ ଭାରତକୁ ଯୋଡ଼ିବା ଲାଗି ପ୍ରତିଜ୍ଞା ନେଇଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................

ବୟସ:..................................

ଜନ୍ମ ତାରିଖ: ............................



ଗାୟତ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଞ୍ଚି ମୁନେ ମୁନେ ପର୍ବତ ଟାଳିଲି,**
**କାକ ବିନା ନାହିଁ ରା;**
**ବାଳୁତ ପୁଅକୁ ଯୁବତୀ କନିଆଁ,**
**ସେ କି ଜାଣେ ତା'ର ଭାବ।**

ଛୁଞ୍ଚିକୁ ଧରି ପର୍ବତ ତାଡ଼ିବା କିମ୍ବା କାକ ରା' ରୁ ସୁଶ୍ରାବ୍ୟ ସ୍ୱର ଅନ୍ୱେଷଣ କରିବା ଅସମ୍ଭବ ଏବଂ ବୃଥା ପ୍ରୟାସ ହୋଇଥାଏ। ସେହିପରି ଯୁବତୀ କନ୍ୟା ସହ କିଶୋର ପିଲାର ବିବାହ ଏକ ନିରର୍ଥକ ସମ୍ପର୍କ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଛେଳିର ବୋଲି ଲାଙ୍ଗୁଳ;**
**ତହିଁରୁ ଛିଣ୍ଡିଗଲା ତିନି ଅଙ୍ଗୁଳ।**

ଛେଳିର ଲାଞ୍ଜ ଖୁବ୍ ଛୋଟ। ଏଥିରୁ ତିନି ଅଙ୍ଗୁଳ ପୁଣି କଟିଯିବା କଥା କହିବା ଭଳି ବାହାଦୁରି ଦେଖାଇ କିଛି ବ୍ୟକ୍ତି ବଡ଼ ବଡ଼ କରି କଥା କହିଥା'ନ୍ତି। ପରୋକ୍ଷରେ ଦୀନହୀନ ବ୍ୟକ୍ତି ଅନ୍ୟ ସମ୍ପନ୍ନ ଥିବା ବ୍ୟକ୍ତି ଆଗରେ ନିଜର ବୃଥା ବଡ଼ପଣ ଦେଖାଇବାକୁ ଯାଇ ଥଟ୍ଟା ପରିହାସର ପାତ୍ର ହେଉଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆହତ ଦନ୍ତାର ହେଲା ଅସ୍ତ୍ରୋପଚାର

## ଫାଶରେ ପଡ଼ି ଗୋଡ଼ରେ ହୋଇଥିଲା କ୍ଷତ

ବେତନଟୀ,୨।୧୦(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବାରିପଦା ବନଖଣ୍ଡ ଅଧୀନ ବେତନଟୀ ରେଞ୍ଜର ମସିଣାକାଟି ସଂରକ୍ଷିତ ଜଙ୍ଗଲରେ ୧୫ ଦିନ ହେବ ଅସୁସ୍ଥ ଅବସ୍ଥାରେ ବିଚରଣ କରୁଥିବା ଦନ୍ତାହାତୀର ରବିବାର ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ବେଳେ ହାତୀ ଗୋଡ଼ରୁ ଏକ ମୋଟା ପ୍ଲାଷ୍ଟିକ ରଶି ବାହାରିଥିବା ଚିକିତ୍ସା କରୁଥିବା ଓୟୁଏଟିର ବିଶେଷଜ୍ଞମାନେ କହିଛନ୍ତି। ସୂଚନା ଅନୁଯାୟୀ, ବେତନଟୀ ରେଞ୍ଜ ଅଧୀନ ଡୁମାପଦା, ଖଡିଶୋଳ, କାଞ୍ଚନନଗର, ମସିଣାକାଟି ଓ ଡୁଙ୍ଗାଧୁଆ ଅଞ୍ଚଳରେ ଏକ ଗୋଠଛଡ଼ା ଦନ୍ତା ବିଚରଣ କରୁଥିଲା। ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବାରୁ ସେ ସ୍ୱାଭାବିକ ଚଳପ୍ରଚଳ କରିପାରୁ ନ ଥିଲା।



ଅସୁସ୍ଥ ଦନ୍ତା

ବେତନଟୀ ବନ ବିଭାଗର ନଜରକୁ ଆସିବା ପରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆରୁ ଡ. ବ୍ରଜରାଜ ଏବଂ ରୁଦ୍ରନାରାୟଣ ମହାପାତ୍ରଙ୍କ ସମେତ ଓୟୁଏଟିର ପ୍ରଫେସର ଇନ୍ଦ୍ରମଣି ନାଥ, ଶିମିଳିପାଳ ଟାଇଗର ରିଜର୍ଭର ଡ. ପୀୟୂଷ ସୋରେନ ପ୍ରମୁଖଙ୍କୁ ନେଇ ଏକ ଡାକ୍ତରୀ ଟିମ୍ ରବିବାର ସକାଳେ ହାତୀ ନିକଟରେ ପହଞ୍ଚିଥିଲେ। ଡିଏଫ୍ଓ ସନ୍ତୋଷ ଯୋଶୀ, ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ଡେପୁଟି ଡାଇରେକ୍ଟର ଡ. ସମ୍ରାଟ ଗୌଡ଼ା ପ୍ରମୁଖ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଅସୁସ୍ଥ ହାତୀକୁ ଟ୍ରାଙ୍କୁଲାଇଜ୍ କରାଯିବା ପରେ ପ୍ରଫେସର ନାଥଙ୍କ ସହ ଟିମ୍‌ର ଅନ୍ୟ ସଦସ୍ୟମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ। ଦୀର୍ଘ ୪ ଘଣ୍ଟା ଉଦ୍ୟମ ପରେ ଅସ୍ତ୍ରୋପଚାର ସଫଳ ହୋଇଥିଲା। ଦନ୍ତାର ବାମପଟ ଆଗ ଗୋଡ଼ରେ ଚାପି ହୋଇରହିଥିବା ଏକ ପ୍ଲାଷ୍ଟିକ୍ ରଶିକୁ ବାହାର କରାଯାଇଥିଲା।

# ନିଆଁ ଲଗାଇବା ପରେ ହାଣି ଦେଲେ

- ଯୁବକଙ୍କୁ ନିର୍ମମ ହତ୍ୟା
- ବାପ, ପୁଅ ଅଟକ

କେନ୍ଦୁଝର,୨।୧୦(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ଅଧୀନ ହୁଣ୍ଡୁଳା ଗ୍ରାମରେ ଜଣେ ଯୁବକଙ୍କୁ ନିର୍ମମ ହତ୍ୟା କରାଯାଇଛି। ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଯୁବକଙ୍କ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେବା ସହ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ପ୍ରଣବ ମହାନ୍ତ (୨୫)। ଘଟଣା ଶନିବାର ରାତିରେ ଘଟିଥିବା ବେଳେ ରବିବାର ସକାଳେ ଘର ଆଗରେ ମୃତଦେହକୁ ଦେଖି ସ୍ଥାନୀୟ ଲୋକ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ବାପା ପ୍ରକାଶ ମହାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ଏକ ହତ୍ୟା ମାମଲା(ନଂ.୩୮୭/୨୨) ରୁଜୁ କରି ପୋଲିସ ସେହି ଗ୍ରାମର ଭୁବନ ଦାସ ଓ ଶକ୍ତି ପ୍ରସାଦ ଦାସଙ୍କୁ ଅଟକ ରଖିଛି। ଉଭୟ ସମ୍ପର୍କରେ ବାପ ଓ ପୁଅ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ହୁଣ୍ଡୁଳା ଛକରେ ଦୋକାନ ଦେଇଥିବା ଭୁବନଙ୍କ ସାନ ପୁଅକୁ ପ୍ରଣବ ଶନିବାର ମାଡ଼ ମାରିଥିଲେ। ଏ ନେଇ ଭୁବନଙ୍କ ପରିବାର ପକ୍ଷରୁ ସଦର ଥାନାରେ ସୂଚନା ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଆସିଥିଲେ ସୁଦ୍ଧା ପ୍ରଣବଙ୍କୁ ଥାନାକୁ ନ ନେବାରୁ ଭୁବନଙ୍କ ପରିବାର ସଦସ୍ୟଙ୍କ ଆକ୍ରୋଶ ବଢ଼ିଥିଲା। ଶନିବାର ବିଳମ୍ବିତ ରାତିରେ ଭୁବନ ପରିବାର ସଦସ୍ୟଙ୍କ ସହ ଗ୍ରାମର କିଛି ଯୁବକଙ୍କୁ ନେଇ ପ୍ରଣବଙ୍କ ଘରକୁ ଯାଇଥିଲେ। ପ୍ରଣବ ଜାଣି ଭୟଭୀତ ହୋଇ ଘର କବାଟ ବନ୍ଦ କରି ଦେଇଥିଲେ। ପରେ ସେମାନେ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଲଙ୍କା ଗୁଣ୍ଡ ଧୂଆଁ ଦେଇଥିଲେ। ପ୍ରଣବ ଅଣନିଃଶ୍ୱାସୀ ହୋଇ ଘରୁ ବାହାରିବା ପରେ ଭୁବନଙ୍କ ସହଯୋଗୀମାନେ ସଂଘବଦ୍ଧ ହୋଇ ଧାରୁଆ ଅସ୍ତ୍ରରେ ତାଙ୍କୁ ହାଣି ହତ୍ୟା କରିଥିଲେ ବୋଲି ମୃତକଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ସଦର ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଶବ ବ୍ୟବଚ୍ଛେଦ କରାଯାଇଛି। ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ତଦନ୍ତ ପରେ ହତ୍ୟାର କାରଣ ଜଣାପଡ଼ିବ।

**ପ୍ରଥମ ପୃଷ୍ଠାରୁ...**

## ଷ୍ଟାଡିୟମ୍‌ରେ ଦଳାଚକଟା...

ଏକାଧିକଥର ରେକର୍ଡ କରାଯାଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିଥିଲା ବୋଲି ଇଷ୍ଟ ଜାଭା ଭାଇସ୍ ଗଭର୍ନର ଏମିଲ୍ ଦରଡାକ୍ କହିଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ପୋଲିସ ଅଧିକାରୀ ଅଛନ୍ତି। ହିଂସା ଓ ଦଳାଚକଟା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଏଥିରେ ହୋମ୍ ଟିମ୍ ଆରେମା ଏଫ୍‌ସି ଫ୍ୟାନ୍‌ମାନେ ଲାଲ ଓ ନୀଳ ରଙ୍ଗର ପୋଷାକ ପିନ୍ଧି ଷ୍ଟାଡିୟମ୍ ପଡ଼ିଆରେ ଇଣ୍ଡୋନେସୀୟ ସୁରକ୍ଷା କର୍ମୀମାନଙ୍କ ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ପରେ ବହୁସଂଖ୍ୟକ ଲୋକ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇଥିଲେ। ସେମାନଙ୍କୁ ପ୍ରଥମେ ଏକ ବିଲ୍ଡିଂକୁ ନିଆଯାଇଥିଲା। ସେଠାରୁ ନିକଟସ୍ଥ ହସ୍ପିଟାଲଗୁଡ଼ିକୁ ସ୍ଥାନାନ୍ତର କରାଯାଇଥିଲା। କଞ୍ଜୁରୁହାନ୍ ଷ୍ଟାଡିୟମ୍‌ର ଧାରଣ କ୍ଷମତା ୩୮,୦୦୦ ହୋଇଥିବାବେଳେ ଏହି ଲିଗ୍ ମ୍ୟାଚ ପାଇଁ ୪୨,୦୦୦ ଟିକେଟ ବିକ୍ରି କରାଯାଇଥିଲା। ପରାଜିତ ଟିମ୍‌ର ୩,୦୦୦ ଫ୍ୟାନ୍ ପିଚ୍‌କୁ ଓହ୍ଲାଇ ହିଂସା ଭିଆଇଥିଲେ ବୋଲି ସେଠାକାର କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚିଫ୍ ସିକ୍ୟୁରିଟି ଅଫସର ମହଫୁଦ୍ ଏମ୍‌ଡି ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ବହୁ ସଂଖ୍ୟକ ଦର୍ଶକ ଦେଖିବାକୁ ଆସିବେ ବୋଲି ଆମେ ପୂର୍ବରୁ ଅନୁମାନ କରି ପୂର୍ବାହ୍ନରେ ମ୍ୟାଚ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲୁ, କିନ୍ତୁ ଏହା ରାତି ଯାଏ ବିଳମ୍ବିତ ହୋଇଥିଲା। ଷ୍ଟାଡିୟମ୍‌ରେ ସିଟ୍ ସଂଖ୍ୟାଠାରୁ ଅଧିକ ଦର୍ଶକ ଥିଲେ। ଆମ ପ୍ରସ୍ତାବକୁ ଗ୍ରହଣ କରାଯାଇ ନ ଥିଲା। ପଡ଼ିଆରେ ହିଂସା ଭିଆଇଥିବା ଲୋକେ ହେଉଛନ୍ତି ଆରେମା ଏଫ୍‌ସି ପ୍ରଶଂସକ।

ଇଣ୍ଡୋନେସିଆ ଆସନ୍ତା ବର୍ଷର ଫିଫା ଅଣ୍ଡର-୨୦ ୱାର୍ଲ୍ଡ କପ୍ ଆୟୋଜନ କରିବାକୁ ଥିବାବେଳେ ୨୦୨୩ ଏସିଆନ୍ କପ୍ ପାଇଁ ମଧ୍ୟ ବିଡ୍ କରୁଛି। ଏଥିପାଇଁ ଦେଶକୁ ସାରା ବିଶ୍ୱର ଫୁଟ୍‌ବଲ ଖେଳାଳିଙ୍କ ସୁଅ ଛୁଟିବାରେ ଲାଗିଛି। ପର୍ଯ୍ୟବେକ୍ଷକଙ୍କ ମତରେ ଏହି ମୃତ୍ୟୁସଂଖ୍ୟା ୧୯୮୯ ହିଲ୍ସବର୍ଗ ଷ୍ଟାଡିୟମ୍ ଟ୍ରାଜେଡିକୁ ଟପିଯାଇଛି। ଅନ୍ୟପକ୍ଷେ ପୋଲିସର ଆଚରଣକୁ ନେଇ ମଧ୍ୟ ଦେଶରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଇଣ୍ଡୋନେସିଆନ୍ ପୋଲିସ ୱାଚ୍ (ଆଇପିଡବ୍ଲ୍ୟୁ) ଏହି ହିଂସା ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରାଯାଉ ବୋଲି ଦାବି କରିଛି। ଏଥିସହ ମଲଙ୍ଗ ପୋଲିସ ମୁଖ୍ୟ ଫେର୍ଲି ହିଦାୟତ୍‌ଙ୍କୁ ତୁରନ୍ତ ହଟାଇବାକୁ ଦାବି କରିଛି। ଇଣ୍ଡୋନେସିଆ ଫୁଟ୍‌ବଲ ଇତିହାସରେ ଏହା ହେଉଛି ସବୁଠୁ ନିକୃଷ୍ଟ ଇଭେଣ୍ଟ। ମୃତ୍ୟୁସଂଖ୍ୟାକୁ ନେଇ ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ଆଇପିଡବ୍ଲ୍ୟୁ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ସେହିପରି ନିର୍ବାସନରେ ଥିବା ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲର ମାନବାଧିକାର କର୍ମୀ ଭେରୋନିକା କୋମ୍ୟାନ ମଧ୍ୟ ପୋଲିସର ଲୁହବୁହା ବାଷ୍ପ ପ୍ରୟୋଗକୁ ବର୍ବର ଓ ବେଆଇନ କହି ନିନ୍ଦା କରିଛନ୍ତି। ଇତିମଧ୍ୟରେ ଇଣ୍ଡୋନେସିଆନ୍ ଫୁଟ୍‌ବଲ୍ ଆସୋସିଏଶନ୍ (ପିଏସ୍‌ଏସ୍‌ଆଇ) ଏହି ଘଟଣା ପରେ ସମସ୍ତ ମ୍ୟାଚକୁ ବାତିଲ କରିଦେଇଛି। ଏଥିସହ ସିଜନ୍‌ର ଅବଶିଷ୍ଟ ମ୍ୟାଚଗୁଡ଼ିକର ଆୟୋଜନ ନେଇ ଆରେମା ଏଫ୍‌ସି ଟିମ୍ ଉପରେ କଟକଣା ଜାରି କରିଛି। ଏହି ଟ୍ରାଜେଡି ଦେଶର ଫୁଟ୍‌ବଲ୍ ଭାବମୂର୍ତ୍ତିକୁ ମଳିନ କରିଥିବା ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ସେପଟେ ଆୟୋଜକ ଟିମ୍ ଆରେମା ଏଫ୍‌ସି ଘଟଣା ପାଇଁ ନିଜ ୱେବ୍‌ସାଇଟ୍‌ରେ କ୍ଷମା ମାଗିଛି। ପେର୍ସେବାୟା ଟିମ୍ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛି। ଫୁଟ୍‌ବଲଠାରୁ ଜୀବନ ମୂଲ୍ୟବାନ୍ ବୋଲି ଏକ ବିବୃତିରେ ଟିମ୍ ପକ୍ଷରୁ କୁହାଯାଇଛି।

## ବିଶ୍ୱର ବଡ଼...

ଗୁଆଟେମାଲା ମଧ୍ୟରେ ୱାର୍ଲ୍ଡକପ୍ କ୍ୱାଲିଫାୟର ମ୍ୟାଚ୍ ଚାଲିଥିବାବେଳେ ଦଳାଚକଟାରେ ୮୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୪୭ ଆହତ ହୋଇଥିଲେ।

**୧୯୯୮ ଏପ୍ରିଲ ୯:** ମକ୍କାର ଏକ ବ୍ରିଜ୍‌ରେ ଅସମ୍ଭାଳ ଭିଡ଼ ଯୋଗୁ ନାହିଁ ନ ଥିବା ଅବସ୍ଥା ସୃଷ୍ଟି ହୋଇଥିଲା। ଦଳାଚକଟାରେ ୧୧୮ ଜଣଙ୍କ ଜୀବନ ଯାଇଥିଲା।

**୨୦୦୧ ଏପ୍ରିଲ ୧୧:** ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଏକ ଫୁଟ୍‌ବଲ ମ୍ୟାଚ୍ ବେଳେ ହିଂସାକାଣ୍ଡ ଘଟି ୪୩ ପ୍ରାଣ ହରାଇଥିଲେ।

**୨୦୦୧ ମେ' ୯:** ଘାନା ରାଜଧାନୀ ଅକ୍ରାର ଏକ ଷ୍ଟାଡିୟମ୍‌ରେ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବାରୁ ଦଳାଚକଟା ହୋଇଥିଲା। ଏଥିରେ ୧୨୦ ପ୍ରାଣ ହରାଇଥିଲେ।

**୨୦୦୪ ଫେବୃୟାରୀ ୧:** ମକ୍କା ନିକଟ ଜମାରତ୍ ବ୍ରିଜ୍‌ରେ ହଜ୍ ରୀତିନୀତି ଚାଲିଥିବାବେଳେ ଅନୁରୂପ ସ୍ଥିତି ସୃଷ୍ଟି ହୋଇ ୨୫୧ ଜଣଙ୍କ ଜୀବନ ଯାଇଥିଲା।

**୨୦୦୫ ଜାନୁୟାରୀ ୨୫:** ମହାରାଷ୍ଟ୍ରର ମହେନ୍ଦ୍ରଦେବୀ ମନ୍ଦିରରେ ଦଳାଚକଟା ଯୋଗୁ ୨୬୫ ହିନ୍ଦୁ ଶ୍ରଦ୍ଧାଳୁଙ୍କ ପ୍ରାଣହାନି ଘଟିଥିଲା।

**୨୦୦୮ ସେପ୍ଟେମ୍ବର ୪:** ରାଜସ୍ଥାନର ଯୋଧପୁରରେ ଏକ ମନ୍ଦିରରେ ଦଳାଚକଟାରେ ୧୬୮ ଭକ୍ତଙ୍କ ଜୀବନ ଯାଇଥିଲା।

**୨୦୧୦ ନଭେମ୍ବର ୨୨:** କାମ୍ବୋଡିଆ ରାଜଧାନୀ ଫନୋମ ପେନ୍‌ହରେ ଏକ ଉତ୍ସବ ବେଳେ ଦଳାଚକଟାରେ ୩୪୦ ଜଣଙ୍କ ମୃତ୍ୟୁ ଘଟିଥିଲା।

**୨୦୧୩ ଜାନୁୟାରୀ ୨୭:** ବ୍ରାଜିଲ୍‌ର ସାଣ୍ଟା ମାରିଆସ୍ଥିତ କିସ୍ ନାଇଟ୍‌କ୍ଲବ୍‌ରେ ନିଆଁ ଲାଗିଯିବାରୁ ୨୦୦ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ।

**୨୦୧୫ ସେପ୍ଟେମ୍ବର ୨୪:** ସାଉଦି ଆରବର ହଜ ବେଳେ ଦଳାଚକଟାରେ ୨,୪୧୧ ଯାତ୍ରୀ ଅଣନିଃଶ୍ୱାସୀ ହୋଇ ଆଖି ବୁଜିଦେଇଥିଲେ।

## ଖାଦ୍ୟସୁରକ୍ଷା ହିତାଧିକାରୀଙ୍କୁ...

ମହାପାତ୍ର କହିଛନ୍ତି, ବର୍ଷର ଶେଷ ସମୟ ହୋଇଥିବାରୁ ରାଇସ୍ ମିଲଗୁଡ଼ିକରେ ଗଚ୍ଛିତ ରହିଥିବା ଧାନଗୁଡ଼ିକ ଲାଲ୍ ପଡ଼ିଯାଏ। ସେଥିପାଇଁ ଚାଉଳ ଲାଲ ହୋଇ ଆସୁଛି। ତେବେ ଏହି ଦୁଇଟି ମିଲ ସହିତ ଅନ୍ୟ କେତେକ ମିଲ ମଧ୍ୟ ଚାଉଳ ଦେଇଛନ୍ତି। ତେଣୁ ଜିଲା ଯୋଗାଣ ଅଧିକାରୀଙ୍କ ଅନୁମୋଦନକ୍ରମେ ଆମେ ମିଲରଙ୍କ ନିକଟରୁ ଏଭଳି ଚାଉଳ ରଖିଛୁ ବୋଲି ସେ ପ୍ରକାଶ କରିଛନ୍ତି। ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ୍ ଖାଁ କହିଛନ୍ତି, ସମ୍ପୂର୍ଣ୍ଣ ଧଳା ଚାଉଳ ହିତାଧିକାରୀଙ୍କୁ ଦିଆଯିବା ନେଇ ସରକାରଙ୍କ ନିର୍ଦ୍ଦେଶନାମା ରହିଛି। ମାତ୍ର ଧାନମଣ୍ଡଳ ପଣ୍ୟାଗାରରେ ରହୁଥିବା ଚାଉଳକୁ ପରୀକ୍ଷା କରିବାକୁ ସେଠାରେ ୨ଜଣ ପରୀକ୍ଷକ ରହିଛନ୍ତି। ଚାଉଳର ମାନ ପରୀକ୍ଷା କରି ଗୋଦାମ ଗୃହରେ ଗଚ୍ଛିତ ରଖିବା କାର୍ଯ୍ୟ ସେମାନଙ୍କର। ଜିଲା ଯୋଗାଣ ଅଧିକାରୀ କାହାରିକୁ ନିମ୍ନମାନର ଚାଉଳ ରଖିବାକୁ ଅନୁମତି ଦେଇନାହାନ୍ତି କିମ୍ବା ଅନୁମତି ଦେବା ଓ ପରୀକ୍ଷା ନିରୀକ୍ଷା କରିବା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟ ନୁହେଁ ବୋଲି ସେ କହିଛନ୍ତି। ତେବେ ସରକାରୀ ଅଧିକାରୀଙ୍କ ଏଭଳି ବକ୍ତବ୍ୟକୁ ନେଇ ସନ୍ଦେହ ଘନୀଭୂତ ହୋଇଛି। ଏହି ଚାଉଳ କାରବାରରେ ବ୍ୟାପକ ଘୋଟାଲା ହେଉଥିବା ଉଭୟଙ୍କ କଥାବାର୍ତ୍ତାରୁ ସ୍ପଷ୍ଟ ବାରି ହେଉଛି। ତେଣୁ ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ହିତାଧିକାରୀ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ମଙ୍ଗଳଯାନର ମିଶନ...

ବ୍ୟାଟେରି ଉପରେ ପ୍ରଭାବ ପକାଇଛି। ଗୋଟିଏ ଚନ୍ଦ୍ରଗ୍ରହଣ ପ୍ରାୟ ସାଢ଼େ ୭ ଘଣ୍ଟା ଧରି ଲାଗିରହିଥିଲା। ଏହାର ବ୍ୟାଟେରି ୧ ଘଣ୍ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଚନ୍ଦ୍ରଗ୍ରହଣରେ ବ୍ୟାକ୍‌ଅପ୍ ରଖିବାର କ୍ଷମତାରେ ଡିଜାଇନ୍ କରାଯାଇଥିଲା। ଦୀର୍ଘସମୟ ଚନ୍ଦ୍ରଗ୍ରହଣ ଯୋଗୁ ବ୍ୟାଟେରି ଶୀଘ୍ର ଖରାପ ହୋଇଯାଇଥିବା ଜଣାପଡ଼ିଛି। ଆଗକୁ ଭାରତ ଆଉ ଏକ ମଙ୍ଗଳ ମିଶନ ଆରମ୍ଭ କରିବାକୁ ଯୋଜନା କରିଛି। ଚନ୍ଦ୍ରୟାନ-୩ର ଲଞ୍ଚ ପରେ ମଙ୍ଗଳୟାନ-୨ ଉତ୍କ୍ଷେପଣ କାମ ଆରମ୍ଭ ହେବ ବୋଲି ଇସ୍ରୋର ପୂର୍ବତନ ମୁଖ୍ୟ କେ. ଶିବନ୍ ପୂର୍ବରୁ କହିଥିଲେ।

## ହୋସବାଲେଙ୍କ ଚିତ୍ର...

କେନ୍ଦ୍ର ସରକାର ବିରୋଧୀ କଡ଼ା ଆଭିମୁଖ୍ୟକୁ ଅନେକେ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। କୁହାଯାଉଛି ଯେ, ଆର୍‌ଏସ୍‌ଏସ୍ ଏବଂ ଏହାର ବିଚାର ସହ ଦୃଢ଼ରହି କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କଠାରୁ ମୋଦି ସରକାର ଦୂରେଇଯାଉଛି। ଏନେଇ କେତେଜଣ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଉଦାହରଣ ଦେଉଛନ୍ତି। ତାଙ୍କୁ ମୋଦି ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। କାରଣ ଭାଜପାର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ପାର୍ଲାମେଣ୍ଟାରୀ ବୋର୍ଡରୁ ଗଡ଼କରୀଙ୍କୁ ନିକଟରେ ବିଦା କରିଦିଆଯାଇଛି। ଏହା ପୂର୍ବରୁ ଗଡ଼କରୀ ଏକ ସଭାରେ ଉଦ୍‌ବୋଧନ ଦେବାବେଳେ ରାଜନୀତିରୁ ସନ୍ନ୍ୟାସ ନେବା କଥା ଉଠାଇଥିଲେ। ଗଡ଼କରୀ ଜଣେ ବ୍ରାହ୍ମଣ ହୋଇଥିବାରୁ ତାଙ୍କୁ ଟାର୍ଗେଟ୍ କରାଯାଇଥାଇପାରେ ବୋଲି ଆଲୋଚନା ହେଉଛି। କାରଣ ମୋଦି ଜଣେ ଓବିସି ବର୍ଗର ହୋଇଥିବା ବେଳେ ଆଦିବାସୀ, ଦଳିତ ବର୍ଗରୁ ଭାଜପା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ କରାଯାଉଥିବା ସମସ୍ତଙ୍କ ନଜରକୁ ଆସିଛି। ଅନ୍ୟପକ୍ଷରେ ଏକ ରୋଚକ ଉକ୍ତି ପ୍ରକାଶ ପାଇଛି ଯେ, ହନୁମଲା ବେଳେ ସତ କହେ। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାର ବିପର୍ଯ୍ୟୟକୁ ଆର୍‌ଏସ୍‌ଏସ୍ ଅନୁମାନ କରିସାରିଲାଣି ବୋଲି ହୋସବାଲେଙ୍କ ଟିପ୍ପଣୀରୁ ଏହି ଉକ୍ତି ଲୋକଙ୍କ ମନକୁ ଆସିଥାଇପାରେ।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** – ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। କେତେକ ଅସହିଷ୍ଣୁ ମନୋଭାବର ପରଶ୍ରୀକାତର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ସମ୍ଭାବନା ରହିଛି। ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ଓ ସଭାସମିତି ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ। ଅଶ୍ୱିନୀ ନକ୍ଷତ୍ର ବନ୍ଧୁଙ୍କ ପ୍ରେରଣାରେ ଆନୁଷ୍ଠାନିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ବୃଷ** – ନୂଆ ଯୋଜନା ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ମୃଗଶିରା ପାରିବାରିକ ସ୍ତରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ଆଜି କୌଣସି କାମରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିବ।

**ମିଥୁନ** – ପାରିବାରିକ ସମସ୍ୟା ଓ ଅର୍ଥର ବୋଝ ମନକୁ ବିଚଳିତ କରିପାରେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ,ବାଣିଜ୍ୟ ଓ ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ। ଆରଦ୍ରା ନକ୍ଷତ୍ର ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ନିନ୍ଦା ଶୁଣିପାରନ୍ତି।

**କର୍କଟ** – ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବିଶେଷ ଆନନ୍ଦ ପ୍ରଦାନ କରିବ। ଭାଇ, ବନ୍ଧୁ, ସହକର୍ମୀମାନଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। ଘରର ବରାଦ ଅନୁଯାୟୀ ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି ।

**ସିଂହ** – ଆଜି ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଧନ ହାନି ଯୋଗ ମଧ୍ୟ ରହିଛି। କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରିବା ଉଚିତ ହେବ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ । ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** – ଆବଶ୍ୟକ ଅର୍ଥର ଅଭାବ ହେତୁ ମାନସିକ ସ୍ଥିରତା ରହିବ ନାହିଁ। ଯାହା କରିବା କଥା ଶୀଘ୍ର ଶୀଘ୍ର ଶେଷ କରିବା ଭଲ ହେବ,ଅନ୍ୟଥା ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯିବ। ପରିବାରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ସତ୍‌ସଙ୍ଗ କିମ୍ବା ପୂଜାପାର୍ବଣରେ ନିଜକୁ ହଜାଇ ଦେଇପାରନ୍ତି।

**ତୁଳା** – ପୂର୍ବପରିକଳ୍ପିତ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବିଶେଷ କୌଣସି ଅସୁବିଧା ହେବ ନାହିଁ। ଆଜି ଆପଣ ଯାହା କରିବେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ହାସଲ କରିବେ । ଆନୁଷ୍ଠାନିକ କ୍ଷେତ୍ରରେ,ସଭା ସମିତିରେ,କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବିଛା** – ଆଜି ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ । ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** – ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି । ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ବ୍ୟବସାୟରେ ଭଲ କାରବାର ହେବ, ଯାହାକି ଆପଣଙ୍କୁ କେତେକାଂଶରେ ଆତ୍ମସନ୍ତୋଷ ମିଳିବ।

**ମକର** – କର୍ମକ୍ଷେତ୍ରରେ କେତେକ ଅବହେଳିତ କାମ ସକାଶେ ଚିନ୍ତା କରିପାରନ୍ତି। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ କରିବା ସକାଶେ ଅତି ନିଜର ଭଳି ବ୍ୟବହାର କରିପାରନ୍ତି । ଯେତେପ୍ରକାର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇପାରିବ ନାହିଁ। ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କୁମ୍ଭ** – ପୂର୍ବ ଯୋଜନା ଅନୁଯାୟୀ କର୍ମକ୍ଷେତ୍ରରେ ଆଗୁଆ ହୋଇ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**ମୀନ** – ଆଜିର ପ୍ରତ୍ୟୁଷ ଯାତ୍ରା ସଫଳତା ଆଣିଦେବ। ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତିରେ ଗୌରବାର୍ଜନ କରିପାରନ୍ତି। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।


# classifieds

**Everyday**
0674-2580101, 2549302

real estate

**SALE**

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D-1651

GA freehold plot 3750sqft. at Bharatpur GA Colony for sale. Owner- 7978214375. D-71657

**ଘରବାରି boundary plot ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର 1300 ବର୍ଗ ଫୁଟକୁ 13,00,000/-. 9437306208.** D-74130

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520.** D-74126

**ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067.** D-74127

GA freehold plot 2400sqft. at Bharatpur GA Colony for immediate sale. Owner- 7978214375. D-71656

**ଭୁବନେଶ୍ୱର ହଂସପାଳ ଛକ ନିକଟରେ 3BHK Duplex Modern Amenities ସହିତ ମିଳୁଛି। 9658122456, 8327785834.** D-74122

**ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391.** D-1576

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

construction

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Newly open full body massage ladies and gents. 9040171280. D-73977

Fullbody relax massage refresh your body with trend therapist. 7008773793. D-73650

education

Join through Pre-Recruitment Training, Defence, Police, Railways, Banking, Tutorial coaching for 9th, 10th, 11th, 12th students for success. 9938238840, 8984604233. D-73646

BUSINESS

**Save on Electricity bills. Forget power interruptions. Install Nexus brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090, 9777065888.** D-73647

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଗାୟତ୍ରୀ ବେହେରା**
ଦେଉଳି, ଖୋର୍ଦ୍ଧା
ସବୁ ଇଚ୍ଛା ତୁମ ପୂରଣ ହେଇଯାଉ
ତୁମ ଜୀବନରେ ଦୁନିଆର ସବୁ ଖୁସି ଭରିଯାଉ।
ଜନ୍ମଦିନର ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶୁଭେଚ୍ଛା ସହ: ପ୍ରଜ୍ଞା ପରମିତା ମହାନ୍ତି
ଧ-୭୭୪୨୫

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୩୩,୮୮,୦୯୪ | ୬୫,୫୦,୪୭୬ | ୬୦,୩୨,୨୬,୧୭୭ |
| ଭାରତ | ୪,୪୫,୯୪,୪୮୭ | ୫,୨୮,୬୭୩ | ୪,୪୦,୨୮,୩୭୦ |
| ଓଡ଼ିଶା | ୧୩,୩୪,୩୬୭ | ୯୧୯୫(+୫୩) | ୧୩,୨୩,୮୪୩ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଓଡ଼ିଶା ହୋମ୍ସର ନିର୍ଦ୍ଦେଶକ ମନୋଜ ଆନ୍ଧ୍ରପ୍ରଦେଶରୁ ଗିରଫ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

**ଫ୍ଲାଟ୍ ନାଁରେ ୨୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲା**



- ଧରିବାକୁ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇଥିଲା
- ଅଗଷ୍ଟ ୨୪ରୁ ଗିରଫ ହୋଇ ଜେଲରେ ଅଛନ୍ତି ଏମ୍‌ଡି

ଫ୍ଲାଟ୍ ଦେବା ଆଳରେ ଏକାଧିକ ଲୋକଙ୍କଠାରୁ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଫେରାର ଥିବା ଓଡ଼ିଶା ହୋମ୍ସ ଆଣ୍ଡ୍ କମର୍ସିଆଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ଅନ୍ୟତମ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା ଶେଷରେ ଧରାପଡିଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆନ୍ଧ୍ରପ୍ରଦେଶ କାକିନାଡା ଜିଲା ଆନ୍ନାଭରମ ଥାନା ଅନ୍ତର୍ଗତ ଏକ ହୋଟେଲରୁ ତାଙ୍କୁ ଶନିବାର ଗିରଫ କରିଛି। ପରେ ଇଓଡବ୍ଲ୍ୟୁ ତାଙ୍କୁ ସ୍ଥାନୀୟ ପୂର୍ବ ଗୋଦାବରୀ ଜିଲାସ୍ଥିତ ପ୍ରାଥିପାଡୁ ଜେଏମ୍ଏଫ୍‌ସିରେ ହାଜର କରିଥିଲା। କୋର୍ଟଙ୍କ ଅନୁମତି ପରେ ସେଠାରୁ ମନୋଜଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଆଣି ରବିବାର ଓଡ଼ିଶାରେ ପହଞ୍ଚିଛି ଇଓଡବ୍ଲ୍ୟୁ। ସୋମବାର କଟକ ଓପିଆଇଡି କୋର୍ଟରେ ତାଙ୍କୁ ହାଜର କରାଯିବ। ଏଥିସହ ମନୋଜଙ୍କୁ ରିମାଣ୍ଡରେ ଅଣାଯିବା ସଂକ୍ରାନ୍ତରେ ବିଚାର କରାଯିବ ବୋଲି ଇଓଡବ୍ଲ୍ୟୁ ଏସ୍‌ପି ଦିଲ୍ଲୀପ ତ୍ରିପାଠୀ କହିଛନ୍ତି। ଏହି ମାମଲାରେ ପୂର୍ବରୁ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଅରବିନ୍ଦ ସାମନ୍ତରା ଗତ ଅଗଷ୍ଟ ୨୪ରୁ ଗିରଫ ହୋଇ ଜେଲରେ ଅଛନ୍ତି। ଅନ୍ୟପକ୍ଷରେ ସଂସ୍ଥାର ଆଉଜଣେ ନିର୍ଦ୍ଦେଶକ ତଥା ମନୋଜଙ୍କ ଭାଇ ସରୋଜ ପଣ୍ଡା ମଧ୍ୟ ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ରଞ୍ଜନ କୁମାର ମହାପାତ୍ର ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓ ନିକଟ ସାମପୁର ମୌଜାରେ ୬୫ଲକ୍ଷ ଟଙ୍କା ମୂଲ୍ୟର ଏକ ଫ୍ଲାଟ୍ କିଣିବାକୁ ଏହି ସଂସ୍ଥାର 'ଗଣପତି ହୋମ୍ସ' ପ୍ରକଳ୍ପରେ ବୁକ୍ କରି ଠକେଇର ଶିକାର ହୋଇଥିଲେ। ଟଙ୍କା ନ ଫେରାଇ ପରିଚାଳନା ନିର୍ଦ୍ଦେଶକ ଓ ନିର୍ଦ୍ଦେଶକମାନେ ଫେରାର ହୋଇଯାଇଥିଲେ। ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ଗତ ଅଗଷ୍ଟ ୨୩ରେ ଏକ ମାମଲା (ନଂ.୧୪/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୩ରୁ ୨୦୧୬ ମଧ୍ୟରେ ଅଭିଯୁକ୍ତମାନେ ବିଭିନ୍ନ ପ୍ରକଳ୍ପରେ ଫ୍ଲାଟ ଯୋଗାଇଦେବାକୁ ୪୨ରୁ ଅଧିକ ଜଣଙ୍କଠାରୁ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଠକିଥିବା ଜଣାପଡ଼ିଥିଲା। ତେବେ ମନୋଜଙ୍କୁ ଗିରଫ କରିବାକୁ ଲୁକ୍ଆଉଟ୍ ସର୍କୁଲାର ଜାରି ହୋଇଥିଲା। ଆନ୍ନାଭରମସ୍ଥିତ ଏକ ଘରୋଇ ହୋଟେଲରେ ମନୋଜ ଥିବା ଗୋଇନ୍ଦା ସୂଚନା ମିଳିବା ପରେ ଇଓଡବ୍ଲ୍ୟୁ ସ୍ଥାନୀୟ ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

# ଟିଗିରିଆ ଇକୋ-ଟୁରିଜମ୍ ଭୂମି ଉନ୍ନୟନ କାର୍ଯ୍ୟ ସମୀକ୍ଷା

**ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଟିଗିରିଆଠାରେ ଇକୋ-ଟୁରିଜମ୍ ଓ ପ୍ରମୋଦ ଉଦ୍ୟାନ ପାଇଁ ପ୍ରସ୍ତାବିତ ଭୂମି ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରବିବାର ଏକ ସମୀକ୍ଷା ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧ୍ୟକ୍ଷତା କରି କହିଲେ, ପ୍ରସ୍ତାବିତ ସ୍ଥାନରେ ପର୍ଯ୍ୟଟନର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ରହିଛି। କଟକ ଓ ଢେଙ୍କାନାଳ ଜିଲାର ଅନ୍ୟାନ୍ୟ ପର୍ଯ୍ୟଟନ ଓ ଦର୍ଶନୀୟ ସ୍ଥାନ ଯଥା ଅଂଶୁପା ହ୍ରଦ, କପିଳାସ, ଯୋରନ୍ଦା, ଭଟ୍ଟାରିକା, ସପ୍ତଶଯ୍ୟା, କଣ୍ଟିଲୋ, ସିଂହନାଥ ଆଦି ସ୍ଥାନର ନିକଟବର୍ତ୍ତୀ ହୋଇଥିବାରୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ। ଆଠଗଡ଼ ବନଖଣ୍ଡ ଅଧିକାରୀ, ରେଙ୍ଗାଲି ଦକ୍ଷିଣାଞ୍ଚଳ ଜଳସେଚନ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଏବଂ ଆଠଗଡ଼ ଉପଜିଲାପାଳ ମିଳିତ ଭାବେ ଆସନ୍ତା ୬ ତାରିଖ ଦିନ ପ୍ରସ୍ତାବିତ ସ୍ଥାନର ପରିଦର୍ଶନ କରିବେ। ସେଠାରେ ଇକୋ-ଟୁରିଜମ ପାଇଁ ଉନ୍ନୟନ କାର୍ଯ୍ୟ ଏବଂ ବନୀକରଣ ସମ୍ପର୍କରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ଲାନ ଆଠଗଡ଼ ଡିଏଫ୍ଓ ଏବଂ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଆଠଗଡ଼ ଡିଏଫ୍ଓ ପ୍ରସ୍ତାବିତ ସ୍ଥାନରେ ଆବଶ୍ୟକ ବନୀକରଣ ଏବଂ ୱାଚ୍ ଟାୱାର ନିର୍ମାଣ କରିବା ଦିଗରେ ପଦକ୍ଷେପ ନେବେ। ଭୂମି ସମତଳ କାର୍ଯ୍ୟ ରେଙ୍ଗାଲି ଜଳସେଚନ ପ୍ରକଳ୍ପ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ନଭେମ୍ବର ୧୫ ସୁଦ୍ଧା ଶେଷ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ବୈଠକରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଏ.ଏନ୍.ଏସ୍. ଲାଗୁରି, ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ ଇରିଗେଶନ କେନାଲ ପ୍ରକଳ୍ପର ମୁଖ୍ୟଯନ୍ତ୍ରୀ ବିଜୟ କୁମାର ସାମଲ, ଆଠଗଡ଼ ଡିଏଫ୍ଓ ସୁଦର୍ଶନ ଯାଦବଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ରାଜଧାନୀରେ ପାର୍ବଣ ଭିଡ଼ : ମା' ଦୁର୍ଗାଙ୍କ ମହାସପ୍ତମୀ ଅବସରରେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ରସୁଲଗଡ଼ ଛକର ଦୃଶ୍ୟ। (ଫଟୋ - ବିକାଶ)

# ଭାଜପାର ପଦଯାତ୍ରା ଆରମ୍ଭ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

**ଜନତା ମଇଦାନ ସଫେଇ କଲେ ନେତା**

ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ଜିଲା ଭାଜପା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଭୁବନେଶ୍ୱର ଧର୍ମବିହାର ସରସ୍ୱତୀ ଶିଶୁମନ୍ଦିରଠାରୁ ଜାଗମରା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ୨୨ ବର୍ଷ ଧରି ଓଡ଼ିଶା ଶାସନ କ୍ଷମତାରେ ଥିବା ନକଲି ସରକାରକୁ ଧ୍ୱଂସ କରି ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରାଯିବାର ନିହାତି ଆବଶ୍ୟକତା ରହିଛି ବୋଲି ଭାଜପା କହିଛି। ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ରାଜ୍ୟ ସରକାରଙ୍କ କୁଶାସନ, ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ମହାପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ବିଫଳ ବୋଲି କହିଥିଲେ। ସମସ୍ତ ଭାରତୀୟଙ୍କ ଆରାଧ୍ୟ ଜଗନ୍ନାଥଙ୍କ ରତ୍ନଭଣ୍ଡାର ପ୍ରସଙ୍ଗରେ 'ନକଲି ଚାବି' କହି ବିଭ୍ରାନ୍ତ କରୁଥିବା ନିଜେ ରାଜ୍ୟ ସରକାର ନକଲି ବୋଲି ନଡ୍ଡା କହିଥିଲେ। ରାଜ୍ୟ ସରକାରକୁ ବଦଳାଇ ବିକଶିତ ଓଡ଼ିଶା ପାଇଁ ସଂକଳ୍ପ ନେଉଛୁ ବୋଲି ସିଂ କହିଛନ୍ତି। ଏହି ଅବସରରେ ଭାଜପା ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଜିଲା କମିଟି ସଦସ୍ୟମାନେ ଜନତା ମଇଦାନ ପଡ଼ିଆରେ ସଫା କରିଛନ୍ତି।

# ଗାନ୍ଧୀ ଜୟନ୍ତୀ ପାଳିଲା କଂଗ୍ରେସ

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ରବିବାର ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସକାଳେ ପିସିସି ସଭାପତିଙ୍କ ସମେତ କଂଗ୍ରେସ ନେତାମାନେ ଚନ୍ଦ୍ରଶେଖରପୁର ନାଲକୋ ଛକ ସ୍ଥିତ ଗାନ୍ଧୀ ପାର୍କରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କଂଗ୍ରେସ ଭବନ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ ଓ ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# 'ହର୍ ଦିଲ୍‌ମେ ଗାନ୍ଧୀ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨।୧୦(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟଠାରେ 'ହର୍ ଦିଲ୍‌ମେ ଗାନ୍ଧୀ'ର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପରେଖ ସହ ଗାନ୍ଧୀ ଦର୍ଶନ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ବାଚନ ଆୟୋଗଙ୍କ ପୂର୍ବତନ ଉପଦେଷ୍ଟା ତଥା ଗାନ୍ଧୀବାଦୀ ଭଗବାନ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀଙ୍କ ନୀତି ଆଦର୍ଶକୁ ଅନୁସରଣ ଓ ପାଳନ କଲେ ସର୍ବୋତ୍ତମ ମଣିଷ ହୋଇ ନିଜ ସହ ସାରାବିଶ୍ୱକୁ ସର୍ବୋତ୍ତମ ଓ ସର୍ବୋତ୍କୃଷ୍ଟ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। 'ହର୍ ଦିଲ୍‌ମେ ଗାନ୍ଧୀ' କାର୍ଯ୍ୟକ୍ରମ ୨୦୨୩ ଅକ୍ଟୋବର ୨ରେ ଉଦ୍‌ଯାପନ ହେବ ବୋଲି କାର୍ଯ୍ୟକ୍ରମର ଆବାହକ ତଥା ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଙ୍ଗଠନର ସମ୍ପାଦକ ଶିବ ନାରାୟଣ ମିଶ୍ର ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ଗାନ୍ଧୀପ୍ରେମୀ ଓ ବିଭିନ୍ନ ସଙ୍ଗଠନକୁ ସାମିଲ କରାଯିବ। ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସ୍ତରରେ ଗାନ୍ଧୀ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯିବ। ପଦଯାତ୍ରା ଓ ରଚନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦେଶର ଯୁବପିଢ଼ିଙ୍କୁ ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଶାନ୍ତିର ମାର୍ଗରେ ଉଦ୍‌ବୁଦ୍ଧ କରିବା ପାଇଁ ବହୁ ସଂଖ୍ୟାରେ 'ଗାନ୍ଧୀ ସେବକ'ଙ୍କୁ ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରହିଛି। ଏହାର ଶୁଭାରମ୍ଭବେଳେ ଗାନ୍ଧୀ ଗ୍ଲୋବାଲ ଫାଉଣ୍ଡେଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ମନୋଜ ଜେନା, ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, କାର୍ଯ୍ୟକ୍ରମର ସଂଯୋଜକ ପ୍ରସନ୍ନ ବିଶୋଇ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗାନ୍ଧିଜୀଙ୍କ ଜୀବନ ଦର୍ଶନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜନସମ୍ପର୍କ ପଦଯାତ୍ରାରେ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୨।୧୦ (ଡି.ଏନ୍.ଏ.)

- ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ପାଳିଲେ ବିଜେଡି ନେତା
- ଭୁବନେଶ୍ୱର ୩ ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକଙ୍କ ଶକ୍ତିପ୍ରଦର୍ଶନ
- ଏକାମ୍ର ନିର୍ବାଚନମଣ୍ଡଳୀ କାରଗିଲ୍ ରୋଡ୍ ପଡ଼ିଆରୁ ନବୀନଙ୍କ ଶୁଭାରମ୍ଭ

ବିଜେଡି ସରକାରର ସଫଳତା ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ସହିତ କେନ୍ଦ୍ରର ଅବହେଳା କଥା ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ଶାସକ ଦଳ ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ସବୁ ନିର୍ବାଚନମଣ୍ଡଳୀ ସ୍ତରରେ ଶାସକ ଦଳର ନେତାମାନେ ଏହି ପଦଯାତ୍ରା ଆରମ୍ଭ କରିଥିବା ବେଳେ ଦଳର ସଭାପତି ନବୀନ ପଟ୍ଟନାୟକ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ କାରଗିଲ ରୋଡ୍ ସ୍ଥିତ ପଡ଼ିଆରୁ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଗାନ୍ଧୀ ଜୟନ୍ତୀରୁ ପଦଯାତ୍ରା ଆରମ୍ଭ ହେଲା ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ, ଏକାମ୍ର ଏବଂ ଉତ୍ତର ନିର୍ବାଚନମଣ୍ଡଳୀ ବିଧାୟକ ଉପସ୍ଥିତ ଥିଲେ।

ଏହି ଅବସରରେ ଭୁବନେଶ୍ୱର ଜିଲା ବିଜେଡି ସଭାପତି ତଥା ବିଧାୟକ ସୁଶାନ୍ତ ରାଉତଙ୍କ ସଂଯୋଜନାରେ ଆୟୋଜିତ ସମାରୋହରେ ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଶିତ ଓଡ଼ିଶାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚାଇବାକୁ ପରାମର୍ଶ ଦେଇଛନ୍ତି। ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି, ଗାନ୍ଧୀଙ୍କ ପରଶମଣିରେ ମୁଖ୍ୟମନ୍ତ୍ରୀ ବିଶ୍ୱାସ କରନ୍ତି। ୨୫ ବର୍ଷ ହେଲା ସେ ନିରନ୍ତର ଜନସେବା ଜାରି ରଖିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଓ ମଜଭୁତ ଶାସନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବାକୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି, ବିଜେଡିର ମୂଳଲକ୍ଷ୍ୟ ହେଉଛି ଜନସେବା। ଏହାକୁ ଘରେ ଘରେ ପହଞ୍ଚାଇବାକୁ ପଡ଼ିବ। ଏକାମ୍ର, ମଧ୍ୟ ଓ ଉତ୍ତର ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟାରେ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଭୁବନେଶ୍ୱରର ୩ ବିଧାୟକ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଛନ୍ତି। ବିଧାୟକ ରାଉତଙ୍କ ନେତୃତ୍ୱରେ ବାଣୀବିହାର ନିକଟସ୍ଥ ସତ୍‌ସଙ୍ଗ ମନ୍ଦିର ନିକଟରୁ ପଦଯାତ୍ରା ଅନୁଷ୍ଠିତ ହୋଇଛି। ତେବେ କୋଭିଡ୍ ଯୋଗୁ ଗତ ୨ ବର୍ଷ ହେଲା ଏହି ପଦଯାତ୍ରା ବନ୍ଦ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହା ପୁଣିଥରେ ଆରମ୍ଭ ହୋଇଥିବା ସେ କହିଛନ୍ତି। ସେହିପରି ମଧ୍ୟ ନିର୍ବାଚନମଣ୍ଡଳୀର ଲକ୍ଷ୍ମୀସାଗର ମେଳନ ପଡ଼ିଆଠାରୁ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଅନେକ ଲୋକଙ୍କୁ ନେଇ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ରାଜ୍ୟର ସବୁ ଅଞ୍ଚଳରେ ବିଜେଡି ନେତାମାନେ ପଦଯାତ୍ରା ଆରମ୍ଭ କରିଛନ୍ତି। ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ମାସେବ୍ୟାପୀ ଏହି କାର୍ଯ୍ୟକ୍ରମ ଚାଲିବାକୁ ଥିବାବେଳେ କେବଳ ପାର୍ବଣ ସମୟରେ ଏହା ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି।







# 'ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ଶକ୍ତିଶାଳୀ ଭାରତ ଗଠନ କର'

**ସ୍ୱାଧୀନତାର ୭୫ ବର୍ଷରେ ଗାନ୍ଧୀ ଜୟନ୍ତୀ ପାଳିତ**

ଭୁବନେଶ୍ୱର,୨।୧୦(ବ୍ୟୁରୋ)

ସ୍ୱାଧୀନତାର ୭୫ ବର୍ଷରେ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମତିଥିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଏହି ଅବସରରେ ଲୋକସେବା ଭବନରେ ଶାନ୍ତି, ଅହିଂସା ଓ ସ୍ୱରାଜର ମହୋତ୍ସବ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଲୋକସେବା ଭବନ ପରିସରରେ ପବିତ୍ର ଅଶ୍ୱତ୍ଥ ବୃକ୍ଷକୁ ସ୍ୱରାଜ ବୃକ୍ଷ ଭାବେ ରୋପଣ କରିଛନ୍ତି। ସାରା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପବିତ୍ର ମାଟି ଓ ଜଳ ପ୍ରଦାନ କରି ମୁଖ୍ୟମନ୍ତ୍ରୀ ସ୍ୱରାଜ ବୃକ୍ଷ ରୋପଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଶ୍ୱତ୍ଥ ବୃକ୍ଷ ସାରା ଦେଶରେ ଯୁଗ ଯୁଗ ଧରି ଶାନ୍ତି, ସ୍ୱାଧୀନତା ଓ ଅହିଂସାର ବାର୍ତ୍ତା ବହନ କରିଆସିଛି। ଗାନ୍ଧୀଙ୍କ ଶାନ୍ତି ଓ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇ ଏକ ସମୃଦ୍ଧ ଭାରତ ଗଠନ ନିମନ୍ତେ ଶକ୍ତିଶାଳୀ ଯୋଗଦାନ ରଖିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ବୃକ୍ଷ ସିନ୍ଧୁ ସଭ୍ୟତାରୁ ଆରମ୍ଭକରି ଭଗବାନ ବୁଦ୍ଧଙ୍କ ସାଧନା ସହ ଯୋଡ଼ିହୋଇ ରହିଛି। ଗୀତାରେ ମଧ୍ୟ ଏ ବୃକ୍ଷର ବର୍ଣ୍ଣନା ରହିଛି। ଏ ବୃକ୍ଷ ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ସାକ୍ଷୀ। ଏହା ଅତୀତରେ ଥିଲା, ବର୍ତ୍ତମାନ ଅଛି ଏବଂ ଭବିଷ୍ୟତରେ ମଧ୍ୟ ରହିଥିବ। ଏହି ଅବସରରେ ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘର ସଭାପତି ନୀଳମଣି ସାମଲ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଧୀନତା ସଂଗ୍ରାମର ଏକ ପ୍ରମୁଖ ପ୍ରତୀକ ଭାବେ ଏକ ଅରଟ ଉପହାର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ସାମଲଙ୍କୁ ଏକ ଶାଲ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।



ସାରା ରାଜ୍ୟରେ ବୁଲି ବୁଲି ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଥିବା ଅହିଂସା ରଥ ଆସି ଲୋକସେବା ଭବନରେ ପହଞ୍ଚିଛି। ଏହାକୁ ସ୍ୱାଗତ କରିବା ସହ ଅହିଂସା ରଥକୁ ଓଡ଼ିଶାବାସୀ ଯେଭଳି ବିପୁଳ ସ୍ୱାଗତ ସମ୍ମାନ ଜଣାଇଲେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉତ୍କଳ ପ୍ରସଙ୍ଗ, ଓଡ଼ିଶା ପ୍ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟା ସହିତ ଓଡ଼ିଶାରେ ଗାନ୍ଧୀ ପୁସ୍ତକର ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ମନ୍ତ୍ରୀ ପ୍ରଦୀପ ଅମାତ୍ ଓ ମନ୍ତ୍ରୀ ଅଶୋକ ପଣ୍ଡା ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ବିଧାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତାଙ୍କ ସମେତ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ବିଶିଷ୍ଟ ଗାୟିକା ନାଜିଆ ଆଲାମ ରାମଧୁନ ଗାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଓଡ଼ିଶାରେ ଗାନ୍ଧିଜୀ' ସମ୍ପର୍କିତ ଏକ ପୁସ୍ତକ ଉନ୍ମୋଚନ କରିଥିବା ବେଳେ ଏଥିରେ ବହୁ ବିଶିଷ୍ଟ ଲୋକ ସାମିଲ ଥିଲେ। ସ୍ୱାଧୀନତା ସଂଗ୍ରାମ ସମୟର ଓଡ଼ିଶାର କିଛି ସ୍ୱତନ୍ତ୍ର ପ୍ରସଙ୍ଗ ସମ୍ବଳିତ ଅନ୍ୟ ଏକ ପୁସ୍ତକ ମଧ୍ୟ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଅକ୍ଟୋବର, ୨୦୨୨

> ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। **–ଶ୍ରୀଅରବିନ୍ଦ**



# ଭାରତରେ ନିରୋ

ସେପ୍ଟେମ୍ବର ୩୦ରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ ବୃଦ୍ଧି କରିଥିଲା। ବିଗତ ୫ ମାସ ମଧ୍ୟରେ ଏହି ହାର ୪ ଥର ବଢ଼ି ଏବେ ୫.୯୦ ପ୍ରତିଶତରେ ପହଞ୍ଚିଛି। ଫଳରେ ଗାଡ଼ି, ଘର ସହ କ୍ଷୁଦ୍ର ଋଣ ନେଇଥିବା ବ୍ୟକ୍ତିମାନେ ସୁଧ ବାବଦକୁ ଆହୁରି ଅଧିକ ଅର୍ଥ ଦେବା ଥୟ। ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ ମଧ୍ୟକୁ ଆଣିପାରୁ ନ ଥିବା ଆର୍‌ବିଆଇ କ୍ଷୁଦ୍ର ଓ ମଧ୍ୟମ ବର୍ଗ ଉପରେ ଅତିରିକ୍ତ ଆର୍ଥିକ ବୋଝ ଲଦିବାରେ ଲାଗିଛି। ପୁଣି କୁହାଯାଉଛି ଆଗକୁ ରେପୋ ରେଟ୍ ଆହୁରି ବୃଦ୍ଧି ପାଇବ। ଏବେ ଭାରତୀୟ ମୁଦ୍ରାର ମୂଲ୍ୟ କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ। ଏଭଳି ସ୍ଥଳେ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏକ କାର୍ଯ୍ୟକ୍ରମରେ କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମୁଦ୍ରାନୀତି ସଂକ୍ରାନ୍ତ ନିଷ୍ପତ୍ତି ବଜାରକୁ ଏକ ସକାରାତ୍ମକ ବାର୍ତ୍ତା ଦେବ। ସେହି ସକାରାତ୍ମକ ବାର୍ତ୍ତାଟି କ'ଣ ତାହା ଉପରେ ସେ ସ୍ପଷ୍ଟ ମତ ରଖିନାହାନ୍ତି, ବରଂ କହିଛନ୍ତି ଯେ, ଗତ ଜୁଲାଇ ଯାଏ ଯେଉଁ ଫରେନ୍ ପୋର୍ଟଫୋଲିଓ ଇନ୍‌ଭେଷ୍ଟର୍ସ(ଏଫ୍‌ପିଆଇ)ମାନେ ଭାରତର ପୁଞ୍ଜିବଜାର ଛାଡ଼ି ପଳାଇ ଯାଇଥିଲେ, ଗତ ଦୁଇ ମାସ ହେବ କୁଆଡ଼େ ଫେରିବା ଆରମ୍ଭ କରିଛନ୍ତି। ଏହା କହିବା ସହିତ ସେ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ଭାରତ ଏବେ ଏକ ବଳିଷ୍ଠ ଅର୍ଥନୈତିକ କାରବାରର ଯୁଗକୁ ପ୍ରବେଶ କରୁଛି।

ଭାରତୀୟ ଅର୍ଥନୀତି ବାସ୍ତବରେ ଦୁର୍ଦ୍ଦିନ ଦେଇ ଗତି କରୁଛି। ହେଲେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଏଭଳି ସୁନେଲୀ ସ୍ୱପ୍ନ ଦେଖାଇବାର ପ୍ରଚେଷ୍ଟା ନିଶ୍ଚିତ ଭାବେ କୌତୂହଳପ୍ରଦ ମନେହେଉଥିବା ବେଳେ ଅନ୍ୟପଟେ ପ୍ରବଳ ଦୁଃଖର ସମ୍ମୁଖୀନ ହେଉଥିବା ଦେଶବାସୀଙ୍କ ମନୋବଳ ବଢ଼େଇବାର ଏକ ବିଚିତ୍ର ପ୍ରୟାସ। ଓଡ଼ିଆରେ ଗୋଟେ କଥା ଅଛି–'ଅନ୍ଧ ଦେଶକୁ ଗଲି ଦର୍ପଣ ବିକି'। ସୀତାରାମନଙ୍କ ଉକ୍ତିକୁ ଦେଖିଲେ ସେ ଅପ୍ରାସଙ୍ଗିକ ଓ ଅବାସ୍ତବ କଥା କହି ଦେଶବାସୀ ବୋକା ବୋଲି ପ୍ରମାଣ କରିଦେବାକୁ ଚାହୁଁଛନ୍ତି। ସେହିପରି ନିକଟରେ ଇରାନୀୟ–ଆମେରିକୀୟ ଅର୍ଥନୀତିଜ୍ଞ ନୌରିଏଲ୍ ରୌବିନି ଭବିଷ୍ୟବାଣୀ କରିଥିଲେ ଯେ, ଚଳିତବର୍ଷ ଶେଷ ଆଡ଼କୁ ଆମେରିକା ତଥା ବିଶ୍ୱ ଅର୍ଥନୀତି 'ଦୀର୍ଘକାଳୀନ ଓ ଅସ୍ୱାଭାବିକ ମାନ୍ଦାବସ୍ଥା' ଦେଇ ଗତି କରିବ। ନୌରିଏଲ୍‌ଙ୍କ କହିବାର ପୃଷ୍ଠଭୂମିକୁ ନେଇ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କୁ ଭାରତର ଅର୍ଥନୀତି କିଭଳି ରହିବ ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି, 'ଆମ ପାଖରେ ବଡ଼ ଅର୍ଥନୈତିକ ଧକ୍କାକୁ ସାମ୍ନା କରିବା ଲାଗି ଉପାୟ ରହିଛି ଓ ବୃହତ୍ ଅର୍ଥନୈତିକ ସ୍ଥିରତା ହେଉଛି ପ୍ରାରମ୍ଭିକ ଲକ୍ଷ୍ୟ। ତାଙ୍କ କହିବା ଅନୁଯାୟୀ ଯଦି ଦେଶ ପାଖରେ ସେଭଳି ଅସ୍ତ୍ର ଅଛି ତାହାକୁ କାହିଁକି ଓ କାହା ପାଇଁ ସାଇତି ରଖିଛନ୍ତି? ଏଠାରେ ଅର୍ଥମନ୍ତ୍ରୀ ହୁଅନ୍ତୁ ବା କେନ୍ଦ୍ରୀୟ ବ୍ୟାଙ୍କର ମୁଖ୍ୟ ସମସ୍ତେ ସରକାରଙ୍କୁ ବଞ୍ଚାଇବା ଲାଗି ଦୁର୍ବାର ପ୍ରୟାସ କରୁଛନ୍ତି। ଠିକ୍ କାର୍ଯ୍ୟ ବା ଉଚିତ ପଦକ୍ଷେପ ନ ନେଇ କଥାରେ ବାକ୍‌ଚାତୁରି ମାରି ଦେଶବାସୀଙ୍କୁ ଅଧିକ ଦିନ ବୋକା କରି ରଖି ହେବ ନାହିଁ। ତଥାପି ଅନେକ ଲୋକଙ୍କୁ ଏପର୍ଯ୍ୟନ୍ତ ବୋକା କରି ରଖାଯାଇପାରିଛି, ଯାହାକି ସରକାରଙ୍କ ଅନ୍ୟତମ ସଫଳତା। ଜନସାଧାରଣଙ୍କ ମଧ୍ୟରୁ ଅନେକେ ଅର୍ଥନୈତିକ ଜଟିଳ ଶବ୍ଦ ବା ସଂଜ୍ଞାକୁ ବୁଝିବାରେ ଅକ୍ଷମ। କିନ୍ତୁ ସେମାନେ ନିଜ ବ୍ୟକ୍ତିଗତ ଜୀବନରେ ଭୋଗୁଥିବା ଆର୍ଥିକ କଷ୍ଟକୁ କଦାପି ଭୁଲିପାରିବେ ନାହିଁ। କାରଣ ଉପଭୋକ୍ତା ଦୈନନ୍ଦିନ ସାମଗ୍ରୀ ଚଢ଼ା ଦରରେ କିଣୁଥିବା ଜଣେ ଭୁକ୍ତଭୋଗୀ। ତାଙ୍କୁ ଇଆଡୁସିଆଡୁ କହି ବୁଝାଇଲେ ଆର୍ଥିକ ସୁଧାର ଆସି ନ ପାରେ।

> **ଏବେ ଯେଉଁ ରାଜନେତା ଓ ନୀତି ନିର୍ଦ୍ଧାରକମାନେ ସ୍ପଷ୍ଟ ଦିବାଲୋକରେ ଜନସାଧାରଣଙ୍କୁ ବିକାଶର ଲଣ୍ଠନ ଦେଖାଉଛନ୍ତି, ତାହା ସମ୍ରାଟ ନିରୋଙ୍କ କାହାଣୀ ମନେ ପକାଇ ଦେଉଛି। ରୋମ୍ ଭଳି ବୃହତ୍ ସାମ୍ରାଜ୍ୟ ଜଳୁଥିଲା ବେଳେ ନିରୋ ବଂଶୀବାଦନରେ ମଗ୍ନ ଥିଲେ।**

ଏଠାରେ ବିମୁଦ୍ରୀକରଣ ସମୟକୁ ନେଇ ସାମାନ୍ୟ ଆଲୋଚନା କରାଯାଇପାରେ। ଦୁର୍ନୀତି ଓ ନକଲି ନୋଟ୍ କାରବାରକୁ ରୋକିବା ଲାଗି ଦୁଇଟି ବଡ଼ କାଗଜ ନୋଟ୍‌କୁ ସେତେବେଳେ ବଜାରରୁ ହଟାଇ ନିଆଗଲା। କୁହାଗଲା ଟିକସ ଫାଙ୍କି ପର୍ଯ୍ୟାପ୍ତ ନଗଦ ଅର୍ଥ ରଖିଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବାରେ ଏହି ଅର୍ଥନୈତିକ ନୂତନ ଅସ୍ତ୍ରଟି ମଧ୍ୟ କାମ ଦେବ। ହେଲେ ସ୍ଥିତି ଏମିତି ହେଲା ଯେ ଗରିବ, କ୍ଷୁଦ୍ର ଓ ଖୁଚୁରା ବେପାରୀ ଯେଉଁମାନେ ବ୍ୟାଙ୍କ ନ ଯାଇ ବର୍ଷବର୍ଷ ଧରି ମୁଣ୍ଡ ଝାଳ ତୁଣ୍ଡରେ ମାରି ବଡ଼ ଟଙ୍କା ସଞ୍ଚି ରଖିଥିଲେ, ସେସବୁ ପାଣିରେ ପଡ଼ିଲା। ବିମୁଦ୍ରୀକରଣ ଦିଗରେ କାର୍ଯ୍ୟ କରିଥିବା ବ୍ୟକ୍ତିମାନେ ଭଲ ଭାବେ ଜାଣିଥିଲେ ଯେ, ଧନୀମାନେ ସେମାନଙ୍କ ଅର୍ଥ ନଗଦ ଆକାରରେ ଘରେ କାଣ୍ଡି କରି ରଖି ନ ଥାଆନ୍ତି। କିନ୍ତୁ ଦେଶବାସୀଙ୍କୁ ଏକ ସ୍ୱଚ୍ଛ ଅର୍ଥନୀତିର ସ୍ୱପ୍ନ ଦେଖାଇବାକୁ ଚେଷ୍ଟା କରାଯାଇଥିଲା। ଅବଶ୍ୟ ବିମୁଦ୍ରୀକରଣ କରାଯିବା ପଛରେ ସେତେବେଳେ ହେବାକୁ ଥିବା ଉତ୍ତର ପ୍ରଦେଶ ନିର୍ବାଚନ ମୁଖ୍ୟ କାରଣ ଥିଲା। ଜାଣିବା ଲୋକ ଏ ବିଷୟରେ ଭଲ ଭାବେ ଅବଗତ ଥିଲେ। କିନ୍ତୁ ଗୋଟେ 'ଘୋ' ସୃଷ୍ଟି କରାଯାଇ ଜନସାଧାରଣଙ୍କୁ ସୁଶାସନ ଓ ଉତ୍ତମ ଅର୍ଥନୈତିକ ପରିଚାଳନାର ବାର୍ତ୍ତା ଦିଆଯାଇଥିଲା। ସେତେବେଳେ ସରକାରଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏକ ଗୋଷ୍ଠୀ ପକ୍ଷରୁ ପ୍ରଚାର କରାଯାଇଥିଲା ଯେ, ଦେଶର ସୀମାନ୍ତରେ ସୈନ୍ୟମାନେ ଦେଶମାତୃକା ପାଇଁ ପ୍ରାଣବଳି ଦେଉଥିବା ବେଳେ ବ୍ୟାଙ୍କ ସାମ୍ନାରେ ଧାଡ଼ି ବାନ୍ଧି ଟଙ୍କା ବଦଳାଇବାର କଷ୍ଟ ସମସ୍ତେ ବୋହିବା ଦରକାର। ଅନେକେ ମଧ୍ୟ ସେହି ଚିନ୍ତାଧାରାକୁ ସମ୍ମାନ ଦେଇଥିଲେ। ହେଲେ ଆଜି ଅର୍ଥନୀତି ଯେଉଁ ଅବସ୍ଥାରେ ପଡ଼ିଛି, ସେହି ଲୋକମାନେ ନିଶ୍ଚୟ ବିମୁଦ୍ରୀକରଣର ଦୀର୍ଘମିଆଦୀ କ୍ଷତି ସହି ନଇଁପଡ଼ିବାକୁ ବାଧ୍ୟ ହେଉଥିବେ। ତେଣୁ ଏବେ ଯେଉଁ ରାଜନେତା ଓ ନୀତି ନିର୍ଦ୍ଧାରକମାନେ ସ୍ପଷ୍ଟ ଦିବାଲୋକରେ ଜନସାଧାରଣଙ୍କୁ ବିକାଶର ଲଣ୍ଠନ ଦେଖାଉଛନ୍ତି, ତାହା ସମ୍ରାଟ ନିରୋଙ୍କ କାହାଣୀ ମନେ ପକାଇ ଦେଉଛି। ରୋମ୍ ଭଳି ବୃହତ୍ ସାମ୍ରାଜ୍ୟ ଜଳୁଥିଲା ବେଳେ ନିରୋ ବଂଶୀବାଦନରେ ମଗ୍ନ ଥିଲେ।

# ସତ ଦୁଇ ତିନି ପ୍ରକାର ହୋଇପାରେ



ସହଦେବ ସାହୁ

ଦୁନିଆରେ ବିଜ୍ଞାନ ଦୃଷ୍ଟିରୁ ଦୁଇ ପ୍ରକାରର ମାପ। ଗୋଟିଏ ସୂକ୍ଷ୍ମ ଓ ଅନ୍ୟଟି ସ୍ଥୂଳ: ଗୋଟିଏ କ୍ୱାଣ୍ଟମ୍ ଜଗତର, ଆଉ ଗୋଟିଏ ପାରମ୍ପରିକ ଜଗତର। ମିଲିମିଟରର ହଜାର ଭାଗରୁ ଭାଗେ ତଳକୁ ଯିବା ତ ସୂକ୍ଷ୍ମ ଜଗତ ଆସିଯିବ, ଯେଉଁଠି ଜିନିଷର ସ୍ୱଭାବ, ଚଳପ୍ରଚଳ, ସ୍ଥିତି ଆଦି ବର୍ଣ୍ଣନା କରିବାର ବିଦ୍ୟାକୁ କ୍ୱାଣ୍ଟମ୍ ମେକାନିକ୍ସ କହନ୍ତି। କ୍ୱାଣ୍ଟମ୍ ଦୁନିଆରେ ମାପଚୁପ ହିସାବ ଖୁବ୍ ସ୍ପଷ୍ଟ, ସଂକ୍ଷିପ୍ତ ଏବଂ ଏକବାର ଠିକ୍। ଏହି ତତ୍ତ୍ୱ ଅନୁଯାୟୀ କ୍ୱାଣ୍ଟମ୍ ଜିନିଷଗୁଡ଼ିକ ଆମର ପାରମ୍ପରିକ ଜିନିଷ ଭଳି ନୁହନ୍ତି, ଆମେ ଦୈନନ୍ଦିନ କାମରେ ଯାହା କିଛି ଦେଖୁଛୁ ସେଭଳି ଚଳାଚଳ କରନ୍ତି ନାହିଁ କି ସ୍ୱଭାବ ଦେଖାନ୍ତି ନାହିଁ, ଏପରିକି ସେଭଳି ସ୍ଥିତି (ପୋଜିଶନ୍) ନଥାଏ । ଅଜବ ଲାଗୁଛି, ନୁହେଁ? ଏ ବି ଏକ ସମସ୍ୟା ଉଠାଉଛି। ଆମେ ଦେଖୁଥିବା ବଡ଼ ବଡ଼ ଜିନିଷ ସବୁ ତ ଛୋଟ ଛୋଟ କଣିକାରେ ଗଢ଼ା, କଣିକାଗୁଡ଼ିକ ପୁଞ୍ଜା ପୁଞ୍ଜା (କ୍ୱାଣ୍ଟମ୍) ହୋଇ ରହୁଥିବାରୁ ତାକୁ କ୍ୱାଣ୍ଟମ୍ କହନ୍ତି। ତେବେ କେଉଁଠି କିଭଳି ଓ କ'ଣ ଘଟିଯାଏ ଯେ ଛୋଟ ଛୋଟ ଜିନିଷ ତା'ର ସ୍ୱଭାବକୁ ତ୍ୟାଗ କରି ବଡ଼ ବଡ଼ ଜିନିଷ ଭଳି ବ୍ୟବହାର ଦେଖାନ୍ତି? କ୍ୱାଣ୍ଟମ୍‌ରୁ ପାରମ୍ପରିକ ଜଗତକୁ ପରିବର୍ତ୍ତନ କିପରି ଘଟେ? ହିନ୍ଦୁଧର୍ମର 'ନାନା ମୁନିଙ୍କ ନାନା ମତ' ଦର୍ଶନ ଭଳି ବହୁତ ତତ୍ତ୍ୱ ବଢ଼ାଯାଉଛି।

ଆମ ପାରମ୍ପରିକ ଜଗତର ମେକାନିକ୍ସ ବା ଚଳାଚଳ ବିଦ୍ୟା ନିଉଟନ୍‌ଙ୍କ ଗତିଶୀଳତାର ନିୟମ ଲ'ଜ୍ ଅଫ୍ ମୋଶନ୍ ଉପରେ ଆଧାରିତ, ଯାହା ଆମର ସାଧାରଣ କାଣ୍ଡଜ୍ଞାନ ଦ୍ୱାରା ବୁଝିହୁଏ। କୌଣସି ଗୋଟିଏ ଜିନିଷର ନିର୍ଦ୍ଦିଷ୍ଟ ସ୍ଥିତି ଅଛି, ଯଦି ଏହା ଗତି କରୁଛି ଏହାର ଗୋଟିଏ ନିର୍ଦ୍ଦିଷ୍ଟ ମାର୍ଗ ଅଛି, ଅର୍ଥାତ୍ ଏକ ସମୟରେ ବସ୍ତୁଟି ଦୁଇଟି ଜାଗାରେ ରହିପାରିବ ନାହିଁ। ପ୍ରତି ଜିନିଷର ଦୁଇଟି ସ୍ୱଭାବ: ଗୋଟିଏ ସ୍ଥିତି (ପୋଜିଶନ୍), ଅନ୍ୟଟି ବିଚଳନ (ମୋମେଣ୍ଟମ୍), ଏ ଦୁଇଟିକୁ ଅଙ୍କ ଦ୍ୱାରା ବର୍ଣ୍ଣନା କରିହେବ। କିନ୍ତୁ କ୍ୱାଣ୍ଟମ୍ ଜଗତରେ ଏହା ଅସମ୍ଭବ । ଆଲୋକର କଣିକାକୁ ଫୋଟନ୍ କୁହାଯାଉଛି, ଏ ଏକ କ୍ୱାଣ୍ଟମ୍ ଜିନିଷ। ଫୋଟନ୍‌ର ନିର୍ଦ୍ଦିଷ୍ଟ ପୋଜିଶନ୍ ନାହିଁ କି ମୋମେଣ୍ଟମ ନାହିଁ। ଏହାର ଅବସ୍ଥାକୁ ବୁଝାଇବା ପାଇଁ ତରଙ୍ଗଧର୍ମ (ୱେଭ୍ ଫଙ୍କ୍‌ଶନ) ବ୍ୟବହାର କରାଯାଏ। ସାଧାରଣ ଅଙ୍କରେ ବୁଝାଇ ହୁଏ ନାହିଁ। ସ୍ଥୂଳ ଦୁନିଆରେ, ପାରମ୍ପରିକ ଗଣନାରେ, କଣିକା ଧର୍ମ (ପାର୍ଟିକ୍ଲ ଫଙ୍କ୍‌ଶନ୍) କାମ କରେ। ଗତି ବୋଇଲେ ଆମେ ବୁଝୁ ଗୋଟିଏ କଣିକା ପାଖ କଣିକାକୁ ଠେଲିଦେଇ ତା' ସ୍ଥାନ ମାଡ଼ି ବସେ। କଣିକାଟିଏ ଏକ ସମୟରେ ଦୁଇଟି ଜାଗାରେ ରହିପାରିବ ନାହିଁ। କିନ୍ତୁ ତରଙ୍ଗ ଧର୍ମରେ କଣିକାଟିଏ ଏକ ମୁହୂର୍ତ୍ତରେ ଏକାଧିକ ସ୍ଥାନରେ ଅର୍ଥାତ୍ ଯେକୌଣସିଠାରେ ଦେଖାଦେଇପାରେ। କେଉଁଠି ଅଳ୍ପ ଖୁନ୍ଦିହୋଇ ରହିବ ତ କେଉଁଠି ବିଛୁଡ଼ି ହୋଇ ରହିଥିବ।

ଫାଳେ ସିଲ୍‌ଭର ଦିଆ କାଚ ଆଉ ଫାଳେ ସାଦା କାଚ ଥିବା ଆରିସିଟିଏ କଥା ଭାବ, ତା ଉପରେ ଆଲୋକକଣିକା ଫୋଟନ୍ ପକାଇଲେ ଅଧେ ଫୋଟନ୍ କାଚ ଭିତରେ ପାର ହୋଇଯିବ ଓ ଆଉ ଅଧକରେ ପ୍ରତିଫଳିତ ହୋଇ ଫେରିବ, ତେଣୁ ଆଲୋକ ବିଭିନ୍ନ ଜାଗାରେ ଦିଶିବ। ଏହା ହିଁ ତରଙ୍ଗର ଧର୍ମ, ଗୋଟିଏ ଫୋଟନ୍ ଯେକୌଣସି ମୁହୂର୍ତ୍ତରେ ଏକାଧିକ ଅବସ୍ଥାର ସମ୍ଭାବନା ଦେଖାଇବ, ଗୋଟିଏ ଏଇଠି ଅଛି ତ ଆଉ ଗୋଟିଏ ଖୁବ୍ ଦୂରତାରେ। ଏହା ଏକ ଅନିଶ୍ଚିତ ଅବସ୍ଥା । ଆମେ ପାରମ୍ପରିକ ମାପଯନ୍ତ୍ରରେ ମାପିବାବେଳେ କ୍ୱାଣ୍ଟମ୍ ଅଣୁ ଉପରେ ଆମର ପାରମ୍ପରିକ ସ୍ୱଭାବକୁ ଲଦିଦେଉ, ତେଣୁ ତରଙ୍ଗ ଧର୍ମ କାମ କରୁଛି ବୋଲି ଭାବିପାରୁନା। ପ୍ରଶ୍ନ ଉଠେ, ଆମେ ମାପ କରିବା ପୂର୍ବରୁ କ'ଣ ଘଟୁଛି ଯେ ତରଙ୍ଗ ଧର୍ମ ଆମକୁ ଦିଶୁନାହିଁ? ଏହାର ଉତ୍ତର ଖୋଜି ବହୁତ ବୈଜ୍ଞାନିକ ବିଚଳିତ ହୋଇଛନ୍ତି, ଆଇନ୍‌ଷ୍ଟାଇନ୍ ମଧ୍ୟ ବିଚଳିତ ହୋଇଥିଲେ। ପାରମ୍ପରିକ କଣିକା ଭଳି କ୍ୱାଣ୍ଟମ୍ କଣିକାର ପୋଜିଶନ ଓ ମୋମେଣ୍ଟମ୍ ଅଛି କିନ୍ତୁ ସେ ସ୍ୱଭାବ କେମିତି ତରଙ୍ଗ କର୍ମ ଦ୍ୱାରା ଲୁଚିଯାଉଛି? ଏଇଠି ଅଛି, ଏଇଠି ନାହିଁ ଏଭଳି କାହିଁକି ହେଉଛି?



ଡେନ୍‌ମାର୍କର ପଦାର୍ଥବିତ୍ ନିଲସ୍ ବୋହର୍ ବୁଝାଇଲେ, ବିଶ୍ୱରେ ଦୁଇଟି ଭିନ୍ନ ଭିନ୍ନ ସଂସାର ଅଛି, ଗୋଟିଏ କ୍ଲାସିକାଲ ବା ପାରମ୍ପରିକ, ଅନ୍ୟଟି କ୍ୱାଣ୍ଟମ୍ ବା ସୂକ୍ଷ୍ମ ଜଗତ । କେବଳ ମପାମପି ବେଳ ଛଡ଼ା ଏ ଦୁଇଟି ସଂସାରର କେବେ ମେଳ ହୁଏ ନାହିଁ। ଏମିତି କହି ପଦାର୍ଥବିତ୍‌ମାନେ କଥାଟାକୁ ଉଡ଼ାଇଦେଲେ । ଯଦି ଏହା ଏକ ତଥ୍ୟ, ବାସ୍ତବତାରେ ଦିଶୁନାହିଁ କାହିଁକି? ଆଉ ଜଣେ ପଦାର୍ଥବିତ୍ ହ୍ୟୁ ଏଭେରେଟ୍ ତରଙ୍ଗ ଧର୍ମକୁ ବୁଝାଇବାକୁ ଯାଇ କହିଲେ ଯେ, ଏହା ହେଉଛି ସମ୍ଭାବ୍ୟ ଅବସ୍ଥାର ଏକ ହାର ବା ସେଟ୍। ତା' ଭିତରେ କ୍ୱାଣ୍ଟମ୍ କଣିକାଟି ଗୋଟିଏ ମାତ୍ର ଜାଗାରେ ରହିବ। କିନ୍ତୁ ବାସ୍ତବ ଅବସ୍ଥାରେ ବା ହାରରେ ଏହା ସବୁଠି ଦେଖାଯିବ। ଅଧା ସିଲ୍‌ଭର ଲେପଦିଆ ଦର୍ପଣରେ ପଡ଼ୁଥିବା ଫୋଟନ୍ ପ୍ରକୃତରେ ଦୁଇଟି ଜାଗାରେ ଏକ ସମୟରେ ଦେଖାଯାଏ। କିନ୍ତୁ ସାଧାରଣ ଆଖିରେ ଫୋଟନ୍‌ଟି ଏକ ସମୟରେ ଦୁଇଟି ଜାଗାରେ ଅଛି ବୋଲି କେବେ ଦେଖାଯାଏ ନାହିଁ। କାରଣ ଗୋଟିଏ ଜାଗାରେ ରହିଲେ ଆଉ ଗୋଟିଏ ଜାଗାରେ ରହିପାରିବ ନାହିଁ, ଆମର ଏଭଳି ଧାରଣା ଯେକୌଣସି ମାପ ବ୍ୟବସ୍ଥାର ମୂଳ। କିନ୍ତୁ ଏଭେରେଟ୍ ବୁଝାଇଲେ ମାପ କରିଲାବେଳେ ଆମେ ଗୋଟିଏ ସ୍ଥାନ ଓ ଗୋଟିଏ ଅବସ୍ଥାକୁ ଦେଖୁ, ତେଣୁ ଅନ୍ୟଟିକୁ ଦେଖୁନା। ମାପକାମ, ମାପଯନ୍ତ୍ର ବା ଲାବୋରେଟୋରି ପଛଆଡ଼େ କ'ଣ ଘଟିଯାଉଛି ଆମେ ଜାଣିପାରୁନା। କେବଳ ଫୋଟନ୍ ନୁହେଁ, ସାରା ବିଶ୍ୱ ମଧ୍ୟ ୱେଭ୍ ଫଙ୍କ୍‌ଶନ ଦ୍ୱାରା ଚାଳିତ, ତେଣୁ ଅନେକ ପ୍ରକାର ସମ୍ଭାବନା ଓ ସ୍ଥିତି ରହିଛି। ସୃଷ୍ଟି ୟୁନି (ଇଂଲିଶରେ ଏକ) ଭର୍ସ ନୁହେଁ, ମଲ୍ଟି ଭର୍ସ (ବହୁ ବିଶ୍ୱ), ଏଥିରେ ବୈଜ୍ଞାନିକ ଓ ଦାର୍ଶନିକମାନେ ସମ୍ମତ ହେଲାଭଳି ମନେ ହେଉଛି। ବୋହର୍‌ଙ୍କ ମତରେ ବିଶ୍ୱ କେବଳ କ୍ୱାଣ୍ଟମ୍; ବାସ୍ତବତାର ବିଭିନ୍ନ ଶାଖା ପ୍ରଶାଖା ଅଛି, ଯେଉଁଠି କୌଣସି ଗୋଟିଏ ଶାଖା ଆମେ ଦେଖୁଥିଲାବେଳେ ଅନ୍ୟ ଶାଖାଗୁଡ଼ିକ ଦିଶେ ନାହିଁ, ତେଣୁ ଆମେ ଗୋଟିଗୋଟିକିଆ ପୋଜିଶନରେ ଜିନିଷକୁ ଦେଖୁ, ତାହା ନିର୍ଦ୍ଦିଷ୍ଟ ଜଣାଯାଏ। ଫୋଟନ୍ ଏକ୍ସପେରିମେଣ୍ଟର ଉଦାହରଣ ନେଲେ ଆମକୁ ଭାବିବାକୁ ପଡ଼ିବ ନାହିଁ ଯେ, ଗୋଟିଏ ଶାଖାରେ ଫୋଟନ୍ ଗୋଟିଏ ଆଡ଼େ ଯାଉଛି ତ ଅନ୍ୟ ଶାଖାରେ ଆଉ ଗୋଟିଏ ଆଡ଼େ ଯାଉଛି। ଏମିତି ଭାଗ କରିବା ମନଗଢ଼ା ହେବ। ତାତ୍ତ୍ୱିକ ଦୃଷ୍ଟିରୁ ପ୍ରତ୍ୟେକ ଶାଖାରେ ଉଭୟ ପରିଣତିର ମିଶାମିଶି ଥିବ। କିନ୍ତୁ ପଦାର୍ଥବିତ୍‌ମାନେ ପରୀକ୍ଷାଗାରରେ ଏ ଫଳ ଦେଖିପାରୁ ନାହାନ୍ତି। ତେଣୁ ଏ କଥା ବୁଝାଇବାକୁ ଉଭୟ ଦର୍ଶନ ଓ ପଦାର୍ଥବିଦ୍ୟା ଦରକାର ହେଉଛି। ଅଦ୍ୱୈତବାଦ ଓ ଦ୍ୱୈତବାଦ ଯେପରି ମଣିଷ ମନରେ ଭାଗ, ପର୍ଯ୍ୟବେକ୍ଷକର ମନରେ ହିଁ ବିଭାଗୀକରଣ ରହିଛି। ଏହାକୁ କୁହାଯାଉଛି ମେନି ମାଇଣ୍ଡ୍‌ସ ଥିଓରି । ଆମ ବିବେକ ଯେଭଳି କାମ କରେ ତାହା ଭିତରେ ଏମିତି କିଛି ଜିନିଷ ଅଛି ଯାହା ଫୋଟନ୍ ପରୀକ୍ଷା କରୁଥିବା ପଦାର୍ଥବିତ୍‌ଙ୍କୁ ବିଭିନ୍ନ ପରିଣତିର ମିଶାମିଶି ଦେଖିବାକୁ ଦିଏ ନାହିଁ। ସେ କେବଳ ଗୋଟିଏ ପାରମ୍ପରିକ ଅବସ୍ଥା ସମ୍ପର୍କରେ ସଚେତନ ହୁଏ। ଅକ୍ସଫୋର୍ଡର ଦାର୍ଶନିକ ମାଇକେଲ୍ ଲକ୍‌ଉଡ୍ ବୁଝାନ୍ତି ଯେ କୌଣସି ବାସ୍ତବ ଜିନିଷର କ୍ୱାଣ୍ଟମ୍ ଅବସ୍ଥା ବଡ଼ ଅସ୍ଥିର । ତାହା ଦ୍ରୁତ ଗତିରେ ସମାନ୍ତରାଳ ପାରମ୍ପରିକ ଅବସ୍ଥାରେ ପରିବର୍ତ୍ତିତ ହୋଇଯାଏ, ପାରମ୍ପରିକ ଅବସ୍ଥା ହିଁ ସ୍ଥିର। ଆମ ସଚେତନ ମନ ପାଇଁ ସବୁଠାରୁ ସ୍ଥିର ଅବସ୍ଥା ହିଁ ବାସ୍ତବ। ସ୍ଥିରତା ଭିତରେ ଅସ୍ଥିରତା ହଜିଯିବା ଯୋଗୁ ହିଁ ଆମର ସ୍ମରଣ ଶକ୍ତି ଅଛି। ଅସ୍ଥିର ଅବସ୍ଥାକୁ ମସ୍ତିଷ୍କ ଗ୍ରହଣ କରେ ନାହିଁ, ମସ୍ତିଷ୍କ ସ୍ଥିର ଅବସ୍ଥା ହିଁ ଜ୍ଞାନ ବା ସୂଚନାକୁ ନିର୍ଭରଯୋଗ୍ୟ ଭାବେ ଲେଖିରଖେ।

ଅସ୍ଥିରତାରୁ ସ୍ଥିରତା ଆସେ କିପରି? ଏ ପରିବର୍ତ୍ତନ–ଅବସ୍ଥାକୁ ପଦାର୍ଥବିତ୍‌ମାନେ ଡିକୋହରେନ୍ସ କହୁଛନ୍ତି। ସମ୍ପ୍ରତି ପରୀକ୍ଷାରୁ ଜଣାଯାଇଛି ଯେ, ପରମାଣୁ ୱେଭ୍ ଫଙ୍କଶନ୍‌ରୁ କଣିକା ଫଙ୍କଶନକୁ ଆସିବା ପୂର୍ବରୁ ସେକେଣ୍ଡର ଏକ ଶତାଂଶ ସମୟରେ ଏକ ବିଖଣ୍ଡିତ ଅବସ୍ଥା ଆସୁଛି, ଯେଉଁଠି ୱେଭ ଫଙ୍କ୍‌ଶନ୍ ଯାଉଛି ଓ ପାର୍ଟିକ୍‌ଲ ଫଙ୍କ୍‌ଶନ୍ ଆସୁଛି; ଗୋଟିଏ ମାତ୍ର ୱେଭ୍ ଫଙ୍କଶନ୍‌ରୁ ତିଆରି ହୋଇଥିବା ଦୁଇଟି ଫୋଟନ୍ ଯଦି ବିପରୀତ ଦିଗରେ ଗତି କରେ ତେବେ ଗୋଟିକୁ ମାପିଲାବେଳେ ଅନ୍ୟଟି ମଧ୍ୟ ମାପି ହୋଇଯାଉଛି, ସେ ଦୁଇଟି ମଧ୍ୟରେ ଯେତେ ଦୂର ଥାଉ ନା କାହିଁକି। ଭଗବାନ୍ ଫୋଟନ୍ ଭଳି ଏକାଧିକ ସ୍ଥାନରେ ଏକ ସମୟରେ ସ୍ଥାନିତ କି? ଭୂମା ଆକାରରେ ଯାହା ସତ୍ୟ ନୁହେଁ ସୂକ୍ଷ୍ମ ଜଗତରେ ତାହା ସତ୍ୟ, ସତ୍ୟର ଶ୍ରେଣୀ ବିଭାଗ ଅଛି। ପାରମ୍ପରିକ ଜଗତରେ ଭଗବାନ୍ ଏକ ମୂର୍ତ୍ତି, କ୍ୱାଣ୍ଟମ୍ ଜଗତରେ ସେ ନିରାକାର, ସର୍ବତ୍ର ବିଦ୍ୟମାନ, ଆମ ଦେହରେ ବି।

sahadevas@yahoo.com

# ଶକ୍ତି ଓ ତନ୍ତ୍ର: ଏକ ବୈଜ୍ଞାନିକ ଅନୁଶୀଳନ



ସତ୍ୟବ୍ରତ ପାଣିଗ୍ରାହୀ

ଆମ ସମସ୍ତଙ୍କ ଅସ୍ତିତ୍ୱର ଦୁଇ ମୂଳ ଆଧାର– ମାତୃଗର୍ଭା ପ୍ରକୃତି ଓ ଚେତନଶକ୍ତି ପୁରୁଷ। ପ୍ରକୃତି ସ୍ୱରୂପିଣୀ ଦେବୀ ଆଦ୍ୟାଶକ୍ତି ଓ ପରମପୁରୁଷ ଚେତନମୟ ଶିବ। ଶକ୍ତି ଚଞ୍ଚଳା,ସୃଜନଧର୍ମୀ ଏବଂ ଶିବ ହେଉଛନ୍ତି ଶାନ୍ତ–ଶିବ–ଅଦ୍ୱୈତ। ଶକ୍ତି ଓ ଶିବର ମିଳନରେ ସଂସାର ଗତିଶୀଳ। ସେହି ଗୋଟିଏ ଶକ୍ତିର ବିଭିନ୍ନ ସ୍ୱରୂପ ରହିଛି। କେତେବେଳେ ଭୌତିକ ଶକ୍ତି ତ ଆଉ କେତେବେଳେ ପ୍ରାଣ ରୂପରେ ଜୀବନୀ ଶକ୍ତି। ଶକ୍ତି ସାହାଯ୍ୟରେ ଜୀବ ଶିବତ୍ୱ ପ୍ରାପ୍ତ ହୁଏ । ଶକ୍ତି ବିନା ଜୀବ ପାଲଟିଯାଏ ଶବ। ଭାରତୀୟ ଦର୍ଶନରେ ଆଦିଶକ୍ତିଙ୍କ ଅନ୍ୟ ନାମ 'ସ୍ପନ୍ଦ' । କାରଣ ସୃଷ୍ଟିରେ ସର୍ବତ୍ର ଶକ୍ତିର ସ୍ପନ୍ଦନ ଜାରି ରହିଛି। ପଦାର୍ଥ ବିଜ୍ଞାନ ମତ ଅନୁସାରେ, ଛୋଟ କଣିକାଠାରୁ ଆରମ୍ଭ କରି ମହାକାଶରେ ଗ୍ରହ ନକ୍ଷତ୍ର ପର୍ଯ୍ୟନ୍ତ ସମସ୍ତେ ନୃତ୍ୟରତ, କେହି ସ୍ଥିର ନୁହନ୍ତି। ଗୋଟିଏ ଶକ୍ତିର ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ଗୁଣଧର୍ମକୁ ଲକ୍ଷ୍ୟ କରି ବୈଦିକ ସାହିତ୍ୟରେ ଶକ୍ତିକୁ ବିଭିନ୍ନ ନାମରେ ସମ୍ବୋଧିତ କରି ଗୁଣଗାନ କରାଯାଇଛି। ପରବର୍ତ୍ତୀ ସମୟରେ ଦାର୍ଶନିକ ତତ୍ତ୍ୱକୁ ମୂର୍ତ୍ତିକଳାର ରୂପ ଦିଆଯାଇଛି। ତେଣୁ ଭାରତରେ ଥିବା କାରୁକାର୍ଯ୍ୟ, ମୂର୍ତ୍ତିକଳା ପ୍ରତୀକଧର୍ମୀ । ଏସବୁ ପଛରେ ରହିଛି ସୃଷ୍ଟି ଦର୍ଶନ। ପ୍ରତ୍ୟେକ ବିଜ୍ଞାନ ଛାତ୍ର ଜାଣନ୍ତି ଯେ ଶକ୍ତିର ଆଦି ନାହିଁ କି ଅନ୍ତ ନାହିଁ। ଶକ୍ତି ସର୍ବଦା ଏକ ଅବିନାଶୀ ତତ୍ତ୍ୱ। ସୃଷ୍ଟିର ସମସ୍ତ କ୍ରିୟା ଯେଉଁ ଶକ୍ତି ବା ଉର୍ଜା ଦ୍ୱାରା ସଙ୍ଘଟିତ ହେଉଅଛି, ସେହି ଶକ୍ତିକୁ ପୁରାଣ ସାହିତ୍ୟରେ ଦେବୀ ରୂପରେ ବର୍ଣ୍ଣନା କରାଯାଇଛି। ଯେତେବେଳେ ଦୈବୀଶକ୍ତି କଥା ଆସେ, ସେହି ସମୟରେ 'ତନ୍ତ୍ର' କଥା ମଧ୍ୟ ପ୍ରାସଙ୍ଗିକ ହୋଇଯାଏ। ବିଭିନ୍ନ ଶୈବ ଓ ଶାକ୍ତ ଗ୍ରନ୍ଥଗୁଡ଼ିକରେ ତନ୍ତ୍ରର ବର୍ଣ୍ଣନା ରହିଛି। ବୁଦ୍ଧଙ୍କ ମହାପରିନିର୍ବାଣ ପରେ ବୌଦ୍ଧଧର୍ମ ଅନେକ ମତବାଦରେ ବିଭକ୍ତ ହୋଇଥିଲା। ସେଥିମଧ୍ୟରୁ ବଜ୍ରଯାନ ମତବାଦରେ ତନ୍ତ୍ରର ପ୍ରଚଳନ ଅଧିକ। କିନ୍ତୁ ପ୍ରକୃତରେ ତନ୍ତ୍ର କ'ଣ ? ବର୍ତ୍ତମାନ ତନ୍ତ୍ର ନାମରେ ଅନେକ ଭିତ୍ତିହୀନ, ତାତ୍ପର୍ଯ୍ୟହୀନ କାର୍ଯ୍ୟ କରାଯାଉଛି। ସେସବୁ କଦାପି ତନ୍ତ୍ର ହୋଇପାରିବ ନାହିଁ। ସଚେତନ ଜନତା 'ତନ୍ତ୍ର'ର ବାସ୍ତବିକ ତାତ୍ପର୍ଯ୍ୟ ଜାଣିବା ଆବଶ୍ୟକ। ବୈଦିକ ଦର୍ଶନରେ (ଋଗ୍‌ବେଦ–୧୦.୭୧ ) ତନ୍ତ୍ରର ଯୌଗିକ ଅର୍ଥ ହେଉଛି 'ଜାଲ ଭଳି ବୁଣିବା'। ଗୋଟିଏ ଜାଲରେ ସବୁକିଛି ଛନ୍ଦାଛନ୍ଦି ହୋଇ ରହିଥାଏ, ଅର୍ଥାତ୍ ସବୁକିଛି ପରସ୍ପର ସହ ସମ୍ବନ୍ଧିତ। 'ତନ୍ତ୍ର' ହେଉଛି ଏକ ବ୍ୟବସ୍ଥା ବା ସିଷ୍ଟମ୍, ଯେଉଁଥିରେ ପ୍ରତ୍ୟେକ ସତ୍ତା ବା ପଦାର୍ଥ ପରସ୍ପର ସହ ସମ୍ବନ୍ଧିତ। ସେମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଥାଏ। ସେମାନଙ୍କ ମଧ୍ୟରେ ଥିବା ସମ୍ପର୍କରୁ ଉତ୍ପନ୍ନ ହୁଏ ଏକ ନୂତନ ପୂର୍ଣ୍ଣ ସତ୍ତା। ଏହାକୁ ସିଷ୍ଟମ୍ ଥିଓରି କୁହାଯାଏ। ବିଦେଶୀ ଜୀବବିଜ୍ଞାନୀ ଭନ ବର୍ଟଲନଫି ଏବଂ ପଦାର୍ଥବିଜ୍ଞାନୀ ଫ୍ରିଟ୍‌ଜଫ କାପ୍ରା ଏହି ସିଷ୍ଟମ୍ ଥିଓରିର ମୁଖ୍ୟ ପ୍ରବକ୍ତା। ଉଦାହରଣ ସ୍ୱରୂପ ଶାସନତନ୍ତ୍ର, ପାଚନତନ୍ତ୍ର, ଗଣତନ୍ତ୍ର, ପରିବେଶ ତନ୍ତ୍ର ଇତ୍ୟାଦି ଏସବୁ ଗୋଟିଏ ଗୋଟିଏ ବ୍ୟବସ୍ଥା ବା ସିଷ୍ଟମ୍। ଆମ ଶରୀର ମଧ୍ୟ ଏକ ତନ୍ତ୍ର, ଯାହା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ସମାହାର ଓ ସେମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଶୃଙ୍ଖଳିତ ସମ୍ବନ୍ଧକୁ ନେଇ ଗଠିତ। ଯେତେବେଳେ ଅଙ୍ଗଗୁଡ଼ିକ ମଧ୍ୟରେ ଥିବା ସମ୍ବନ୍ଧ ନଷ୍ଟ ହୋଇଯାଏ,



ସେତେବେଳେ ଜୀବର ମୃତ୍ୟୁ ଘଟେ। ତେଣୁ ଆମ ଶରୀରତନ୍ତ୍ର କେବଳ ଅଙ୍ଗମାନଙ୍କ ସମାହାରରେ ଗଠିତ ହୋଇନାହିଁ । ଜୀବନ ଶକ୍ତି ପାଇଁ ଅଙ୍ଗମାନଙ୍କ ମଧ୍ୟରେ ତାଦାତ୍ମ୍ୟର ଆବଶ୍ୟକତା ରହିଛି। ନଚେତ୍ କେବଳ ଅଙ୍ଗମାନଙ୍କୁ ଯଥାସ୍ଥାନରେ ଖଞ୍ଜି ଦେଇ ଏକ ଜୀବ ସୃଷ୍ଟି କରାଯାଇପାରିଥାନ୍ତା। କିନ୍ତୁ ତାହା ସମ୍ଭବ ନୁହେଁ। ବୌଦ୍ଧ ଦର୍ଶନରେ ଏହାକୁ ସଂଘାତବାଦ କୁହାଯାଏ। ଶରୀର ମଧ୍ୟରେ ଥିବା ସାତଟି ପ୍ରମୁଖ କ୍ଷୁଦ୍ର ତନ୍ତ୍ରଗୁଡ଼ିକ ଯଥା– ମେରୁଦଣ୍ଡର ଆଧାର, ଜନନ ତଥା ରେଚନ ତନ୍ତ୍ର, ପାଚନ ତନ୍ତ୍ର, ହୃଦୟ ଓ ଶ୍ୱାସ ତନ୍ତ୍ର, ସ୍ୱତନ୍ତ୍ର, ସ୍ନାୟୁତନ୍ତ୍ର, ମସ୍ତିଷ୍କ। ଏହି ସାତଟି ତନ୍ତ୍ରରେ ସାତଟି ମୁଖ୍ୟ ହରମୋନ ଗ୍ରନ୍ଥି ରହିଛି, ଯାହାକୁ ଭାରତୀୟ ଦର୍ଶନରେ ସପ୍ତଚକ୍ର କୁହାଯାଏ। ସୁସ୍ଥ ଶରୀର ସୁସ୍ଥ ମନ ନିମନ୍ତେ ଏହି ସାତଟି ଶକ୍ତିଚକ୍ର ମଧ୍ୟରେ ସୁସଙ୍ଗତ ଶୃଙ୍ଖଳିତ ସମ୍ବନ୍ଧ ଜରୁରୀ, ଯାହାକୁ କୁଣ୍ଡଳିନୀ ଯୋଗ କୁହାଯାଏ। କାରଣ ଯୋଗର ଏକ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀର ତନ୍ତ୍ରକୁ ସୁରକ୍ଷିତ ରଖିବା ଏବଂ ମାନସିକ ସନ୍ତୁଳନ ରକ୍ଷା କରିବା। ପ୍ରାଚୀନ ଦାର୍ଶନିକଗଣ ସୃଷ୍ଟିକୁ ଏକ ବିଶାଳ ତନ୍ତ୍ର ରୂପେ ବିଚାର କରିଛନ୍ତି, ଯାହାକୁ 'ସୃଷ୍ଟିତନ୍ତ୍ର' କୁହାଯାଇପାରେ। ସୃଷ୍ଟିର ଏହି ତତ୍ତ୍ୱକୁ ଭୁଲିଯାଇ ଅନେକ ସ୍ଥାନରେ ତନ୍ତ୍ର ନାମରେ ବଳିପ୍ରଥା, ସମ୍ଭୋଗ, ସମ୍ମୋହନ, ଜୀବନ୍ୟାସ, ଗୁଣିଗାରେଡ଼ି, ଭୂତପ୍ରେତ ଆଦି କପୋଳକଳ୍ପିତ କାର୍ଯ୍ୟ କରାଯାଉଅଛି, ଯାହାକି ସମାଜ ପାଇଁ କ୍ଷତିକାରକ। ଆଦିଶକ୍ତିଙ୍କୁ ମାତୃ ରୂପରେ ବନ୍ଦନା କରାଯାଏ। ପ୍ରତ୍ୟେକ ପ୍ରାଣୀ ତାଙ୍କ ସନ୍ତାନ। କୌଣସି ମା' ତାଙ୍କ ସନ୍ତାନର ଅନିଷ୍ଟ ଚାହାନ୍ତି ନାହିଁ। କିନ୍ତୁ ଆମ ନିଜର ଜିହ୍ୱା ଲାଳସାକୁ ତୃପ୍ତ କରିବା ପାଇଁ ପୂଜାର୍ଚ୍ଚନାର ଦ୍ୱାହି ଦେଇ ପଶୁବଳି ଦେଇଆସୁଛୁ, ଯାହାକି ନିନ୍ଦନୀୟ।

ପ୍ରକୃତି ସର୍ବଶକ୍ତି ସମ୍ପନ୍ନା। ପ୍ରକୃତିରୁ ହିଁ ଶକ୍ତି ଗ୍ରହଣ କରି ଜୀବଗଣ ତିଷ୍ଠି ରହିଛନ୍ତି। ପ୍ରକୃତିରୁ ଜ୍ଞାନ ଆହରଣ କରିଛି ମାନବ। ଜ୍ଞାନର ଭଣ୍ଡାର ପ୍ରକୃତି ହେଉଛି ଜ୍ଞାନଦାତ୍ରୀ ଦେବୀ ସରସ୍ୱତୀ। ଧନଧାନ୍ୟ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ପ୍ରକୃତି ହେଉଛି ଧନଦାତ୍ରୀ ଦେବୀ ମହାଲକ୍ଷ୍ମୀ। ଯେତେବେଳେ ଜ୍ଞାନ ଓ ଧନର ଦୁରୁପଯୋଗ କରି ମନୁଷ୍ୟ ନିଜର ଚତୁଃପାର୍ଶ୍ୱର ପରିବେଶକୁ ଦୂଷିତ କରେ, ସେତେବେଳେ ସେହି ପ୍ରକୃତି ହିଁ ଦେବୀ କାଳୀଙ୍କ ଉଗ୍ରରୂପ ଧାରଣ କରି ତାଣ୍ଡବଲୀଳା ରଚିଥାଏ ଏବଂ ପ୍ରାକୃତିକ ବିପର୍ଯ୍ୟୟ ମାଧ୍ୟମରେ ବିନାଶ କରେ। ସୃଷ୍ଟିରେ ସନ୍ତୁଳନ ବଜାୟ ରଖିବା ନିମନ୍ତେ ଶକ୍ତିଙ୍କ ଏହି ରୂପର ଆବଶ୍ୟକତା ଅଛି। ଜଗତରେ କେବଳ ଗୋଟିଏ ଧର୍ମ ଆଦି ଓ ଅନ୍ତରେ ରହିପାରେ, ତାହା ହେଲା ସୃଷ୍ଟିଧର୍ମ। ଶହ ଶହ ଧର୍ମ, ସମ୍ପ୍ରଦାୟ ଭିତରେ ଘାଣ୍ଟି ହେବାଠାରୁ ପ୍ରକୃତିର ଗୋଟିଏ ସୃଷ୍ଟିଧର୍ମକୁ ମାନିଚାଲିବା ଭଲ। ସେହି ଆଦିଶକ୍ତି, ଆଦିପୁରୁଷ, ଆଦିଧର୍ମ ହିଁ ସଚରାଚର ବ୍ରହ୍ମାଣ୍ଡର ଆଧାର। ଦର୍ଶନ,ବିଜ୍ଞାନ ଓ କଳା ମାଧ୍ୟମରେ ସେହି ତାତ୍ପର୍ଯ୍ୟକୁ ବୁଝିବା ଏବଂ ନିଜକୁ ଅଭିବ୍ୟକ୍ତ କରିବା ଆମର ଲକ୍ଷ୍ୟ।

**ଗୁଣପୁର,ରାୟଗଡ଼ା, ଓଡ଼ିଶା**
**ମୋ: ୬୩୭୧୬୮୪୬୯୯**

## ପାଠକ ଶ୍ରେଷ୍ଠ ବିଚାରକ

### ମହାନଗର ନିଗମର ବ୍ୟତିକ୍ରମ

ମହାଶୟ,

ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକ ସହରକୁ ମହାନଗର ନିଗମ ଘୋଷଣା କରାଯାଇଛି। କିନ୍ତୁ ବିଡମ୍ବନା, ଏହି ଦୁଇ ମହାନଗର ନିଗମରେ ଜନସାଧାରଣ ସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ବିଶେଷକରି ସ୍ୱଚ୍ଛ ପାନୀୟ ଜଳଯୋଗାଣ, ପରିମଳ ବ୍ୟବସ୍ଥା ଓ ମୁଖ୍ୟତଃ ବର୍ଷା ଜଳ ନିଷ୍କାସନର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇପାରୁନାହିଁ। ବର୍ଷାର ପରିମାଣ ଅଧିକ ହେଲେ ଭୁବନେଶ୍ୱର ସହରର ମୁଖ୍ୟ ଅଞ୍ଚଳଗୁଡ଼ିକ ଯଥା ଇସ୍କନ ମନ୍ଦିର ସମ୍ମୁଖ ରାସ୍ତା, ନୂଆପଲ୍ଲୀ ବେହେରା ସାହି, ରସୁଲଗଡ଼, ବମିଖାଲ ମୁଖ୍ୟରାସ୍ତା, ବରମୁଣ୍ଡା ଆଦି ଅଞ୍ଚଳରେ ବର୍ଷା ପାଣିର ସୁଅ ଛୁଟୁଛି। ମହାନଗର ନିଗମରେ ଏହି ସମସ୍ୟା ପ୍ରାୟ ବହୁତ ଦିନ ହେଲା ଲାଗି ରହିଛି। ଏଥି ପ୍ରତି କିନ୍ତୁ ମ୍ୟୁନିସିପାଲିଟି ଓ ପିଡବ୍ଲୁଡି କାହାର ମଧ୍ୟ ନିଘା ନାହିଁ। ସରକାର ମଧ୍ୟ ଏହି ସମସ୍ୟା ପ୍ରତି ଉଦାସୀନ ରହୁଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ ମହାନଗର ନିଗମ ଅଞ୍ଚଳବାସୀଙ୍କର ଏହି ସବୁ ଅସୁବିଧାର ନିରାକରଣ ଦିଗରେ ଧ୍ୟାନ ଦେଇ ସମସ୍ୟାର ସମାଧାନ କରିବା ତୁରନ୍ତ ଆବଶ୍ୟକ।

**– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପ୍ରେରଣାଦାୟୀ କାର୍ଯ୍ୟ ଜଣଙ୍କୁ ପ୍ରତିଷ୍ଠିତ କରିଥାଏ, ଯାହା ଘଟିଛି ଦୀପମାଳା ପାଣ୍ଡେଙ୍କ ଜୀବନରେ। ଉତ୍ତରପ୍ରଦେଶ ବରେଲିର ଦାଭୁରା ପ୍ରାଥମିକ ସ୍କୁଲର ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ସ୍କୁଲରେ ଦିବ୍ୟାଙ୍ଗ ଶିଶୁଙ୍କ ନାମ ଲେଖାଇବାରେ ସେ ପ୍ରମୁଖ ଭୂମିକା ନେଇଛନ୍ତି। ଦୀପମାଳା ୮୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ସ୍କୁଲକୁ ଆଣିବାରେ ସକ୍ଷମ ହୋଇଛନ୍ତି। ଏଭଳି କାର୍ଯ୍ୟରେ ତାଙ୍କୁ ୪୦୦ ଶିକ୍ଷକ ସହଯୋଗ କରିଛନ୍ତି। ଦୀପମାଳା ୨୦୦୯ରେ ପଢ଼ାଇବା ଆରମ୍ଭ କରିବା ପରେ ୨୦୧୫ରେ ଦାଭୁରା ପ୍ରାଥମିକ ସ୍କୁଲକୁ ବଦଳି ହୋଇଥିଲେ। ସେଠାରେ ରହିବା ପରେ ସେ ବରେଲିର ବିଭିନ୍ନ ଅଞ୍ଚଳରେ ଥିବା ଦିବ୍ୟାଙ୍ଗ ପିଲାମାନେ କିଭଳି ସ୍କୁଲକୁ ଆସିବେ ସେଥିପାଇଁ ଏକ ହ୍ୱାଟ୍ସଆପ୍ ଗ୍ରୁପ୍ କରିଥିଲେ। ଏଥିରେ ବରେଲିର ଶିକ୍ଷକମାନଙ୍କୁ ଆଡ୍ କରିଥିଲେ। ପରେ 'ୱାନ୍ ଟିଚର ୱାନ୍ କଲ୍' ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ଜଣେ ଶିକ୍ଷକ ଆଉ ଜଣେ ଶିକ୍ଷକଙ୍କୁ କଲ୍ କରି ଦିବ୍ୟାଙ୍ଗ ପିଲାଙ୍କୁ ସ୍କୁଲ ଆଣିବାର ଗୁରୁତ୍ୱ ସମ୍ପର୍କରେ ଅବଗତ କରିବା ଆରମ୍ଭ କରିଦେଲେ। ଏବେ ଏଥିରେ ୪୦୦ ଶିକ୍ଷକ ଯୋଡ଼ି ହୋଇ ଦୀପମାଳାଙ୍କୁ ସହଯୋଗ କରୁଛନ୍ତି। ଏପରି କି ଲକ୍‌ଡାଉନ ସମୟରେ ଏହି ପଦ୍ଧତି ବେଶ୍ ଉପଯୋଗୀ ହେଲା ଦିବ୍ୟାଙ୍ଗ ପିଲାମାନଙ୍କୁ ଠାବ କରିବାରେ।

## ୨୫ ବର୍ଷ ତଳର ଧରିତ୍ରୀ

ଓ ଅକ୍ଟୋବର ୧୯୯୭

- ଉତ୍ତର ଆଫଗାନ ସହର ମାଜାର–ଇ–ଶରିଫରେ ତାଲିବାନ ବିଦ୍ରୋହୀଙ୍କ ବୋମା ମାଡ଼ରେ ୧୫୦ ଜଣ ସାଧାରଣ ନାଗରିକ ନିହତ।
- ଆଜାରବାଇଜାନର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ କାସ୍ପିଆନ ସାଗର ମଧ୍ୟକୁ ଖସିପଡ଼ିବା ଫଳରେ ୨୨ ମୃତ।
- ଆୟକର ଉଲ୍ଲଂଘନ ମାମଲାରେ ତାମିଲ ଚଳଚ୍ଚିତ୍ର ଜଗତର ପୂର୍ବତନ ଅଭିନେତ୍ରୀ ଭେନିରାଆଡାଇ ନିର୍ମଳାଙ୍କୁ ୨ ବର୍ଷ କାରାଦଣ୍ଡ।

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ନାହିଁ ଜନପ୍ରାଣୀ,
ଅଶୋକ–ପଲ୍ଲବେ ଜାଗେ
ମଧୁ ମୃଦୁ ବାଣୀ।

–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 5 | | | 6 | | 8 | | |
| 3 | | | | | 1 | | 5 | |
| | | | | | | 4 | 2 | |
| | | 5 | | | 2 | 6 | | |
| | 8 | | 9 | | | | | |
| | | 4 | | 8 | | 3 | | |
| 4 | | | 6 | | | | | |
| | 7 | | | | | | | |
| 2 | | | | | | | 9 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 6 | 8 | 2 | 4 | 1 | 7 | 5 |
| 4 | 7 | 5 | 9 | 1 | 6 | 3 | 8 | 2 |
| 8 | 1 | 2 | 3 | 5 | 7 | 6 | 9 | 4 |
| 6 | 8 | 1 | 4 | 7 | 3 | 5 | 2 | 9 |
| 5 | 9 | 3 | 2 | 6 | 8 | 7 | 4 | 1 |
| 2 | 4 | 7 | 5 | 9 | 1 | 8 | 6 | 3 |
| 7 | 6 | 4 | 1 | 3 | 9 | 2 | 5 | 8 |
| 1 | 2 | 9 | 6 | 8 | 5 | 4 | 3 | 7 |
| 3 | 5 | 8 | 7 | 4 | 2 | 9 | 1 | 6 |

ଗତକାଲିର ଉତ୍ତର

## ସୁଜଲନ ଏନର୍ଜୀ ସଂସ୍ଥାପକ ତୁଳସୀ ତନ୍ତୀଙ୍କର ପରଲୋକ

**ନୂଆଦିଲ୍ଲୀ:** ଦେଶର ପ୍ରମୁଖ ଏନର୍ଜୀ କମ୍ପାନୀ ସୁଜଲନ ଏନର୍ଜୀ ସଂସ୍ଥାପକ ତଥା ଅଧକ୍ଷ ତୁଲସୀ ତନ୍ତୀଙ୍କର ପରଲୋକ ହୋଇଯାଇଛି। କମ୍ପାନୀ ଶେୟାର ବଜାରକୁ ଏହି ସୂଚନା ଦେଇଛି। କମ୍ପାନୀ ସୂଚନା ଅନୁସାରେ ୬୪ବର୍ଷ ବୟସ୍କ ତନ୍ତୀଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଅକ୍ଟୋବର ୧ରେ ଅହମଦାବାଦରୁ ପୁନେ ଯିବା ରାସ୍ତାରେ ସେ ଅସୁସ୍ଥ ହୋଇପଡିଥିଲେ। ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ତୁଲସୀ ତନ୍ତୀ ୧୯୫୮ରେ ଗୁଜରାଟର ରାଜକୋଟରେ ଜନ୍ମ ହୋଇଥିଲେ। ୧୯୯୫ରେ ସେ ସୁଜଲନ ଏନର୍ଜୀର ସ୍ଥାପନା କରିଥିଲେ। ତାଙ୍କ ପରିବାରରେ ଝିଅ ନିଧି ଓ ପୁଅ ପ୍ରଣବ ଅଛନ୍ତି।

# ସେପ୍ଟେମ୍ବରରେ ଇକ୍ୱିଟିରୁ ୭,୬୦୦ କୋଟି ଟଙ୍କା ପ୍ରତ୍ୟାହାର

ନୂଆଦିଲ୍ଲୀ,୨।୧୦




ଗତ ଦୁଇ ମାସ ମଧ୍ୟରେ ପାଣ୍ଠି ଯୋଗାଇବା ପରେ ବିଦେଶୀ ନିବେଶକମାନେ ଚଳିତ ସେପ୍ଟେମ୍ବରରେ ପୁନର୍ବାର ବିକ୍ରେତାଙ୍କୁ ଫେରାଇ ଆଣିଥିଲେ ଏବଂ ଆମେରିକାର ଫେଡର ହକ୍ ଆଭିମୁଖ୍ୟ ଏବଂ ଟଙ୍କା ମୂଲ୍ୟରେ ହ୍ରାସ ହେତୁ ଭାରତୀୟ ଇକ୍ୱିଟି ବଜାରରୁ ୭,୬୦୦ କୋଟିରୁ ଅଧିକ ଟଙ୍କା ବାହାର କରିଥିଲେ ବୋଲି ଜଣାପଡିଛି। ଏହା ସହିତ ଭାରତୀୟ ଇକ୍ୱିଟି ବଜାରରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ଙ୍କ ମୋଟ ଆଉଟ ଫ୍ଲୋ ଚଳିତ ବର୍ଷର ଏ ପର୍ଯ୍ୟନ୍ତ ୧.୬୮ ଲକ୍ଷ କୋଟିରେ ପହଞ୍ଚିଛି ବୋଲି ଜମାକାରୀଙ୍କ ତଥ୍ୟ ଦର୍ଶାଇଛି।
ଏ ସମ୍ପର୍କରେ ବିଶେଷଜ୍ଞମାନେ ମଧ୍ୟ କହିଛନ୍ତି ଯେ ବିଶ୍ୱ ତଥା ଘରୋଇ କାରଣଗୁଡ଼ିକ ଉପରେ ଆଗାମୀ ମାସରେ ଏଫପିଆଇର ପ୍ରବାହ ଅସ୍ଥିର ରହିବ। ସେହିଭଳି କୋଟାକ୍ ସିକ୍ୟୁରିଟିଜ୍ ହେଡ-ଇକ୍ୱିଟି ରିସର୍ଚ୍ଚ (ଖୁଚୁରା) ଶ୍ରୀକାନ୍ତ ଚୌହାନ କହିଛନ୍ତି, ବିଶ୍ୱର ମୁଦ୍ରାସ୍ଫୀତି ବୃଦ୍ଧି ହେତୁ ବ୍ରିଟେନ ସରକାରଙ୍କ ବିସ୍ତାରିତ ଆର୍ଥିକନୀତି ବିଶ୍ୱ ମୁଦ୍ରା ବଜାରରେ ପରିଣତ ହୋଇଛି ଏବଂ ଇକ୍ୱିଟିରେ ବିପଦପୂର୍ଣ୍ଣ ଭାବନା ମଧ୍ୟ ସୃଷ୍ଟି କରିଛି। ସେହିପରି ଘରୋଇ ବଜାରର ଜିଡିପି ଆକଳନରେ ସାମାନ୍ୟ ହ୍ରାସ ବ୍ୟତୀତ କିଛି ଶକ୍ତି ସମ୍ବନ୍ଧୀୟ ଚିନ୍ତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ମିଳିଥିବା ତଥ୍ୟ ଅନୁଯାୟୀ,ଏଫପିଆଇଗୁଡିକ ଚଳିତ ବର୍ଷ ସେପ୍ଟେମ୍ବରରେ ୭,୬୨୪ କୋଟି ଟଙ୍କା ମୂଲ୍ୟର ଇକ୍ୱିଟି ମଧ୍ୟ ବିକ୍ରି କରିଛନ୍ତି। ବିଶେଷକରି ଚଳିତ ବର୍ଷ ଅଗଷ୍ଟରେ ୫୧,୨୦୦ କୋଟି ଟଙ୍କା ଏବଂ ଜୁଲାଇରେ ପ୍ରାୟ ୫୦୦୦ କୋଟି ଟଙ୍କା ନେଟ ନିବେଶ ପରେ ଏହା ଆସିଛି ବୋଲି କୁହାଯାଇଛି। ଏହା ପୂର୍ବରୁ ୨୦୨୧ ଅକ୍ଟୋବରରୁ କ୍ରମାଗତ ଭାବେ ୯ ମାସ ପାଇଁ ଭାରତୀୟ ଇକ୍ୱିଟି ବଜାରରେ ଏଫପିଆଇଗୁଡିକ ନେଟ ବିକ୍ରେତା ଥିଲେ। ମର୍ନିଙ୍ଗଷ୍ଟାର ଇଣ୍ଡିଆର ଆସୋସିଏଟ୍ ଡାଇରେକ୍ଟର-ମ୍ୟାନେଜର ରିସର୍ଚ୍ଚ, ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି, ବର୍ତ୍ତମାନ ସମୟରେ ଜାରି ରହିଥିବା ରୁଷିଆ-ୟୁକ୍ରେନ ଯୁଦ୍ଧ ମଧ୍ୟ ଉକ୍ତ ଭାବନାକୁ ହ୍ରାସ କରିଛି। ମୁଦ୍ରାସ୍ଫୀତି ରିପୋର୍ଟ ଅପେକ୍ଷା ଆଶା କରାଯାଉଥିବା ପରି ପରିସ୍ଥିତି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଆସନ୍ତା ମାସରେ ଆମେରିକାର ଫେଡେରାଲ ରିଜର୍ଭ ଏହାର ସୁଧ ହାର ବୃଦ୍ଧିକୁ ହ୍ରାସ କରିବ ବୋଲି ଆକଳନ କରାଯାଇଛି। ଚଳିତ ବର୍ଷ ଅଗଷ୍ଟରେ ଆମେରିକାର ମୁଦ୍ରାସ୍ଫୀତି ପୂର୍ବ ମାସ ତୁଳନାରେ ୦.୧% ଅଧିକ ହୋଇ ୮.୩% କୁ ବୃଦ୍ଧି ପାଇଛି। ଗତ ବର୍ଷ ଅଗଷ୍ଟରେ ମୁଦ୍ରାସ୍ଫୀତି ୮.୫% ରହିଥିଲା। ଏଥି ସହ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ଗତମାସରେ କ୍ରମାଗତ ୩ୟ ଥର ପାଇଁ ଆମେରିକାର ଫେଡ ଦ୍ୱାରା ୭୫ ଆଧାର ପଏଣ୍ଟ (ବିପିଏସ୍) ହାର ବୃଦ୍ଧି ନିବେଶକଙ୍କୁ ବିପଦ ସୃଷ୍ଟି କରିଛି। ଏହା ମଧ୍ୟ ବିଶ୍ୱ ଅର୍ଥନୀତିର ଆର୍ଥିକ ଅଭିବୃଦ୍ଧି ଏବଂ ଆମେରିକାର ଅର୍ଥନୀତିର ବିମୁଦ୍ରାକରଣକୁ ନେଇ ଆଶଙ୍କା ସୃଷ୍ଟି କରିଛି ବୋଲି ଶ୍ରୀବାସ୍ତବ କହିଛନ୍ତି।

## ୧୫,୦୦୦ ଟଙ୍କିଆ ଲାପ୍‌ଟପ୍ ଆଣିବ ଜିଓ

ନୂଆଦିଲ୍ଲୀ,୨।୧୦

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ 'ରିଲାଏନ୍ସ ଜିଓ' ଖୁବଶୀଘ୍ର ଏକ ସ୍ୱଳ୍ପ ବଜେଟର ଲାପ୍‌ଟପ୍ 'ଜିଓ ଲାପ୍‌ଟପ୍'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିପାରେ ବୋଲି ଜଣାପଡିଛି। ଏପରିକି ଉକ୍ତ ଲାପ୍‌ଟପରେ ୪ଜି ସିମ୍ କାର୍ଡ ସେବା ସକ୍ଷମ ହେବା ଭଳି ସୁବିଧା ମଧ୍ୟ ଉପଲବ୍ଧ ବୋଲି କୁହାଯାଉଛି। ବିଶେଷକରି ଏହାର ମୂଲ୍ୟ ପ୍ରାୟ ୧୮୪ ଡଲାର ବା ୧୫,୦୦୦ ଟଙ୍କା ହେବ ବୋଲି ଚର୍ଚ୍ଚା ହେଉଛି। ଅପରପକ୍ଷରେ ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ କନ୍‌ଗ୍ଲୋମେରେଟ୍ ଜିଓ ବୁକ୍ ପାଇଁ ବିଶ୍ୱସ୍ତରୀୟ ସଂସ୍ଥା କ୍ୱାଲକମ୍ ଏବଂ ମାଇକ୍ରୋସଫ୍ଟ ଭଳି କମ୍ପାନୀ ସହ ଆଲୋଚନା ହୋଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ଏପରିକି ଉକ୍ତ ଲାପଟପ୍ ଚଳିତ ମାସ ଶେଷ ସୁଦ୍ଧା ଦେଶର ସମସ୍ତ ବିଦ୍ୟାଳୟ ଏବଂ ସରକାରୀ ପ୍ରତିଷ୍ଠାନ ପରି ଏଣ୍ଟରପ୍ରାଇଜ୍ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ ଏବଂ ଆସନ୍ତା ୩ମାସ ମଧ୍ୟରେ ଭାରତୀୟ ଗ୍ରାହକ ପାଇଁ ଶୁଭାରମ୍ଭ ହେବାର ଆଶା କରାଯାଉଛି।

## ୩,୫୪୩ ୟୁନିଟ୍ ଯାନ ବିକ୍ରି କରିଛି ସ୍କୋଡା

ନୂଆଦିଲ୍ଲୀ,୨।୧୦




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆ ଚଳିତ ବର୍ଷ ସେପ୍ଟେମ୍ବରରେ ୩,୫୪୩ ୟୁନିଟ୍ ଯାନ ବିକ୍ରି କରିଛି। ଫଳରେ ଗତ ବର୍ଷ ସେପ୍ଟେମ୍ବର ତୁଳନାରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୧୭%ରୁ ଅଧିକ ରହିଛି। ଏପରିକି ୨୦୨୧ ସେପ୍ଟେମ୍ବରରେ କମ୍ପାନୀ ୩,୦୨୭ ୟୁନିଟ୍ କାର ବିକ୍ରି କରିଥିଲା। ବିଶେଷକରି ଉଚ୍ଚସ୍ତରର ସ୍ଥାନୀୟକରଣ ଏବଂ ନିର୍ମାଣ ସହ ଚେକ୍ ଆଧାରିତ କମ୍ପାନୀ ବର୍ଷକୁବର୍ଷ ବିକ୍ରି ଅଭିବୃଦ୍ଧି ରେକର୍ଡ କରିଛି।
ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପେଟ୍ର ସୋଲ କହିଛନ୍ତି, ଭାରତ ବଜାରରେ ସ୍କୋଡାର ଚାହିଦା ମଧ୍ୟ ବୃଦ୍ଧି ପାଇଛି। ଏହା ଏକ ଉତ୍କୃଷ୍ଟ ଫଳାଫଳ ଏବଂ ଆମର ଦଳ ଓ ଡିଲର ସହଭାଗୀମାନଙ୍କର ସମସ୍ତ କଠିନ ପରିଶ୍ରମର ଏକ ବଡ଼ ସ୍ୱୀକୃତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ବିଶେଷକରି କୁଶାକ ଏବଂ ସ୍ଲାଭିଆ ଭଳି ମଡେଲ ଭାରତ ବଜାରରେ ସଫଳତାର ସହ ପ୍ରତିଷ୍ଠିତ ହୋଇଛି। ଏପରିକି କମ୍ପାନୀର ସମସ୍ତ ଗାଡିର ବିକ୍ରୟ ବୃଦ୍ଧି ପରିଚାଳିତ ରହିଛି, ଏହା ସହିତ ଅକ୍ଟୋଭିଆ ଏବଂ ସୁପର୍ବ ପରି ଡି-ସେଗ୍‌ମେଣ୍ଟ ଉତ୍ପାଦଗୁଡିକ ମଧ୍ୟ ନିଜ ନିଜ ବର୍ଗରେ ଅଗ୍ରଣୀ ରହିଛନ୍ତି। ଆମର ଧ୍ୟାନ ବର୍ତ୍ତମାନ ଗ୍ରାହକଙ୍କ ସନ୍ତୁଷ୍ଟିକୁ ବଢାଇବା ଏବଂ ସମଗ୍ର ଭାରତରେ ସ୍କୋଡା ଗ୍ରାହକଙ୍କ ସ୍ପର୍ଶ ବିନ୍ଦୁ (ଟଚ୍ ପଏଣ୍ଟ) ବୃଦ୍ଧି ଉପରେ ରହିଛି। ସେହିପରି ୨୦୨୧ ଡିସେମ୍ବରରେ କମ୍ପାନୀର ୧୭୫ ସ୍ପର୍ଶ ବିନ୍ଦୁ ରହିଥିଲା ବେଳେ ୨୦୨୨ ଶେଷ ସୁଦ୍ଧା ତାହା ୨୫୦ରେ ପହଞ୍ଚିବା ଲକ୍ଷ୍ୟରେ ରହିଛି। ଏପରିକି ନିଜର ପହଞ୍ଚ ୨୦୫ରୁ ଅଧିକ ସ୍ପର୍ଶ ବିନ୍ଦୁକୁ ବିସ୍ତାର କରିଛି।

## ଖିମ୍‌ଜୀ ବ୍ରହ୍ମପୁର ଷ୍ଟୋର୍‌ର ୫ମ ବାର୍ଷିକୀ ଉତ୍ସବ




ଭୁବନେଶ୍ୱର,୨।୧୦

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ 'ଖିମ୍‌ଜୀ ଜୁଏଲର୍ସ'ର ବ୍ରହ୍ମପୁର ଷ୍ଟୋର୍ ପକ୍ଷରୁ ୫ମ ବାର୍ଷିକ ଉତ୍ସବ ପାଳନ କରାଯାଉଛି। ଏପରିକି ଆସନ୍ତା ୫ ଅକ୍ଟୋବରରେ ଉକ୍ତ ଷ୍ଟୋରର ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ 'ଖିମ୍‌ଜୀ ଜୁଏଲର୍ସ'ର ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ଏବଂ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦%ର ରିହାତି ପ୍ରଦାନ କରାଯାଉଛି। ବିଶେଷକରି ୯ ଅକ୍ଟୋବର ପର୍ଯ୍ୟନ୍ତ ଉକ୍ତ ରିହାତି (ଅଫର) ଉପଲବ୍ଧ ରହିଛି।
ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ସିଲ୍କି ସିଟିରେ ସଫଳତାର ୫ମ ବର୍ଷ ପାଳନ କରି ଆମେ ଆନନ୍ଦିତ। ଆମର ଗ୍ରାହକମାନେ କ୍ରମାଗତ ଭାବେ ଆମକୁ ବିଶ୍ୱାସ କରି ଏବଂ ଖିମ୍‌ଜୀକୁ ସମଗ୍ର ଦକ୍ଷିଣ ଓଡ଼ିଶାର ସବୁଠାରୁ ବେଶି ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଛନ୍ତି। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ସେମାନଙ୍କ ସହ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଗତ ଆର୍ଥିକ ବର୍ଷରେ ଉନ୍ନତ ଉତ୍ପାଦନ ପ୍ରଦର୍ଶନ କରିଛି ସେଲ

ନୂଆଦିଲ୍ଲୀ,୨।୧୦

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ୫୦ତମ ବାର୍ଷିକ ସାଧାରଣ ସଭା (ଏଜିଏମ) ନିକଟରେ ଆୟୋଜିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଅବସ୍ଥିତ ସେଲ୍ ମୁଖ୍ୟାଳୟ ପରିସରରେ ଭର୍ଚୁଆଲ୍ ପ୍ଲାଟଫର୍ମ ମାଧ୍ୟମରେ ଆୟୋଜିତ ବୈଠକରେ ସେଲ୍‌ର ଚେୟାରମ୍ୟାନ୍ ସୋମା ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ସେଲ୍‌ର ଅଂଶୀଦାରମାନଙ୍କୁ ସମ୍ବୋଧିତ କରି ମଣ୍ଡଳ କହିଥିଲେ ଯେ ଗତ ଆର୍ଥିକ ବର୍ଷ (୨୦୨୧-୨୨) ମଧ୍ୟରେ କମ୍ପାନୀର ସଫଳତା ସମ୍ପର୍କରେ ସେ ବିସ୍ତୃତ ବର୍ଣ୍ଣନା କରିଥିବା ବେଳେ କମ୍ପାନୀର ଭବିଷ୍ୟତ ଯୋଜନା ବିଷୟରେ ମଧ୍ୟ ବର୍ଣ୍ଣନା କରିଛନ୍ତି। ୨୦୨୧-୨୨ଆର୍ଥିକ ବର୍ଷରେ କମ୍ପାନୀ ହଟ୍ ମେଟାଲର ୧୮.୭୩୩ ମିଲିୟନ୍ ଟନ୍ ଏବଂ ୧୭.୩୬୬ ଅଶୋଧିତ ଇସ୍ପାତ ଉତ୍ପାଦନ କରି ଏହାର ସର୍ବୋତ୍ତମ ଉତ୍ପାଦନ ପ୍ରଦର୍ଶନ କରିଛି। ସେହିପରି କମ୍ପାନୀ ପ୍ରଥମ ଥର ପାଇଁ ଭାରତୀୟ କମ୍ପାନୀଗୁଡ଼ିକର ଅଭିଜିତ କ୍ଲବରେ ପ୍ରବେଶ କରି ୧ଲକ୍ଷ କୋଟିରୁ ଅଧିକ ଟଙ୍କା କାରବାର କରିଛି। ଅପରପକ୍ଷରେ ସର୍ବୋତ୍ତମ ବ୍ୟବସାୟ ତୁଳନାରେ ୫୦%ରୁ ଅଧିକ ଅଭିବୃଦ୍ଧି ହାସଲ କରିଛି। ଉନ୍ନତ ଅପରେଟିଂ କାର୍ଯ୍ୟଦକ୍ଷତା କମ୍ପାନୀକୁ ଲାଭାନ୍ୱିତ ଦୃଷ୍ଟିରୁ ସର୍ବାଧିକ ଲାଭ ହାସଲ କରିବାରେ ସାହାଯ୍ୟ କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ୨୦୨୨ ବର୍ଷ ଦେଶ ପାଇଁ ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି ଏବଂ ଭାରତ ସ୍ୱାଧୀନତାର ୭୫ତମ ଗୌରବମୟ ବର୍ଷ ପୂରଣ କରିଛି। ଆଧୁନିକ ଭାରତ ଯାତ୍ରାରେ ଏହା ଏକ ଅସାଧାରଣ ମାଇଲଖୁଣ୍ଟ ଅଟେ, ଯାହାକି ଭାରତ ୨.୦ରେ ଆଗକୁ ବଢିବାକୁ ଭାରତର ପ୍ରସ୍ତୁତତାକୁ ଦୃଷ୍ଟିରେ ରଖି ଅଧିକ ଗୁରୁତ୍ୱ ବହନ କରୁଛି। ଏହି ଅବସରରେ ସେଲ୍‌ର ବରିଷ୍ଠ ଅଧିକାରୀ ଓ ଅଂଶୀଦାରଙ୍କ ସମେତ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।



ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ୫୦ତମ ବାର୍ଷିକ ସାଧାରଣ ସଭା (ଏଜିଏମ) ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ ଅଂଶୀଦାର ଗଣ।

## ଓପିଟିସିଏଲ୍ ଅଧ୍ୟକ୍ଷଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ


'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୧ତମ ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟମାନଙ୍କ ଉପସ୍ଥିତିରେ ସଞ୍ଜୟ କୁମାର ମିଶ୍ର ଶ୍ରେଷ୍ଠ ପ୍ରଶାସକର ସମ୍ମାନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୨।୧୦

ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ରଙ୍କୁ ନିକଟରେ ଶ୍ରେଷ୍ଠ ପ୍ରଶାସକ ସମ୍ମାନରେ ସମ୍ମାନିତ କରାଯାଇଛି। ରବିବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ ଆୟୋଜିତ ଇଣ୍ଟରଭ୍ୟୁ ଟାଇମ୍‌ସ ପତ୍ରିକାର ୧୧ତମ ବାର୍ଷିକ ଉତ୍ସବରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ ଓ ପ୍ରେରଣା ସୃଷ୍ଟି କରିଥିବା ୨୦ଜଣ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କୁ ଏହି ପରିପ୍ରେକ୍ଷୀରେ ସମ୍ମାନିତ କରାଯାଇଥିଲା। ପ୍ରଶାସନିକ ସେବା କ୍ଷେତ୍ରରେ ସଞ୍ଜୟ ମିଶ୍ରଙ୍କୁ ଶ୍ରେଷ୍ଠ ପ୍ରଶାସକ ଭାବେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ମିଶ୍ର ଭାରତୀୟ ରେଳ ଯାତାୟାତ ସେବା (ଆଇଆରଟିଏସ)ର ଅଧିକାରୀ। ଏହା ପୂର୍ବରୁ ସେ ପୂର୍ବତଟ ରେଳପଥ ବିଭାଗରେ କାର୍ଯ୍ୟରତ ଥିବା ବେଳେ ୨୦୨୧ ଅଗଷ୍ଟରେ ସଞ୍ଜୟ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ ଡେପୁଟେସନରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଅତିରିକ୍ତ ଭାବେ ମିଶ୍ରଙ୍କୁ ଓପିଟିସିଏଲରେ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ରାଜ୍ୟ ସରକାର ନ୍ୟସ୍ତ କରିଥିଲେ। କୋଭିଡ୍ ପ୍ରତିବନ୍ଧକ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ଓପିଟିସିଏଲର ମଙ୍ଗ ଧରିଥିଲେ ଏବଂ ଓଡ଼ିଶାର ବିଦ୍ୟୁତ୍ ସରବରାହ ଭିତ୍ତିଭୂମିରେ ଯଥେଷ୍ଟ ବୃଦ୍ଧି ମିଶ୍ରଙ୍କ ନେତୃତ୍ୱରେ ହୋଇପାରିଥିଲା। ନିକଟରେ ରାଜ୍ୟ ସରକାର ମିଶ୍ରଙ୍କୁ ଓପିଟିସିଏଲର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଓଡ଼ିଶା ସରକାରଙ୍କ ୫ଟି ମନ୍ତ୍ରକୁ ସଫଳ ରୂପାୟନ କରିବା ପାଇଁ ଓପିଟିସିଏଲରେ ମଧ୍ୟ ବ୍ୟାପକ ଟେକ୍ନୋଲଜି ବ୍ୟବହାରକୁ ସେ ଗୁରୁତ୍ୱ ଦେଇଛନ୍ତି। ଇ-ଅଫିସ୍, ଗ୍ରୀଡ୍ ଅଟୋମେସନ୍ ଏବଂ ରିମୋଟ୍ ପରିଚାଳନା ଭଳି ବହୁ ଆଧୁନିକ ଜ୍ଞାନକୌଶଳକୁ ପ୍ରଣୟନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଏହି ସମ୍ମାନ ପାଇଁ ଓପିଟିସିଏଲର ସମସ୍ତ ନିର୍ଦ୍ଦେଶକ,ଉଚ୍ଚପଦସ୍ଥ ଅଧିକାରୀ ଏବଂ ଏହାର କର୍ମକର୍ତ୍ତାମାନେ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ମାନିତ ହେବା ଅବସରରେ ମିଶ୍ର କହିଥିଲେ ଯେ, ଏହି ସମ୍ମାନ ମୋର ବ୍ୟକ୍ତିଗତ ସଫଳତା ନୁହେଁ ବରଂ ଓପିଟିସିଏଲର ସମସ୍ତ କର୍ମଚାରୀଙ୍କ ସାମୂହିକ ସଫଳତା ଅଟେ।

## ନୁଭୋକୋକୁ ମିଳିବ 'ଗୋଲ୍‌ଡେନ୍ ପିକକ୍ ଆୱାର୍ଡ'

ନୂଆଦିଲ୍ଲୀ,୨।୧୦

**ନଭେମ୍ବର ୧୦ରେ ଆୟୋଜିତ ହେବ ସମ୍ମାନ ଉତ୍ସବ**

ଦେଶର ପ୍ରମୁଖ ସିମେଣ୍ଟ କମ୍ପାନୀ ନୁଭୋକୋକୁ ଚଳିତ ବର୍ଷର 'ଗୋଲ୍‌ଡେନ୍ ପିକକ୍ ଆୱାର୍ଡ ଫର ଏକ୍ସଲେନ୍ସ ଇନ୍ କର୍ପୋରେଟ୍ ଗଭର୍ନାନ୍ସ-୨୦୨୨' ସମ୍ମାନରେ ସମ୍ମାନିତ କରାଯିବ ବୋଲି ଜଣାପଡିଛି। ବିଶେଷକରି କୋଠା ଉପକରଣ କ୍ଷେତ୍ରରେ ନୁଭୋକୋର ଅଭିବୃଦ୍ଧି ତଥା ଶ୍ରେଷ୍ଠମାନର ଗଭର୍ନାନ୍ସ ଯୋଗୁ ଏଭଳି ଏକ ସମ୍ମାନ ପାଇଁ କମ୍ପାନୀ ମନୋନୀତ ହୋଇଥିବା ଜଣାପଡିଛି। ଏପରିକି ନିର୍ମାଣ କ୍ଷେତ୍ରର ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ରହିଥିବା ପ୍ରତିବଦ୍ଧତା ପ୍ରତି ଏହା ଏକ ମାନ୍ୟତା ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ନଭେମ୍ବର ୧୦ରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପାନୀକୁ ଉକ୍ତ ସମ୍ମାନଜନକ ଗୋଲ୍‌ଡେନ୍ ପିକକ୍ ଟ୍ରଫି ଏବଂ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବ।
ଏ ସମ୍ପର୍କରେ ନୁଭୋକୋ ଭିଷ୍ଟା କର୍ପୋରେଶନ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କ୍ରିଷ୍ଣସ୍ୱାମୀ କହିଛନ୍ତି, କର୍ପୋରେଟ୍ ଗଭର୍ନାନ୍ସ ପାଇଁ ମାନଦଣ୍ଡ ଭାବେ ବିଚାର କରାଯାଉଥିବା ଉକ୍ତ ପୁରସ୍କାର ଆମ ଲାଗି କୃତଜ୍ଞତାର ବିଷୟ। ସେହିଭଳି କର୍ପୋରେଟ୍ ଗଭର୍ନାନ୍ସ ଅଭିଯାନ ଓ ପ୍ରଥା ଆମକୁ ଏହି ପୁରସ୍କାର ଆଣି ଦେଇଛି। ସୂଚନାଯୋଗ୍ୟ ଯେ ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ ପକ୍ଷରୁ ୧୯୯୧ରେ ଗୋଲ୍‌ଡେନ୍ ପିକକ୍ ପୁରସ୍କାରର ସ୍ଥାପନ କରାଯାଇଛି।

**ଫୁର୍‌ସତ୍**




## ରାମଙ୍କ ଚରିତ୍ରରେ ପ୍ରଭାସ

**ମୁମ୍ବାଇ:** ଓମ୍ ରାଉତଙ୍କ ନିର୍ଦ୍ଦେଶନାରେ ତିଆରି ହାଇ ବଜେଟ୍ ଫିଲ୍ମ 'ଆଦିପୁରୁଷ'ର ଟିଜର ରବିବାର ରିଲିଜ୍ ହୋଇଛି। ଫିଲ୍ମରେ ସାଉଥ ସୁପରଷ୍ଟାର ପ୍ରଭାସ ଭଗବାନ ରାମଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ପୌରାଣିକ କଥାବସ୍ତୁ ରାମାୟଣ ଉପରେ ଫିଲ୍ମର କାହାଣୀ ଆଧାରିତ। ବଲିଉଡ୍ ଅଭିନେତା ସୈଫ ଅଲି ଖାନ୍ ଲଙ୍କାପତି ରାବଣ ଭୂମିକାରେ ଅଭିନୟ କରିଥିବାବେଳେ କ୍ରିତି ସାନନ୍ ସୀତାଙ୍କ ଚରିତ୍ରରେ ନଜରକୁ ଆସିବେ। ଜାରି ହୋଇଥିବା ଟିଜରରେ ପ୍ରଭାସଙ୍କୁ ରାମଙ୍କ ଅବତାରରେ ଦେଖିବାକୁ ମିଳିଛି। ସେହିପରି ୧୦ ମୁଣ୍ଡ ଥିବା ରାବଣ ପାହାଡ଼ରେ ଧ୍ୟାନ କରୁଥିବା ଦେଖାଯାଇଛି। ଟିଜରରେ ଏକ ଯୁଦ୍ଧର ଚିତ୍ରକୁ ଦର୍ଶାଯାଇଛି ଯେଉଁଥିରେ ରାବଣ ଡ୍ରାଗନ୍ ପିଠିରେ ବସିଥିବା ବେଳେ ରାମଚନ୍ଦ୍ର ଭାଇ ଲକ୍ଷ୍ମଣ, ଭକ୍ତ ହନୁମାନଙ୍କ ଓ ବାନର ସେନାଙ୍କୁ ଧରି ଯୁଦ୍ଧରେ ସାମିଲ ହେଉଛନ୍ତି। ଫିଲ୍ମରେ ଭିଏଫ୍ଏକ୍ସର ବ୍ୟବହାର ହୋଇଥିବା କୁହାଯାଉଛି। ଆସନ୍ତା ଜାନୁୟାରୀ ୧୨ରେ ଏହା ପ୍ରେକ୍ଷାଳୟକୁ ଓହ୍ଲାଇବ। ଫିଲ୍ମରେ ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟ ହୋଇଛି।

## ଉଡ଼ନ୍ତା ବିମାନକୁ ଗୁଳିମାଡ଼

ନାଇପିଡ



ମ୍ୟାନ୍‌ମାରରେ ଉଡ଼ନ୍ତା ବିମାନରେ ବସିଥିବା ଜଣେ ଯାତ୍ରୀ ଗୁଳିବାଜିବା କାରଣରୁ ଗୁରୁତର ଆହତ ହୋଇଛନ୍ତି। ପ୍ଲେନ୍ ଭିତରେ କୌଣସି ବ୍ୟକ୍ତି ଏହି ଗୁଳିକାଣ୍ଡ କରି ନ ଥିବାବେଳେ କେହିଜଣେ ତଳେ ଥାଇ ଉଡ଼ନ୍ତା ବିମାନ ଉପରକୁ ଗୁଳି ଫୁଟାଇଥିବା କୁହାଯାଉଛି। ଗୁଳିଟି ଯାତ୍ରୀଙ୍କ ମୁହଁରେ ବାଜିଥିବା ଜଣାପଡ଼ିଛି। ପ୍ଲେନ୍‌ଟି ମ୍ୟାନ୍‌ମାରର ଲୋଇକରେ ଅବତରଣ କରିବା ପରେ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦ ସନ୍‌ରେ ପ୍ରକାଶିତ ଖବର ଅନୁସାରେ, ଘଟଣା ସମୟରେ ମ୍ୟାନ୍‌ମାର ନ୍ୟାଶନାଲ ଏୟାରଲାଇନ୍ସ ଫ୍ଲାଇଟ୍‌ଟି ୩,୫୦୦ ଫୁଟ ଉଚ୍ଚତାରେ ଥିଲା। ଏ ନେଇ କର୍ତ୍ତୃପକ୍ଷ କୋଇକ ବିମାନବନ୍ଦରରୁ ଉଡ଼ାଣ ଭରିବାକୁ ଥିବା ସମସ୍ତ ବିମାନକୁ ରବିବାର ବାତିଲ କରିଥିଲେ। ଏ ନେଇ ବିଦ୍ରୋହୀ ଦଳକୁ ଦାୟୀ କରାଯାଉଥିବାବେଳେ ସେମାନେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ମ୍ୟାନ୍‌ମାରକୁ ଶାସନ କରୁଥିବା ମିଲିଟାରୀ କାଉନ୍‌ସିଲ୍ ମୁଖପାତ୍ର ମେଜର ଜେନେରାଲ ଜ' ମିନ୍ ଟୁନ୍ କହିଛନ୍ତି, ଏଥିରେ କେରେନ୍ନି ନ୍ୟାଶନାଲ ପ୍ରୋଗ୍ରେସିଭ୍ ପାର୍ଟିର ଆତଙ୍କବାଦୀ ଗୋଷ୍ଠୀର ସମ୍ପୃକ୍ତି ରହିଛି।

## ୧୧ ଲକ୍ଷର ଗାଡ଼ି, ମରାମତି ବିଲ୍ ୨୨ ଲକ୍ଷ

**ବେଙ୍ଗାଲୁରୁ:** କାର୍ ଦାମ୍‌ଠାରୁ ଏହାର ମରାମତି ମୂଲ୍ୟ ବଳିଗଲା। ବେଙ୍ଗାଲୁରୁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ କାର୍ ମରାମତି ପାଇଁ ୨୨ ଲକ୍ଷର ବିଲ୍ ସର୍ଭିସିଂ ସେଣ୍ଟର ଦେଇଛି। ଆମାଜନ୍ କମ୍ପାନୀରେ ପ୍ରଡକ୍ଟ ମ୍ୟାନେଜର ଭାବେ କାମ କରୁଥିବା ଅନିରୁଦ୍ଧ ଗଣେଶଙ୍କ ୧୧ ଲକ୍ଷ ଟଙ୍କାର ଫକ୍ସୱାଗନ୍ ପୋଲୋ ଗାଡ଼ି ବନ୍ୟା ଯୋଗୁ ନଷ୍ଟ ହୋଇଯାଇଥିଲା। ଗାଡ଼ିକୁ ଠିକ୍ କରିବା ପାଇଁ ସେ ହ୍ୱାଇଟ୍ ଫିଲ୍ଡରେ ଥିବା ଫକ୍ସୱାଗନ୍ ଆପଲ୍ ଅଟୋ ସର୍ଭିସିଂ ସେଣ୍ଟରକୁ ସେ ପଠାଇଥିଲେ। ୨୦ ଦିନପରେ ୨୨ ଲକ୍ଷ ଟଙ୍କାର ଏକ ରସିଦ୍ ଗଣେଶଙ୍କ ପାଖକୁ ପଠାଇଥିଲା। ସେ ତୁରନ୍ତ ସର୍ଭିସିଂ ସେଣ୍ଟରକୁ ଏ ବିଷୟରେ ପଚାରି ବୁଝିଥିଲେ। ପରେ ଗାଡ଼ି ମରାମତି ପାଇଁ ୪୪,୮୪୦ ଟଙ୍କା ଦେବା ପାଇଁ ସେଣ୍ଟର ପକ୍ଷରୁ କୁହାଗଲା। କିନ୍ତୁ ପରେ ସେମାନେ ଗଣେଶଙ୍କୁ ୫୦୦୦ ଟଙ୍କା ଦେଇ ଇମେଲ୍ କଲେ। ଲୋକଙ୍କୁ ସଚେତନତା ପାଇଁ ସେ ବିଲ୍‌ର ଫଟୋକୁ ଶେୟାର କରିଛନ୍ତି।

## ହେଲୋ ବଦଳରେ ବନ୍ଦେ ମାତରଂ

**ମହାରାଷ୍ଟ୍ର ସରକାରଙ୍କ ନୂଆ ନିର୍ଦ୍ଦେଶନାମା**



**ମୁମ୍ବାଇ:** ମହାରାଷ୍ଟ୍ରର ସମସ୍ତ ସରକାରୀ କର୍ମଚାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ପାଇଁ ରାଜ୍ୟ ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। କର୍ମଚାରୀମାନେ ଏଣିକି ଫୋନ୍‌ରେ ହେଲୋ ବଦଳରେ ବନ୍ଦେ ମାତରଂ କହିବେ। କାର୍ଯ୍ୟାଳୟକୁ ପ୍ରତିଦିନ ଅନେକ ଲୋକ ଓ ଅଫିସର୍ ଫୋନ୍ କରୁଥିବାବେଳେ ସେମାନଙ୍କ କଲ୍ ରିସିଭ୍ ମସୟରେ କର୍ମଚାରୀ ବନ୍ଦେ ମାତରଂ କହିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାଲି ଫୋନ୍ ନୁହେଁ ଅଫିସ୍‌କୁ ଆସୁଥିବା ଲୋକଙ୍କୁ ବନ୍ଦେ ମାତରଂ କହି ଶୁଭେଚ୍ଛା ଜଣାଇବାକୁ ମଧ୍ୟ କୁହାଯାଇଛି। ହେଲୋ ଶବ୍ଦ ପାଶ୍ଚାତ୍ୟ ସଭ୍ୟତାର ହୋଇଥିବାବେଳେ ଏଥିରେ କୌଣସି ଭାବପ୍ରବଣତା ନାହିଁ। ବନ୍ଦେ ମାତରଂ ସ୍ଥାନରେ ସେମାନେ ନିଜ ପ୍ରିୟ ଠାକୁର କିମ୍ବା ମାତାପିତାଙ୍କ ନାମ ମଧ୍ୟ ବ୍ୟବହାର କରିପାରିବେ। ତେବେ ସରକାରଙ୍କ ଦ୍ୱାରା ଏହି ନିର୍ଦ୍ଦେଶନାମାକୁ ମୁସଲମାନ ସମ୍ପ୍ରଦାୟ ଲୋକେ ମାନିବାକୁ ବାରଣ କରୁଥିବାବେଳେ ସମାଜବାଦି ପାର୍ଟି ନେତା ଅବୁ ଆଜ୍‌ମି କହିଛନ୍ତି, ବନ୍ଦେ ମାତରଂ ସେମାନଙ୍କ ଧର୍ମୀୟ ବିଶ୍ୱାସ ବିରୋଧୀ। ଭାଜପା ଏବଂ ଆର୍‌ଏସ୍‌ଏସ୍ କଥାରେ ମହାରାଷ୍ଟ୍ରର ଏକନାଥ ଶିନ୍ଦେ ସରକାର ଆମ ଭିତରେ ବିଭାଜନ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି। ଆମେ ଦେଶକୁ ଭଲପାଉ ବନ୍ଦେ ମାତରଂ ବଦଳରେ ଆମେ ସାରେ ଜାହାଁ ସେ ଅଚ୍ଛା କହିପାରିବୁ ବୋଲି ସେ କହିଛନ୍ତି।

# ସିରିଜ୍ ଜିତିଲା ଭାରତ

**ଗୁଆହାଟୀ,୨।୧୦**

ଆସାମର ବର୍ଷାପଡା ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚକୁ ଜିତି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୦ରେ ଆଗୁଆ କବଜା କରି ନେଇଛି ଭାରତ। ଡେଭିଡ୍ ମିଲର ଲଢୁଆ ଶତକ ହାସଲ କରିଥିଲେ ହେଁ ତାଙ୍କ ଦଳ ୧୬ ରନରେ ପରାସ୍ତ ହୋଇଛି।

ସୂର୍ଯ୍ୟକୁମାର ଯାଦବ ଓ ଲୋକେଶ ରାହୁଲଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ନିର୍ଦ୍ଧାରିତ ଓଭରରେ ୩ ଉଇକେଟରେ ୨୩୭ ରନ୍ ସଂଗ୍ରହ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଦୁଇ ଓପନର ରୋହିତ ଶର୍ମା (୪୩) ଓ ଲୋକେଶ ରାହୁଲ(୫୭) ୯୬ ରନ୍ ଯୋଡିଥିଲେ। ଉଭୟ ଓଭର ପିଛା ୧୦ରୁ ଅଧିକ ହାରରେ ରନ୍ ସଂଗ୍ରହ କରିଥିଲେ। ରୋହିତ ଷ୍ଟ୍ରାଇକ୍ ରୋଟେଟ୍ କରି ବ୍ୟାଟିଂ କରୁଥିବା ବେଳେ ରାହୁଲ ଆକ୍ରମଣ କରିଥିଲେ। ରାହୁଲ ନିଜ ଟି୨୦ କ୍ୟାରିୟରର ୨୦ତମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୨୮ ବଲ ଖେଳି ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ ରୋହିତ ୩୭ ବଲ ଖେଳି ୭ ଚୌକା ଓ ୧ ଛକା ମାରିଥିଲେ। ମାତ୍ର ୨ ଓଭରର ବ୍ୟବଧାନରେ ଉଭୟ ଓପନର କେଶବ ମହାରାଜଙ୍କ ବଲରେ ଆଉଟ ହୋଇଥିଲେ। ତେବେ ଭାରତର ମିଷ୍ଟର ୩୬୦ ଡିଗ୍ରୀ ସୂର୍ଯ୍ୟକୁମାର ଖେଳିଥିଲେ ଧୂଆଁଧାର ଇନିଂସ। ଦକ୍ଷିଣ ଆଫ୍ରିକା ବୋଲରଙ୍କ ଗତିର ଫାଇଦା ଉଠାଇ ସେ ୨୨ ବଲରୁ ମାରିଥିଲେ ୬୧ ରନ୍। ଏହି ଇନିଂସରେ ୫ଟି ଲେଖାଏ ଛକା ଓ ଚୌକା ସାମିଲଥିଲା। ବିରାଟ କୋହଲି (୪୯)ଙ୍କ ସହିତ ସେ ପଞ୍ଚମ ଉଇକେଟରେ ୩୯ ବଲରେ ୧୦୨ ରନ ଯୋଡିଥିଲେ। ଅର୍ଦ୍ଧଶତକରୁ ବଞ୍ଚିତ ରହିଥିବା କୋହଲିଙ୍କ ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା। ଶେଷ ଓଭରରେ ବ୍ୟାଟିଂ ସୁଯୋଗ ପାଇଥିବା ଦୀନେଶ କାର୍ତ୍ତିକ ମଧ ଦ୍ରୁତ ରନ୍ ସଂଗ୍ରହ କରିଥିଲେ। ରବାଡା ବୋଲିଂ କରିଥିବା ଶେଷ ଓଭରରୁ କାର୍ତ୍ତିକ ୧୭ ରନ୍ ସ୍କୋର କରିଥିଲେ। ନିର୍ଦ୍ଧାରିତ ଓଭରରେ ଭାରତ ୩ ଉଇକେଟରେ ୨୩୭ ରନ୍ କରିଥିଲା। କେଶବ ମହାରାଜ ସଫଳ ବୋଲର ଭାବରେ ଦୁଇ ଉଇକେଟ ନେଇଥିଲେ।

୨୩୮ ରନର ପିଛା କରୁଥିବା ଦକ୍ଷିଣ ଆଫ୍ରିକା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦ୍ୱିତୀୟ ଓଭରରେ ଟେମ୍ବା ବଭୁମା(୦) ଓ ରିଲି ରୁଷୋ(୦)ଙ୍କୁ ଆଉଟ କରିଥିଲେ ଅର୍ଶଦୀପ ସିଂ। ୧୯ ବଲରୁ ୩୩ ରନ୍ କରିଥିବା ଏଡେନ୍ ମାରକ୍ରାମଙ୍କୁ ଅକ୍ଷର ପଟେଲ ବୋଲ୍ଡ କରି ସାଉଥ୍ ଆଫ୍ରିକାକୁ ବ୍ୟାକଫୁଟକୁ ଠେଲି ଦେଇଥିଲେ। ତେବେ ଡେଭିଡ୍ ମିଲର (୧୦୬*) ଓ କ୍ୱିଣ୍ଟନ୍ ଡି କକ୍(୬୯*) ଅସମାପ୍ତ ଚତୁର୍ଥ ଉଇକେଟରେ ୧୭୪ ରନ୍ ଯୋଡିଥିଲେ। ମିଲର ୪୭ ବଲ ଖେଳି ୮ ଚୌକା ଓ ୭ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଡିକକ୍ ସାମାନ୍ୟ ଧିମା ଖେଳିବା ସହିତ ୪୮ ବଲ ଖେଳି ୩ ଚୌକା ଓ ୪ ଛକା ମାରିଥିଲେ। ଅନ୍ତିମ ଓଭରରେ ୩୭ ରନ୍ ଆବଶ୍ୟକ ଥିବା ବେଳେ ଅକ୍ଷର ପଟେଲ ବୋଲିଂ କରିଥିବା ଓଭରରୁ ୨୦ ରନ ସଂଗୃହୀତ ହୋଇଥିଲା। ଭାରତ ପକ୍ଷରୁ ଅର୍ଶଦୀପ ସିଂ ୨ଟି ଓ ଅକ୍ଷର ପଟେଲ ୧ ଉଇକେଟ ନେଇଥିଲେ। ରାହୁଲଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ: ୨୦ ଓଭରରେ ୨୩୭/୩ (ସୂର୍ଯ୍ୟକୁମାର ଯାଦବ-୬୧, କେ.ଏଲ୍. ରାହୁଲ-୫୭, ବିରାଟ କୋହଲି-୪୯*, ରୋହିତ ଶର୍ମା-୪୩; କେଶବ ମହାରାଜ-୨/୨୩)। ଦକ୍ଷିଣ ଆଫ୍ରିକା ଇନିଂସ: ୨୨୧/୩ (ଡେଭିଡ ମିଲର-୧୦୬*, କ୍ୱିଣ୍ଟନ ଡି'କକ୍-୬୯*, ଏଡେନ ମାରକ୍ରାମ-୩୩; ଅର୍ଶଦୀପ ସିଂ-୨/୬୨, ଅକ୍ଷର ପଟେଲ-୧/୫୩)।



ସୂର୍ଯ୍ୟକୁମାର ଯାଦବ

## ଭାରତର ୫ ସର୍ବାଧିକ ସ୍କୋର

ଭାରତ ବନାମ ଶ୍ରୀଲଙ୍କା: ୨୬୦/୫ (ଇନ୍ଦୋର)
ଭାରତ ବନାମ ୱେଷ୍ଟଇଣ୍ଡିଜ୍: ୨୪୪/୪ (ଲାଉଡେରହିଲ)
ଭାରତ ବନାମ ୱେଷ୍ଟଇଣ୍ଡିଜ:୨୪୦/୩ (ମୁମ୍ବାଇ)
ଭାରତ ବନାମ ଦକ୍ଷିଣ ଆଫ୍ରିକା:୨୩୭/୩ (ଆସାମ)
ଭାରତ ବନାମ ଆୟାର୍ଲାଣ୍ଡ: ୨୨୭/୬ (ଡବଲିନ୍)

## ପଡିଆ ମଝିରେ ସାପ

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯାଇଥିବା ଦ୍ୱିତୀୟ ଟି୨୦ ରେ ଏକ ଅଘଟଣ ଦେଖିବାକୁ ମିଳିଥିଲା। ପ୍ରଥମ ଇନିଂସର ସପ୍ତମ ଓଭରରେ ପଡିଆ ମଧ୍ୟକୁ ଏକ ସାପ ପଶି ଆସିଥିଲା। ଭାରତ ବିନା ଉଇକେଟରେ ୬୮ ରନ କରିଥିବା ବେଳେ ସାପଟି ପଶ ଆସିବା କାରଣରୁ ଖେଳକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା।



ଛକା ସହିତ ଇଣ୍ଡିଆ କ୍ୟାପିଟାଲ୍ସକୁ ଫାଇନାଲରେ ପହଞ୍ଚାଇବା ପରେ ଆସଲେ ନର୍ସ ଓ ଲିଆମ୍ ପ୍ଲଙ୍କେଟ୍।

# ଫାଇନାଲରେ ଇଣ୍ଡିଆ କ୍ୟାପିଟାଲ୍ସ

**ଯୋଧପୁର,୨।୧୦(ପି.ଟି.)**

ଲିଜେଣ୍ଡ୍ସ ଲିଗ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ଇଣ୍ଡିଆ କ୍ୟାପିଟାଲ୍ସ। ପ୍ରଥମ କ୍ୱାଲିଫାୟରରେ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭିଲ୍ୱାରା କିଙ୍ଗ୍ସକୁ ଦଳ ୪ ଉଇକେଟରେ ହରାଇଥିଲା। ୨୨୭ ରନ୍ ବିଶାଳ ଲକ୍ଷ୍ୟର ପିଛା କରୁଥିବା କ୍ୟାପିଟାଲ୍ସ ପକ୍ଷରୁ ରସ୍ ଟେଲର ଓ ଆସଲେ ନର୍ସ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ୩ ବଲ ପୂର୍ବରୁ ଦଳ ବିଜୟୀ ହୋଇଥିଲା।

ଭିଲ୍ୱାରା କିଙ୍ଗ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମର୍ନେ ଭାନ୍ ୱିକ୍(୪) ପ୍ରଥମ ଓଭରରେ ଜନ୍ସନଙ୍କ ଶିକାର ହୋଇଥିଲେ। ତେବେ ୱିଲିୟମ ପୋର୍ଟରଫିଲ୍ଡ(୫୯) ଓ ସେନ୍ ୱାଟସନ୍(୬୫) ଦ୍ୱିତୀୟ ଉଇକେଟରେ ୧୧୬ ରନ୍ ଯୋଡ଼ିଥିଲେ। ପୋର୍ଟରଫିଲ୍ଡ ୩୭ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟପକ୍ଷରେ ୱାଟସନ୍ ୩୯ ବଲ୍ ଖେଳି ୧୦ ଚୌକା ଓ ୨ ଛକା ମାରିଥିଲେ। ପରେ ୟୁସୁଫ୍ ପଠାନଙ୍କ ୨୪ ବଲ୍‌ରେ ୪୮ ଓ ରାଜେଶ ବିଷ୍ଣୋଇଙ୍କ ୧୧ ବଲ୍‌ରେ ୩୬ ରନ୍ ବଳରେ ଭିଲ୍ୱାରା କିଙ୍ଗ୍ସ ୫ ଉଇକେଟରେ ୨୨୬ ରନ୍ କରିଥିଲା। ୟୁସୁଫ୍ ୩ ଚୌକା ଓ ୪ ଛକା ମାରିଥିବା ବେଳେ ବିଷ୍ଣୋଇ ୫ ଚୌକା ଓ ଦୁଇ ଛକା ମାରିଥିଲେ। କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ଜନସନ୍ ସର୍ବାଧିକ ଦୁଇ ଉଇକେଟ ନେଇଥିବା ବେଳେ ଲିଆମ୍ ପ୍ଲଙ୍କେଟ୍, ପଙ୍କଜ ସିଂ ଓ ରଜତ ଭାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ତେବେ ରସ୍ ଟେଲର ଓ ଆସଲେ ନର୍ସଙ୍କ ଇନିଂସ କିଙ୍ଗ୍ସ ଆଶାରେ ପାଣି ଭରି ଦେଇଥିଲା। ୨୨୭ ରନ୍ ଲକ୍ଷ୍ୟରେ ଅଧିନାୟକ ଗୌତମ ଗମ୍ଭୀର ମାତ୍ର ୧ ରନ୍ କରି ମଣ୍ଟି ପାନେସରଙ୍କ ଶିକାର ହୋଇଥିଲେ। ଏହାସହିତ ଦଳ ୪୮ ରନ୍ ମଧ୍ୟରେ ୩ ଉଇକେଟ ହରାଇଥିଲା। ତେବେ ରସ୍ ଟେଲର ଧୂଆଁଧାର ବ୍ୟାଟିଂ କରିବା ସହିତ ଆସଲେ ନର୍ସଙ୍କ ସହ ମିଶି ମ୍ୟାଚ୍‌କୁ କିଙ୍ଗ୍ସ ପଞ୍ଝାରୁ ଛଡ଼ାଇ ନେଇଥିଲେ। ଟେଲର ୩୯ ବଲରୁ ଦ୍ରୁତ ୮୪ ରନ୍ କରିଥିବା ବେଳେ ଆସଲେଙ୍କ ସହିତ ୫୮ ରନ୍ ଯୋଡ଼ିଥିଲେ। ଟେଲରଙ୍କ ଇନିଂସରେ ୯ ଚୌକା ଓ ୫ ଛକା ସାମିଲ ଥିଲା। ଟେଲର ଆଉଟ ହେବାବେଳକୁ କ୍ୟାପିଟାଲ୍ସକୁ ବିଜୟ ପାଇଁ ୨୯ ବଲ୍‌ରେ ୫୯ ରନ୍ ଆବଶ୍ୟକ ଥିଲା। ଆସଲେଙ୍କ ଅପରାଜିତ ୬୦ ଓ ଲିଆମ ପ୍ଲଙ୍କେଟ୍‌ଙ୍କ ଦ୍ରୁତ ବ୍ୟାଟିଂ ବଳରେ ୩ ବଲ ପୂର୍ବରୁ ଦଳ ମ୍ୟାଚ ଜିତି ନେଇଥିଲା। ୨୮ ବଲ୍ ଖେଳିଥିବା ନର୍ସ ୫ ଚୌକା ଓ ୪ ଛକା ମାରିଥିଲେ। ଅନ୍ତିମ ଓଭରରେ ୧୦ ରନ୍ ଆବଶ୍ୟକ ଥିବା ବେଳେ ପ୍ରଥମ ୩ ବଲ୍‌ରେ ହିଁ ନର୍ସ ମ୍ୟାଚ ଶେଷ କରିଦେଇଥିଲେ। ଫିଡେଲ ଏଡ୍‌ୱାର୍ଡ୍ସ ଦୁଇଟି ଉଇକେଟ ନେଇଥିବା ବେଳେ ଏସ୍ ଶ୍ରୀସନ୍ଥ, ମଣ୍ଟି ପାନେସର, ଜେସଲ କେରିଆ ଓ ସୁଦୀପ ତ୍ୟାଗୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରସ୍ ଟେଲରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ସୋମବାର ଖେଳାଯିବାକୁ ଥିବା ଦ୍ୱିତୀୟ କ୍ୱାଲିଫାୟରରେ ଗୁଜରାଟ ଜାଏଣ୍ଟ୍ସକୁ ଭେଟିବ ଭିଲ୍ୱାରା କିଙ୍ଗ୍ସ।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**




Honda Motorcycle & Scooter India Pvt. Ltd., Registered Office: Plot No. 1, Sector - 03, IMT Manesar, Distt. Gurugram, (Haryana) – 122050, India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: ATHAGARH: Sidhivinayak Honda - 9124260000, 9658080060; BALUGOAN: Khimji Honda - 7077726329; BANKI: Shree Honda - 9658201234; BIDHARPUR: Saivinayak Honda - 9937060477, 7894446899; BHUBANESWAR: Shivam Honda - 7873024400, 7873024320; Gugnani Honda - 0674-2313716, 06742313812, 7852930865, 9778611111; PGL Honda - 0674-2354418, 7735012345; Khimji Honda - 7735734888, 9090067366; MO Honda - 0674-2964289, 7008990541; CUTTACK: Durga Honda - 9114800102\17\121; Durga Honda (Choudwar) - 9114800120; SGBL Honda - 7437010004, 9040433000; Utkal Honda - 9439827522, 9437029811; JAJPUR ROAD: TEZ Honda - 7504991301 7504994444; JAJPUR TOWN: Agasti Honda - 9437518600; KUAKHIA: Sai Honda - 9938906077; SINGHPUR: Ramachandi Honda - 7377688445; CHANDIKHOL: Basanti Honda - 06725-227011, 9853066000; JAGATSINGHPUR: Kanchan Murali Honda - 06724-222122, 223112, 7809568988, 9090876483; JAGATPUR: Durga Honda - 9337301440; JATNI: PGL Honda - 0674-2492419, 7788001033; KEONJHAR: Pritam Honda - 06766-254138, 8908881717; Barbil: Royal Motors- 7008712784; NAYAGRAH: Pattnaik Honda - 7008812540, 6370422120; Nayagarh Honda - 06753-296355, 7437000507; NARSINGH PUR: Baba Honda - 9438057701; NIALI: Hindustan Honda - 9937075187, 0671-2803355; PURI: Shivam Honda - 7735743520, 9040088747; KUJANG: Kanchan Murali Honda - 9937786824; RAHAMA: Navjyoti Honda - 9938339189, 7809568988; PATTAMUNDAI: Satya Honda - 9439375055; SALEPUR: S.N.Honda - 9437439076; KENDRAPARA: Saisudha Honda - 9178455081/2/3/4; KANDARPUR: Jay Pee Honda - 9861007679; KAKATPUR: Shree Ganesh Honda - 9937842437; RAJSUNAKHALA: NC Honda - 9078583100; PARADEEP: Kanchan Murali Honda - 9040650040.

For Bulk/Institutional enquiries, please write us at: institutionalsales@honda2wheelersindia.com



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଜୟନ୍ତୀ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା**

କଟକ ଅଫିସ: ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟିକା ଓ ରାଜନେତ୍ରୀ ଜୟନ୍ତୀ ପଟ୍ଟନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା କଟକ ସାରଳା ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଭାକର ସ୍ୱାଇଁ ଅଧକ୍ଷତା କରି କହିଥିଲେ, ଜୟନ୍ତୀ ଥିଲେ ସାହିତ୍ୟ, ସମାଜସେବା ଓ ରାଜନୀତିର ତ୍ରିବେଣୀ ସଙ୍ଗମ। ଏହି ସଭାରେ ସାହିତ୍ୟିକ ଡ. ଭାଗବତ ଶୁକ୍ଳ, ଶ୍ରୀହର୍ଷ ରାଉତରାୟ, ଅଧାପିକା ଡ. ବିଜୟଲକ୍ଷ୍ମୀ ଦାଶ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ବିଭୁ ପ୍ରସାଦ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀରେ ମଦ ଦୋକାନ ବନ୍ଦ
# ୩୪୩ ଲିଟର ମଦ ଜବତ, ୧୦ ଗିରଫ

କଟକ ଅଫିସ,୨।୧୦: ରବିବାର ଗାନ୍ଧୀ ଜୟନ୍ତୀକୁ ଅବକାରୀ ବିଭାଗ ଡ୍ରାଏ ଡେ ଭାବେ ପାଳନ କରିଛି। ଅବକାରୀ କମିଶନର ଆଶିଷ କୁମାର ସିଂ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଜିଲାର ସବୁ ମଦ ଦୋକାନକୁ ରବିବାର ବନ୍ଦ ରଖାଯାଇଛି। ଏଥିସହ ଅବକାରୀ ବିଭାଗ ପକ୍ଷରୁ ୧୦ଟି ଜାଗାରେ ଚଢ଼ାଉ କରାଯାଇ ମୋଟ୍ ୩୪୩ ଲିଟର ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୧୦ ଜଣଙ୍କୁ ଗିରଫ କରାଯାଇଛି। ଦୁର୍ଗାପୂଜାରେ ଅବକାରୀ ନିୟନ୍ତ୍ରଣ ପାଇଁ ଦୁଇଟି ନିୟନ୍ତ୍ରଣ କକ୍ଷ ଖୋଲାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳାଙ୍କୁ ଦାଦାବଟି ମାଗି ୨ ଯୁବକ ଗିରଫ

କଟକ ଅଫିସ,୨।୧୦: ମହିଳା ବ୍ୟବସାୟୀଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯୋବ୍ରା ନଦୀକୂଳସାହିର ରଞ୍ଜିତ ସିଂହ ଓ ନଦୀକୂଳସାହିରେ ରହୁଥିବା ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ରାଣୀଗଡ଼ିଆର ମନୋଜ କୁମାର ରାଉତ। ସେମାନଙ୍କଠାରୁ ୧୨୦୦ ଟଙ୍କା ଜବତ କରାଯାଇଛି। ଏନେଇ ମଙ୍ଗଳାବାଗ ଥାନାରେ ଏକ ମାମଲା(ନଂ.୨୫୩/୨୨) ରୁଜୁ ହୋଇଛି। ଯୋବ୍ରା ମଝିସାହିର ପ୍ରତିମା ବେହେରାଙ୍କ ଏକ ମିଠାମକା ଦୋକାନ ମାରିଟାଇମ ମ୍ୟୁଜିୟମ ଆଗରେ ରହିଛି। ଅଭିଯୁକ୍ତ ଦ୍ୱୟ ପ୍ରତିମାଙ୍କଠାରୁ ପ୍ରତି ପାର୍ବଣ ସମୟରେ ଦାଦାବଟି ଆକାରରେ ୫୦୦ ଟଙ୍କା ଦାବି କରନ୍ତି। ଗତ ୧ ତାରିଖ ସନ୍ଧ୍ୟାରେ ଉଭୟ ଆସି ପ୍ରତିମାଙ୍କଠାରୁ ୫ ହଜାର ଟଙ୍କା ଦଶହରା ଚାନ୍ଦା ମାଗିଥିଲେ। ପ୍ରତିମା ଚାନ୍ଦା ଦେବାକୁ ମନା କରିବାକୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ପ୍ରତିମା ଓ ତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହ ତାଙ୍କ ଦୋକାନ ଭଙ୍ଗାରୁଜା କରି ତାଙ୍କଠାରୁ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ ବୋଲି ପ୍ରତିମା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଅଟୋ ଧକ୍କାରେ ସ୍କୁଟି ଚାଳକ ମୃତ

କଣ୍ଟାପଡା, ୨।୧୦(ଡି.ଏନ୍.ଏ.)- ଫୁଲନଖରା-ନିଆଳି ୬୦ନଂ. ରାଜ୍ୟ ରାଜପଥର କଣ୍ଟାପଡା ଜଳସେଚନ ଅଫିସ ସମ୍ମୁଖରେ ରବିବାର ଏକ ମାଲବାହୀ ଅଟୋ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ବାସୁଦେବ ଧାନ୍ଦା(୭୦)। ତେବେ ସେ ସ୍ଥାନୀୟ ଅଞ୍ଚଳରେ ବଟବାବା ନାମରେ ପରିଚିତ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ବାସୁଦେବ ସ୍କୁଟି(ନଂ.ଓଆର୍୧୪ଡବ୍ଲ୍ୟୁ-୩୪୦୪)ରେ ବାଗଲପୁରରୁ କଣ୍ଟାପଡା ଆଡକୁ ଆସୁଥିବାବେଳେ ପଛପଟୁ ଅଟୋ (ନଂ. ଓଡ଼ି୩୩ଆର୍-୦୨୧୨)ଟି ତାଙ୍କୁ ଧକ୍କା ଦେଇଥିଲା। ସେ ସ୍କୁଟିରୁ ଖସିପଡିବା ପରେ ଅଟୋଟି ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଓଲଟପୁର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟି ଜବତ କରିଛି। ଦୁର୍ଘଟଣା ପରେ ଅଟୋ ଚାଳକ ଫେରାର ହୋଇଯାଇଛନ୍ତି। ମୃତକଙ୍କ ସମ୍ପର୍କୀୟ ଭାଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୪/୨୨) ରୁଜୁ କରିଛି। ସୂଚନାଯୋଗ୍ୟ, ବାସୁଦେବ ୧୯୮୭ ମସିହାରୁ ବାଲିଅନ୍ତା ଥାନା ଅନ୍ତର୍ଗତ କାକରୁଦ୍ରପୁର ଗ୍ରାମ ଭୂତପଦାସ୍ଥିତ ସାଧୁଗୋସେଇଁ ଆଶ୍ରମରେ ରହି ଆସୁଥିଲେ। ଗତ ୧୦ ବର୍ଷ ହେଲା ସେଠାରୁ ଅନ୍ୟତ୍ର ଚାଲି ଯାଇଥିଲେ। ତେବେ ସେ ନିୟମିତ ଭାବେ କାକରୁଦ୍ରପୁର ଓ କଣ୍ଟାପଡା ଯିବାଆସିବା କରୁଥିଲେ।

# ପତ୍ରିକା 'ଅତି ଆପଣାର ଟିକି ପିଲାଟି' ଉନ୍ମୋଚିତ

କଟକ ଅଫିସ,୨।୧୦: ଶିଶୁ-କିଶୋର ପତ୍ରିକା 'ଅତି ଆପଣାର ଟିକିପିଲାଟି'ର ଶାରଦୀୟ ସଂଖ୍ୟା ଭୁବନେଶ୍ୱର ଆଇଗିଣିଆସ୍ଥିତ ବାଲାଜୀ ସ୍ପୁନ୍ ପାଇପ୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ପରିସରରେ ରବିବାର ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ପତ୍ରିକାର ସଂପାଦନା ପରାମର୍ଶଦାତା ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସମ୍ପାଦକ ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସମ୍ପାଦନା ନିର୍ଦ୍ଦେଶକ ଅଧାପକ ଆଦିତ୍ୟ ପ୍ରତାପ ଧଳ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଇଂ. ଦୁଃଶାସନ ବାରିକ, ଡକ୍ଟର ବିଶ୍ୱରୂପ ସିଂହ, ସହଯୋଗୀ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ଶିଶୁସାହିତ୍ୟ ପ୍ରକାଶକ ଶିବାଶିଷ କର ପ୍ରମୁଖ ଉପସ୍ଥିତ ଥିଲେ। ସଂପତ କୁମାର ଧନ୍ୟବାଦ ଦେଇଥିଲେ।

# ଦୁର୍ଗାପୂଜା ଭସାଣି ପାଇଁ ଯାନବାହନ କଟକଣା

## ୬ ତାରିଖ ସକାଳୁ ୭ ଯାଏ ବଳବତ୍ତର

କଟକ ଅଫିସ,୨।୧୦

ଦୁର୍ଗାପୂଜା ଭସାଣି ଉପଲକ୍ଷେ କଟକ ସହରରେ ଯାନବାହନ ଚଳାଚଳ ଉପରେ କଟକଣା ଲଗାଇଛି କମିଶନରେଟ ପୋଲିସ। ଭସାଣି ପାଇଁ ୬ ତାରିଖ ସକାଳ ୭ଟାଠାରୁ ଆରମ୍ଭ କରି ୭ ତାରିଖ ମେଢ଼ ବିସର୍ଜନ ଶେଷ ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମେଢ଼ଗୁଡ଼ିକ ମୁଖ୍ୟ ରାସ୍ତାରେ ସୁଚାରୁରୂପେ ଯିବା ପାଇଁ କଲେଜ ଛକଠାରୁ ବକ୍ସିବଜାର, ତିନିକୋଣିଆ ବଗିଚା ଦେଇ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ, ଚୌଧୁରୀବଜାର ଛକରୁ ପୂର୍ଣ୍ଣ ସାହୁ ଛକ, ମାରୱାଡି ପଟି ଓ ଫିରିଙ୍ଗବଜାର ଦେଇ ଦେବୀଗଡ଼ା ପର୍ଯ୍ୟନ୍ତ ଓ କଟକ ଚଣ୍ଡୀଛକରୁ ସେଖ୍‌ବଜାର ଓ ମହମ୍ମଦିଆ ବଜାର ରାସ୍ତାରେ ଚାନ୍ଦିନୀଚୌକ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରେ ଯାନବାହନ ଯିବାକୁ ଦିଆଯିବ ନାହିଁ। କିନ୍ତୁ ମୁଖ୍ୟ ରାସ୍ତାର ଛକଗୁଡିକରେ ମେଢ଼ ଯାଉ ନ ଥିବା ସମୟରେ ଗୋଟିଏ ପଟରୁ ଅନ୍ୟ ପଟକୁ ଟ୍ରାଫିକ ନିର୍ଦ୍ଦେଶ ଅନୁଯାୟୀ ଯାନବାହନ ଯିବାକୁ ଦିଆଯିବ।

କଟକଣା ଅନୁଯାୟୀ, ରେଭେନ୍‌ଶା କଲେଜ ନିକଟ ସିଡିଏ ମାର୍କେଟ କମ୍ପ୍ଲେକ୍ସ ଛକଠାରୁ କୌଣସି ଯାନ ସିଧା ରାଣୀହାଟ ହିନ୍ଦ୍ ସିନେମା ହଲ୍ ଆଡ଼କୁ ଯାଇପାରିବ ନାହିଁ। ଉକ୍ତ ଗାଡି ବମ୍ବେ ହୋଟେଲ ଛକ ଦେଇ ଯୋବ୍ରା ଆନିକଟ ଛକ ପଟରେ ଯାଇପାରିବ। ବମ୍ବେ ହୋଟେଲ ଛକଠାରୁ କୌଣସି ଯାନ ସିଧା କଲେଜ ଛକ ଆଡ଼କୁ କିମ୍ବା ସିଡିଏ ମାର୍କେଟ କମ୍ପ୍ଲେକ୍ସ ଛକ ଆଡ଼କୁ ଆସିପାରିବ ନାହିଁ। ମାଲଗୋଦାମ ଷ୍ଟେଟ୍ ବ୍ୟାଙ୍କ ପଟୁ କୌଣସି ଯାନ ପିଲିଗ୍ରୀମ ରୋଡ୍ ଦେଇ କଲେଜ ଛକ ଆଡ଼କୁ ଆସିପାରିବ ନାହିଁ, ସେଗୁଡିକ ମାଲଗୋଦାମ ଭିତର ରାସ୍ତାରେ ଯାଇ ଓଏମ୍‌ପି ଫ୍ଲାଏ ଓଭର ବ୍ରିଜ ଦେଇ ଯିବ। ମୋଚିସାହି ଛକରୁ କୌଣସି ଯାନ ରାଣୀହାଟ ହାଇସ୍କୁଲ ଦେଇ ହିନ୍ଦ୍ ସିନେମା ହଲ୍ ଆଡ଼କୁ ଯାଇପାରିବ ନାହିଁ। ସେହି ଯାନଗୁଡ଼ିକ ଡା. ତେଜେଶ୍ୱର ରାଓ ଛକ ଦେଇ କେନାଲ ରାସ୍ତାରେ ଯୋବ୍ରାକୁ ଯାଇପାରିବ। ମେଢ଼ଗୁଡ଼ିକ ରାଣୀହାଟ ଛକ ଅତିକ୍ରମ କରୁଥିବା ସମୟରେ ବଜ୍ରକବାଟି ଛକଠାରୁ କୌଣସି ଯାନ ରାଣୀହାଟ ଆଡ଼କୁ ଯାଇପାରିବ ନାହିଁ, ସେଗୁଡିକ କେଶରପୁର ବ୍ରିଜ ଦେଇ ବକ୍ସିବଜାର ଓ ମଙ୍ଗଳାବାଗ ଆଡ଼କୁ ଯିବ। ମେଢ଼ଗୁଡ଼ିକ ମଙ୍ଗଳାବାଗ ଛକ ଅତିକ୍ରମ କରୁଥିବା ସମୟରେ କାଠଗୋଲା ଛକଠାରୁ କୌଣସି ଯାନ ସିଧା ମଙ୍ଗଳାବାଗ ଆଡ଼କୁ ଆସିପାରିବ ନାହିଁ। ଭିଜିଲାନ୍ସ ଗଡ଼ା କିମ୍ବା ମାତାମଠ ପଟରୁ କୌଣସି ଯାନ ସିଧା ହାୱଡ଼ା ମୋଟର ଛକ ଆଡ଼କୁ ଆସିପାରିବ ନାହିଁ। ହୋଟେଲ ଗିନର ଛକଠାରୁ କୌଣସି ଯାନ ସିଧା ମଣିସାହୁ ଛକ କିମ୍ବା ମସ୍ତାନ ଦରଘା ଛକ ଆଡ଼କୁ ଯାଇପାରିବ ନାହିଁ। ମେରିଆ ବଜାର ବ୍ରିଜପଟୁ କୌଣସି ଯାନ ସିଧା ପ୍ରଭାତ ସିନେମା ହଲ୍ ଆଡ଼କୁ ଆସିପାରିବ ନାହିଁ। ହାତୀପୋଖରୀ ଛକ ପଟୁ କୌଣସି ଯାନ ସିଧାସଳଖ ଜେଲରୋଡ୍ ଆଡ଼କୁ ଆସିପାରିବ ନାହିଁ। ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପାଖରୁ କୌଣସି ଯାନ ପଡ଼ିଆରୀ ପାଠାଗାର ଓ ଗୌରୀଶଙ୍କର ପାର୍କ ଆଡ଼କୁ ଆସିପାରିବ ନାହିଁ। ସେହିପରି ଧର୍ମଶାଳା ଛକ ପାଖରୁ କୌଣସି ଯାନ ସିଧା ଗୌରୀଶଙ୍କର ପାର୍କ ଓ ଉତ୍କଳିକା ଛକ ଆଡ଼କୁ ଯାଇପାରିବ ନାହିଁ। ହାଇକୋର୍ଟ ଛକରୁ ଯାନଗୁଡିକ ସିଧାସଳଖ ବାଲୁବଜାର ଆଡ଼କୁ କିମ୍ବା ବାଲୁବଜାର ପଟୁ ସିଧା ଚୌଧୁରୀ ବଜାର ଆଡ଼କୁ ଯାଇପାରିବ ନାହିଁ। ମ୍ୟୁନିସିପାଲିଟି ଅଫିସ ପୁରୁଣା ଗେଟ୍ ପଟୁ କୌଣସି ଯାନ ପୂର୍ଣ୍ଣ ସାହୁ ଛକ ଆଡ଼କୁ ଆସିପାରିବ ନାହିଁ। ନନ୍ଦୀସାହି ଛକ ପଟୁ କୌଣସି ଯାନ ଆପଣଙ୍କ ହୋଟେଲ ଛକ ଦେଇ ପୂର୍ଣ୍ଣ ସାହୁ ଛକକୁ ଆସିପାରିବ ନାହିଁ। ତଳତେଲେଙ୍ଗା ବଜାର ପଞ୍ଚମୁଖୀ ଚଉରା ଛକରୁ ଯାନଗୁଡିକ ନୃସିଂହନାଥ ମଠ ରାସ୍ତାରେ କାଠଯୋଡ଼ି ବନ୍ଧ ରାସ୍ତାକୁ ଯାଇପାରିବ ନାହିଁ। ଖାନ୍‌ନଗର ଛକରୁ ଓ ବ୍ଲୁ ଲାଗୁନ ହୋଟେଲ ଛକ ପଟୁ କୌଣସି ଯାନ କାଠଯୋଡ଼ି ରିଂବନ୍ଧରେ ପୁରୀଘାଟ ଗଡ଼ା ଆଡ଼କୁ ଯାଇପାରିବ ନାହିଁ। ଏହି ନିୟମାବଳୀ ପୋଲିସ, ଅଗ୍ନିଶମ, ଅବକାରୀ, ଆମ୍ବୁଲାନ୍ସ ଗାଡ଼ି ପ୍ରତି ଲାଗୁହେବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। କଟକବାସୀ ଏହି ବ୍ୟବସ୍ଥାକୁ ସଫଳ ଭାବରେ କାର୍ଯ୍ୟକାରୀ କରାଇବାକୁ କମିଶନରେଟ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।



କଟକ ସହୀଦ ଭବନରେ ରବିବାର ଅନୁଷ୍ଠିତ ମହାତ୍ମା ଗାନ୍ଧୀଙ୍କ ୧୫୦ ଲାଇଭ ପୋଟ୍ରେଟ୍ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା

କଟକ ଅଫିସ, ୨।୧୦

ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବ ମୁଖର ହୋଇଛି କଟକ ସହର। ରବିବାର ବିଭିନ୍ନ ମଣ୍ଡପରେ ମା'ଙ୍କର ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ଭୋରୁ ମା'ଙ୍କୁ ଚକ୍ଷୁ ଦାନ କରାଯିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ମଣ୍ଡପ ନିକଟରେ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହ ମେଲୋଡିର ମଜ୍ଜା ଉଠାଇଥିଲେ। ମଣ୍ଡପଗୁଡିକୁ ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ କରାଯାଇଥିବାବେଳେ ଆକର୍ଷଣୀୟ ତୋରଣ ଲୋକଙ୍କୁ ଆକର୍ଷିତ କରିଥିଲା। କଟକର ୧୭୦ଟି ମଣ୍ଡପ ମଧ୍ୟରୁ ୨୮ ମଣ୍ଡପରେ ଚାନ୍ଦିମେଢ ରହିଛି।

# 'ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱରେ ଅନନ୍ୟ'



ହାଇକୋର୍ଟ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ବିଚାରପତିମାନେ।

## ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ପାଳିତ

କଟକ ଅଫିସ, ୨।୧୦

କଟକ ସ୍ୱରାଜ ଆଶ୍ରମଠାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଥିଲେ, ଭାରତର ସ୍ୱାଧୀନତା ସଂଗ୍ରାମ ବିଶ୍ୱ ଇତିହାସରେ ଅନନ୍ୟ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସତ୍ୟ, ଅହିଂସା ମାର୍ଗକୁ ପାଥେୟକରି ସ୍ୱାଧୀନତା ସଂଗ୍ରାମ ସଙ୍ଗଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ବିଧାୟକ ଇଂ. ମହମ୍ମଦ ମୋକିମ, ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଳିକ, ଦ୍ୱିଜବର ସାଥୁଆ, ଇନ୍ଦ୍ରମଣି ଖଟୁଆ, ଶ୍ୟାମାନନ୍ଦ ଧୂପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ରାଞ୍ଚଳ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ଉପନିର୍ଦ୍ଦେଶକ ହେମନ୍ତ ନାୟକ ସ୍ୱାଗତ ଭାଷଣ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଳାଟେନ୍ଦୁ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଓଡ଼ିଶା ହାଇକୋର୍ଟ:** ଓଡ଼ିଶା ହାଇକୋର୍ଟ ପକ୍ଷରୁ ଗାନ୍ଧୀ ଜୟନ୍ତୀ ହାଇକୋର୍ଟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ହାଇକୋର୍ଟ ନ୍ୟୁ ବିଲ୍ଡିଂର ତଳ ମହଲାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ଜଷ୍ଟିସ ବି. ଆର୍. ଷଡଙ୍ଗୀ, ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏମ୍. ଏସ୍. ସାହୁ, ଜଷ୍ଟିସ ଆର୍. କେ. ପଟ୍ଟନାୟକ, ଜଷ୍ଟିସ ମୁରାହରି ରମଣ ପ୍ରମୁଖ ମାଲ୍ୟା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଧନଞ୍ଜୟ ମୁଣ୍ଡ, ହାଇକୋର୍ଟ ବାର୍ ଆସୋସିଏଶନ ଉପସଭାପତି କ୍ଷୀରୋଦ ରାଉତ, ସମ୍ପାଦକ ଆଲୋକ ପ୍ରସାଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ସମ୍ବାଦପତ୍ର ବିକ୍ରେତା ସଂଘ:** ସମ୍ବାଦପତ୍ର ବିକ୍ରେତା ସଂଘ କଟକ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଥିଲା। କଟକସ୍ଥିତ ରାଷ୍ଟ୍ରଭାଷାଠାରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସଂଘ କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ସଂଘ ସଭାପତି ବିଜୟ କୁମାର ପଢିହାରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ଗାନ୍ଧୀଙ୍କ ଜୀବନୀ ଉପରେ କହିଥିଲେ। ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରଭାସ ପ୍ରଧାନ, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଶ୍ରୀନିବାସ ରେଡ୍ଡୀ, ସନ୍ତୋଷ ମହାନ୍ତି ଓ ଅଶୋକ ସାହୁ ଉପସ୍ଥିତ ଥିଲେ।

**ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ମୁଖ୍ୟ ପ୍ରଶାସନିକ ଭବନଠାରେ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ କହିଥିଲେ, ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଆଦର୍ଶରେ ଛାତ୍ରୀଛାତ୍ରମାନେ ଅନୁପ୍ରାଣିତ ହୁଅନ୍ତୁ। ଏଥିରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଅଧାପକ ଅଙ୍ଗଦ ଲେଙ୍କା, ଲଡୁକିଶୋର ସାହୁ ପ୍ରମୁଖ ଯୋଗଦେଇଥିଲେ। ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ତ୍ରିଲୋଚନ ବାରିକ ଓ ରଶ୍ମୀରଞ୍ଜନ ନାୟକ ପରିଚାଳନା କରିଥିଲେ।

# ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଅ

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଖୁଣ୍ଟୁଣୀ/କଟକ ସଦର, ୨।୧୦(ଡି.ଏନ୍.ଏ.)

ଆଠଗଡ଼ ବ୍ଲକ ବିଜେଡି ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଧୁରୁଷିଆ ପଞ୍ଚାୟତର କେଉଟପଡ଼ା ପଞ୍ଚମୁଖୀ ହନୁମାନ ମନ୍ଦିରଠାରୁ ଜନସମ୍ପର୍କ ପଦଯାତ୍ରା ବାହାରିଥିଲା। ଏଥିରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ପଦଯାତ୍ରାର ଉଦ୍ଦେଶ୍ୟ। ବିଜେଡି ନିରବଚ୍ଛିନ୍ନ ଭାବେ ସେବା କରି ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇପାରିଛି। ଏହି ପଦଯାତ୍ରା କେଉଟପେଡ଼ା, ଜଗମୋହନପୁର, ଗଜାଆମ୍ବ ଓ ଧୁରୁଷିଆ ଦେଇ ହନୁମାନ ମନ୍ଦିରଠାରେ ସମାପ୍ତି ହୋଇଥିଲା। ଏଥିରେ ଆଠଗଡ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ବିଜୁ ମହିଳା ସଭାନେତ୍ରୀ ଶାନ୍ତିଲତା ବେହେରା, ବିନୋଦ ମାଝୀ, ସତ୍ୟପ୍ରିୟ ମହାନ୍ତି, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଧୁରୁଷିଆ ପଞ୍ଚାୟତ ସଭାପତି ନିରାକାର ଲେଙ୍କା, ସରପଞ୍ଚ ସଂଯୁକ୍ତା ପାଣି, ସମିତି ସଭ୍ୟା ବିନତି ଜେନା, ଶକ୍ତିକାନ୍ତ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ଦଳୀୟ କର୍ମୀମାନେ ସାମିଲ ହୋଇ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ।

କଟକ ସଦର ବିଜେଡି ପକ୍ଷରୁ ରବିବାର ୪୨ମୌଜା ଅନ୍ତର୍ଗତ କଳପଡା ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ବ୍ଲକ ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଜିଲା ଉପସଭାପତି ସମର ବେହେରା, ବିଧାୟକଙ୍କ ପ୍ରତିନିଧି ବିଭୂତି ଭୂଷଣ ପରିଡ଼ା, ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଅଜୟ ଦଳେଇ, ମିଶନ ଶକ୍ତି ସଂଯୋଜକ ଶରତ ରାୟ, ଅକ୍ଷୟ ପରିଡ଼ା ଓ ପଞ୍ଚାୟତ ସଭାପତି ରବିନାରାୟଣ ଦାଶ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ପଞ୍ଚାୟତର ପ୍ରତ୍ୟେକ ବ୍ୟକ୍ତିଙ୍କ ଘରକୁ ଯାଇ ସରକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ବକ୍ତାମାନେ ଆହ୍ୱାନ ଦେଇଥିଲେ। ସୁରେନ୍ଦ୍ରନାଥ ବେହେରା ଧନ୍ୟବାଦ ଦେଇଥିଲେ।





ଗାନ୍ଧୀ ଜୟନ୍ତୀ ଅବସରରେ ରବିବାର କଟକ ଗୌରୀଶଙ୍କର ପାର୍କ ନିକଟରୁ ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ବାହାରିଥିବା ଜନ ସମ୍ପର୍କ ପଦଯାତ୍ରା।

# ଘୋଡ଼ାନାଚ ମାଧ୍ୟମରେ ସ୍ୱଚ୍ଛତା ସଚେତନତା

ଚୌଦ୍ୱାର,୨।୧୦(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ସୁଇପର କଲୋନୀ ବସ୍ତିରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଘୋଡାନାଚ ଶିଳ୍ପୀ ଉତ୍ସବ ଚରଣ ଦାସ ଓ ସାଥୀ କଳାକାରମାନେ ଘୋଡାନାଚ ମାଧ୍ୟମରେ ଚୌଦ୍ୱାର ସହରକୁ ଆବର୍ଜନାମୁକ୍ତ ରଖିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। ସଂଘ ସଭାପତି ପ୍ରକାଶ ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନସିଲର ଆଶୁତୋଷ ଦାସ, ନୋଡାଲ ଅଫିସର ବିଚିତ୍ରାନନ୍ଦ ସ୍ୱାଇଁ ଓ ପରିମଳ ବିଶେଷଜ୍ଞ ପୀୟୂଷ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୱାର୍ଡ ଅଫିସର ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩ଘଣ୍ଟା ଜାତୀୟ ରାଜପଥ ଅବରୋଧ

## ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଖୁଣ୍ଟୁଣୀ, ୨।୧୦(ଡି.ଏନ୍.ଏ.)

ଗୁରୁଡିଝାଟିଆ ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର କପୁରସିଂ କ୍ଲବ୍‌ଠାରେ ରବିବାର ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ କପୁରସିଂ ଗ୍ରାମର ଅରକ୍ଷିତ ରାଉତ(୫୫)। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଅରକ୍ଷିତ ବିଲରୁ କାମ ସାରି ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ସାଇକେଲରେ ଘରକୁ ଫେରୁଥିବାବେଳେ ଖୁଣ୍ଟୁଣୀ ପଟୁ ଦ୍ରୁତଗତିରେ ଆସୁଥିବା ବସ୍‌ଟି ତାଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜଣାପଡିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଗୁରୁଡିଝାଟିଆ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଚୌଦ୍ୱାର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ ଓ ସରପଞ୍ଚଙ୍କ ପ୍ରତିନିଧି ରାଜୀବ ଲୋଚନ ଦାସ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏସ୍‌ଡିପିଓ ଲେଙ୍କା ଓ ତହସିଲଦାର ଦାସ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ମୃତଦେହ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ପରେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ ଡାକ୍ତରଖାନା ପଠାଯାଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ. ୧୩୯/୨୨) ରୁଜୁ ହୋଇଛି।



କ୍ଷତିପୂରଣ ପାଇଁ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

# ୧୭ ପେଟି ଆସ୍କାଫର୍ଟି ଜବତ, ଯୁବକ ଗିରଫ

କଟକ ଅଫିସ୨।୧୦: ଦରଘାବଜାର ପୋଲିସ ବକ୍ସିବଜାର ଆଡୁ ଆସୁଥିବା ଏକ ଅଟୋରିକ୍ସାର ଯାଞ୍ଚ କରି ୧୭ ପେଟି ଆସ୍କାଫର୍ଟି ଜବତ କରିଛି। ବେଆଇନ ମଦ କାରବାର ଅଭିଯୋଗରେ ସୁତାହାଟ ଅଞ୍ଚଳର ଭରତ ବେହେରା(୩୦)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା(ନଂ.୧୧୪/୨୨) ରୁଜୁ ହୋଇଛି।

# ନିଶାମୁକ୍ତ ପଞ୍ଚାୟତ ଗଠନ ଦାବି

ମଙ୍ଗୁଳି, ୨।୧୦(ଡି.ଏନ୍.ଏ.)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଭଟିମୁଣ୍ଡା ପଞ୍ଚାୟତରେ ବେଆଇନ ମଦ କାରବାର ବନ୍ଦ କରିବା ଓ ନିଶାମୁକ୍ତ ପଞ୍ଚାୟତ ଗଠନ କରିବା ପାଇଁ ଅଖିଳ ଭାରତୀୟ ମହିଳା ସମିତି ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉତଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି, ଉକ୍ତ ପଞ୍ଚାୟତର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ମଦ ପିଇବା ପରେ ଲୋକମାନେ ନିଶାସକ୍ତ ହୋଇ ଅନ୍ୟମାନଙ୍କୁ ଗାଳିଗୁଲଜ କରୁଛନ୍ତି। ତେଣୁ ବେଆଇନ ଭାବେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସମିତି ସଭାପତି ମମତା ଦାସଙ୍କ ନେତୃତ୍ୱରେ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ପଞ୍ଚାୟତ କାର୍ଯ୍ୟାଳୟର ଆଖପାଖକୁ ସଫା କରିବା ପରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପଞ୍ଚାୟତକୁ ନିଶାମୁକ୍ତ ରଖିବା ପାଇଁ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଥିଲେ।

## ସଂକ୍ଷେପରେ

### ୩ ଦିନରେ ୨୭ ଅଭିଯୁକ୍ତ ଗିରଫ ବାଲୁଗାଁ ପୋଲିସର ଚଢ଼ାଉ

**ବାଲୁଗାଁ,୨।୧୦(ଡି.ଏନ୍.ଏ.):** ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ଅପରାଧମୂଳକ କାର୍ଯ୍ୟକୁ ପ୍ରତିହତ କରିବା ଏବଂ ଅପରାଧୀଙ୍କୁ ଗିରଫ ପାଇଁ ପୋଲିସ ଅଣ୍ଟା ଭିଡ଼ିଛି। ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଏଥିପାଇଁ ସଜାଗ ରହିବା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଓ ଆଇଆଇସି ରଶ୍ମିରଞ୍ଜନ ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ୩ ଦିନ ମଧ୍ୟରେ ୨୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତନ୍ମଧ୍ୟରୁ ୨୧ ଜଣ ଜାମିନବିହୀନ ୱାରେଣ୍ଟ ଓ ବିଭିନ୍ନ ଅପରାଧ ମାମଲାରେ ଅନ୍ୟ ୬ ଜଣ ସାମିଲ ଥିବା ଜଣାପଡ଼ିଛି। ଏଥିସହ ବେଆଇନ ମଦ କାରବାର କରୁଥିବା ସ୍ଥାନୀୟ ଖଣତ ଗ୍ରାମର ଲକ୍ଷ୍ମୀଧର ଭୋଳଙ୍କୁ ପୋଲିସ ଗିରଫ କରିଥିବା ବେଳେ ୬୦ଟି ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଏହି ଅଭିଯାନ ଆଗକୁ ଜାରି ରହିବ ବୋଲି ଆଇଆଇସି ଦାସ କହିଛନ୍ତି। ଅନ୍ୟପକ୍ଷରେ ପୋଲିସର ଏହି ଚଢ଼ାଉ ଯୋଗୁ ମଦ ବେପାରୀ ଓ ଅସାମାଜିକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି।

### ଖୋର୍ଦ୍ଧାରୁ କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା ଆଉ ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୨।୧୦(ବ୍ୟୁରୋ):** ଖୋର୍ଦ୍ଧାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦେବେନ୍ଦ୍ର ସାହୁ। ମାମଲା ନଂ.୨୧/୨୦୨୨ରେ ଦେବେନ୍ଦ୍ରଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସିଦ୍ଧାର୍ଥ ନାୟକ ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ୩ ସମ୍ପୃକ୍ତ ଥିବାବେଳେ ଆଉ ଜଣେ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଧରିବାକୁ ଖୋଳତାଡ଼ ଜାରି ରଖିଛି। ଶୁକ୍ରବାର ରାତିରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ୩ ଯୁବକ ଛିଡା ହୋଇଥିବା ଖବର ପାଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ଏସ୍‌ଟିଏଫ୍ ଟିମ୍‌କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିବାବେଳେ ସିଦ୍ଧାର୍ଥଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ୧୧୫୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ତେବେ ଖସି ପଳାଇଥିବା ଦେବେନ୍ଦ୍ର ତାଙ୍କ ଗାଁରେ ଥିବା ଜଣାଡ଼ିବା ପରେ ଏସ୍‌ଟିଏଫ୍ ଶନିବାର ରାତିରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତମାନେ ବ୍ରାଉନସୁଗର କାହାଠୁ ଆଣିଥଲେ ସେନେଇ ଏସ୍‌ଟିଏଫ୍ ଜାଣିବାକୁ ପ୍ରୟାସ ଜାରି ରଖିଛି।

# 'ଗାନ୍ଧୀଙ୍କ ଚିନ୍ତାଧାରା ବିଜ୍ଞାନ ସମ୍ମତ'

**ଖୋର୍ଦ୍ଧା ଅଫିସ,୨।୧୦**

ମହାତ୍ମା ଗାନ୍ଧୀଙ୍କ ବିଚାରାଧାରା ବିଶ୍ୱକୁ ପ୍ରଭାବିତ କରୁଛି। ତାଙ୍କ ନୀତି ଆଦର୍ଶକୁ ସାରା ବିଶ୍ୱ ଗ୍ରହଣ କରିଛି। ଅକ୍ଟୋବର ୨କୁ ଅହିଂସା ଦିବସ ଭାବେ ପାଳନ କରାଯାଉଛି। ମାନବ ସମାଜ ଯେତେ ଆଗଉଥିବ, ସେହି ତୁଳନାରେ ଗାନ୍ଧିଜୀଙ୍କ ବିଚାରଧାରା ମଧ୍ୟ ଲୋକଙ୍କ ନିକଟରେ ଦୃଢୀଭୂତ ହେଉଥିବ। ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନଙ୍କ ମତରେ ଗାନ୍ଧିଜୀଙ୍କ ଚିନ୍ତାଧାରା ବିଜ୍ଞାନ ସମ୍ମତ ଥିଲା। ତାଙ୍କର ସତ୍ୟ, ଅହିଂସା, ସ୍ୱଚ୍ଛତା, ନିଶା ନିବାରଣ, ଖଦି ବ୍ୟବହାର ପ୍ରଭୃତି ବିଜ୍ଞାନ ଆଧାରିତ ବୋଲି ସେ କହିଥିଲେ। ଭାରତରେ ଏଭଳି ଜଣେ ମହାନ ବ୍ୟକ୍ତିତ୍ୱ ଜନ୍ମ ନେଇଥିଲେ, ଯାହାଙ୍କ ସତ୍ୟ, ଅହିଂସା ମାର୍ଗକୁ ସାରା ବିଶ୍ୱ ଅନୁକରଣ କରୁଛି। ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ଉଚ୍ଛେଦ ପରେ ସେ ଭାରତକୁ ଫେରି ୧୯୧୬ରୁ ୧୯୪୫ ପର୍ଯ୍ୟନ୍ତ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ରହିଥିଲେ। ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ, ଅସହଯୋଗ ଆନ୍ଦୋଳନ,ବିଦେଶୀ ବସ୍ତ୍ର ବର୍ଜନ ଏବଂ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ଭାରତୀୟ ଜନମାନସରେ ଗଭୀର ରେଖାପାତ କରିଥିଲା। ତାଙ୍କ ପରିକଳ୍ପନା ଥିଲା ଅଖଣ୍ଡ ଭାରତ। ସେ କେବେ ବିଭାଜିତ ଭାରତ ଚାହୁଁ ନ ଥିଲେ। ଏନେଇ ଅନେକଙ୍କ ସହ ତାଙ୍କର ମତାନ୍ତର ଘଟିଥିଲା। ଜୀବନର ଶେଷବିନ୍ଦୁ ପର୍ଯ୍ୟନ୍ତ ସେ ସମସ୍ତଙ୍କୁ ଯୋଡ଼ି ରଖିବାକୁ ଚେଷ୍ଟା କରିଥିଲେ ବୋଲି ପ୍ରଫେସର ନାରାୟଣ ରାଓ କହିଛନ୍ତି। ଖୋର୍ଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରବିବାର ଜୟୀ ରାଜଗୁରୁ ଭବନରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଆୟୋଜିତ ଜିଲାସ୍ତରୀୟ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ରାଓ ଯୋଗଦେଇ ଏହା ପ୍ରକାଶ କରିଛନ୍ତି।



ସାଧାରଣ ସଭାରେ ଯୋଗ ଦେଇଥିବା ଅତିଥିମାନେ।

ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ ଯୋଗଦେଇ କହିଥିଲେ, ଗାନ୍ଧୀ ଓ ଶାସ୍ତ୍ରୀ ହେଉଛନ୍ତି ଭାରତର ପରିଚୟ। ସମାଜ ସେବା ଉଭୟଙ୍କ ମୂଳମନ୍ତ୍ର ଥିଲା। ଗାନ୍ଧୀଙ୍କ ତିନି ମାଙ୍କଡ ଉଦାହରଣ ଦେଇ ପିଲାଙ୍କୁ ଭଲ କଥା ଦେଖିବା, ଶିଖିବା ଓ ଶୁଣିବାକୁ ସେ ପରାମର୍ଶ ଦେଇଥିଲେ। ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଆଦର୍ଶକୁ ଅନୁସରଣ କରିବାକୁ ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଜିଲା ପରିଷଦ ଉପାଧ୍ୟକ୍ଷ ଗୋପିନାଥ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କୁଲ ଓ କଲେଜସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ୯ଟାରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସର୍ବଧର୍ମ ସଭା ହୋଇଥିଲା। ସନାତନ ମିଶ୍ର, ସୀମୟ କୁମାର ଦାସ, ମହମ୍ମଦ କଲିମୁଦ୍ଦିନ ଶାହା ପ୍ରମୁଖ ପବିତ୍ର ଧର୍ମଗ୍ରନ୍ଥ ପଠନ କରିଥିଲେ। ପ୍ରାତଃକାଳରେ ରାମଧୂନ ପରିବେଷଣ କରାଯାଇଥିଲା।

## କାଳରାତ୍ରି ବେଶରେ ମା' ଉଗ୍ରତାରା, ବନଦୁର୍ଗା





**ନିରାକାରପୁର,୨।୧୦(ଡି.ଏନ୍.ଏ.)**

ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାର ଷୋଡ଼ଶ ଦିବସ ତଥା ନବରାତ୍ରର ସପ୍ତମ ଦିବସରେ ରାମେଶ୍ୱରସ୍ଥିତ ମା' ବନଦୁର୍ଗା ପୁଷ୍ପମାଲ୍ୟାଦି ସୁବାସିତ ଦ୍ରବ୍ୟ ଦ୍ୱାରା ବିମଣ୍ଡିତ ହୋଇ କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ବିଶ୍ୱର ମଙ୍ଗଳ କାମନା କରି ସ୍ତୁତିପାଠ ଦ୍ୱାରା ତ୍ରିଦିବସୀୟ ଯଜ୍ଞର ଦ୍ୱିତୀୟ ଦିବସ ସକାଳେ ମା'ଙ୍କ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ଆବାହିତ ଦେବଦେବୀଙ୍କ ପୂଜାର୍ଚ୍ଚନା ସହ ଆହୁତି ପ୍ରଦାନ କରାଯାଇଛି। ମା'ଙ୍କୁ ପାୟସ ଭୋଗ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଳଭୋଗ, ଆଳତି ପୁଷ୍ପାଞ୍ଜଳି, ଅଧରପଣା ଏବଂ ମହାପ୍ରସାଦ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଉଗ୍ରତାରାଙ୍କ ପୀଠରେ ମଧ୍ୟ ମା' କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଥିବା ସଦ୍‌ଭାବନା ଯାତ୍ରା।

## ଶାନ୍ତି, ମୈତ୍ରୀର ବାର୍ତ୍ତା ନେଇ ସଦ୍‌ଭାବନା ଯାତ୍ରା

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୨।୧୦ (ଡି.ଏନ୍.ଏ.)**

ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି ସଦ୍‌ଭାବନା ଯାତ୍ରା। କାଇପଦରସ୍ଥିତ ପ୍ରସିଦ୍ଧ ପୀର ବୁଖାରୀ ବାବାଙ୍କ ପୀଠରୁ ଏହି ଯାତ୍ରାର ଶୁଭାରମ୍ଭ ହୋଇଛି। ଏହା ବୋଲଗଡ଼ ମାଣିକାଗୋଡ଼ା ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ୭୫କିମି ଯାତ୍ରା କରିବ। ଏହି ଯାତ୍ରାକୁ ଶିକ୍ଷାବିତ୍ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଡ. ପ୍ରମୋଦ କୁମାର ଦାଶ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ପୀରବାବା ପରିଚାଳନା ପରିଷଦର ସଭାପତି ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ତୋଟାପଡ଼ା, ଖୋର୍ଦ୍ଧା ସଦର, ଶରଧାପୁର, ପୁରୁସାହି, ସାରୁଅ, ବାଘମାରୀ, ସୀମର, ଗଁପୁର, ବଡ଼ବେରଣା, କୁସୁପଲା ପରିକ୍ରମା ସାରି ପଦଯାତ୍ରୀ ଦଳ ବେଗୁନିଆରେ ରାତ୍ରୀଯାପନ କରିଛନ୍ତି। ସୋମବାର ସକାଳ ୮ଟାରୁ ପଦଯାତ୍ରା ଆରମ୍ଭ ହୋଇ ଚଣ୍ଡିଆପଲ୍ଲୀ, ଅଟ୍ରି ,ଶରଧାପୁର, ଡ଼ିଙ୍ଗର, ରାଉତପଡ଼ା, କଡ଼ବ, ଡ଼ାଳତୁମ୍ବ, ଦେଉଳି, ସାନପଦର, ପିଚୁକୁଳି ଦେଇ ଅତିକ୍ରମ ପରେ ସୁନାଖଳାରେ ରାତ୍ରୀଯାପନ କରିବେ। ୪ତାରିଖରେ ବୁଢ଼ା ବୋଲଗଡ଼, ଭୀମପଡ଼ା ପରିକ୍ରମା ପରେ ମାଣିକଗୋଡ଼ାରେ ଅପରାହ୍ନ ୪ଘଟିକାରେ ସଦ୍‌ଭାବନା ଯାତ୍ରା ଉଦ୍‌ଯାପନ ହେବ। ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କରଙ୍କ ସହିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ସାଗର ଦାସ, କରନ୍ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ପ୍ରମୋଦ ପାଇକରାୟ, ଫଜ୍ଜୁଲ ହକ୍ ଖାନ୍, କଳ୍ପତରୁ ପଣ୍ଡା, କୁଳମଣି ସାହୁ, ଅଜୟ ମହାନ୍ତି, ମନୋହର ଅଲ୍ଲି ଖାଁ, ସନ୍ଧ୍ୟାରାଣୀ ଦାସ, କୁଳମଣି ପ୍ରଧାନ, ଜିତେନ୍ଦ୍ର ସାମନ୍ତରାୟ, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରମୋଦ ମହାରଣା, ଡ. ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ଅନ୍ୟମାନେ ସାମିଲ ହୋଇଛନ୍ତି।

# ସବୁଠି ମହାମାୟାଙ୍କୁ ଆବାହନ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨।୧୦ (ଡି.ଏନ୍.ଏ.)**

ଶାରଦୀୟ ଦୁର୍ଗାପୂଜା ପାଇଁ ଖୋର୍ଦ୍ଧା ସହର ଚଳଚଞ୍ଚଳ ହୋଇଉଠିଛି। ପ୍ରମୁଖ ଶକ୍ତିପୀଠ ବାଟଭୁଆଶୁଣୀ, ବରୁଣେଇ ପୀଠ, ଗଡ଼ମାଣିତ୍ରୀର ମା' ରାମଚଣ୍ଡୀ, ମା' ଉଗ୍ରତାରା ଏବଂ ବାଣପୁରସ୍ଥିତ ମା' ଭଗବତୀଙ୍କ ପୀଠରେ ପରମ୍ପରା ଅନୁଯାୟୀ ରବିବାର ମହାଷ୍ଟମୀ ପୂଜା ସମ୍ପନ୍ନ ହୋଇଛି। ଅନ୍ୟପଟେ ମଣ୍ଡପରେ ମହାସପ୍ତମୀ ପୂଜା ଚାଲିଛି। ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ଗୁରୁଜଙ୍ଗ ମାଳିସାହି, ପୁରୁଣା ଦମକଳ ଛକ ଓ ପଲ୍ଲା ଛକ ମଣ୍ଡପରେ ମହାମାୟୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି। ସେହିପରି ଜୟୀ ରାଜଗୁରୁ ଭବନ (ଟାଉନ ହଲ) ନିକଟରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ଦୁଲଣା ସାହି, ମାଛ ମାର୍କେଟ ଛକ, ୪୦୭ ଷ୍ଟାଣ୍ଡ ମଣ୍ଡପରେ ହର ପାର୍ବତୀ ପୂଜା ପାଉଛନ୍ତି। ଷଷ୍ଠୀରେ ବିଲ୍ୱବରଣ ପରେ ରବିବାର ଦେବୀଙ୍କ ନବ ପତ୍ରିକା ପ୍ରବେଶ, ମହାସପ୍ତମୀ ପୂଜା ହୋଇଥିଲା। ସନ୍ଧ୍ୟାରେ ଦେବୀଙ୍କ ସନ୍ଧ୍ୟା ଆଳତି କରାଯାଇଥିଲା। ଦେବୀ ପୀଠ ଓ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ସବୁଠି ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଆକର୍ଷଣୀୟ ସାଜସଜ୍ଜା, ଆକାଶଛୁଆଁ ତୋରଣ, ଲାଇଟ ଗେଟ, ରଙ୍ଗିନ ଆଲୋକମାଳାରେ ମଣ୍ଡପ ଝଲସୁଛି। ଇଗଲ କ୍ଲବ ପକ୍ଷରୁ ଶହେ ଫୁଟ୍ ଉଚ୍ଚର ମହଲ ସଦୃଶ ତୋରଣ ମୁଖ୍ୟ ଆକର୍ଷଣ ସାଜିଛି। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ସହ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି। ସେହିପରି ଖୋର୍ଦ୍ଧା କ୍ଲବ ଏବଂ ପଲ୍ଲା ଛକରେ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ପାର୍ବଣ ସମୟରେ ପୋଲିସ ପକ୍ଷରୁ ଟ୍ରାଫିକ, ଭିଡ଼ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଛି। ସବୁ ଜନଗହଳି ସ୍ଥାନ ଓ ଟ୍ରାଫିକ ଛକରେ ପୋଲିସ ମୁତୟନ ରହିଛନ୍ତି।

ସେହିପରି ବାଲୁଗାଁରେ ଦୁର୍ଗାପୂଜା ଜାକଜମକରେ ପାଳିତ ହେଉଛି। ବାଲୁଗାଁ ହାଇସ୍କୁଲ ନିକଟ ମା' ଦଶଭୂଜା ପୂଜା କମିଟି ଏବଂ ହନୁମାନ ପରିବା ବ୍ୟବସାୟ ସଂଘ ପକ୍ଷରୁ ରବିବାର ମା' ଦୁର୍ଗାଙ୍କ ସପ୍ତମୀ ପୂଜା ଶୁଭାରମ୍ଭ ହୋଇଛି। ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ପୂଜା ମଣ୍ଡପ ଝଲସି ଉଠିଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ମଣ୍ଡପଗୁଡ଼ିରେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଜୟା ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ନାରାୟଣ ସେବା ସଂଘର ପ୍ରତିଷ୍ଠା ଦିବସ

**ବୋଲଗଡ,୨।୧୦(ଡି.ଏନ୍.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ବୋଲଗଡ଼ ନାରାୟଣ ସେବା ସଂଘ(ବାପୁକୁଟୀ)ର ୨୮ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଖଦିକେନ୍ଦ୍ର ସମ୍ମୁଖ ଗାନ୍ଧୀ ମଣ୍ଡପ ଠାରେ ପାଳିତ ହୋଇଯାଇଛି। ରବିବାର ସକାଳେ ପ୍ରଭାତ ଫେରି ଓ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ସୁନୀଲ ରଥଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳଙ୍କ ପୂର୍ବତନ ଅନୁଶାସନ ସଚିବ ମଧୁସୂଦନ ରାଓ, ମୁଖ୍ୟବକ୍ତା ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବି ରାୟ ଓ ନାଚୁଣୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦକ ଗୌରାଙ୍ଗ ଚମ୍ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୃଷ୍ଣ ମୋହନ ପାଲଟାସିଂ, ହରିବନ୍ଧୁ ସାହୁ, ଗୋପୀନାଥ ଖାଡ଼ଙ୍ଗା, ଅଧ୍ୟାପକ ଗାନ୍ଧୀ ସାହୁ ଯୋଗଦେଇଥିଲେ। ଦେବପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା କଣ୍ଟାଛକରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।


ପୁରୁଣା ଫାୟାର ଷ୍ଟେଶନ ଛକ।


ଖୋର୍ଦ୍ଧା କ୍ଲବ୍।


ବାଲୁଗାଁ: ହନୁମାନ ପରିବା ବ୍ୟବସାୟୀ ସଂଘ।


ଖୋର୍ଦ୍ଧା ଇଗଲ କ୍ଲବ୍ ପକ୍ଷରୁ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।


ଟ୍ରାଫିକ୍ ଛକରେ ପୂଜା ପାଉଥିବା ହରପାର୍ବତୀ।


ମାଛ ମାର୍କେଟ।


୪୦୭ ଟ୍ୟାକ୍ସି ଷ୍ଟାଣ୍ଡ।

**ମୋବାଇଲ ଫୋନ୍ ଫାଟିଲା, ବର୍ତ୍ତିଲେ ଯୁବକ**

ବ୍ରହ୍ମଗିରି, (ଡି.ଏନ୍.ଏ.): ବ୍ରହ୍ମଗିରି ବାଲିହରଚଣ୍ଡୀ ପୀଠକୁ ରବିବାର ଭୋଜି କରିବାକୁ ଆସିଥିବା ଜଣେ ଯୁବକଙ୍କ ମୋବାଇଲ ଫୋନ ହଠାତ୍ ଫାଟିଯାଇଥିଲା। ହେଲେ ଯୁବକ ଜଣଙ୍କ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ସୂଚନା ମୁତାବକ, ବ୍ରହ୍ମଗିରି ଅଞ୍ଚଳର କେତେଜଣ ଯୁବକ ଭୋଜି କରିବା ପାଇଁ ବାଲିହରଚଣ୍ଡୀ ପୀଠକୁ ଯାଇଥିଲେ। ସେଠାରେ ସମ୍ବିତ୍ ପଟ୍ଟନାୟକଙ୍କ ମୋବାଇଲ ଫୋନ୍‌ଟି ହଠାତ୍ ଫାଟିଯାଇଥିଲା। ହେଲେ ଏଥିରୁ ସମ୍ବିତ୍ ଅଳ୍ପକେ ବର୍ତ୍ତିଯାଇଥିଲେ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨।୧୦।୨୦୨୨

| | |
|---|---|
| ୪,୬୦,୬୧୪ ଟଙ୍କା | |
| ସୁନା | ୧୨.୪୦୦ ଗ୍ରାମ |
| ରୁପା | ୧୨୦ ଗ୍ରାମ |

# ମଦମୁକ୍ତ ପୁରୀ ପାଇଁ ସତ୍ୟାଗ୍ରହ

ପୁରୀ ଅଫିସ, ୨।୧୦:

ପୁରୀ ସହରକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ଦାବିରେ ପୁରୀ ବିକାଶ ପରିଷଦ ପକ୍ଷରୁ ରବିବାର ଗାନ୍ଧୀ ସ୍ମୃତି ପୀଠରେ ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶତାଧିକ ବ୍ୟକ୍ତି, ବରିଷ୍ଠ ନାଗରିକ, ଗାନ୍ଧିବାଦୀ ଏବଂ ଛାତ୍ରୀଛାତ୍ର ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ପରେ ସମସ୍ତେ ଶୋଭାଯାତ୍ରାରେ ଯାଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦେଇଥିଲେ। ପୁରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଆବିର୍ଭାବ ଏବଂ ଆଦ୍ୟପୀଠ ହୋଇଥିବାରୁ ଏଠାରେ ମଦ ବିକ୍ରି ଯୋଗୁ ଏହାର ପବିତ୍ରତା, ଐତିହ୍ୟ ଓ ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବା ପରିଷଦ ସଭାପତି ଜଗନ୍ନାଥ ବସ୍ତିଆ ଅଭିଯୋଗ କହିଥିଲେ। ମଦ ଦୋକାନ ସଂଖ୍ୟା ବୃଦ୍ଧି ଯୋଗୁ ପୁରୀରେ ଅପରାଧ ବଢୁଛି। ଭକ୍ତମାନେ ତିକ୍ତ ଅନୁଭୂତି ନେଇ ଏଠାରୁ ଫେରୁଛନ୍ତି। ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଓ ଭକ୍ତି ଭାବନା କ୍ଷୁର୍ଣ୍ଣ ହେଉଛି ବୋଲି ସେ କହିଥିଲେ। ପୁରୀକୁ ମଦମୁକ୍ତ କରିବା ପାଇଁ ପରିଷଦ ପକ୍ଷରୁ ଗତବର୍ଷ ରାଜ୍ୟପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ରାଜ୍ୟପାଳଙ୍କ ସଚିବ ଏନେଇ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ଏହାସତ୍ତ୍ୱେ ସରକାର ନୀରବ ରହିଛନ୍ତି ବୋଲି ବସ୍ତିଆ କହିଛନ୍ତି। ଉକ୍ତ ସତ୍ୟାଗ୍ରହରେ ଗାନ୍ଧିବାଦୀ ଗୌରାଙ୍ଗ ଚରଣ ପରିଡ଼ା, ପ୍ରଫେସର ବିପିନାନନ୍ଦ ମିଶ୍ର, ଡା. କୈଳାସ ଭୂଷଣ ମହାପାତ୍ର, ସର୍ବୋଦୟ ମେଳା କମିଟି ସଭାପତି ରାଧାକାନ୍ତ ମହାପାତ୍ର, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ କୁମାର ରଥ, ପୁରୀ ସେବା ସମିତି ସହକାରୀ ସମ୍ପାଦକ ସୌମେନ୍ଦ୍ର ଦାସ, ଭାରତ ବିକାଶ ପରିଷଦ ପ୍ରାନ୍ତୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ସାଧାରଣ ସମ୍ପାଦକ ଚକ୍ରଧର ମହାପାତ୍ର, ଶ୍ରୀକ୍ଷେତ୍ର ସୂଚନା ସମ୍ପାଦକ ରାଜେଶ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ। ସେହିପରି ଭଏସ୍ ଅଫ୍ କମନମ୍ୟାନ୍ ପକ୍ଷରୁ ହେକ୍ଟର ମିଶ୍ର, ନିଶାମୁକ୍ତ ଅଭିଯାନ ଆବାହକ ମଧୁସୂଦନ ମିଶ୍ର, ଓଡ଼ିଶା ଲେଖକ ସହଯୋଗ ସମିତି ସଭାପତି ବିରେନ୍ଦ୍ର ମହାନ୍ତି, ଶ୍ରୀଜଗନ୍ନାଥ ଭକ୍ତ ସମାଜ ଆବାହକ ସୂର୍ଯ୍ୟନାରାୟଣ ରଥ, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ସଚେତନ ନାଗରିକ ମଞ୍ଚ ସଭାପତି ପ୍ରସନ୍ନ କୁମାର ଦାସ, କୁମାର ଉତ୍ସବ ସମିତି ସାଧାରଣ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା, ମାନବ ଅଧିକାର ଟ୍ରଷ୍ଟ ସମ୍ପାଦକ ପ୍ରାନ୍ତସିନି ଜେନା, ପୁରୀ ଓକିଲ ସଂଘ ଉପସଭାପତି କାଳୀପ୍ରସାଦ ନାୟକ, ସର୍ବୋଦୟ କମିଟି ସମ୍ପାଦକ ଶିବ ପ୍ରସାଦ ମିଶ୍ର, ହୋପ ଇଜ୍ ଲାଇଫ ସଭାପତି ସୁରେଶ କୁମାର ନନ୍ଦ ଯୋଗଦେଇଥିଲେ। ଟୁଇଟର କର୍ମୀ ସଂଘର ଦେବରାଜ ଦାସ, ବେଲ୍ ସମ୍ପାଦକ ଓମ୍‌ପ୍ରସାଦ ମହାନ୍ତି, ଆମେ ଶ୍ରୀକ୍ଷେତ୍ରବାସୀ ପକ୍ଷରୁ ସତ୍ୟନାରାୟଣ ସାହୁ, ପ୍ରିୟପତ୍ର ସମ୍ପାଦକ ବିପିନ ବିହାରୀ ଦଳାଇ, ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀର ଅମରେନ୍ଦ୍ର ପାଇକରାୟ, ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ସମ୍ପାଦକ ବିଶ୍ୱନାଥ ବେହେରା, ଆଇନଜୀବୀ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, କସ୍ତୁରବା ନାରୀ ମଙ୍ଗଳ କେନ୍ଦ୍ର ପକ୍ଷରୁ ସୁଭାଷିନୀ ମହାରଣା, ବରିଷ୍ଠ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ମହାରଣା ପ୍ରମୁଖ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ।



ଗାନ୍ଧୀ ସ୍ମୃତି ପୀଠରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ବ୍ୟକ୍ତିବିଶେଷ ସତ୍ୟାଗ୍ରହ କରୁଛନ୍ତି ।


ପୁରୀ ଚାରୁ କାରୁକଳା ଶିକ୍ଷାନୁଷ୍ଠାନ ପକ୍ଷରୁ ଗାନ୍ଧୀଙ୍କ ଉପରେ ପର୍ଯ୍ୟବସିତ ଚିତ୍ରକଳାକୁ ଲୋକେ ଦେଖୁଛନ୍ତି ।

## ସ୍ୱାଭିମାନୀ, ଶୃଙ୍ଖଳିତ କରିବ ଗାନ୍ଧୀ ବିଚାରଧାରା

ପୁରୀ ଅଫିସ, ୨।୧୦:

ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ରହିଛି। ଏହାର ଉନ୍ମେଷ ଘଟିଲେ ସମାଜ ସୁନ୍ଦର ଓ ଶୃଙ୍ଖଳିତ ହୋଇପାରିବ। ଗାନ୍ଧୀ ବିଚାରଧାରା ଶିଶୁଙ୍କୁ ଆଦର୍ଶବାଦୀ, ପରୋପକାରୀ ଓ ସ୍ୱାଭିମାନୀ କରାଇବ ବୋଲି ଗାନ୍ଧୀବାଦୀ ଲେଖକ ଗୌରାଙ୍ଗ ପରିଡ଼ା ମତବ୍ୟକ୍ତ କରିଛନ୍ତି। ରବିବାର ପୂର୍ବାହ୍ନରେ ଉତ୍କଳ ବାଳାଶ୍ରମରେ ଶିଶୁ ସୁରକ୍ଷା ୟୁନିଟ ଏବଂ ହାପିନେସ ଫାଉଣ୍ଡେସନ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ ଅବସରରେ ଜିଲାର ୬ଟି ବାଳାଶ୍ରମ ଓ ଶିଶୁ ପରିଚର୍ଯ୍ୟା ଗୃହର ଅନ୍ତେବାସୀଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ହୋଇଥିଲା। ଏହାକୁ ପରିଡ଼ା ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଶିଶୁ ସାହିତ୍ୟିକ ସୁକାନ୍ତ କୁମାର ପଣ୍ଡା, ରାଜ୍ୟ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକାରୀ ସଂଗ୍ରାମ ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଶକ୍ତିପଦ ମିଶ୍ର, ହାପିନେସ ଫାଉଣ୍ଡେଶନର ସଭାପତି ପ୍ରଦୀପ କୁମାର ଦାସ ପ୍ରମୁଖ ଶିଶୁ ମନସ୍ତତ୍ତ୍ୱ, ବିକାଶ ଓ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ‘ମନ୍ତ୍ରୀ ପ୍ରତାପ ଦେବ ଭୁଲ୍ ମାଗନ୍ତୁ’

ପୁରୀ ଅଫିସ, ୨।୧୦: ଶିଳ୍ପମନ୍ତ୍ରୀ ପ୍ରତାପ ଦେବଙ୍କ ବିବାଦୀୟ ମନ୍ତବ୍ୟକୁ ନିନ୍ଦା କରି ଭାଜପା ମୋର୍ଚ୍ଚା ପକ୍ଷରୁ ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କ ସଦ୍‌ବୁଦ୍ଧି କାମନା କରାଯାଇଛି। ମନ୍ତ୍ରୀ ଦେବ ଯଦି ଏଠାକୁ ଆସି ଶ୍ରୀଜଗନ୍ନାଥଙ୍କୁ ଭୁଲ୍ ନ ମାଗିବେ ତେବେ ତାଙ୍କୁ ପୁରୀ ସହରରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ପୁରୀ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଭାଜପା ଜିଲା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ସେବାୟତ ମଧୁ ସିଂହାରୀ, ସୋମନାଥ ଖୁଣ୍ଟିଆ, ରାଜା ସୁଆର, ସଞ୍ଜୟ ପ୍ରଧାନ, ସଂଗ୍ରାମ କାନୁନଗୋ, ମିଥୁନ ଜେନା, କମଳିନୀ ମହାପାତ୍ର ଏବଂ ପ୍ରିୟଙ୍କା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

କାକଟପୁର,୨।୧୦(ଡି.ଏନ୍.ଏ.)- କାକଟପୁର ବ୍ଲକ ସହିତ ବିଭିନ୍ନ ଗ୍ରାମରେ ରବିବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ଅଫିସ ପରିସରରେ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ତୁଷାର ଜ୍ୟୋତି ରଞ୍ଜନ, ସହାୟକ ଯନ୍ତ୍ରୀ ସୁବ୍ରତ ବାରିକ ପ୍ରମୁଖ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି କଣ୍ଟାପଡା ସରପଞ୍ଚ ରୀନାରାଣୀ ନାୟକ, ସୁହାଗପୁର ସରପଞ୍ଚ ସେଖ ଅବତାର, କଟକଣା ସରପଞ୍ଚ ଗୁଲସାନା ବିବି, ଭଣ୍ଡାଘର ସରପଞ୍ଚ ଭାମି ଦାସ, ଲତାହରଣ ସରପଞ୍ଚ ପ୍ରଦୀପ୍ତ ବିଶ୍ୱାଳ, ସୁହାଣପୁର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ୱାର୍ଡ ସଭ୍ୟ, ସମିତି ସଭ୍ୟା ସଭ୍ୟ ଓ ଲୋକଙ୍କ ସହ ମିଶି ଗ୍ରାମ୍ୟ ରାସ୍ତା ସଫା କରିଥିଲେ। ପରେ ସମୂହ ଗ୍ରାମସଭାରେ ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରାଯାଇଥିଲା ।

### ବୈକୁଣ୍ଠ ନାଥ ସ୍ୱାଇଁଙ୍କ ଶ୍ରାଦ୍ଧ ବାର୍ଷିକୀ

ଅସ୍ତରଙ୍ଗ,୨।୧୦(ଡି.ଏନ୍.ଏ.)- ପୂର୍ବତନ ବିଧାୟକ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ୨୭ତମ ଶ୍ରାଦ୍ଧ ବାର୍ଷିକୀ ପରିଡା କଲ୍ୟାଣ ମଣ୍ଡପଠାରେ ପାଳନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ, ପିସିସି ସାଧାରଣ ସମ୍ପାଦକ ବିଶ୍ୱଭୂଷଣ ଦାସ, ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ, ଓଡ଼ିଶା ପ୍ରଦେଶ କୃଷକ କଂଗ୍ରେସ ସେଲର ସଭାପତି ଅମିୟ ପଟ୍ଟନାୟକ, , କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଯୋଗଦେଇଥିଲେ। ନେତା ଓ କର୍ମୀମାନେ ଶୋଭାଯାତ୍ରାରେ କୁହୁଡି ଲବଣ ସତ୍ୟାଗ୍ରହୀ ପୀଠରେ ସତ୍ୟାଗ୍ରହୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗୋପ ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ଭାସ୍କର ସେଠ, ଅସ୍ତରଙ୍ଗ ମଣ୍ଡଳ ସଭାପତି ପ୍ରଶାନ୍ତ ଭୋଳ, ବିକାଶ ବାରିକ, ଜିତେନ୍ଦ୍ର ନାୟକ, ଶେଖ ଲିଆକତ ପ୍ରମୁଖ ଉପସ୍ଥିତ ଥିଲେ।


ପୁରୀ ନଗର ବିଜେଡି ପକ୍ଷରୁ ରବିବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରା।

## ପୁରୀ ନଗର ବିଜେଡିର ଜନସମ୍ପର୍କ ପଦଯାତ୍ରା

ପୁରୀ ଅଫିସ, ୨।୧୦:

ପୁରୀ ନଗର ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ତତ୍ତ୍ୱାବଧାନରେ ମେଡିକାଲ ଛକସ୍ଥିତ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଏଥିରେ ଜିଲା ବିଜେଡି ସଭାପତି ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବାକୁ କହିଥିଲେ। ରାଜ୍ୟ ଯୁବ ବିଜେଡି ଉପସଭାପତି ସୁନୀଲ ମହାନ୍ତି, ନଗର ବିଜେଡି ସଭାପତି ସବ୍ୟସାଚୀ ମହାପାତ୍ର, ଜିଲା ବିଜେଡି ଯୁବ ବ୍ୟାପାର ସମ୍ପାଦକ ସରୋଜ ନାୟକ, ଜିଲା ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ପ୍ରଧାନ, ନଗର ସଭାନେତ୍ରୀ ବିନୋଦିନୀ ଦାସ, ନଗର ଯୁବ ସଭାପତି ସୁଧାଂଶୁ ମହାନ୍ତି, ସଦର ଯୁବ ସଭାପତି ବିଜୟ ମାଝୀ, ଜିଲା ଛାତ୍ର ବିଜେଡି ସଭାପତି ରାଜେଶ ରଥ, ପୁରୀ ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ସୁଧାଂଶୁ ଚନ୍ଦ୍ର ସାହୁ, ନଗର ସଭାପତି ସାଗର ପାତ୍ର, ପୂର୍ବତନ କାଉନସିଲର ଭକ୍ତ ଚରଣ ଦାସ, ପ୍ରଦୀପ ନାୟକ, ବାବୁଲା ପ୍ରସାଦ, ପ୍ରୀତମ ଜଗଦେବ, ଭଗବାନ ପଡ଼ିହାରୀ ଓ ଷ୍ଟାଲିନ ପରିଜା ପ୍ରମୁଖ ପଦଯାତ୍ରାରେ ସାମିଲ ଥିଲେ।

## ସ୍ୱତନ୍ତ୍ର ଗ୍ରାମସଭା ବୈଠକ

ବଳଙ୍ଗା,୨।୧୦(ଡି.ଏନ୍.ଏ.)

ବଳଙ୍ଗା, ଗୋପୀନାଥପୁର, ଉଛୁପୁର, ନୂଆସନ୍ଥ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ, ବିଭିନ୍ନ ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟର ଯୋଜନା, ପାନୀୟ ଜଳ, ସ୍ୱାସ୍ଥ୍ୟ ରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ସରପଞ୍ଚ ଅଞ୍ଜଳି ପ୍ରଧାନ, ପ୍ରଭାତ ରାୟ, ସୁରେଶ ମଙ୍ଗରାଜ, ପ୍ରଫୁଲ୍ଲ ସ୍ୱାଇଁ, ସମିତି ସଭ୍ୟା ଅନସୂୟା ମହାନ୍ତି, ପ୍ରକାଶ ସାହୁ, ମୁକୁନ୍ଦ ମହାରଣା, ଦୁର୍ଗାପ୍ରସାଦ ପ୍ରଧାନ, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ୱାର୍ଡ ମେମ୍ବର, ଆଶା, ଅଙ୍ଗନୱାଡ଼ିକର୍ମୀ, ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖବରଦାତାଙ୍କୁ ପଚରାଉଚରା, ମୋବାଇଲ ଜବତ

ଭୁବନେଶ୍ୱର,୨।୧୦(ବ୍ୟୁରୋ):

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଭୁବନେଶ୍ୱରରେ ଆତ୍ମହତ୍ୟା ଘଟଣାକୁ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କମିଶନରେଟ ପୋଲିସ ଏହା ପଛର ରହସ୍ୟ ପାଇପାରୁ ନାହିଁ। ଏ ପରିସ୍ଥିତିରେ ଭାଇରାଲ ହୋଇଥିବା ଧର୍ମେନ୍ଦ୍ର ଓ ଖବରଦାତା ଅକ୍ଷୟ ନାୟକଙ୍କ ବାର୍ତ୍ତାଳାପର ଅଡିଓ କଲ୍ ରେକର୍ଡିଂକୁ ନେଇ ପୋଲିସ ଅନୁସନ୍ଧାନ କରୁଛି। ଧର୍ମେନ୍ଦ୍ର ଉକ୍ତ ଅଡିଓରେ କହୁଛନ୍ତି ‘ଯଦି ମୋର ମୃତ୍ୟୁ ହୁଏ ତା’ ହେଲେ ୪ଜଣ ଦାୟୀ ରହିବେ’। ସେହି ୪ଜଣଙ୍କ ନାମକୁ ମଧ୍ୟ ସେ ଅକ୍ଷୟଙ୍କୁ କହୁଥିବା ଉକ୍ତ ଭାଇରାଲ ଅଡ଼ିଓରେ ରହିଥିବାରୁ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏନେଇ ପୋଲିସ ଅକ୍ଷୟଙ୍କୁ ପୂର୍ବରୁ ନୋଟିସ୍ କରିଥିବାବେଳେ ରବିବାର ସେ ଭୁବନେଶ୍ୱର ଡିସିପି ଅଫିସରେ ପହଞ୍ଚିଥିଲେ। ଏହାପରେ ୩ ଜଣିଆ ପୋଲିସ ଟିମ୍ ତାଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ପଚରାଉଚରା କରିବା ସହ ବିଭିନ୍ନ ତଥ୍ୟ ହାସଲ କରିଛି। ଏଥିସହ ଉକ୍ତ ଅଡିଓ କଲ୍ ରେକର୍ଡିଂ ଥିବା ତାଙ୍କ ମୋବାଇଲକୁ ପୋଲିସ ଜବତ କରି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ପୋଲିସ ଉପରେ ପୂର୍ଣ୍ଣ ଭରସା ରହିଛି। ପୋଲିସ ଏହି ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବ ବୋଲି ଅକ୍ଷୟ ଗଣମାଧ୍ୟମ ଜରିଆରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ବାସଭବନ ଆଗରୁ ସେପ୍ଟେମ୍ବର ୨୪ ସକାଳେ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଏହାପରେ ତାଙ୍କର ୨ଟି ମୋବାଇଲକୁ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟ ଏକ ପ୍ଲଟରୁ ଠାବ କରିଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀଙ୍କ ହାତ ଥିବା ଅଭିଯୋଗ ହେବା ପରେ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି ପୋଲିସ।

### ‘ବିରୋଧୀଙ୍କ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ’

ନିମାପଡ଼ା,୨।୧୦(ଡି.ଏନ୍.ଏ.)

ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ମୋର ସମ୍ପୃକ୍ତି ନେଇ ବିରୋଧୀ ଦଳ ବହୁ ଅପପ୍ରଚାର କରୁଛି। ହେଲେ ବିରୋଧୀ ଦଳର ଏହି ହୀନ ଅପପ୍ରଚାରରେ ମୁଁ ଆଦୌ ବିଚଳିତ ନୁହେଁ ବୋଲି ନିମାପଡ଼ାରେ ବିଜେଡି ପକ୍ଷରୁ ରବିବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ସମାରୋହ ଓ ସାଧାରଣ ସଭାରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ବିରୋଧୀ ଦଳର ଏହି ହୀନ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ ବୋଲି କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ାରେ ଆଦୌ ସତ୍ତା ନ ଥିବା ବିରୋଧୀ ଦଳ ମନ୍ତ୍ରୀ ଦାଶଙ୍କୁ ଅଯଥାରେ ବଦ୍‌ନାମ କରିବାକୁ ହୀନ ପ୍ରୟାସ ଚଳାଇଛି। ଏଥିସହ ଏକ ଦୁଃଖଦ ଘଟଣାକୁ ରାଜନୀତିକରଣ କରୁଛି। ହେଲେ ବିରୋଧୀ ଦଳର ଏହି ମିଥ୍ୟା, ଭିତ୍ତିହୀନ, ଅଭିସନ୍ଧିମୂଳକ ପ୍ରୟାସ କେବେ ବି ଫଳପ୍ରଦ ହେବନାହିଁ ବୋଲି ବିଜେଡି ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ କହିଛନ୍ତି।

## କଣ୍ଟିକାଜ ବନ୍ଦ ପାଇଁ କୃଷକ ସଂଘର୍ଷ ସମିତିର ଦାବି




ପିପିଲ/ଡେଲାଙ୍ଗ, ୨।୧୦ (ଡି.ଏନ୍.ଏ./ସ୍ୱ.ପ୍ର.):

ଦୟାନଦୀର କଣ୍ଟିକାଜ ଓ ମାଧିପୁର କାଜ ଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ରବିବାର ପିପିଲି କଣ୍ଟି ପଞ୍ଚାୟତର କଲ୍ୟାଣମଣ୍ଡପ ଠାରେ ପୁରୀ ଜିଲା କୃଷକ ସଂଘର୍ଷ ସମିତି ଆନୁକୂଲ୍ୟରେ କ୍ଷତିଗ୍ରସ୍ତ ପ୍ରାୟ ୩୦ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଚାଷୀମାନେ ଏକତ୍ରିତ ହୋଇ ଦୟା ନଦୀର ଦୁଇଟି କାଜ ବନ୍ଦ କରିବା ପାଇଁ ଆଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ରହିଥିବା ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାର ଜରୁରୀ ପଦକ୍ଷେପ ନ ନେଲେ ଚାନ୍ଦା ଆଦାୟ କରାଯାଇ କାଜ ଦୁଇଟି ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିଲେ। ବୈଠକରେ ବେଣୁଧର ରାଉତରାୟ ସଭାପତିତ୍ୱ କରିଥିଲେ। କୃଷକ ନେତା ଅଶୋକ ପ୍ରଧାନ,କମ୍ରେଡ ଯୁଧିଷ୍ଠିର ମହାପାତ୍ର, ସର୍ବେଶ୍ୱର ଭାରତୀ, ବିପିନି ବଳବନ୍ତରାୟ, ରାମଚନ୍ଦ୍ର ମହାରଣା, ଜିତେନ୍ଦ୍ରିୟ ପଟ୍ଟନାୟକ, ଦେବଦତ୍ତ ପରିଡା, ଦୁର୍ଯ୍ୟୋଧନ ଜେନା, ରମେଶ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## କୁମାର ଉତ୍ସବ ପାଇଁ ଜିଲାସ୍ତରୀୟ ପ୍ରତିଯୋଗିତା

ପୁରୀ ଅଫିସ, ୨।୧୦:

ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଧରି ପୁରୀ ବେଳାଭୂମିରେ ୪୩ ତମ କୁମାର ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଭଏସ୍ ଅଫ ଇଣ୍ଡିଆର ପ୍ରତିଯୋଗୀ ଓ ଖ୍ୟାତିସମ୍ପନ୍ନ କଣ୍ଠଶିଳ୍ପୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପରିପେକ୍ଷୀରେ ଅନୁଷ୍ଠାନ ପକ୍ଷରୁ ରବିବାର ଏକ ଜିଲାସ୍ତରୀୟ ଆନ୍ତଃ ସ୍କୁଲସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କ୍ରୀଡ଼ା ସମ୍ପାଦକ କୃପାସିନ୍ଧୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶରଧାବାଲିସ୍ଥିତ ଭୋଳାନାଥ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯଥା ଅଙ୍କଦୌଡ଼, ଲେମ୍ବୁ ଚାମଚ ଦୌଡ଼, ଚିତ୍ରାଙ୍କନ, ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର, ଏକକ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରବିବାର ପ୍ରତ୍ୟୁଷରେ କୁନି କୁନି ପିଲାଙ୍କ ମଧ୍ୟରେ ମିନି ମାରାଥନ୍ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ସଦାଶିବ ନାୟକ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୯ ଓ ୧୦ ତାରିଖରେ କୁମାର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ନାୟକ କହିଛନ୍ତି। ଅନୁଷ୍ଠାନର ପରାମର୍ଶଦାତା ଭକ୍ତ ଚରଣ ଦାଶ, ସଦସ୍ୟ ପ୍ରଦୀପ ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, ହରେକୃଷ୍ଣ ମିଶ୍ର, ସନ୍ତୋଷ ରଥ, ଜିତେନ୍ଦ୍ର ଦାସ ମହାପାତ୍ର, ବିକ୍ରମ ଦାସ, ବୀରେନ୍ଦ୍ର ନାରାୟଣ ଗୋଛିକାର, ବାସୁଦେବ ଦାସ, ସୁରଞ୍ଜ ଦାଶ, ନାରାୟଣ ଗୋଛିକାର, ଜଗମୋହନ ପଟ୍ଟନାୟକ, ଅମିତ୍ ଚାଟାର୍ଜୀ, ଆଲୋକ ମହାପାତ୍ର, ଯୁଗ୍ମ କ୍ରୀଡ଼ା ସମ୍ପାଦକ ପ୍ରଶାନ୍ତ ମୁଦୁଲି, ଆରତୀ ଠାକୁର, ଅନିଲ ରାଓ, ଅଭିନବ ପ୍ରଧାନ, ବିକ୍ରମ ଲେଙ୍କା, ରୁଦ୍ର ନାରାୟଣ ମିଶ୍ର, ମନିଷା ମହାନ୍ତି, ଅଜିତ ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ମାଗଣା ଅଟୋ ସେବା ଯୋଗାଇଲା ଅଟୋଚାଳକ ୟୁନିୟନ

ପୁରୀ ଅଫିସ, ୨।୧୦:

ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଶ୍ରୀକ୍ଷେତ୍ର ଅଟୋଚାଳକ ୟୁନିୟନ ତରଫରୁ ରବିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପୁରୀ ସହର ଓ ପୁରୀରୁ ଚନ୍ଦନପୁର ଅଞ୍ଚଳରେ ମାଗଣା ଦେୟମୁକ୍ତ ଅଟୋ ପରିବହନ ସେବା ଯୋଗାଇ ଦିଆଯାଇଥିଲା। ଟାଉନ ଥାନା ସମ୍ମୁଖରେ ଆୟୋଜିତ ଏହି ସେବା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଏବଂ ଟାଉନ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ ଯୋଗଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଟୋ ଚାଳକମାନେ ମାଗଣାରେ ପୁରୀ ବାସିନ୍ଦା, ଯାତ୍ରୀ, ପର୍ଯ୍ୟଟକଙ୍କୁ ଏହି ସେବା ଯୋଗାଇଦେଇଥିଲେ। ଏହାଦ୍ୱାରା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଭଲ ଧାରଣା ନେଇ ଫେରିଥିଲେ। ୟୁନିୟନ ସଭାପତି ଆଇନଜୀବୀ ଶରତ କୁମାର ରାୟଗୁରୁ, ସମ୍ପାଦକ କୃପାସିନ୍ଧୁ ପଣ୍ଡା, ଜଗନ୍ନାଥ ଦେଓ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ରାଜକିଶୋର ସାହୁ, ରାଜେଶ ଜେନା, କାଳିଆ ବେହେରା, ନୃସିଂହ ସେଠୀ, ପ୍ରଫୁଲ୍ଲ ସାହୁ, ଲଡ୍ଡୁ ସାହୁ, ସୁଶାନ୍ତ ମାର୍ଥା, ରତନ ସାହୁ, ଗୋବିନ୍ଦ ମାନ୍ନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଶ୍ରୀକ୍ଷେତ୍ର ଅଟୋଚାଳକ ୟୁନିୟନର ସଦସ୍ୟମାନେ ।

# ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥାର ପ୍ରୟୋଗଶାଳା ପୁରୀ

ପୁରୀ,୨।୧୦:

ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗତ ୨୯ ଓ ୩୦ ତାରିଖରେ ଦୁଇଦିନ ଧରି ପୁରୀରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କିତ ପ୍ରଥମ ଆଞ୍ଚଳିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ୯ଟି ରାଜ୍ୟରୁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ପରିବେଶ ଇଞ୍ଜିନିୟରିଂ ସଂଗଠନ (ସିପିଏଚ୍ଇଇଓ) ଏବଂ ୨୪ ଘଣ୍ଟିଆ ଜଳଯୋଗାଣ ପ୍ରକ୍ରିୟାର ଜାତୀୟ ଟାସ୍କଫୋର୍ସ ସଦସ୍ୟ ଯୋଗଦେଇଥିଲେ। ଅମୃତ ଯୋଜନାର ଅତିରିକ୍ତ ସଚିବ ଓ ମିଶନ ନିର୍ଦ୍ଦେଶକ ଡି. ଥରା କହିଥିଲେ, ପୁରୀ ସହର ହେଉଛି ୨୪ ଘଣ୍ଟିଆ ଜଳ ଯୋଗାଣ ପ୍ରଣାଳୀର ଏକ ଜୀବନ୍ତ ପ୍ରୟୋଗଶାଳା। ସାରା ଦେଶରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମାନର ପାନୀୟଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ କରିବାରେ ପୁରୀ ହେଉଛି ପ୍ରଥମ ସହର। ଏଠାରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମାନର ଗୁଣାତ୍ମକ ପାନୀୟଜଳ ୨.୫ ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ସମସ୍ତ ୩୩,୩୦୦ ପରିବାରକୁ ଯୋଗାଇ ଦିଆଯାଉଛି। ଏଥିସହ ବାର୍ଷିକ ୨୦ ନିୟୁତରୁ ଅଧିକ ତୀର୍ଥଯାତ୍ରୀ ଏହି ଯୋଜନା ମାଧ୍ୟମରେ ଲାଭବାନ ହେଉଛନ୍ତି। ପ୍ରଧାନମନ୍ତ୍ରୀ ୨୦୨୧ ଅକ୍ଟୋବର ୧୫ରେ ଅମୃତ ୨.୦ ଆରମ୍ଭ କରି ଦେଶର ସମସ୍ତ ସହରାଞ୍ଚଳରେ ଜଳ ଯୋଗାଣ ସେବାକୁ ସର୍ବଭାରତୀୟ ସ୍ତରରେ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଦେଶର ସମସ୍ତ ୫୦୦ ଅମୃତ ସହରରେ ଅତିକମ୍‌ରେ ଗୋଟିଏ ୱାର୍ଡ କିମ୍ବା ଗୋଟିଏ ଡିଏମ୍ଏରେ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମାନର ପାନୀୟଜଳ ଯୋଗାଣ ବ୍ୟବସ୍ଥା ଯୋଗାଇବା ହେଉଛି ଅମୃତ ୨.୦ର ଲକ୍ଷ୍ୟ।

ଏହି ଅବସରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ୍ କହିଥିଲେ, ଓଡ଼ିଶାର ସହରାଞ୍ଚଳରେ ସମସ୍ତ ଘରେ ଗୁଣାତ୍ମକ ପାନୀୟଜଳ ଯୋଗାଇଦେବା ପାଇଁ ‘ସୁଜଳ’ ନାମକ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନ ପ୍ରଥମେ ୨୦୨୦ ଅକ୍ଟୋବର ୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ମିଶନ ହେଉଛି ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ୱାଟର କର୍ପୋରେଶନ୍ ଅଫ୍ ଓଡ଼ିଶା (ୱାଟ୍‌କୋ) ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପ୍ରମୁଖ ପଦକ୍ଷେପ। ପରେ ୨୦୨୧ ଜୁଲାଇ ୨୬ରେ ମୁଖ୍ୟମନ୍ତ୍ରୀ ପୁରୀକୁ ୨୪ଘଣ୍ଟିଆ ପାନୀୟଜଳ ଯୋଗାଣ ଯୋଗାଇ ଦେଉଥିବା ପ୍ରଥମ ଭାରତୀୟ ସହର ଭାବେ ଘୋଷଣା କରିଥିଲେ ବୋଲି ମାଥିଭାଥନନ୍ କହିଥିଲେ। ଜାତୀୟ ଟାସ୍କ ଫୋର୍ସ ତଥା ରାଜ୍ୟ ଟାସ୍କ ଫୋର୍ସ ସଦସ୍ୟଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଯୋଗାଯୋଗ, ହ୍ୟାଣ୍ଡହୋଲ୍ଡିଂ ସହାୟତା ପ୍ରଦାନ କରିବା ହେଉଛି ଏହି କର୍ମଶାଳାର ଲକ୍ଷ୍ୟ। ଜଳ ଯୋଗାଣ ପ୍ରଣାଳୀର କାର୍ଯ୍ୟ ଓ ରକ୍ଷଣାବେକ୍ଷଣ ପ୍ରକ୍ରିୟା, ସ୍ମାର୍ଟ ଜଳ ପରିଚାଳନା ଓ ସ୍ଥାୟୀ ସହରାଞ୍ଚଳ ଜଳ ଯୋଗାଣ ପରିଚାଳନା ପାଇଁ ‘ଜଳସାଥୀ’ଙ୍କ ଗୋଷ୍ଠୀ ସହଭାଗିତାର ଗୁରୁତ୍ୱକୁ ବୁଝାଇବା ଲାଗି ପୁରୀର କ୍ଷେତ୍ର ପରିଦର୍ଶନ କରାଯାଇଥିଲା। କର୍ମଶାଳାରେ ଜାତୀୟ ଟାସ୍କଫୋର୍ସ ସିପିଏଚ୍ଇଇଓ ଅଧ୍ୟକ୍ଷ ଏମ୍. ଦୀନଦୟାଳନ, ଅମୃତ ନିର୍ଦ୍ଦେଶକ ବିନୟ ପ୍ରତାପ ସିଂ, ୱାଟ୍‌କୋ ସିଇଓ ଇଂ. ପି.କେ. ସ୍ୱାଇଁ, ଜିଆଇଜେଡ୍ ଇଣ୍ଡିଆ କ୍ଲଷ୍ଟର ସଂଯୋଜକ ଏର୍ନଷ୍ଟ ଡୋରିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।


କର୍ମଶାଳାରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

# ଖବରଦାତାଙ୍କୁ ପଚରାଉଚରା, ମୋବାଇଲ ଜବତ

**ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ମାମଲା**

ଭୁବନେଶ୍ୱର,୨।୧୦ (ବ୍ୟୁରୋ)

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଭୁବନେଶ୍ୱରରେ ଆତ୍ମହତ୍ୟା ଘଟଣାକୁ ସପ୍ତାହରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ କମିଶନରେଟ ପୋଲିସ ଏହା ପଛର ରହସ୍ୟ ପାଇପାରୁ ନାହିଁ। ଏ ପରିସ୍ଥିତିରେ ଭାଇରାଲ ହୋଇଥିବା ଧର୍ମେନ୍ଦ୍ର ଓ ଖବରଦାତା ଅକ୍ଷୟ ନାୟକଙ୍କ ବାର୍ତ୍ତାଳାପର ଅଡିଓ କଲ୍ ରେକର୍ଡିଂକୁ ନେଇ ପୋଲିସ ଅନୁସନ୍ଧାନ କରୁଛି। ଧର୍ମେନ୍ଦ୍ର ଉକ୍ତ ଅଡିଓରେ କହୁଛନ୍ତି 'ଯଦି ମୋର ମୃତ୍ୟୁ ହୁଏ ତା' ହେଲେ ୪ଜଣ ଦାୟୀ ରହିବେ'। ସେହି ୪ଜଣଙ୍କ ନାମକୁ ମଧ୍ୟ ସେ ଅକ୍ଷୟଙ୍କୁ କହୁଥିବା ଉକ୍ତ ଭାଇରାଲ ଅଡ଼ିଓରେ ରହିଥିବାରୁ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଏନେଇ ପୋଲିସ ଅକ୍ଷୟଙ୍କୁ ପୂର୍ବରୁ ନୋଟିସ୍ କରିଥିବାବେଳେ ରବିବାର ସେ ଭୁବନେଶ୍ୱର ଡିସିପି ଅଫିସରେ ପହଞ୍ଚିଥିଲେ। ଏହାପରେ ୩ ଜଣିଆ ପୋଲିସ ଟିମ୍ ତାଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ପଚରାଉଚରା କରିବା ସହ ବିଭିନ୍ନ ତଥ୍ୟ ହାସଲ କରିଛି। ଏଥିସହ ଉକ୍ତ ଅଡିଓ କଲ୍ ରେକର୍ଡିଂ ଥିବା ତାଙ୍କ ମୋବାଇଲକୁ ପୋଲିସ ଜବତ କରି ଫୋରେନ୍‌ସିକ୍ ଲାବ୍‌କୁ ପଠାଇଛି। ପୋଲିସ ଉପରେ ପୂର୍ଣ୍ଣ ଭରସା ରହିଛି। ପୋଲିସ ଏହି ତଦନ୍ତ ପ୍ରକ୍ରିୟାକୁ ଆଗକୁ ନେବ ବୋଲି ଅକ୍ଷୟ ଗଣମାଧ୍ୟମ ଜରିଆରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ବାସଭବନ ଆଗରୁ ସେପ୍ଟେମ୍ବର ୨୪ ସକାଳେ ଝୁଲନ୍ତା ଅବସ୍ଥାରେ ଧର୍ମେନ୍ଦ୍ରଙ୍କ ମୃତଦେହ ମିଳିଥିଲା। ଏହାପରେ ତାଙ୍କର ୨ଟି ମୋବାଇଲକୁ ଅପରାହ୍ନ ୫ଟାରେ ପୋଲିସ ସନ୍ଧାନୀ କୁକୁର ସାହାଯ୍ୟରେ ଘର ନିକଟ ଏକ ପ୍ଲଟରୁ ଠାବ କରିଥିଲା। ଏଥିରେ ଗଣଶିକ୍ଷା ମନ୍ତ୍ରୀଙ୍କ ହାତର ଥିବା ଅଭିଯୋଗ ହେବା ପରେ ମାମଲାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରୁଛି ପୋଲିସ।

## 'ବିରୋଧୀଙ୍କ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ'

ନିମାପଡ଼ା,୨।୧୦(ଡି.ଏନ୍.ଏ.)

ନିମାପଡ଼ା ନିର୍ବାଚନମଣ୍ଡଳୀ ୧୧ନଂ. ଜୋନ୍ ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ନେଇ ବିରୋଧୀ ଦଳ ବହୁ ଅପପ୍ରଚାର କରୁଛି। ହେଲେ ବିରୋଧି ଦଳର ଏହି ହୀନ ଅପପ୍ରଚାରରେ ମୁଁ ଆଦୌ ବିଚଳିତ ନୁହେଁ। ନିମାପଡ଼ାଠାରେ ବିଜେଡି ପକ୍ଷରୁ ରବିବାର ଆୟୋଜିତ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ ସମାରୋହ ଓ ସାଧାରଣ ସଭାରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି। ବିରୋଧୀ ଦଳର ଏହି ହୀନ ଅପପ୍ରଚାର ପଥରରେ ମୁଣ୍ଡ ପିଟିବା ସଦୃଶ ବୋଲି କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ାରେ ଆଦୌ ସତ୍ତା ନ ଥିବା ବିରୋଧୀ ଦଳ ମନ୍ତ୍ରୀ ଦାଶଙ୍କୁ ଅଯଥାରେ ବଦ୍‌ନାମ କରିବାକୁ ହୀନ ପ୍ରୟାସ ଚଳାଇଛି। ଏଥିସହ ଏକ ଦୁଃଖଦ ଘଟଣାକୁ ରାଜନୀତିକରଣ କରୁଛି। ହେଲେ ବିରୋଧୀ ଦଳର ଏହି ମିଥ୍ୟା, ଭିତ୍ତିହୀନ, ଅଭିସନ୍ଧିମୂଳକ ପ୍ରୟାସ କେବେ ବି ଫଳପ୍ରଦ ହେବନାହିଁ ବୋଲି ବିଜେଡି ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ସ୍ପଷ୍ଟ ଭାବେ କହିଛନ୍ତି।


ଖୋର୍ଦ୍ଧା: ବାଣପୁରର ପୁଞ୍ଜିଆମା ଜଗନ୍ନାଥପୁର ଶାସନରେ ମା କନକ ଦୁର୍ଗାଙ୍କ ମହାଷ୍ଟମୀ ପୂଜା। ସିଂହବାହନରେ ଚାଚେରି ଭୋଗ ଖାଇବା ପାଇଁ ବିଜେ କରିଛନ୍ତି।

## ସଂକ୍ଷେପରେ

### ନିଜ ଭୁଲକୁ ସ୍ୱୀକାର କରିବା ହେଉଛି ମହାନତା

**ଖୋର୍ଦ୍ଧା ଅଫିସ,୨।୧୦:** ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ ରବିବାର 'ଗାନ୍ଧୀ ଓ ଶାସ୍ତ୍ରୀଙ୍କ ସ୍ୱପ୍ନର ଭାରତ ଶୀର୍ଷକ' ଆଲୋଚନା ଚକ୍ର 'ମାର୍ଗଦର୍ଶୀ' ସାହିତ୍ୟ ପତ୍ରିକା ଓ ବିବେକାନନ୍ଦ ୟୁଥ କ୍ଲବ ମିଳିତ ଆନୁକୂଲ୍ୟରେ ମାର୍ଗଦର୍ଶୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦଙ୍କ ଆବାହକତ୍ୱରେ ଐତିହାସିକ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଗାନ୍ଧୀଙ୍କ ନୀତି ଆଦର୍ଶକୁ ଆଜି ସାରା ବିଶ୍ୱ ଅନୁକରଣ କରୁଛି। ନିଜ ଭୁଲକୁ ସ୍ୱୀକାର କରିବା ହେଉଛି ମହାନତା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ବିଷୟରେ ଆଲୋକପାତ କରିଥିଲେ। ବିବେକାନନ୍ଦ କ୍ଲବର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ ସ୍ୱ ଜାଗରଣ ନ ହେଲେ ସମାଜ ବିକଶିତ ହୋଇପାରିବ ନାହିଁ। ଗାନ୍ଧୀଙ୍କ ସ୍ୱପ୍ନର ଭାରତ ପରିକଳ୍ପନା ଥିଲା ଗ୍ରାମୀଣ ସ୍ୱରୋଜଗାର, ଆର୍ଥୀକ ସ୍ୱାବଲମ୍ବନ। ମାର୍ଗଦର୍ଶୀ ସମ୍ପାଦକ ଉମାଶଙ୍କର ପ୍ରସାଦ ସଭାପତିତ୍ୱ ଭାଷଣରେ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଅନେକ ପ୍ରସଙ୍ଗ ଉପରେ ମତ ରଖିଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର, ସମାଜର ଜିଲା ପ୍ରତିନିଧି ଜୟନ୍ତ ରାୟ, ଖବରଦାତା ଗୋପାଳକୃଷ୍ଣ ଦାଶ ଓ ଲାଲା କାଶୀନାଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତା ପ୍ରଦୀପ ବେହେରା ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ

**ଜଟଣୀ/ଟାଙ୍ଗୀ,୨।୧୦(ଡି.ଏନ୍.ଏ.):** ଜଟଣୀ ୟୁଥ ଫେଡେରେସନ ପକ୍ଷରୁ ସଭାପତି ପ୍ରଶାନ୍ତ ପାଇକରାୟଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଙ୍ଗଠନ ପକ୍ଷରୁ ରାମଚନ୍ଦ୍ରପୁର ବଜାର ସଙ୍ଗଠନ କାର୍ଯ୍ୟାଳୟ ପରିସରରୁ ଏକ ପଦଯାତ୍ରା ବାହାରି ଗାନ୍ଧୀ ଉଦ୍ୟାନ ପରିସରରେ ପହଞ୍ଚି ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜଟଣୀ ବିକାଶ ପରିଷଦ ପକ୍ଷରୁ ସଭାପତି ବିଜୟ କୁମାର ଛୋଟରାୟ ଏବଂ ସମ୍ପାଦକ ସୁଦର୍ଶନ ସୁନ୍ଦରୟଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଓ ରାମଧୁନ ସହର ପରିକ୍ରମା କରିଥିଲା। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ, ପାଣ୍ଡବ ଜେନା ଫାଉଣ୍ଡେଶନ ଅଧ୍ୟକ୍ଷ ସନ୍ତୋଷ ଜେନା ଏବଂ ସଦସ୍ୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜଟଣୀ ନଗର କଂଗ୍ରେସ ପକ୍ଷରୁ ଏଆଇସିସି ସଦସ୍ୟ ଲିଟୁ ଶଥପଥୀଙ୍କ ସମେତ ବହୁ କର୍ମୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜଟଣୀ ଲୟର୍ସ ଆସୋସିଏଶନ ପକ୍ଷରୁ ସଭାପତି ସୁଶୀଲ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଓ ଅନ୍ନପୂର୍ଣ୍ଣା ଫାଇନାନ୍ସର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ମଧୁମଙ୍ଗଳ ପଡିଆରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ରତ୍ନମାଳି କଲ୍ୟାଣ ମଣ୍ଡପ ଠାରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମର ବର ଦାସ, ମୁଖ୍ୟ ବକ୍ତା ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର, ଅତିଥିଭାବେ ଜିଲା ପରିଷଦ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସରପଞ୍ଚ କିଶୋର ବେହେରା, ସଞ୍ଜୟ ପଟ୍ଟନାୟକ, ମନୋଜ ପଟ୍ଟନାୟକ ସରୋଜ ପାଇକରାୟ ଯୋଗଦେଇଥିଲେ।

## କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟ

# ବ୍ଲୁ ରକ୍‌ଷ୍ଟାର ଚାମ୍ପିୟନ

ଯାଁଳା,୨।୧୦(ଡି.ଏନ୍.ଏ.)

ଓଗାଳପଡ଼ା ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଦ୍ୱିତୀୟ କେବଳାନନ୍ଦ କାର୍ନିଭାଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳକୁ ହରାଇ ଯାଁଳାର ବ୍ଲୁ ରକ୍‌ଷ୍ଟାର ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ଲୁ ରକ୍‌ଷ୍ଟାର ଟିମ୍ ବ୍ୟାଟିଂ କରି ୪ ଉଇକେଟ ବିନିମୟରେ ୧୯୬ ରନ୍ ସଂଗ୍ରହ କରିଥିଲା। ବ୍ଲୁ ରକ୍‌ଷ୍ଟାର ଟିମ୍‌ର ଅଭିଷେକ ୧୭ ବଲ୍‌ରୁ ୫୭ ଏବଂ ସିଦ୍ଧାର୍ଥ ୧୭ ବଲ୍‌ରେ ୪୯ ରନ୍ ସଂଗ୍ରହ କରିଥିଲେ। ଜବାବରେ ଢେଙ୍କାନାଳ ଟିମ୍ ୫ ଉଇକେଟ ବିନିମୟରେ ୧୮୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମହମ୍ମଦ ସୁଲେମାନ ବେଷ୍ଟ ବ୍ୟାଟ୍ସମ୍ୟାନ୍, ଅଭିଷେକ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଯାମିନୀକାନ୍ତ ନାୟକ ମ୍ୟାନ୍ ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଯାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ଯମୁନାରାଣୀ ବେହେରା, ରାଜକିଶୋର ସ୍ୱାଇଁ, ଅଶୋକ ମଙ୍ଗରାଜ, ଅକ୍ଷୟ କୁମାର ଜେନା, ଦୀପକ କୁମାର ଜେନା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଢେଙ୍କାନାଳ ଟିମ୍‌କୁ ଅତିଥିମାନେ ଟ୍ରଫି ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ନଳିନୀକାନ୍ତ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପ୍ରଭାତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍ ଟ୍ରଫି ଓ ଚେକ୍ ଗ୍ରହଣ କରୁଛନ୍ତି।

## ଗାନ୍ଧୀଙ୍କ ସମ୍ପର୍କିତ ପତ୍ରପତ୍ରିକା, ସାମଗ୍ରୀ ପ୍ରଦର୍ଶିତ

ଖୋର୍ଦ୍ଧା ଅଫିସ,୨।୧୦

ଖୋର୍ଦ୍ଧା ରାଧାବଲ୍ଲଭ ସାହିସ୍ଥିତ ରାଧାଗୋବିନ୍ଦ ଶେଫାଳି ସଂଗ୍ରହଶାଳାରେ ଗାନ୍ଧୀ ଜୟନ୍ତି ପାଳିତ ହୋଇଯାଇଛି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧୀଙ୍କ ସମ୍ପର୍କିତ ଗ୍ରନ୍ଥ ଓ ପତ୍ରପତ୍ରିକା, ଡାକଟିକେଟ୍, ଖଦି ଟିକେଟ୍, ତାମ୍ର ପୋଷ୍ଟକାର୍ଡ଼, ଫାଷ୍ଟ ଡ଼େ କଭର୍, ମୁଦ୍ରା , ହରିଜନ ପତ୍ରିକା, ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରେରିତ ପତ୍ରାବଳୀର ପ୍ରତିଲିପି, ସାବରମତୀ ଆଶ୍ରମ ଓ ବାପୁ ଅବସ୍ଥାନ କରୁଥିବା ମୁମ୍ବାଇର ମଣିଭବନ ସଂଗୃହୀତ ସ୍ମାରକୀ, ଅରଟ ଓ ତାଙ୍କ ଆଦର୍ଶରେ ଅନୁବ୍ରତୀ ସ୍ୱାଧୀନତା ସଂଗ୍ରାମୀଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସଂଗ୍ରହାଳୟର ଅଧୀକ୍ଷକ ଗୋପାଳକୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟର ରୋଭର ରେଞ୍ଜର ଏବଂ ବିଜେବି ହାଇସ୍କୁଲର ଛାତ୍ରମାନେ ଯୋଗ ଦେଇଥିଲେ।

## ୱାର୍କଫର ନେଶନର ଗାନ୍ଧୀ ଜୟନ୍ତୀ, ସମ୍ବର୍ଦ୍ଧନା ଉତ୍ସବ


ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ନିରାକାରପୁର,୨।୧୦(ଡି.ଏନ୍.ଏ.)

ନିରାକାରପୁର ପଞ୍ଚାୟତ ସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ପରିସରରେ ୱାର୍କ ଫର ନେଶନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ଡ.ସଞ୍ଜୟ କୁମାର ମହାପାତ୍ରଙ୍କ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଯୋଗଦେଇଥିଲେ। ଅତିଥିଭାବେ ଅଧ୍ୟାପିକ ବୈଶାଳୀ ଦେବୀ, ମୁଖ୍ୟ ପ୍ରବକ୍ତା ପ୍ରାଣୀ ଚିକିତ୍ସକ କୃଷ୍ଣକେଶବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଗାନ୍ଧୀବାଦର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ୱାର୍କଫର ନେଶନର କାର୍ଯ୍ୟ ନିର୍ବାହୀ ଯଜ୍ଞେଶ୍ୱର ରାଉତରାୟ କାର୍ଯ୍ୟକ୍ରମର ଆଭିମଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ଲକ୍ଷ୍ମୀକାନ୍ତ ପ୍ରଧାନ, ଅନୁଷ୍ଠାନର ସମ୍ପାଦକ ଚିତ୍ତରଞ୍ଜନ ମହାରଣା, ଉପଦେଷ୍ଟା ଶୁଭମ୍ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାସ୍ୟ ଅଭିନେତା ସ୍ମୃତିରଞ୍ଜନ ପଟ୍ଟନାୟକ(ନଟିଆ) ଉପସ୍ଥିତ ରହି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୃତ୍ୟୁଞ୍ଜୟ ରଥ ଧନ୍ୟବାଦ ଦେଇଥିଲେ।

# ଘରେ ଘରେ ପହଞ୍ଚିବ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

**ବିଜେଡିର ଜନସମ୍ପର୍କ ପଦଯାତ୍ରା**

ଖୋର୍ଦ୍ଧା ଅଫିସ/ବାଲୁଗାଁ/ଜଟଣୀ,୨।୧୦ (ଡି.ଏନ୍.ଏ.)

ଗାନ୍ଧୀ ଜୟନ୍ତୀ ଅବସରରେ ରବିବାରଠାରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପଦଯାତ୍ରା ଆରମ୍ଭ ହୋଇଛି । ବିଜୁ ପଟ୍ଟନାୟକ ପାର୍କସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱରେ ଏହି ପଦଯାତ୍ରା ବାହାରି ସହର ପରିକ୍ରମା କରି ଜୟୀ ରାଜଗୁରୁ ଟାଉନ ହଲରେ ପହଞ୍ଚିଥିଲା। ସେଠାରେ ସାଧାରଣ ସଭା ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଘରକୁ ଘର ବୁଲି ସଚେତନ କରାଯିବ। ରାଜ୍ୟର ପ୍ରଗତି ପଥରେ ସହଭାଗିତା ହେବା ଲାଗି ଲୋକଙ୍କୁ ଆହ୍ୱାନ ଦିଆଯିବ ବୋଲି ମିତ୍ର କହିଛନ୍ତି। ପଦଯାତ୍ରା ସମୟରେ ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ରାଜ୍ୟସଭା ସଦସ୍ୟ ମିଜିବୁଲା ଖାନ୍, ବିଜୁ ମହିଳା ରାଜ୍ୟ ଉପସଭାନେତ୍ରୀ ବାସନ୍ତୀ ମହାପାତ୍ର, ଜିଲା ସଭାପତି ଗୀତାଞ୍ଜଳି ପାଟଶାଣୀ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌମ୍ୟରଞ୍ଜନ ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରଫୁଲ୍ଲ କୁମାର ଦଳେଇ, ଜିଲା ଉପସଭାପତି ଦିଲିପ କୁମାର ହୋତା, ଯୁବ ବିଜେଡି ଜିଲା ସଭାପତି ରାଜେଶ ପରିଡା, ବିସିଜେଡି ଜିଲା ସଭାପତି ବିଶ୍ୱଦୀପ ପ୍ରଧାନ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଖୋର୍ଦ୍ଧା ନଗର ସଭାପତି ମହମ୍ମଦ ଆରିଫ ପ୍ରମୁଖ ସାମିଲ ଥିଲେ।

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଉତ୍ତରାୟଣୀ ମନ୍ଦିରଠାରୁ ବାହାରି ଗାନ୍ଧୀଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ନଗର ପରିକ୍ରମା କରିଥିଲା। ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ଏହି ପଦଯାତ୍ରାର ଲକ୍ଷ୍ୟ। ଏଥିସହ ଲୋକଙ୍କ ସମସ୍ୟାର ସମାଧାନ ସହ କାର୍ଯ୍ୟକାରୀ ନିମନ୍ତେ ସମସ୍ତ ଜନପ୍ରତିନିଧି ବଦ୍ଧପରିକର ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବାଲୁଗାଁ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଉତ୍ପଳ ପାଇକରାୟ, ପ୍ରଭାସ ସୁନ୍ଦରାୟ, ବିଧାୟକଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, ଯୁବ ସଙ୍ଗଠକ ସନ୍ତୋଷ ପାଇକରାୟ, ଅଭିମନ୍ୟୁ ସ୍ୱାଇଁ ପ୍ରମୁଖଙ୍କ ସମେତ କାଉନ୍‌ସିଲର, ସରପଞ୍ଚ, ସମିତିସଭ୍ୟ, ୱାର୍ଡମେମ୍ବର, ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ।

ଜଟଣୀ ନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ସମସ୍ତ ଯୋଜନା ସମାଜର ସବୁବର୍ଗଙ୍କ ନିକଟରେ ପହଞ୍ଚାଇବା ସହିତ ଲୋକଙ୍କ ଆସ୍ଥା ଭାଜନ ହେବା ପାଇଁ ସମସ୍ତ କର୍ମୀଙ୍କୁ ପଦଯାତ୍ରା ପରିପ୍ରେକ୍ଷୀରେ କହିଥିଲେ। ପଦଯାତ୍ରା ସ୍ଥାନୀୟ ଗାନ୍ଧୀ ଉଦ୍ୟାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ସହର ପରିକ୍ରମା କରିଥିଲା। ଛାତ୍ର, ମହିଳା ଏବଂ ଯୁବ ବିଜେଡିର ବହୁ କାର୍ଯ୍ୟକର୍ତ୍ତା ପଦଯାତ୍ରରେ ସାମିଲ ହୋଇଥିଲେ।



ସଭାରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଏବଂ ଅନ୍ୟ ନେତା ଓ କର୍ମୀମାନେ।


## ମନେ ପଡ଼ନ୍ତି

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କମଳା କୁମାରୀ ନନ୍ଦ**

**ସ୍ୱା: ୰ଚକ୍ରଧର ନନ୍ଦ**
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
**ପରିବାରବର୍ଗ ।**
ଧ-୧୬୯୮


## ପ୍ରଥମ ପୃଷ୍ଠାରୁ...

### ୪.୬ କେଜି...

ବଜାର ମୂଲ୍ୟ ପ୍ରାୟ ୩ କୋଟି ୧୦ ଲକ୍ଷ ହେବ ବୋଲି ବ୍ରହ୍ମପୁର ଏସ୍‌ପି ସର୍ବଣ ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ତଦନ୍ତରେ ବାଧା ଉପୁଜିବା ନେଇ ଅଟକ ଥିବା ୪ଜଣଙ୍କ ପରିଚୟ ଦେବାକୁ ପୋଲିସ ମନା କରିଛି। ଏହି ସୁନା ଅଳଙ୍କାର ଓ ରୁପା ବେଆଇନ ଭାବେ ତାମିଲନାଡୁରୁ ବ୍ରହ୍ମପୁର ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ସୁନା, ରୁପା ଆଣିଥିବା ବ୍ୟକ୍ତି ପୋଲିସକୁ କୌଣସି କାଗଜାତ ଦେଖାଇ ପାରିନଥିଲେ। ଏଣୁ ପୋଲିସ ଜବତ କରିଥିବା ସୁନା ଓ ରୁପା ବିଷୟରେ ଆୟକର ଓ ବାଣିଜ୍ୟକର ବିଭାଗକୁ ସୂଚନା ଦେଇଛି। ଉକ୍ତ ସୁନା ଗହଣାଗୁଡ଼ିକ କେଉଁଠୁ ଆସିଥିଲା ଓ ସେଗୁଡ଼ିକ କେଉଁଠାକୁ ବିକ୍ରି ପାଇଁ ଯାଉଥିଲା ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ। ଏପରିକି ଉକ୍ତ ସୁନା ଓ ରୁପାର ଜିଏସ୍‌ଟି ଭରଣା ହେଉଛି କି ନାହିଁ, ସେନେଇ ମଧ୍ୟ ଆୟକର ଓ ବାଣିଜ୍ୟକର ବିଭାଗ ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଦିନକୁ ଦିନ ବେଆଇନ ଭାବେ ସୁନା ରୁପା ଅଳଙ୍କାର ଚାଲାଣ ହେଉଛି। ବିଶେଷକରି ବାହାର ରାଜ୍ୟରୁ ଓଡ଼ିଶାକୁ ଏବଂ ଏଠାରୁ ମଧ୍ୟ ଅନ୍ୟ ରାଜ୍ୟକୁ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଚାଲାଣ ହେଉଛି। ଏପରି କି ଅନେକ ସମୟରେ ଚାଲାଣ ହେଉଥିବା ନିଶା ସାମଗ୍ରୀ ଓ ଟଙ୍କାକୁ ମଧ୍ୟ ପୋଲିସ ସହ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରୁଛି। ସେପ୍ଟେମ୍ବର ୧୪ରେ ଅବକାରୀ ଗୋଇନ୍ଦା ବିଭାଗ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଗଞ୍ଜେଇ ଧରପଗଡ଼ କରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ସେଥିରେ ବସିଥିବା ଜଣେ ବଙ୍ଗୀୟ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା। ତାଙ୍କ ନିକଟରୁ ଏକ ବ୍ୟାଗ୍‌ରେ ଥିବା ୩୩ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ଉକ୍ତ ଟଙ୍କାକୁ ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ଘଟଣାର ତଦନ୍ତ ପରେ ଏହାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ସେହିପରି ଅଗଷ୍ଟ ୯ରେ ଅବକାରୀ ଗୋଇନ୍ଦା ବିଭାଗ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଦେଇ ଏକ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ବସ୍ ଭିତରେ ଜଣେ ଯୁବକଙ୍କୁ ଧରିବା ସହ ତାଙ୍କ ନିକଟରୁ ୧ କୋଟି ୨୧ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଜବତ କରିଥିଲା। ଅବକାରୀ ବିଭାଗ ଉକ୍ତ ଟଙ୍କା ଓ ସମ୍ପୃକ୍ତ ଯୁବକଙ୍କୁ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚରା ବେଳେ ସେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ସୁନା ବିକ୍ରି କରି ଉକ୍ତ ଟଙ୍କା ଆଣିଥିବା ପୋଲିସକୁ କହିଥିଲେ। ପୋଲିସ ତାଙ୍କ ବୟାନକୁ ଆଧାର କରି ବ୍ରହ୍ମପୁରର ସମ୍ପୃକ୍ତ ବ୍ୟବସାୟୀଙ୍କ ସୁନା ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ୨୩ଟି ସୁନା ବିସ୍କୁଟ ଜବତ କରିଥିଲା। ପୋଲିସ ଉକ୍ତ ସୁନା ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ଜେରା ବେଳେ ସମ୍ପୃକ୍ତ ଯୁବକ ଜଣକ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡ଼ିଥିଲା। ଏଥିପୂର୍ବରୁ ଗତ ବର୍ଷ ଗୋଷାଣୀନୂଆଗାଁ ଥାନା ପୋଲିସ ଅନ୍ଧପସରା ରୋଡ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ସୁନାଗହଣା ଓ ରୁପା ଜବତ କରିଥିଲା। ବେଆଇନ ଭାବେ ଟିକସ ଫାଙ୍କି ବ୍ରହ୍ମପୁରରେ ସୁନାଗହଣା ବିକ୍ରି ହେଉଥିବା ଜଣାପଡ଼ିଥିଲା। ସେହିପରି ଗତ ମାସ ୨୨ତାରିଖରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଗଞ୍ଜେଇ ଧରିବାକୁ ଯାଇ ୧ କୁଇଣ୍ଟାଲ ରୁପା ଇଟା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ପୋଲିସ କାର୍‌ର ସିକ୍ରେଟ୍ ଚାମ୍ବରରୁ ଜବତ କରିଥିଲା। କାର୍ ଚାଳକଙ୍କ ସୂଚନା ଅନୁସାରେ, ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ନିଆଯାଉଥିଲା।

### ୪ ଓଡ଼ିଆ...

ଏସ୍‌ଆଇ ବଳରାମ ସାହୁ, ମେଡିକାଲ ଟିମ୍‌ରେ ଫାର୍ମାସିଷ୍ଟ ଗୋପାଳକ୍ରିଷ୍ଣା ରାଉତ, ସ୍ୱାସ୍ଥ୍ୟକର୍ମୀ ସୁଶୀଲ ପ୍ରଧାନ ପ୍ରମୁଖ ଅଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱାଇଁ କୁହନ୍ତି, ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାକୁ ଏକ ଟିମ୍ ପଠାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଅଣାଯିବା ବ୍ୟବସ୍ଥା କରାଯାଉଛି। ସେହିପରି ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୃକ୍ତ ଜିଲାର ତୀର୍ଥଯାତ୍ରୀଙ୍କୁ ଅଣାଯାଉଛି। ଯାତ୍ରୀଙ୍କ ଚିକିତ୍ସାଲାଗି ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଝାଡ଼ଖଣ୍ଡ ସରକାର ୪ ମୃତଦେହକୁ ସ୍ୱର୍ଗରଥରେ ପଠାଇବା ବ୍ୟବସ୍ଥା କରିଥିବା ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତି କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ବସ୍‌ଟି ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେଶନ ହୋଇଥିବାବେଳେ ଏହାକୁ ବାଲେଶ୍ୱର ଜିଲାର ଜନୈକ ବ୍ୟକ୍ତିଙ୍କୁ ବିକ୍ରି ହୋଇଥିବା ଜଣାପଡ଼ିଛି।

### କାରକୁ ଧକ୍କା...

ଯାଉଥିବା ଟ୍ରେନ ଇଞ୍ଜିନ କାରକୁ ଧକ୍କା ଦେଇଥିଲା। ତେବେ କାରରେ ବସିଥିବା ଚିନ୍ମୟ ମହାନ୍ତି, ଅଜୟ ରାଉତ, ପ୍ରଭାତ ରଞ୍ଜନ ଚୌଧୁରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ନାଲକୋ ମେଡିକାଲରେ ସେମାନଙ୍କ ଚିକିତ୍ସା କରାଯାଇଛି।

### ୧୦୦ ବର୍ଷ...

ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି। ୧୯୮୫ରେ ରବର୍ଟ ବାଲାର୍ଡ ଟାଇଟେନିକ ବୁଡ଼ାଜାହାଜର ଭଗ୍ନାବଶେଷ ସମୁଦ୍ରରୁ ଠାବ କରିଥିବାବେଳେ ଏଥିରୁ ଅନୁପ୍ରାଣିତ ହୋଇ ଡାଇଭର ଏରିକ୍ ପେଟକୋଭିକ୍ ସମୁଦ୍ରରେ ବୁଡ଼ିଯାଇଥିବା ଜାହାଜଗୁଡ଼ିକର ସନ୍ଧାନ କରିବା ପାଇଁ ବହାରି ପଡ଼ିଥିଲେ। ବର୍ତ୍ତମାନ ଏ କାମରେ ପୋଟକୋଭିକ୍ ପାରଦର୍ଶିତା ହାସଲ କରିଥିବା କୁହାଯାଉଛି। ଏ ସମ୍ବନ୍ଧରେ ସେ ଏକାଧିକ ପୁସ୍ତକ ମଧ୍ୟ ଲେଖିଥିବା କୁହାଯାଉଛି। ପେକୋଭିକ୍ ଏବଂ ତାଙ୍କ ସହଯୋଗୀ ରଷ୍ଟି କାସ୍‌ୱେ ୪୫ ଫୁଟ ଆର୍/ଭି ଏକ୍ସପ୍ଲୋରର ଡାଇଭିଙ୍ଗ୍ ଭେସେଲ୍‌କୁ ଜାହାଜ ଭଗ୍ନାବଶେଷ ଚିହ୍ନଟ ପାଇଁ ବ୍ୟବହାର କରାଯାଇଥିବା କୁହାଯାଉଛି।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ନୌସେନାରେ ୩୨୯ଟି ବୁଡ଼ାଜାହାଜ ସାମିଲ ହୋଇଥିଲା, ଯାହା ମଧ୍ୟରୁ ଗୋଟିଏ ଥିଲା ୟୁ-୧୧୧ ଜାହାଜ। ୧୯୧୮ରେ କିଏଲ ସ୍କୁଲରେ ପ୍ରଶିକ୍ଷଣ ନେବା ପରେ ଏହାକୁ ଫୋର୍ଥ ଫ୍ଲୋଟିଲା ନୌସେନାର ସ୍ୱତନ୍ତ୍ର ଦଳ)ରେ ସାମିଲ କରାଯାଇଥିଲା। ଜର୍ମାନୀ ଜାହାଜ ନିର୍ମାଣକାରୀ କମ୍ପାନୀ ଜର୍ମାନିଆୱେରଫ୍ ଏହାକୁ ତିଆରି କରିଥିଲା। ଏଥିରେ ମୋଟ ୨୮୦ଟି ୟାର୍ଡ ରହିଥିଲା। ଏହାର ଲମ୍ବ ୨୩୪ ଫୁଟ ୯ ଇଞ୍ଚ ଥିବାବେଳେ ଉଚ୍ଚତା ୨୭ ଫୁଟ ୧ ଇଞ୍ଚ ଥିଲା। ଗୋଟିଏ ଘଣ୍ଟାରେ ୟୁ-୧୧୧ ବୋଟ୍ ୩୦.୪ କି.ମି. ଅତିକ୍ରମ କରିବାର କ୍ଷମତା ରଖିଥିଲା।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223

**ବାଙ୍କୀ ରାଜାଙ୍କ ୯୧ତମ ଜୟନ୍ତୀ**

ବାଙ୍କୀ,(ସ୍ୱ.ପ୍ର): ବାଙ୍କୀ ରାଜା ସାହେବ ସ୍ୱର୍ଗତ ସାମନ୍ତନାରାୟଣ ଶ୍ରୀଚନ୍ଦନ ମହାପାତ୍ରଙ୍କ ୯୧ତମ ଜୟନ୍ତୀ ଶୁକ୍ରବାର ରାଜବାଟୀଠାରେ ପାଳିତ ହୋଇଯାଇଛି। ସେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ଓ ଅବିଭକ୍ତ ଗୋପାଳପୁର ପଞ୍ଚାୟତର ସରପଞ୍ଚ ଭାବେ ଅନେକ ଜନହିତକର କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ବର୍ତ୍ତମାନର ରାଜା ଦୁର୍ଗାମାଧବ ଶ୍ରୀଚନ୍ଦ ମହାପାତ୍ର, ଅନ୍ୟତମ ପୁତ୍ର ଅଧାପକ ଶୈଳେନ୍ଦ୍ର ନାରାୟଣ ଦେଓ ଓ ଜିତେନ ଦେଓ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ୪୨ ପ୍ରାର୍ଥିପତ୍ର ଦାଖଲ

**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ନିର୍ବାଚନ**

ବାଙ୍କୀ,୨।୧୦(ସ୍ୱ.ପ୍ର): ଆସନ୍ତା ୨୩ ତାରିଖରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟି ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ବାଙ୍କୀ, ବଡମ୍ବା, ନରସିଂହପୁର, ତିଗିରିଆ ଅଞ୍ଚଳର ୧୫ଟି ଜୋନ୍‌ରୁ ନିର୍ଦ୍ଦେଶକ ନିର୍ବାଚିତ ହେବେ। ହେବା କାର୍ଯ୍ୟକ୍ରମରହିଛି। ତେବେ ଏହି ୧୫ଟି ଜୋନ୍ ପାଇଁ ୪୨ଜଣ ପ୍ରାର୍ଥୀ ଶନିବାର ସମବାୟ ବ୍ୟାଙ୍କ ପରିସରରେ ନିର୍ବାଚନ ଅଧିକାରୀଙ୍କ ନିକଟରେ ମନୋନୟନ ପତ୍ର ଦାଖଲ କରିଛନ୍ତି । ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ନିର୍ବାଚନ ଅଧିକାରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଆଠଗଡ଼ ସମବାୟ ସର୍କଲ ସହକାରୀ ନିବନ୍ଧକ ଅଶୋକ କୁମାର ପାଣି ସହକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି।

### ଅହିଂସା ମାର୍ଗରେ ଚାଲିଲେ ସମାଜର ମଙ୍ଗଳ ହେବ

ମାହାଙ୍ଗା/ତିଗିରିଆ, ୨।୧୦(ସ୍ୱ.ପ୍ର/ଡି.ଏନ୍.ଏ): ମହାତ୍ମା ଗାନ୍ଧୀଙ୍କ ୧୫୩ତମ ଜୟନ୍ତୀ ଅବସରରେ ମାହାଙ୍ଗା ବିଜୁ ଜନତା ଦଳ ପକ୍ଷରୁ କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମଠାରେ ଜୟନ୍ତୀ ଉତ୍ସବ ଓ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଦୀପା ମଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଶରତ କୁମାର ମହାପାତ୍ର, ତ୍ରିନାଥ ଜେନା, ଜୟନ୍ତ ବିଶ୍ୱାଳ, ସୁସ୍ମିତା ଦାସ, ମୁର୍ସିଦ ରିଆଜୁଲ ହୋଦା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଗବନ୍ଧୁ ସେଠୀ, ପ୍ରିତମ କାନୁନଗୋ ଓ ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗାନ୍ଧିଜୀଙ୍କ ଅହିଂସା ମାର୍ଗରେ ଜନସାଧାରଣ ବ୍ରତୀ ହୋଇ କାର୍ଯ୍ୟକଲେ ସମାଜର ମଙ୍ଗଳ ସହ ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ତିଗିରିଆ ବ୍ଲକ ବାଲିପୁଟ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ମୁଖ୍ୟ ଅତିଥି ଭାବେ ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ କହିଥିଲେ। ପଦଯାତ୍ରାକୁ ବାଲିପୁଟ ସରପଞ୍ଚ ରଞ୍ଜନ ସୂତାର ଓ ଆଠଗଡ ନିର୍ବାଚନ ମଣ୍ଡଳୀର ଡିଜିଟାଲ ସମ୍ପାଦକ ଆଶିଷ କହଁର ପରିଚାଳନା କରିଥିଲେ।

### ଦୁଇ ଚୋରା ମଦ ବ୍ୟବସାୟୀ ଗିରଫ

ନିଶ୍ଚିନ୍ତକୋଇଲି,୨।୧୦(ସ୍ୱ.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ପୋଲିସ ୨ଜଣ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ କହିଛନ୍ତି। ଜନାର୍ଦ୍ଦନପୁର ଗ୍ରାମର ଅଚ୍ୟୁତାନନ୍ଦ କର ଦୀର୍ଘଦିନ ହେଲା ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରୟ କରୁଥିବା ଅଭିଯୋଗ ହୋଇଆସୁଥିଲା। ନେମାଳ ପୋଲିସ ରବିବାର ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ୧୨ ଲିଟର ମଦ ଜବତ କରିଛି। ସେହିପରି ମାଣିକପୁର ଗ୍ରାମର ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କଠାରୁ ୮ ଲିଟର ମଦ ଜବତ କରାଯାଇଛି। ନେମାଳ ଥାନାରେ ପୃଥକ ମାମଲା ରୁଜୁ ହୋଇଛି।


ଷୋଳପୂଜା ଅବସରରେ ରବିବାର ମା' କଟକ ଚଣ୍ଡୀଙ୍କ ମହାକାଳୀ ବେଶ।


ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ମହାଷ୍ଟମୀ ବେଶ।

# କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ୧୫ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ନିଶ୍ଚିନ୍ତକୋଇଲି, ୨।୧୦(ସ୍ୱ.ପ୍ର)

କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପଦ ପାଇଁ ନିର୍ବାଚନ ଶେଷ ହୋଇଛି। ୧୫ ଜଣ ନିର୍ଦ୍ଦେଶକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ୧୫ଟି ନିର୍ଦ୍ଦେଶକ ପଦ ପାଇଁ ୩୮ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୧,୪ ଓ ୧୨ ନମ୍ବର ଜୋନ ଅସଂରକ୍ଷିତ ରହିଥିବା ବେଳେ ୨, ୩, ୫, ୬, ୭, ୮, ୯ ଓ ୧୧ ଆସନ ଓବିସି ଏବଂ ଏସିବିସି, ୧୦ ନମ୍ବର ଜୋନ ଓବିସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିଲା। ୧୩ ଓ ୧୪ ନମ୍ବର ଆସନ ଏସି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। କଟକ, କେନ୍ଦ୍ରାପଡ, ଜଗତସିଂପୁର ଓ ଯାଜପୁର ଜିଲାରୁ ଏହି ପଦ ପାଇଁ ପ୍ରାର୍ଥୀ ମାନେ ନିର୍ବାଚନ ଲଢୁଥିଲେ। ସୂଚନା ଅନୁଯାୟୀ, ମାହାଙ୍ଗା ନିର୍ବାଚନ ମଣ୍ଡଳୀରୁ ପ୍ରଭାତ ଚନ୍ଦ୍ର କାନୁନଗୋ, ଆଠଗଡ ନିର୍ବାଚନ ମଣ୍ଡଳୀରୁ ପ୍ରସନ୍ନ କୁମାର ସ୍ୱାଇଁ, କଟକ ସଦର ନିର୍ବାଚନ ମଣ୍ଡଳୀରୁ ଅଚ୍ୟୁତାନନ୍ଦ ଦାସ, ସାଲେପୁର ନିର୍ବାଚନ ମଣ୍ଡଳୀରୁ ସରୋଜ କୁମାର ମହାପାତ୍ର, ପାରାଦୀପରୁ ଆରତୀ ମହାନ୍ତି, ଏରସମାରୁ ଚିତ୍ତରଞ୍ଜନ ପୁହାଣ, ଜଗତସିଂପୁରରୁ କୈଳାସ ଚନ୍ଦ୍ର ପାଲ, ପାଟକୁରାରୁ ସରୋଜକାନ୍ତ ସାହୁ, ରାଜନଗରରୁ ଅରୁଣ କୁମାର ସାହୁ, କେନ୍ଦ୍ରାପଡାରୁ ସୁଜାତା ଦାସ, ବଡ଼ଚଣାରୁ ଶରତ ଚନ୍ଦ୍ର ସାହୁ, ଯାଜପୁରରୁ ଦୁଃଶାସନ ସାହୁ, ଦଶରଥପୁରରୁ ବିଜୟ କୁମାର ଦଳାଇ, କେଶବ ଚନ୍ଦ୍ର ସେଠୀ ଏବଂ ନିଆଳିରୁ ରାଜଲକ୍ଷ୍ମୀ ସାହୁ ନିର୍ବାଚିତ ହୋଇଛନ୍ତି।

# ସତ୍ୟ, ଅହିଂସା ନୀତି ପାଇଁ ଗାନ୍ଧୀ ଅମର

ବଡମ୍ବା/ବାଙ୍କୀ/ଚୌଦ୍ୱାର/ନିଶ୍ଚିନ୍ତକୋଇଲି ୨।୧୦(ସ୍ୱ.ପ୍ର./ଡି.ଏନ.ଏ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ନାରାୟଣ ପ୍ରସାଦ ଗାଁର ସାମାଜିକ କର୍ମୀ ଯୁଗଳ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ତଥା ବଡମ୍ବା ମୋହନ ସୁବୁଦ୍ଧି କଲେଜର ଅବସରପ୍ରାପ୍ତ ଅଧକ୍ଷ ବିନୟକୃଷ୍ଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଶିକ୍ଷକ ସରୋଜ କାନ୍ତ ବଳିୟାର ସିଂ ଯୋଗଦେଇ ଥିଲେ। ସେହିପରି ପ୍ରାଣ ଯୋଗ ପ୍ରତିଷ୍ଠାନ, ବଡ଼ମ୍ବା ପକ୍ଷରୁ ବିଶ୍ୱ ଅହିଂସା ଦିବସ ଗୋପପୁର ସ୍ଥିତ ବାସୁଦେବ ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାମରାଜ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାନ ସମ୍ପାଦକ ଶିକ୍ଷକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ପ୍ରତିଷ୍ଠାନ ଅଧକ୍ଷ କବି ଚନ୍ଦ୍ରଶେଖର ମହାନ୍ତି ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ବୈକୁଣ୍ଠ ମହାରଣା, ଶିବ ନାରାୟଣ ମିଶ୍ର, ଶିକ୍ଷକ ଶଙ୍କର୍ଷଣ ରଣା ପ୍ରମୁଖ ଯୋଗଦେଇଥିଲେ।


ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଉଛି।

ସେହିପରି ବାଙ୍କୀ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ, ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଆରୀ ଗ୍ରାମ ପଞ୍ଚାୟତ ଓ ରଗଡ଼ି ପଞ୍ଚାୟତ ପରିସରରେ ମହାତ୍ମା ଗାନ୍ଧୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଚେରୀ ପରିସରରେ ସ୍ଥାପିତ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଲୋକସମ୍ପର୍କ ଅଧିକାରୀ କାଳୀଚରଣ ତ୍ରିପାଠୀ ଓ ବାଙ୍କୀ ପ୍ରେସ କ୍ଲବ ସଭାପତି ବଳଭଦ୍ର ପଣ୍ଡା ପୁଷ୍ପମାଲ୍ୟ କରି ସତ୍ୟ,ଅହିସାଂ ନୀତି ପାଇଁ ଗାନ୍ଧୀ ଅମର ବୋଲି କହିଥିଲେ। ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ଚୌଦ୍ୱାରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଗାନ୍ଧୀଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେଡି କଟକ ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ରଙ୍କ ସମେତ ସମସ୍ତ କାଉନସିଲର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ଚୌଦ୍ୱାର ଭାଜପା ପକ୍ଷରୁ ଜିଲା ଉପସଭାପତି ପ୍ରଶାନ୍ତ କୁମାର ହୋତା, ମଣ୍ଡଳ ସଭାପତି ବୈରାଗୀ ଚରଣ ପ୍ରଧାନ, ସଞ୍ଜିତ ମହାନ୍ତି, କେ. ରାଓ, ହୀରାଧର ପାଣି ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ପରିବେଶବିତ ତଥା ପ୍ରକୃତି ବନ୍ଧୁ ନିରଞ୍ଜନ ସାହୁ, ମୁଖ୍ୟବକ୍ତା ରୂପେ ଅଧ୍ୟାପକ ସୁଧୀର କୁମାର ଦାସ, ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ଶୁଭେନ୍ଦୁ କୁମାର ପରିଡ଼ା, ଅଧ୍ୟାପକ ବିଜୟ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ।

**ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀରେ ମହାପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି**

# ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ତିଗିରିଆ,୨।୧୦(ଡି.ଏନ.ଏ )

ତିଗିରିଆ ବ୍ଲକ ନିଜିଗଡ଼ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରବିବାର ଗାନ୍ଧୀ ଜୟନ୍ତୀ ଅବସରରେ ଅନାବରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ତିଗିରିଆ ନାଗରିକ ମଞ୍ଚ ସହଯୋଗରେ ନିର୍ମାଣ କରାଯାଇଥିବା ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ବରିଷ୍ଠ ଓକିଲ ପ୍ରଶାନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା, ତିଗିରିଆ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ ପ୍ରମୁଖ ଯୋଗଦେଇ ଗାନ୍ଧୀ ଦର୍ଶନ ଉପରେ ଆଲୋକପାତ କରିଥିଲେ। ୧୦ଜଣ ବୁଣାକାରଙ୍କୁ ଚରଖା, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜା ବୀର ପ୍ରତାପ ସିଂହ ଦେଓ, ପୂର୍ବତନ ରାଜ୍ୟସଭା ସାଂସଦ ସୁବାସ ମହାନ୍ତି, ଅଜିତ ଧୀର ପ୍ରମୁଖ ଯୋଗଦେଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ, ପଦନପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ବାଙ୍କୀ, ୨।୧୦ (ସ୍ୱ.ପ୍ର)

ବାଙ୍କୀ ମହୋତ୍ସବ ପାଳନ ଉପଲକ୍ଷେ ମହୋତ୍ସବ ପଡିଆରେ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈଦ୍ୟେଶ୍ୱର, ପଦନପୁର, ପାଥପୁର, ବାଙ୍କୀ, ମା'ଚର୍ଚ୍ଚିକା, ଭେଡା ରାମଚନ୍ଦ୍ରପୁର ଓ ପୁଇଁଚା ଦଳ ଭାଗନେଇଥିଲେ। ଏହି ପ୍ରତିଯୋଗିତାକୁ ବାଙ୍କୀ କ୍ରୀଡା ସଂସଦ ସମ୍ପାଦକ ତଥା ମହୋତ୍ସବ ଉପସଭାପତି ସନ୍ତୋଷ କୁମାର ରଣା ଉଦ୍‌ଘାଟନ କରିଥିଲେ। ଏଥିରେ ପଦନପୁର କ୍ଲବ ଚାମ୍ପିୟନ ହୋଇଥିବା ବେଳେ ଭେଡା ରାମଚନ୍ଦ୍ରପୁର ଦଳ ରନର୍ସଅପ ହୋଇଥିଲେ। ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁ, ଉପାଧ୍ୟକ୍ଷ ସନାତନ ବେହେରା, କୋଷାଧ୍ୟକ୍ଷ ସନାତନ ମହାପାତ୍ର, କାଉନସିଲର ପଠାଣି ବେହେରା, ଡମପଡ଼ା ବ୍ଲକ ଯୁବ ବିଜେଡି ସଭାପତି ଭାଗୀରଥି ପାଣି, କ୍ରୀଡା ସଂସଦ କୋଷାଧ୍ୟକ୍ଷ ଲିଙ୍ଗରାଜ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବିଜୟୀ ପଦନପୁର ଦଳକୁ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯିବ।

# ନିମ୍ନ ଅଦାଲତଙ୍କ ରାୟ ଖାରଜ ପାଇଁ ଆବେଦନ

**ବିଧାୟକ ମହମ୍ମଦ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ**

କଟକ ଅଫିସ,୨।୧୦

ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ତଥା ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ରାୟକୁ ଖାରଜ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ପକ୍ଷରୁ ମେଟ୍ରୋ ବିଲ୍ଡର୍ସକୁ ଅନୁଚିତ ଅନୁଗ୍ରହ ଦେଖାଇ ଋଣ ଦିଆଯାଇଥିବା ଦୁର୍ନୀତି ମାମଲାରେ ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍‌ଦଣ୍ଡ ସହ ଜରିମାନା କରିଛନ୍ତି। ଏହାଦ୍ୱାରା ମୋକିମଙ୍କ ବିଧାୟକ ସଦସ୍ୟ ପଦ ଚାଲିଯିବାର ଆଶଙ୍କା ରହିଛି। ଅପରପକ୍ଷରେ ନିମ୍ନ ଅଦାଲତରେ ଉପଯୁକ୍ତ ତଥ୍ୟ ପ୍ରମାଣକୁ ବିଚାରକୁ ନିଆଯାଇ ନ ଥିବା ଦର୍ଶାଇ ଉକ୍ତ ଦଣ୍ଡାଦେଶକୁ ଖାରଜ କରିବା ପାଇଁ ହାଇକୋର୍ଟଙ୍କୁ ନିବେଦନ କରାଯାଇଛି। ମୋକିମଙ୍କ ପକ୍ଷରୁ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ଉଲ୍ଲେଖଯୋଗ୍ୟ, ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ବିଧାୟକ ମୋକିମ, ଓଆର୍‌ଏଚ୍‌ଡିସିର ତତ୍କାଳୀନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତି ରଞ୍ଜନ ମହାପାତ୍ର ଓ ମେଟ୍ରୋ ବିଲ୍ଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ୩ ବର୍ଷ ଲେଖାଏ ଜେଲ୍ ଦଣ୍ଡାଦେଶ ହୋଇଛି। ଏଥିସହ ଉପରୋକ୍ତ ୪ଜଣଙ୍କୁ ୫୦ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ' ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବାବେଳେ ମେଟ୍ରୋ ବିଲ୍ଡର୍ସକୁ ଅହେତୁକ ଅନୁକମ୍ପା ଦେଖାଇ ଋଣ ପ୍ରଦାନ କରିଥିଲେ। ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ ନମ୍ବର ବିଶିଷ୍ଟ ଫ୍ଲାଟ୍ ନିର୍ମାଣ ପାଇଁ ଏହି ଋଣ ଆବେଦନ ହୋଇଥିଲା। ମେଟ୍ରୋ ବିଲ୍ଡର୍ସ ପକ୍ଷରୁ ଜାଲ୍ ଦସ୍ତାବିଜ୍ ଦିଆଯାଇଥିଲା। ଏଥିସହ କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଞ୍ଜନ ମହାପାତ୍ର ଦାଖଲ ହୋଇଥିବା କାଗଜାତଗୁଡ଼ିକ ଠିକ୍ ଭାବେ ଯାଞ୍ଚ କରି ନ ଥିଲେ। ଅନ୍ୟପକ୍ଷରେ ବିନୋଦଙ୍କ ଋଣ ଦେବାର କ୍ଷମତା ନ ଥିଲେ ବି ସେ ଏହାକୁ ବେଖାତିର କରିଥିଲେ। ଏପରି କି ସେ ଲୋନ୍ କମିଟିଠାରୁ ମଧ ଅନୁମତି ନ ଆଣିବା ସହ ଋଣ ଦେବା ପୂର୍ବରୁ କୌଣସି ସର୍ତ୍ତାବଳୀକୁ ଅନୁସରଣ କରି ନ ଥିଲେ। ମେଟ୍ରୋ ବିଲଡର୍ସକୁ ୩ଟି କିସ୍ତିରେ ୧ କୋଟି ୫୦ ଲକ୍ଷ ଟଙ୍କା ଲୋନ୍ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ନେଇ ଏକ ମାମଲା(ନଂ.୭/୨୦୦୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ମେଟ୍ରୋ ବିଲ୍ଡର୍ସ ଉପରେ ସୁଧ ସହ ମୂଳର ପରିମାଣ ୬ କୋଟି ୨୨ ଲକ୍ଷ ୨୫ ହଜାର ୨୧୪ ଟଙ୍କା ବକେୟା ହୋଇଯାଇଥିଲା, ଯଦ୍ୱାରା ରାଜ୍ୟ ସରକାରଙ୍କୁ ବହୁ ଭାବେ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା।

**ମନେ ପଡ଼ନ୍ତି**

**ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା କମଳା କୁମାରୀ ନନ୍ଦ**

ସ୍ୱା: ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।

**ପରିବାରବର୍ଗ ।**

ଧ-୧୬୯୮

## ପ୍ରଥମ ପୃଷ୍ଠାରୁ...

### ୪.୬ କେଜି...

ବଜାର ମୂଲ୍ୟ ପ୍ରାୟ ୩ କୋଟି ୧୦ ଲକ୍ଷ ହେବ ବୋଲି ବ୍ରହ୍ମପୁର ଏସ୍‌ପି ସର୍ବଣ ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ତଦନ୍ତରେ ବାଧା ଉପୁଜିବା ନେଇ ଅଟକ ଥିବା ୪ଜଣଙ୍କ ପରିଚୟ ଦେବାକୁ ପୋଲିସ ମନା କରିଛି। ଏହି ସୁନା ଅଳଙ୍କାର ଓ ରୁପା ବେଆଇନ ଭାବେ ତାମିଲନାଡୁରୁ ବ୍ରହ୍ମପୁର ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ସୁନା, ରୁପା ଆଣିଥିବା ବ୍ୟକ୍ତି ପୋଲିସକୁ କୌଣସି କାଗଜାତ ଦେଖାଇ ପାରି ନ ଥିଲେ। ଏଣୁ ପୋଲିସ ଜବତ କରିଥିବା ସୁନା ଓ ରୁପା ବିଷୟରେ ଆୟକର ଓ ବାଣିଜ୍ୟକର ବିଭାଗକୁ ସୂଚନା ଦେଇଛି। ଉକ୍ତ ସୁନା ଗହଣାଗୁଡ଼ିକ କେଉଁଠୁ ଆସିଥିଲା ଓ ସେଗୁଡ଼ିକ କେଉଁଠାକୁ ବିକ୍ରି ପାଇଁ ଯାଉଥିଲା ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ। ଏପରି କି ଉକ୍ତ ସୁନା ଓ ରୁପାର ଜିଏସ୍‌ଟି ଭରଣା ହେଉଛି କି ନାହିଁ, ସେନେଇ ମଧ ଆୟକର ଓ ବାଣିଜ୍ୟକର ବିଭାଗ ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଦିନକୁ ଦିନ ବେଆଇନ ଭାବେ ସୁନା ରୁପା ଅଳଙ୍କାର ଚାଲାଣ ହେଉଛି। ବିଶେଷକରି ବାହାର ରାଜ୍ୟରୁ ଓଡ଼ିଶାକୁ ଏବଂ ଏଠାରୁ ମଧ ଅନ୍ୟ ରାଜ୍ୟକୁ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଚାଲାଣ ହେଉଛି। ଏପରି କି ଅନେକ ସମୟରେ ଚାଲାଣ ହେଉଥିବା ନିଶା ସାମଗ୍ରୀ ଓ ଟଙ୍କାକୁ ମଧ ପୋଲିସ ସହ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରୁଛି। ସେପ୍ଟେମ୍ବର ୧୪ରେ ଅବକାରୀ ଗୋଇନ୍ଦା ବିଭାଗ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଗଞ୍ଜେଇ ଧରପଗଡ଼ କରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ସେଥିରେ ବସିଥିବା ଜଣେ ବଙ୍ଗୀୟ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା। ତାଙ୍କ ନିକଟରୁ ଏକ ବ୍ୟାଗ୍‌ରେ ଥିବା ୩୩ଲକ୍ଷ ଟଙ୍କା ଜବତ କରିଥିଲା। ପରେ ଉକ୍ତ ଟଙ୍କାକୁ ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ଘଟଣାର ତଦନ୍ତ ପରେ ଏହାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ସେହିପରି ଅଗଷ୍ଟ ୯ରେ ଅବକାରୀ ଗୋଇନ୍ଦା ବିଭାଗ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଦେଇ ଏକ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ବସ୍ ଭିତରେ ଜଣେ ଯୁବକଙ୍କୁ ଧରିବା ସହ ତାଙ୍କ ନିକଟରୁ ୧ କୋଟି ୨୧ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଜବତ କରିଥିଲା। ଅବକାରୀ ବିଭାଗ ଉକ୍ତ ଟଙ୍କା ଓ ସମ୍ପୃକ୍ତ ଯୁବକଙ୍କୁ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚରା ବେଳେ ସେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ସୁନା ବିକ୍ରି କରି ଉକ୍ତ ଟଙ୍କା ଆଣିଥିବା ପୋଲିସକୁ କହିଥିଲେ। ପୋଲିସ ତାଙ୍କ ବୟାନକୁ ଆଧାର କରି ବ୍ରହ୍ମପୁରର ସମ୍ପୃକ୍ତ ବ୍ୟବସାୟୀଙ୍କ ସୁନା ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ୨୩ଟି ସୁନା ବିସ୍କୁଟ ଜବତ କରିଥିଲା। ପୋଲିସ ଉକ୍ତ ସୁନା ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ଜେରା ବେଳେ ସମ୍ପୃକ୍ତ ଯୁବକ ଜଣକ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡ଼ିଥିଲା। ଏଥିପୂର୍ବରୁ ଗତ ବର୍ଷ ଗୋଷାଣୀନୂଆଗାଁ ଥାନା ପୋଲିସ ଅନ୍ଧପସରା ରୋଡ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ସୁନାଗହଣା ଓ ରୁପା ଜବତ କରିଥିଲା। ବେଆଇନ ଭାବେ ଟିକସ ଫାଙ୍କି ବ୍ରହ୍ମପୁରରେ ସୁନାଗହଣା ବିକ୍ରି ହେଉଥିବା ଜଣାପଡ଼ିଥିଲା। ସେହିପରି ଗତ ମାସ ୨୨ତାରିଖରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଗଞ୍ଜେଇ ଧରିବାକୁ ଯାଇ ୧ କୁଇଣ୍ଟାଲ ରୁପା ଇଟା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ପୋଲିସ କାର୍‌ର ସିକ୍ରେଟ୍ ଚାମ୍ବରରୁ ଜବତ କରିଥିଲା। କାର୍ ଚାଳକଙ୍କ ସୂଚନା ଅନୁସାରେ, ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ନିଆଯାଉଥିଲା।

### ୪ ଓଡ଼ିଆ...

ଏସ୍‌ଆଇ ବଳରାମ ସାହୁ, ମେଡିକାଲ ଟିମ୍‌ରେ ଫାର୍ମାସିଷ୍ଟ ଗୋପାଳକ୍ରିଷ୍ଣା ରାଉତ, ସ୍ୱାସ୍ଥ୍ୟକର୍ମୀ ସୁଶୀଲ ପ୍ରଧାନ ପ୍ରମୁଖ ଅଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱାଇଁ କୁହନ୍ତି, ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାକୁ ଏକ ଟିମ୍ ପଠାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଅଣାଯିବା ବ୍ୟବସ୍ଥା କରାଯାଉଛି। ସେହିପରି ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୃକ୍ତ ଜିଲାର ତୀର୍ଥଯାତ୍ରୀଙ୍କୁ ଅଣାଯାଉଛି। ଯାତ୍ରୀଙ୍କ ଚିକିତ୍ସାଲାଗି ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଝାଡ଼ଖଣ୍ଡ ସରକାର ୪ ମୃତଦେହକୁ ସ୍ୱର୍ଗରଥରେ ପଠାଇବା ବ୍ୟବସ୍ଥା କରିଥିବା ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତି କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ବସ୍‌ଟି ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେଶନ ହୋଇଥିବାବେଳେ ଏହାକୁ ବାଲେଶ୍ୱର ଜିଲାର ଜନୈକ ବ୍ୟକ୍ତିଙ୍କୁ ବିକ୍ରି ହୋଇଥିବା ଜଣାପଡ଼ିଛି।

### କାରକୁ ଧକ୍କା...

ଯାଉଥିବା ଟ୍ରେନ ଇଞ୍ଜିନ କାରକୁ ଧକ୍କା ଦେଇଥିଲା। ତେବେ କାରରେ ବସିଥିବା ଚିନ୍ମୟ ମହାନ୍ତି, ଅଜୟ ରାଉତ, ପ୍ରଭାତ ରଞ୍ଜନ ଚୌଧୁରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ନାଲକୋ ମେଡିକାଲରେ ସେମାନଙ୍କ ଚିକିତ୍ସା କରାଯାଇଛି।

### ୧୦୦ ବର୍ଷ...

ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି। ୧୯୮୫ରେ ରବର୍ଟ ବାଲାର୍ଡ ଟାଇଟେନିକ ବୁଡ଼ାଜାହାଜର ଭଗ୍ନାବଶେଷ ସମୁଦ୍ରରୁ ଠାବ କରିଥିବାବେଳେ ଏଥିରୁ ଅନୁପ୍ରାଣିତ ହୋଇ ଡାଇଭର ଏରିକ୍ ପେଟକୋଭିକ୍ ସମୁଦ୍ରରେ ବୁଡ଼ିଯାଇଥିବା ଜାହାଜଗୁଡ଼ିକର ସନ୍ଧାନ କରିବା ପାଇଁ ବହାରି ପଡ଼ିଥିଲେ। ବର୍ତ୍ତମାନ ଏ କାମରେ ପୋଟକୋଭିକ୍ ପାରଦର୍ଶିତା ହାସଲ କରିଥିବା କୁହାଯାଉଛି। ଏ ସମ୍ବନ୍ଧରେ ସେ ଏକାଧିକ ପୁସ୍ତକ ମଧ ଲେଖିଥିବା କୁହାଯାଉଛି। ପେକୋଭିକ୍ ଏବଂ ତାଙ୍କ ସହଯୋଗୀ ରଷ୍ଟି କାସ୍‌ୱେ ୪୫ ଫୁଟ ଆର୍/ଭି ଏକ୍ସପ୍ଲୋରର ଡାଇଭିଙ୍ଗ୍ ଭେସେଲ୍‌କୁ ଜାହାଜ ଭଗ୍ନାବଶେଷ ଚିହ୍ନଟ ପାଇଁ ବ୍ୟବହାର କରାଯାଇଥିବା କୁହାଯାଉଛି।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ନୌସେନାରେ ୩୨୯ଟି ବୁଡ଼ାଜାହାଜ ସାମିଲ ହୋଇଥିଲା, ଯାହା ମଧ୍ୟରୁ ଗୋଟିଏ ଥିଲା ୟୁ-୧୧୧ ଜାହାଜ। ୧୯୧୮ରେ କିଏଲ ସ୍କୁଲରେ ପ୍ରଶିକ୍ଷଣ ନେବା ପରେ ଏହାକୁ ଫୋର୍ଥ ପ୍ଲୋଟିଲା ନୌସେନାର ସ୍ୱତନ୍ତ୍ର ଦଳ)ରେ ସାମିଲ କରାଯାଇଥିଲା। ଜର୍ମାନୀ ଜାହାଜ ନିର୍ମାଣକାରୀ କମ୍ପାନୀ ଜର୍ମାନିଆୱେରଫ୍ ଏହାକୁ ତିଆରି କରିଥିଲା। ଏଥିରେ ମୋଟ ୨୮୦ଟି ୟାର୍ଡ ରହିଥିଲା। ଏହାର ଲମ୍ବ ୨୩୪ ଫୁଟ ୯ ଇଞ୍ଚ ଥିବାବେଳେ ଉଚ୍ଚତା ୨୭ ଫୁଟ ୧ ଇଞ୍ଚ ଥିଲା। ଗୋଟିଏ ଘଣ୍ଟାରେ ୟୁ-୧୧୧ ବୋଟ୍ ୩୦.୪ କି.ମି. ଅତିକ୍ରମ କରିବାର କ୍ଷମତା ରଖିଥିଲା।

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

**Sd./- Executive Engineer, M.I. Division, Dhenkanal**
OIPR-32027/11/0005/2223

**ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ଭାଜପାର ଆନ୍ଦୋଳନ**

ନିମାପଡ଼ା,(ଡି.ଏନ୍.ଏ.)- ଗାନ୍ଧୀ ଜୟନ୍ତୀରେ ରବିବାର ନିମାପଡ଼ା ଭାଜପା ପକ୍ଷରୁ ପ୍ରାୟ ୫୦ଜଣ ଦଳୀୟ କର୍ମୀ ଆନ୍ଦୋଳନ କରିଥିଲେ। ନିମାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଆଖି, ପାଟି, କାନ ବନ୍ଦ କରି ପ୍ରତିବାଦ କରିଥିଲେ। ନିମାପଡ଼ା ନିର୍ବାଚନମଣ୍ଡଳୀ ୧୧ ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ ମାମଲାରେ ସମ୍ପୃକ୍ତି ଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ତୁରନ୍ତ ଗିରଫ, ମନ୍ତ୍ରିମଣ୍ଡଳରୁ ବହିଷ୍କାର, ସାହୁଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବା ଦାବି ନେଇ ଏହି ଆନ୍ଦୋଳନ ଆୟୋଜିତ ହୋଇଥିଲା। ଭାଜପା ନେତା ସୁଶାନ୍ତ ସ୍ୱାଇଁ, ଦିଲ୍ଲୀପ ପାତ୍ର, ବିଜୟ ପଣ୍ଡା, ରାଜକିଶୋର ନାୟକ, ନିରଞ୍ଜନ ନାୟକ, ଜାନକୀନାଥ ଜେନା, ମୀନଲତା ମହାନ୍ତି, ସନ୍ତୋଷ ପରିଡ଼ା, ଇନ୍ଦ୍ରମଣି ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।


ପୁରୀ ବାଲିସାହିର ଜହ୍ନିଖାଇ ଠାକୁରାଣୀ ।


ମାଟି ମଣ୍ଡପ ସାହିର ନାଗା ମେଢ ।


ପୁରୀ ଭୋଗଜାଗା ଠାକୁରାଣୀ


ଦୋଳମଣ୍ଡପ ସାହିର ଜହ୍ନିଖାଇ ଠାକୁରାଣୀ ।


ମାଟିମଣ୍ଡପ ସାହି ଆଖଡ଼ାର ଶୂନ୍ୟ ଗୋଷାଣୀ ।


ହରଚଣ୍ଡୀ ସାହିର ତ୍ରିପୁରା ସୁନ୍ଦରୀ ।


ଖୁଣ୍ଟିଆ ସାହିର ବେଲବାଇ ଠାକୁରାଣୀ ।


ମା' ବାରବାଟୀ ଗୋଷାଣୀ ।


ମା' ବରାହୀ ଠାକୁରାଣୀଙ୍କ ସୁନାବେଶ ।


କରତିସାହି ଠାକୁରାଣୀ ।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍

ନିମାପଡ଼ା,୨।୧୦(ଡି.ଏନ୍.ଏ.)- ନିମାପଡ଼ା ଥାନା ନିକଟ ଅମଲାପଡା ଗ୍ରାମର ଜଣଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ନେଇ ରବିବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ଦୁର୍ଯ୍ୟୋଧନ ବରାଳ ଶନିବାର ରାତିରେ ତାଙ୍କ ପରିବାରଙ୍କ ସହିତ ଘରର ଉପର ମହଲାରେ ଶୋଇଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘରର ତଳ ମହଲାର ଲୁହା ଗ୍ରିଲ ଖୋଲି, ଝରକା ଭାଙ୍ଗି ଭିତରେ ପଶି ଗଡରେଜ୍, ଆଲମାରୀ, ଟ୍ରଙ୍କ ଭାଙ୍ଗି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଇ ପଳାଇଛନ୍ତି। ଏନେଇ ଦୁର୍ଯ୍ୟୋଧନ ରବିବାର ଥାନାରେ ଅଭିଯୋଗ କରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ ଏ ସମ୍ପର୍କରେ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଆସି ଘଟଣାର ତଦନ୍ତ କରିବ ବୋଲି ପୋଲିସ କହିଛି।

### ସ୍ୱଚ୍ଛତା ଅଭିଯାନର ଶୁଭାରମ୍ଭ

ସାକ୍ଷୀଗୋପାଳ, ୨।୧୦ (ଡି.ଏନ୍.ଏ/ ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକ ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ବଳପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱଚ୍ଛ ଭାରତ ମିଶନ ଅଧିକାରୀ ଦୀପ୍ତିରଞ୍ଜନ ପ୍ରଧାନ ଏବଂ ପ୍ରଶିକ୍ଷକ ଶ୍ରୀପତି ମହାପାତ୍ର ପ୍ରମୁଖ ସ୍ୱଚ୍ଛତାର ଗୁରୁତ୍ୱ, ଶୃଙ୍ଖଳା ଏବଂ ଓଦା ଅଳିଆକୁ ଅଲଗା ଅଲଗା ରଖି ତାହାର ସୁପରିଚାଳନା ମାଧମରେ ସେଥିରୁ ଅର୍ଥ ଉପାର୍ଜନ କରିବାର ପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଶୁଖିଲା ଅଳିଆ ସଂଗ୍ରହ ପାଇଁ ବଳପୁର ପଞ୍ଚାୟତରେ ଏକ ଅଟୋ ଟ୍ରଲି ପ୍ରଚଳନର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଶୁଭ୍ରାନ୍ତି ସାମନ୍ତରାୟ, ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ ପଣ୍ଡା, ଉପାଧକ୍ଷା ନିବେଦିତା ପାତ୍ର, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅରକ୍ଷିତ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମିତ ଗଜେନ୍ଦ୍ର, ସହକାରୀ ଯନ୍ତ୍ରୀ ବିଶ୍ୱମୋହନ ପଟ୍ଟନାୟକ, ରିସୋର୍ସ ଅଧିକାରୀ ବୁଲୁ କିଶୋର ପରିଡା, ବଳପୁର ସରପଞ୍ଚ ପ୍ରିୟଙ୍କା ପଣ୍ଡା, ବୀରରାମଚନ୍ଦ୍ରପୁର ସରପଞ୍ଚ ଦୀପା ବେହେରା, ବିଦ୍ୟାଧରପୁର ସରପଞ୍ଚ ଦୁଃଶାସନ ପ୍ରଧାନ ଏବଂ କାଦୁଆ ପଞ୍ଚାୟତ ଗାୟତ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଦୁଇ ନେତାଙ୍କ ପୃଥକ୍ ଜନ ସମ୍ପର୍କ ପଦଯାତ୍ରା ନେଇ ଚର୍ଚ୍ଚା

ବ୍ରହ୍ମଗିରି,୨।୧୦(ଡି.ଏନ୍.ଏ.): ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଜେଡିର ଦୁଇ ନେତା ପୃଥକ ଭାବେ ଏହି ପଦଯାତ୍ରା କରିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫଳରେ ବ୍ରହ୍ମଗିରିରେ ବିଜେଡିରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି। ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମା ରବିବାର ସାତପଡା ଠାରେ ସ୍ଥାନୀୟ କର୍ମୀ ଓ ଜନପ୍ରତିନିଧିଙ୍କୁ ନେଇ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ବ୍ରହ୍ମଗିରି ବିଜୁ ଜନତାଦଳର ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବିଜୁ ମହିଳା ଜନତା ଦଳର ସଭାପତି ପ୍ରତିମା ଜେନା, ଜିଲାପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, କୃଷ୍ଣପ୍ରସାଦ ବ୍ଲକ ଅଧକ୍ଷା ସରୋଜିନୀ ତରାଇ, ବ୍ରହ୍ମଗିରି ୨୯ ନଂ. ଜୋନର ଜିଲାପରିଷଦ ସଭ୍ୟ ଜଗେଶ୍ୱର ସାହୁ ଉପସ୍ଥିତ ଥିଲେ। ଅନ୍ୟପଟରେ ବ୍ରହ୍ମଗିରି ୨୮ ନଂ . ଜୋନରୁ ବିଜେଡିର କୈଳାସ ଚନ୍ଦ୍ର ପରିଡା ସମର୍ଥକଙ୍କୁ ନେଇ ମୋଟ ଠାରେ ଏହି ଜନସମ୍ପର୍କ ପଦଯାତ୍ରା କରିଥିଲେ । ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଗାନ୍ଧୀ, ଶାସ୍ତ୍ରୀଙ୍କ ଆଦର୍ଶ ଅନୁକରଣୀୟ

**ପୁରୀ ଅଫିସ,୨।୧୦:**


ଗାନ୍ଧୀଘାଟଠାରେ ଗାନ୍ଧୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭା ।

ପୁରୀ ଗାନ୍ଧୀଘାଟରେ ରବିବାର ଜିଲାସ୍ତରୀୟ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗଦେଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଓ ଶାସ୍ତ୍ରିଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଗାନ୍ଧୀଙ୍କ ଆଦର୍ଶ, ସତ୍ୟ ପ୍ରତି ନିଷ୍ଠା ଓ ବିଚାରଧାରା ଚିର ଅମର ଏବଂ ମାନବ ସମାଜ ପାଇଁ ଅନୁକରଣୀୟ। ସେହିପରି ଶାସ୍ତ୍ରିଜୀଙ୍କ ସରଳ ଓ କର୍ମଠ ଜୀବନୀ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ଅତିଥି ଦ୍ୱୟ କହିଥିଲେ । ଗାନ୍ଧୀବାଦୀ ଗୌରାଙ୍ଗ ପରିଡ଼ା ଗାନ୍ଧୀଙ୍କ ଜୀବନୀ ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ଶିବ ପ୍ରସାଦ ମିଶ୍ର ଗୀତା ଓ ବାଇବେଲ ଏବଂ ହାଜି ଜେ ଆବେଦିନ କୋରାନ ପାଠ କରିଥିଲେ। ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସଙ୍ଗଠକ ବଦ୍ରି ମିଶ୍ର, ସାହିତ୍ୟିକ ହେମନ୍ତ କୁମାର ଛୋଟରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀ, ଛାତ୍ରୀଛାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟୁଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଏକ ଶୋଭାଯାତ୍ରାରେ ପ୍ରଭାତ ଫେରି ଓ ଫିଟ ଇଣ୍ଡିଆ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା । ଗାନ୍ଧୀଘାଟରେ ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ତରଫରୁ ଗୁରୁ ଦୁର୍ଗାମାଧବ କରଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଜିଲା ସଂସ୍କୃତି ପରିଷଦ ସହଯୋଗରେ ଟାଉନ ହଲରେ ଗାନ୍ଧୀ ଭଜନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବେରବୋଇ ଗାନ୍ଧୀପୀଠରୁ ପଦଯାତ୍ରା

**ଡେଲାଙ୍ଗ, ୦୨।୧୦ (ଡିଏନ୍‌ଏ)**

ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧୀ ଜୟନ୍ତୀବିଧାୟକ ରୁଦ୍ରପ୍ରତାପ ମହାରଥି ଦଳିୟ କର୍ମୀଙ୍କ ସହିତ ବେରବୋଇ ଗାନ୍ଧୀ ପୀଠରେ ପହଞ୍ଚି ଗାନ୍ଧୀଙ୍କ ପତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିବା ସହିତ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଡେଲାଙ୍ଗ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧକ୍ଷ ଦୁର୍ବାଶା ନିଶଙ୍କ , ପିପିଲି ବ୍ଲକ ଅଧକ୍ଷା ଦେବଶ୍ରୀନୀ ନନ୍ଦ, ଉପାଧକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲାପରିଷଦସଭ୍ୟ ପ୍ରସନ୍ନ ସାହୁ, ପ୍ରଜ୍ଞା ଛୋଟରାୟ, ଧରଣୀଧର ସାହୁ, ଦୀପକ ଛୋଟରାୟ, ବୈରାଗୀ ଜେନା, ରମଣିରଞ୍ଜନ ଚମ୍ପତିରାୟ, ନରେନ୍ଦ୍ର ପରିଡା,ସରପଞ୍ଚ ମାର୍କଣ୍ଡ ମଙ୍ଗରାଜଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଗାନ୍ଧୀ ପୀଠରୁ ବାହାରି ଡେଲାଙ୍ଗ ହାଟ ବଜାର ଅଭିମୁଖେ ପଦଯାତ୍ରା କରି ବିଜୁ ପଟ୍ଟନାୟକଙ୍କ ପତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଗାନ୍ଧୀ ପୀଠରେ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ବ୍ଲକ ସଭାପତି ରବିନ୍ଦ୍ର ଦାସ, ନିର୍ମଳ ପରିଡା ପ୍ରମୁଖ ଗାନ୍ଧୀଙ୍କ ପତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ହରିରାଜପୁର ଓ ଘନିପୁର ପଞ୍ଚାୟତରେ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା। ଘନିପୁରରେ ପଞ୍ଚାୟତରେ ଡେଲାଙ୍ଗ ବିଡିଓ ଦିଲିପ କୁମାର ଷଡଙ୍ଗୀ, ଏବିଡିଓ ପ୍ରଦୀପ୍ତ କୁମାର ନାୟକ, ସରପଞ୍ଚ ପ୍ରତିମା ପାତ୍ର , ସମିତିସଭ୍ଯା ରାଜଲକ୍ଷ୍ମୀ ବେହେରା, ଶାନ୍ତି କମିଟି ସଭାପତି ପ୍ରକାଶ ପାତ୍ର ଓ ହରିରାଜପୁର ପଞ୍ଚାୟତର ସରପଞ୍ଚ ଗିନାରାଣୀ ରାଉତରାୟ, ଜିପିଇଓ ରତିକାନ୍ତ ସାହୁ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆସିୟୁ ଡାକ୍ତର ତପନ କୁମାର ଦାଶ, ଭିଏଡବ୍ଲୁ ବ୍ରଜକିଶୋର ବେହେରା, ଜିଆରଏସ ଅନିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ପଞ୍ଚାୟତର ସମସ୍ୟା ସମାଧାନ ଦିଗରେ ଆଲୋଚନା କରାଯାଇଥିଲା ।

# ନିମାପଡ଼ା ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ନିମାପଡ଼ା,୨।୧୦(ଡି.ଏନ୍.ଏ.)**




ଗାନ୍ଧୀ ଜୟନ୍ତୀରେ ରବିବାର ନିମାପଡ଼ା ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଟାଉନ ହଲ୍ ପଡିଆରେ ଦଳୀୟ ସମାବେଶ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର ଏଥିରେ ଅଧକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା ବ୍ଲକ ବିଜେଡି ସଭାପତି ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସୁଧୀର ରଞ୍ଜନ ଦାଶ, ଦଳର ନିର୍ବାଚନମଣ୍ଡଳୀ ସମ୍ପାଦକ ରବୀନ୍ଦ୍ର ନାୟକ, ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଉପାଧକ୍ଷ ଅନସୂୟା ମହାନ୍ତି, ଗୋପ ପଞ୍ଚାୟତ ସମିତି ଅଧକ୍ଷା ଝୁନୁ ମଲ୍ଲିକ, ନିମାପଡ଼ା ଏନ୍‌ଏସି ଉପାଧକ୍ଷ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୧୮ ତାରିଖରେ ନିମାପଡ଼ା ବାରବାଟି ପଡିଆରେ ବିଜେଡି ପକ୍ଷରୁ ଏକ ସାଧାରଣ ସଭା ଓ ଦଳୀୟ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶରେ ୧୦ ହଜାର ମହିଳାଙ୍କ ସମେତ ୩୦ ହଜାର କର୍ମୀ ଓ ନେତୃବୃନ୍ଦ ଯୋଗଦେବେ ବୋଲି ମନ୍ତ୍ରୀ ଦାଶ ସୂଚନା ଦେଇଛନ୍ତି। ଏହି ପଦଯାତ୍ରା ସମାରୋହରେ ବହୁ ଦଳୀୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ପଞ୍ଚାୟତ ସଭାପତି, ଯୁବ ଓ ମହିଳା କାର୍ଯ୍ୟକର୍ତ୍ତାଙ୍କ ସମେତ ପ୍ରାୟ ୭ଶହ କର୍ମୀ ଓ ନେତୃବୃନ୍ଦ ସାମିଲ ହୋଇଥିଲେ। ଏହି ଅବସରରେ ଏକ ବାଇକ୍ ରାଲି ଶୋଭାଯାତ୍ରା, ପଦଯାତ୍ରା ସହର ପରିକ୍ରମା କରିଥିଲା।

## କୋଟିଏ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା: ଜଣେ ଗିରଫ

**ଭୁବନେଶ୍ୱର,୨।୧୦(ବ୍ୟୁରୋ):**

ଖୋର୍ଦ୍ଧାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଆଉଜଣେ ସହଯୋଗୀଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଞ୍ଚଳର ଦେବେନ୍ଦ୍ର ସାହୁ। ମାମଲା ନଂ.୨୧/୨୦୨୨ରେ ଦେବେନ୍ଦ୍ରଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ସିଦ୍ଧାର୍ଥ ନାୟକ ଗିରଫ ହୋଇ ଜେଲରେ ଅଛନ୍ତି। ମାମଲାରେ ୩ ସମ୍ପୃକ୍ତ ଥିବାବେଳେ ଆଉ ଜଣେ ଅଭିଯୁକ୍ତଙ୍କୁ ଏସ୍‌ଟିଏଫ୍ ଧରିବାକୁ ଖୋଳତାଡ଼ ଜାରି ରଖିଛି। ଶୁକ୍ରବାର ରାତିରେ ଖୋର୍ଦ୍ଧା ହାବେଳି ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକ ଅପେକ୍ଷାରେ ୩ ଯୁବକ ଛିଡା ହୋଇଥିବା ଖବର ପାଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସେଠାରେ ଚଢ଼ାଉ କରିଥିଲା। ଏହି ସମୟରେ ସମ୍ପୃକ୍ତ ଯୁବକମାନେ ସନ୍ଦେହଜନକ ଭାବେ ବୁଲୁଥିବାବେଳେ ଏସ୍‌ଟିଏଫ୍ ଟିମ୍‌କୁ ଦେଖି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିବାବେଳେ ସିଦ୍ଧାର୍ଥଙ୍କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ୧୧୫୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଥିଲା। ତେବେ ଖସି ପଳାଇଥିବା ଦେବେନ୍ଦ୍ର ତାଙ୍କ ଗାଁରେ ଥିବା ଜଣାଡ଼ିବା ପରେ ଏସ୍‌ଟିଏଫ୍ ଶନିବାର ରାତିରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା। ତେବେ ଅଭିଯୁକ୍ତମାନେ ବ୍ରାଉନସୁଗର କାହାଠୁ ଆଣିଥଲେ ସେନେଇ ଏସ୍‌ଟିଏଫ୍ ଜାଣିବାକୁ ପ୍ରୟାସ ଜାରି ରଖିଛି।


ମନେ ପଡ଼ନ୍ତି

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା କମଳା କୁମାରୀ ନନ୍ଦ
ସ୍ୱା: ୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ସେପ୍ଟେମ୍ବର, ୧୯୩୮
(ଅନନ୍ତବ୍ରତ)
ତିରୋଧାନ: ୧୯।୧୦।୨୦୦୭
(ମହାଷ୍ଟମୀ)
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରଣାମ ଜଣାଉଛୁ।
ପରିବାରବର୍ଗ ।
ଧ-୧୬୨୮


## ପ୍ରଥମ ପୃଷ୍ଠାରୁ...

### ୪.୬ କେଜି...

ବଜାର ମୂଲ୍ୟ ପ୍ରାୟ ୩ କୋଟି ୧୦ ଲକ୍ଷ ହେବ ବୋଲି ବ୍ରହ୍ମପୁର ଏସ୍‌ପି ସର୍ବଣ ବିବେକ୍ ଏମ୍. ସୂଚନା ଦେଇଛନ୍ତି।

ତଦନ୍ତରେ ବାଧା ଉପୁଜିବା ନେଇ ଅଟକ ଥିବା ୪ଜଣଙ୍କ ପରିଚୟ ଦେବାକୁ ପୋଲିସ ମନା କରିଛି। ଏହି ସୁନା ଅଳଙ୍କାର ଓ ରୁପା ବେଆଇନ ଭାବେ ତାମିଲନାଡୁରୁ ବ୍ରହ୍ମପୁର ଚାଲାଣ ହେଉଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିବା ସୂଚନା ଦେଇଛି। ସୁନା, ରୁପା ଆଣିଥିବା ବ୍ୟକ୍ତି ପୋଲିସକୁ କୌଣସି କାଗଜାତ ଦେଖାଇ ପାରିନଥିଲେ। ଏଣୁ ପୋଲିସ ଜବତ କରିଥିବା ସୁନା ଓ ରୁପା ବିଷୟରେ ଆୟକର ଓ ବାଣିଜ୍ୟକର ବିଭାଗକୁ ସୂଚନା ଦେଇଛି। ଉକ୍ତ ସୁନା ଗହଣାଗୁଡ଼ିକ କେଉଁଠୁ ଆସିଥିଲା ଓ ସେଗୁଡ଼ିକ କେଉଁଠାକୁ ବିକ୍ରି ପାଇଁ ଯାଉଥିଲା ତାହା ଯାଞ୍ଚ ପରେ ସ୍ପଷ୍ଟ ହେବ। ଏପରି କି ଉକ୍ତ ସୁନା ଓ ରୁପାର ଜିଏସ୍‌ଟି ଭରଣା ହେଉଛି କି ନାହିଁ, ସେନେଇ ମଧ ଆୟକର ଓ ବାଣିଜ୍ୟକର ବିଭାଗ ଯାଞ୍ଚ କରିବ ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଦିନକୁ ଦିନ ବେଆଇନ ଭାବେ ସୁନା ରୁପା ଅଳଙ୍କାର ଚାଲାଣ ହେଉଛି। ବିଶେଷକରି ବାହାର ରାଜ୍ୟରୁ ଓଡ଼ିଶାକୁ ଏବଂ ଏଠାରୁ ମଧ ଅନ୍ୟ ରାଜ୍ୟକୁ ଟିକସ ଫାଙ୍କିବା ଉଦ୍ଦେଶ୍ୟରେ ଚାଲାଣ ହେଉଛି। ଏପରି କି ଅନେକ ସମୟରେ ଚାଲାଣ ହେଉଥିବା ନିଶା ସାମଗ୍ରୀ ଓ ଟଙ୍କାକୁ ମଧ ପୋଲିସ ସହ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରୁଛି। ସେପ୍ଟେମ୍ବର ୧୪ରେ ଅବକାରୀ ଗୋଇନ୍ଦା ବିଭାଗ ୧୬ନଂ. ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ନିକଟରେ ଗଞ୍ଜେଇ ଧରପଗଡ଼ କରୁଥିବା ବେଳେ ସେହି ରାସ୍ତା ଦେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲା। ସେଥିରେ ବସିଥିବା ଜଣେ ବଙ୍ଗୀୟ ବ୍ୟକ୍ତିଙ୍କୁ ପଚରାଉଚରା କରିଥିଲା। ତାଙ୍କ ନିକଟରୁ ଏକ ବ୍ୟାଗ୍‌ରେ ଥିବା ୩୩ ଲକ୍ଷ ଟଙ୍କା ଜବତ କରିଥିଲା। ପରେ ଉକ୍ତ ଟଙ୍କାକୁ ଅବକାରୀ ବିଭାଗ ବୈଦ୍ୟନାଥପୁର ଥାନା ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ଘଟଣାର ତଦନ୍ତ ପରେ ଏହାକୁ ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ସେହିପରି ଅଗଷ୍ଟ ୯ରେ ଅବକାରୀ ଗୋଇନ୍ଦା ବିଭାଗ ଜାତୀୟ ରାଜପଥ ଲାଞ୍ଜିପଲ୍ଲୀ ବାଇପାସ୍ ଦେଇ ଏକ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଥିଲା। ବସ୍ ଭିତରେ ଜଣେ ଯୁବକଙ୍କୁ ଧରିବା ସହ ତାଙ୍କ ନିକଟରୁ ୧ କୋଟି ୨୧ ଲକ୍ଷ ୯୭ ହଜାର ୫୦୦ ଟଙ୍କା ଜବତ କରିଥିଲା। ଅବକାରୀ ବିଭାଗ ଉକ୍ତ ଟଙ୍କା ଓ ସମ୍ପୃକ୍ତ ଯୁବକଙ୍କୁ ବୈଦ୍ୟନାଥପୁର ଥାନାକୁ ହସ୍ତାନ୍ତର କରିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚରା ବେଳେ ସେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କୁ ସୁନା ବିକ୍ରି କରି ଉକ୍ତ ଟଙ୍କା ଆଣିଥିବା ପୋଲିସକୁ କହିଥିଲେ। ପୋଲିସ ତାଙ୍କ ବୟାନକୁ ଆଧାର କରି ବ୍ରହ୍ମପୁରର ସମ୍ପୃକ୍ତ ବ୍ୟବସାୟୀଙ୍କ ସୁନା ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ୨୩ଟି ସୁନା ବିସ୍କୁଟ ଜବତ କରିଥିଲା। ପୋଲିସ ଉକ୍ତ ସୁନା ଓ ଟଙ୍କା ଆୟକର ବିଭାଗକୁ ହସ୍ତାନ୍ତର କରିଥିଲା। ଜେରା ବେଳେ ସମ୍ପୃକ୍ତ ଯୁବକ ଜଣକ ମହାରାଷ୍ଟ୍ରରୁ ସୁନା ଆଣି ଜିଏସ୍‌ଟି ଫାଙ୍କି ବ୍ରହ୍ମପୁରରେ ଚୋରା କାରବାର କରୁଥିବା ଜଣାପଡ଼ିଥିଲା। ଏଥିପୂର୍ବରୁ ଗତ ବର୍ଷ ଗୋଷାଣୀନୂଆଗାଁ ଥାନା ପୋଲିସ ଅନ୍ଧପସରା ରୋଡ୍ ଦେଇ ବ୍ରହ୍ମପୁର ଭିତରକୁ ପ୍ରବେଶ କରୁଥିବା ଏକ କାରକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ସୁନାଗହଣା ଓ ରୁପା ଜବତ କରିଥିଲା। ବେଆଇନ ଭାବେ ଟିକସ ଫାଙ୍କି ବ୍ରହ୍ମପୁରରେ ସୁନାଗହଣା ବିକ୍ରି ହେଉଥିବା ଜଣାପଡ଼ିଥିଲା। ସେହିପରି ଗତ ମାସ ୨୨ତାରିଖରେ କଟକ-ଟାଙ୍ଗୀ ଟୋଲ୍ ଗେଟ୍ ନିକଟରୁ ଗଞ୍ଜେଇ ଧରିବାକୁ ଯାଇ ୧ କୁଇଣ୍ଟାଲ ରୁପା ଇଟା ସାଙ୍ଗକୁ ୧୧.୯୦ ଲକ୍ଷ ଟଙ୍କା ପୋଲିସ କାର୍‌ର ସିକ୍ରେଟ୍‌ଚାମ୍ବରରୁ ଜବତ କରିଥିଲା। କାର୍‌ଚାଳକଙ୍କ ସୂଚନା ଅନୁସାରେ, ରୁପା ଇଟାଗୁଡ଼ିକ ଆସ୍କାରୁ ଖଡ଼ଗପୁର ନିଆଯାଉଥିଲା।

### ୪ ଓଡ଼ିଆ...

ଏସ୍‌ଆଇ ବଳରାମ ସାହୁ, ମେଡିକାଲ ଟିମ୍‌ରେ ଫାର୍ମାସିଷ୍ଟ ଗୋପାଳକ୍ରିଷ୍ଣା ରାଉତ, ସ୍ୱାସ୍ଥ୍ୟକର୍ମୀ ସୁଶୀଳ ପ୍ରଧାନ ପ୍ରମୁଖ ଅଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ୱାଇଁ କୁହନ୍ତି, ମୟୂରଭଞ୍ଜ-ଝାଡ଼ଖଣ୍ଡ ସୀମାକୁ ଏକ ଟିମ୍ ପଠାଯାଇଛି। ସମସ୍ତଙ୍କୁ ସୁରକ୍ଷିତ ଭାବେ ଅଣାଯିବା ବ୍ୟବସ୍ଥା କରାଯାଉଛି। ସେହିପରି ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପୃକ୍ତ ଜିଲାର ତୀର୍ଥଯାତ୍ରୀଙ୍କୁ ଅଣାଯାଉଛି। ଯାତ୍ରୀଙ୍କ ଚିକିତ୍ସାଲାଗି ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲ୍‌ରେ ବ୍ୟବସ୍ଥା କରାଯାଇଛି। ଝାଡ଼ଖଣ୍ଡ ସରକାର ୪ ମୃତଦେହକୁ ସ୍ୱର୍ଗରଥରେ ପଠାଇବା ବ୍ୟବସ୍ଥା କରିଥିବା ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ ପତି କହିଛନ୍ତି। ସୂଚନାଯୋଗ୍ୟ, ଦୁର୍ଘଟଣାଗ୍ରସ୍ତ ବସ୍‌ଟି ମୟୂରଭଞ୍ଜ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରେଜିଷ୍ଟ୍ରେଶନ ହୋଇଥିବାବେଳେ ଏହାକୁ ବାଲେଶ୍ୱର ଜିଲାର ଜଣେ୍କ ବ୍ୟକ୍ତିଙ୍କୁ ବିକ୍ରି ହୋଇଥିବା ଜଣାପଡ଼ିଛି।

### କାରକୁ ଧକ୍କା...

ଯାଉଥିବା ଟ୍ରେନ ଇଞ୍ଜିନ କାରକୁ ଧକ୍କା ଦେଇଥିଲା। ତେବେ କାରରେ ବସିଥିବା ଚିନ୍ମୟ ମହାନ୍ତି, ଅଜୟ ରାଉତ, ପ୍ରଭାତ ରଞ୍ଜନ ଚୌଧୁରୀ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି। ନାଲକୋ ମେଡିକାଲରେ ସେମାନଙ୍କ ଚିକିତ୍ସା କରାଯାଉଛି।

### ୧୦୦ ବର୍ଷ...

ନଷ୍ଟ କରି ଦେଇଥିବା ଦେଖିବାକୁ ମିଳିଛି। ୧୯୮୫ରେ ରବର୍ଟ ବାଲାର୍ଡ ଟାଇଟେନିକ ବୁଡ଼ାଜାହାଜର ଭଗ୍ନାବଶେଷ ସମୁଦ୍ରରୁ ଠାବ କରିଥିବାବେଳେ ଏଥିରୁ ଅନୁପ୍ରାଣିତ ହୋଇ ଡାଇଭର ଏରିକ୍ ପେଟକୋଭିକ୍ ସମୁଦ୍ରରେ ବୁଡ଼ିଯାଇଥିବା ଜାହାଜଗୁଡ଼ିକର ସନ୍ଧାନ କରିବା ପାଇଁ ବାହାରି ପଡ଼ିଥିଲେ। ବର୍ତ୍ତମାନ ଏ କାମରେ ପୋଟକୋଭିକ୍ ପାରଦର୍ଶିତା ହାସଲ କରିଥିବା କୁହାଯାଉଛି। ଏ ସମ୍ବନ୍ଧରେ ସେ ଏକାଧିକ ପୁସ୍ତକ ମଧ ଲେଖିଥିବା କୁହାଯାଉଛି। ପେକୋଭିକ୍ ଏବଂ ତାଙ୍କ ସହଯୋଗୀ ରଷ୍ଟି କାସ୍‌ୱେ ୪୫ ଫୁଟ ଆର୍/ଭି ଏକ୍ସପ୍ଲୋରର ଡାଇଭିଙ୍ଗ୍ ଭେସେଲ୍‌କୁ ଜାହାଜ ଭଗ୍ନାବଶେଷ ଚିହ୍ନଟ ପାଇଁ ବ୍ୟବହାର କରାଯାଇଥିବା କୁହାଯାଉଛି।

ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ନୌସେନାରେ ୩୨୯ଟି ବୁଡ଼ାଜାହାଜ ସାମିଲ ହୋଇଥିଲା, ଯାହା ମଧ୍ୟରୁ ଗୋଟିଏ ଥିଲା ୟୁ-୧୧୧ ଜାହାଜ। ୧୯୧୮ରେ କିଏଲ ସ୍କୁଲରେ ପ୍ରଶିକ୍ଷଣ ନେବା ପରେ ଏହାକୁ ଫୋର୍ଥ ପ୍ଲୋଟିଲା ନୌସେନାର ସ୍ୱତନ୍ତ୍ର ଦଳ)ରେ ସାମିଲ କରାଯାଇଥିଲା। ଜର୍ମାନୀ ଜାହାଜ ନିର୍ମାଣକାରୀ କମ୍ପାନୀ ଜର୍ମାନିଆୱେରଫ୍ ଏହାକୁ ତିଆରି କରିଥିଲା। ଏଥିରେ ମୋଟ ୨୮୦ଟି ୟାର୍ଡ ରହିଥିଲା। ଏହାର ଲମ୍ବ ୨୩୪ ଫୁଟ ୯ ଇଞ୍ଚ ଥିବାବେଳେ ଉଚ୍ଚତା ୨୭ ଫୁଟ ୧ ଇଞ୍ଚ ଥିଲା। ଗୋଟିଏ ଘଣ୍ଟାରେ ୟୁ-୧୧୧ ବୋଟ୍ ୩୦.୪ କି.ମି. ଅତିକ୍ରମ କରିବାର କ୍ଷମତା ରଖିଥିଲା।


**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
**No.2447 / Dt.27.09.22**
**e-Procurement Notice**
**Bid Identification No. DMID / 07/ 2022-23**
**e-mail ID: eemidkl@yahoo.co.in**

No.A-566:- The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Civil works in different Block of Dhenkanal District for the year 2022-23 under MATY and Special Repair Scheme |
| No. of works | : | 06 (Six) only |
| Estimated cost | : | Varies from 20.00 lakh to 83.04 lakh (Approximately) |
| Cost of tender paper | : | 6000/- to 10000/- (Non-refundable) |
| Period of completion | : | 06 (Six) calendar months |
| Availability of bid documents for sale and receipt through online | : | From dt.13.10.2022, 10.00 A.M. to dt.24.10.2022, upto 5.00 P.M. |
| Last date / time of receipt of bids in the portal | : | 24.10.2022 (5.00 P.M.) |
| Date of technicla bid opening through online | : | On dt.25.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of financial bid opening through online | : | On dt.29.10.2022 at 11.00 A.M. in the Office of the E.E., M.I. Division, Dhenkanal |
| Date of transparenet lottery | : | 31.10.2022 at 11.00 A.M. |
| Mode of payment of bid cost | : | Online |
| Digital signature certificate of bidder | : | The bidder must possess compatible digital signature certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & address of the OIT | : | Executive Engineer, MInor Irrigation Division, Dhenkanal At/P.O./District-Dhenkanal, Ph.No./Fax No.- 06762-224461, Email ID: eemidkl@yahoo.co.in |
| Further details can be seen from the e-Procurement market place http://tendersorissa.gov.in | | |

Sd./- Executive Engineer, M.I. Division, Dhenkanal
OIPR-32027/11/0005/2223